# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଆର୍‌ଏସ୍‌ଏସ୍ ନେବ ବଡ଼ ନିଷ୍ପତ୍ତି | ୬



ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବିଷ୍ଣୁଦେବ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୩୭ Vol. 22 No-137 17 AUGUST 2025 SUNDAY, BHUBANESWAR ରବିବାର, ୧୭ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ‘ଓଡ଼ିଶା ଭାସ୍କର’ ପକ୍ଷରୁ ଆୟୋଜିତ ‘ମା’ ତୁଝେ ସଲାମ’ ର ୧୬ତମ ସଂସ୍କରଣ

# ସହିଦଙ୍କ ବଳିଦାନ ଅବିସ୍ମରଣୀୟ







ମା’ ତୁଝେ ସଲାମ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ (ବାମରୁ) ଗ୍ରୁପ୍ କ୍ୟାପଟେନ୍ ପୁନିତ୍ ଚିଲ୍ଲାର, କମାଣ୍ଡର ବୈଭବ ବିଜୟ କାର୍ଲିସକର୍, କର୍ଣ୍ଣେଲ ରୋହିତ କୁମାର ସିଂ, ଭାରତୀୟ ତଟରକ୍ଷୀ କମାଣ୍ଡାଣ୍ଟ ସୁନୀଲ ଦତ୍ତ, ବିଏସ୍‌ଏଫ୍ ଆଇଜି ଅବତାର ସିଂ ସାହି, ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା, ଓଡ଼ିଶା ପୋଲିସ (ଏସ୍‌ଏପି) ଆଇଜି ଅଭିନାଶ କୁମାର, କର୍ଣ୍ଣେଲ ପିୟୁଷ ଭରଦ୍ୱାଜ ଓ ଓଡ଼ିଶା ଭାସ୍କରର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ

ଭୁବନେଶ୍ୱର,୧୬।୮ (ଭାସ୍କର ନ୍ୟୁଜ): ସହିଦଙ୍କ ବଳିଦାନ ଅବିସ୍ମରଣୀୟ। ସେମାନଙ୍କ ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟବୋଧତା ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ। ଦେଶ ମାତୃକାର ସେବା ପାଇଁ ସେମାନଙ୍କ ଜୀବନ ଉତ୍ସର୍ଗୀକୃତ। ଆଜିର ଯୁବପିଢ଼ି ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ଦେଶ ସେବାରେ ନିଜକୁ ସାମିଲ କରିବା ନିମନ୍ତେ ଆଗେଇ ଆସିବା ଜରୁରି ବୋଲି ଗତ ୧୫ ତାରିଖ ସ୍ୱାଧୀନତା ଦିବସ ଅବସରରେ ଦୈନିକ ସମ୍ବାଦପତ୍ର ‘ଓଡ଼ିଶା ଭାସ୍କର’ ପକ୍ଷରୁ ସ୍ଥାନୀୟ ହୋଟେଲ ସ୍ୱସ୍ତି ପ୍ରିମିୟମରେ ଆୟୋଜିତ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ‘ ମା’ ତୁଝେ ସଲାମ’ରେ ଯୋଗ ଦେଇ ବିଶିଷ୍ଟ ଅତିଥିମାନେ ମତ ରଖିଛନ୍ତି। ଆୟୋଜିତ ସମାରୋହରେ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ଏନ୍‌ସିସିର ନିର୍ଦ୍ଦେଶକ କର୍ଣ୍ଣେଲ ପିୟୁଷ ଭରଦ୍ୱାଜ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆଜି ସ୍ୱାଧୀନତା ଦିବସରେ ଆମେ କେବଳ ସହିଦଙ୍କୁ ସ୍ମରଣ କଲେ କିମ୍ବା ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ଚଳିବ ନାହିଁ, ସେମାନଙ୍କର ଦେଶପ୍ରତି ଥିବା ଅବଦାନକୁ ଅନୁସରଣ କରି ଦେଶ ସେବାରେ ନିଜକୁ ବ୍ରତୀ କଲେ ତାହା ସହିଦମାନଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ। ଦେଶପ୍ରେମର ସ୍ରୋତ ସବୁଦିନ ଆମ ମନରେ ଉଦ୍‌ଭାସିତ ହେବା ଉଚିତ୍ ବୋଲି ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ସିସିର ନଂ-୧ ଏୟାର ସ୍କ୍ୱାଡନ୍ କମାଣ୍ଡିଂ ଅଫିସର ଗ୍ରୁପ୍ କ୍ୟାପଟେନ୍ ପୁନିତ ଚିଲ୍ଲାର ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆମର ପୂର୍ବପୁରୁଷଙ୍କ ପାଇଁ ଆଜି ଆମେ ସ୍ୱାଧୀନତା ହାସଲ କରିବାରେ ସମର୍ଥ ହୋଇପାରିଛୁ। ଦେଶ ସେବାରେ ନିୟୋଜିତ ଯବାନମାନେ ଆମର ସେହି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ଅହରହ ପ୍ରୟାସ ଜାରି ରଖିଛନ୍ତି। ସହିଦ ପରିବାରକୁ ସମ୍ମାନିତ କରିବା ପାଇଁ ‘ଓଡ଼ିଶା ଭାସ୍କର’ ପରିବାର ଯେଉଁ ପଦକ୍ଷେପ ଗ୍ରହଣ କରିଛି ତାହା ବେଶ୍ ପ୍ରଶଂସା ଯୋଗ୍ୟ ବୋଲି ଶ୍ରୀ ଚିଲ୍ଲାର କହିଥିଲେ। ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିଅନର କମାଣ୍ଡିଂ ଅଫିସର କର୍ଣ୍ଣେଲ ରୋହିତ କୁମାର ସିଂ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ‘ମା ତୁଝେ ସଲାମ ପରି କାର୍ଯ୍ୟକ୍ରମ ଆମ ମନରେ ଶିହରଣ ସୃଷ୍ଟି କରେ ଯେ, ଦେଶ ଆମ ସହ ପ୍ରତି ମୁହୂର୍ତ୍ତରେ ଯୋଡି ହୋଇରହିଛି। ଆଜି ମୁଁ ମୋର ବାଟାଲିଅନର ତିନି ଜଣ ସହିଦ ପରିବାରକୁ ସାକ୍ଷାତ କରିଛି। ସେମାନଙ୍କ ମଧ୍ୟରେ ଜାମ୍ମୁ-କାଶ୍ମୀରର ଲଦାଖରେ କାର୍ଯ୍ୟରତ ଥାଇ ସହିଦ ହୋଇଥିବା ମୁନ୍ନା କୁମାର ସିଂଙ୍କ ଦେଶ ପ୍ରତି ଥିବା ଅବଦାନର ସେ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ତଟରକ୍ଷୀ ବାହିନୀର କମାଣ୍ଡାଣ୍ଟ ସୁନୀଲ ଦତ୍ତ ଯୋଗଦେଇ ତାଙ୍କ ଅଭିଭାଷଣରେ କହିଥିଲେ, ଆମେ ସହିଦମାନଙ୍କ ଋଣ କେବେ ସୁଝି ପାରିବା ନାହିଁ କି ସେମାନଙ୍କ ଅବଦାନକୁ କେବେ ଭୁଲିପାରିବା ନାହିଁ। ଏ କ୍ଷେତ୍ରରେ ‘ଓଡ଼ିଶା ଭାସ୍କର’ର ପ୍ରୟାସ କେବେ ବି ବ୍ୟର୍ଥ ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ରାଜ୍ୟ ସଶସ୍ତ୍ର ପୋଲିସବାହିନୀର ମହାନିରୀକ୍ଷକ (ଆଇଜି) ଅଭିନାଶ କୁମାର ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ‘ଓଡ଼ିଶା ଭାସ୍କର’ର ଏହି କାର୍ଯ୍ୟକ୍ରମ ସହିଦମାନଙ୍କୁ ସବୁଦିନ ମନେ ରଖିବାର ପ୍ରକୃଷ୍ଟ ମାଧ୍ୟମ। ସ୍ୱାଧୀନତା ଦିବସରେ କେବଳ ଜାତୀୟ ପତାକା ଉଡାଇଲେ ଚଳିବନି ବରଂ ସହିଦଙ୍କ ବଳିଦାନକୁ ମନେ ପକାଇ ସେମାନଙ୍କ ଦେଶପ୍ରେମକୁ ମାଧ୍ୟମ କରି ଦେଶ ସେବାରେ ବ୍ରତୀ ହେବା ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ସିଆର୍‌ପିଏଫ୍ ଓଡ଼ିଶା ସେକ୍ଟରର ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗ ଦେଇ କହିଥିଲେ ଯେ, ଦେଶପ୍ରତି ପ୍ରତ୍ୟେକ ନାଗରିକଙ୍କର ପ୍ରେମ ଭାବ ରହିବା ଜରୁରି। ଆମେ ଯଦି ଆମ ପରିସର ଭିତରେ ଦେଶ ପାଇଁ କିଛି କରିପାରିବା, ତେବେ ତାହା ସେମାନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହୋଇପାରିବ। ଅନ୍ୟତମ ଅତିଥିଭାବେ ଓଡ଼ିଶା ସ୍ୱତନ୍ତ୍ର ଅପରେସନ ବିଏସ୍‌ଏଫ୍ ଆଇଜି ଅବତାର ସିଂ ସାହି ତାଙ୍କ ଉଦ୍‌ବୋଧନରେ କହିଥିଲେ, ଆଜିର ଦିନ ହେଉଛି ସହିଦମାନଙ୍କୁ ସ୍ମରଣ କରିବାର ଦିନ। ଏ କ୍ଷେତ୍ରରେ ‘ଓଡ଼ିଶା ଭାସ୍କର’ ପକ୍ଷରୁ ଯେଉଁ କାର୍ଯ୍ୟକ୍ରମ କରାଯାଉଛି ସେଥିପାଇଁ ସେ ଗର୍ବ ଅନୁଭବ କରୁଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଡେପୁଟି ନାଭାଲ ଅଫିସର ଇନ୍‌ଚାର୍ଜ ତଥା ଆଇଏନ୍‌ଏସ୍ ଚିଲିକାର ବରିଷ୍ଠ ନୌସେନା • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଆତ୍ମାହୂତି ଉଦ୍ୟମ କରିଥିବା ଯୁବକ ମୃତ

ଭୁବନେଶ୍ୱର,୧୬।୮(ଭାସ୍କର ନ୍ୟୁଜ): ଶୁକ୍ରବାର ବାଲିପାଟଣା ଛକରେ ପାରିବାରିକ କହଳକୁ କେନ୍ଦ୍ରକରି ଜଣେ ଯୁବକ ପେଟ୍ରୋଲ ଢାଳି ଜୀବନ ଦେଇଛନ୍ତି। ଭୁବନେଶ୍ୱର ଏମ୍ସରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବାପରେ ପୋଲିସ ଘଟଣାର ତଦନ୍ତ କରି ମୃତ ଯୁବକର ବାପା, ସାବତ ମାଆ ଓ ସାବତ ଭାଇଙ୍କୁ ଗିରଫ କରିଛି। ମୃତ ଯୁବକଙ୍କ ପତ୍ନୀ ମଧ୍ୟ ଏହି ୩ଜଣ ତାଙ୍କ ସ୍ୱାମୀଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ଆଣିଛନ୍ତି।

### ସ୍ୱାମୀଙ୍କୁ ସର୍ପାଘାତ ବିଷ ପିଇଲେ ସ୍ତ୍ରୀ

ନିଆଳି,୧୬।୮(ଭାସ୍କର ନ୍ୟୁଜ): ବିଲରେ କାମ କରୁଥିବାବେଳେ ଜଣେ ବ୍ୟକ୍ତିଙ୍କୁ ବିଷଧର ସାପ କାମୁଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ଏହି ଖବର ପାଇବା ପରେ ତାଙ୍କ ପତ୍ନୀ ବିଷ ପିଇ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। କଟକର ନିଆଳି ଅଞ୍ଚଳରେ ଏହି ଅଘଟଣ ଘଟିଛି।

### ପିକ୍‌ଅପ୍ ଭ୍ୟାନ୍ ଓଲଟି ୨ ମୃତ

ବଣାଇଁ,୧୬।୮(ଭାସ୍କର ନ୍ୟୁଜ): ଶନିବାର ଅପରାହ୍ନରେ ଚାନ୍ଦିପୋଷ ଥାନା ଜାତୀୟ ରାଜପଥ ୧୪୩ର ବୀରତୋଳା ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ୨ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ମୃତ ଦୁଇଜଣଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୮୦,୫୯୭.୬୬
ସର୍ବାଧିକ: ୩୦.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

**୧୬।୮।୨୦୨୫ ର ମତାମତ**

ଶ୍ରୀମନ୍ଦିର ସୁରକ୍ଷା ନେଇ ରାଜ୍ୟ ସରକାର କଠୋର ପଦକ୍ଷେପ ନେବା ଉଚିତ୍ ନୁହେଁ କି ?





**ଆଜିର ପ୍ରସଙ୍ଗ**

ଗୁଣ୍ଡାରାଜର ଦମନ ପାଇଁ ସରକାର ପ୍ରଣୟନ କରୁଥିବା ଆଇନ ସଠିକ ଭାବେ କାର୍ଯ୍ୟକାରୀ ହେବା ଉଚିତ୍ ନୁହେଁ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ସ୍ୱାଧୀନତା ଆମେ ପାଇକରି ସତେ
ରହିଅଛୁ ପରାଧୀନ
ଶାସନକଳଟା ସଂପୂର୍ଣ୍ଣ ଅଥର୍ବ
କରେ ଭାରି ହିନିମାନ
ରାମରାଜ୍ୟ ଲାଗେ ସ୍ୱପ୍ନ
ପରାଧୀନତାର ଶୃଙ୍ଖଳରେ ଆମେ
ବନ୍ଧା ପରା ନୀତିଦିନ...।

## ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ପ୍ରକାଶିତ

# ପାସ୍ ହାର ୫୬.୨୩%



କଟକ,୧୬।୮(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ପାସ୍ ହାର ୫୬.୨୩ ପ୍ରତିଶତ ରହିଛି। ଏହି ପରୀକ୍ଷାରେ ମୋଟ ୩୪୫୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୯୪୪ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏ-୨ ଗ୍ରେଡରେ ୩ଜଣ, ବି-୧ ଗ୍ରେଡରେ ୧୪ଜଣ, ବି-୨ ଗ୍ରେଡରେ ୩୯ଜଣ, ସି ଗ୍ରେଡରେ ୧୧୩ଜଣ, ଡି ଗ୍ରେଡରେ ୨୭୬ଜଣ, ଇ ଗ୍ରେଡରେ ୫୨୩ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ରାଜ୍ୟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳରେ ୫୫.୨୬ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏହି ପରୀକ୍ଷାରେ ମୋଟ ୫୯୭୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ-୨ ଗ୍ରେଡରେ ୧୩, ବି-୧ ଗ୍ରେଡରେ ୨୩୨, ବି-୨ ଗ୍ରେଡରେ ୭୨୩, ସି ଗ୍ରେଡରେ ୧୭୩୮, ଡି ଗ୍ରେଡରେ ୨୦୭୫ ଏବଂ ଇ ଗ୍ରେଡରେ ୧୧୯୨ ଛାତ୍ରଛାତ୍ରୀ ପାସ୍ କରିଥିବା ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସପ୍ଲିମେଣ୍ଟାରୀ ଓ ଓପନ ସ୍କୁଲ ପରୀକ୍ଷାର୍ଥୀମାନେ ଚଳିତବର୍ଷ ସାମ୍ସ ୱେବସାଇଟ୍‌ରେ ଯୁକ୍ତ ଦୁଇ ନାମଲେଖା ପାଇଁ ଆବେଦନ କରିପାରିବେ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ୯୩ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ସେହିପରି ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାପାଇଁ ୧୦୩ଟି କେନ୍ଦ୍ର ଖୋଲାଯାଇଥିଲା। ରାଜ୍ୟ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ମୋଟ ୧୦ହଜାର ୮୦୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ଏହି ପରୀକ୍ଷା ଜୁନ୍ ୩୦ ତାରିଖରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ କପି ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଲାଲକିଲ୍ଲାରୁ ଜାତି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ

# ଏବେ ଭାରତ କରିବ ସମୁଦ୍ର ମନ୍ଥନ



ନୂଆଦିଲ୍ଲୀ,୧୬।୮: ୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲାଲକିଲ୍ଲାରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ। ସେ ତାଙ୍କ ସମ୍ବୋଧନରେ କହିଥିଲେ ଯେ ଭାରତ ଏବେ ସମୁଦ୍ରମନ୍ଥନ କରିବ। ଏହା ଦେଶକୁ ଶକ୍ତି କ୍ଷେତ୍ରରେ ବଡ଼ ଲାଭ ଦେବ। ଦେଶକୁ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବା ପାଇଁ ସମୁଦ୍ର ମନ୍ଥନ ଦିଗରେ ପଦକ୍ଷେପ ନିଆଯାଇଛି ଏବଂ ତୈଳ ଓ ଗ୍ୟାସ ଭଣ୍ଡାର ଆବିଷ୍କାର କରିବା ଉଦ୍ଦେଶ୍ୟରେ ମିଶନ ମୋଡରେ କାମ କରାଯାଉଛି। ତେଣୁ ଜାତୀୟ ଗଭୀର ଜଳ ଅନୁସନ୍ଧାନ ମିଶନ ଆରମ୍ଭ କରାଯାଉଛି। ସେ କହିଥିଲେ, ଜାତୀୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ମିଶନ ଅଧୀନରେ ୧୨ଶହରୁ ଅଧିକ ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଛି। ଶକ୍ତି କ୍ଷେତ୍ରରେ ସ୍ୱାଧୀନ ହେବାପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜଟିଳ ଖଣିଜ ପଦାର୍ଥରେ ଆତ୍ମନିର୍ଭରଶୀଳତା ଆମପାଇଁ ମଧ୍ୟ ଅତ୍ୟନ୍ତ ଜରୁରି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଜଟିଳ ଖଣିଜ ପଦାର୍ଥ ହେଉଛି ସେହି ଖଣିଜ ପଦାର୍ଥ ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଶିଳ୍ପପାଇଁ ଆବଶ୍ୟକ। କିନ୍ତୁ ସେଗୁଡ଼ିକର ଉପଲବ୍ଧତା କେବଳ କିଛି ଦେଶରେ ସୀମିତ କିମ୍ବା କେନ୍ଦ୍ରିତ। ମୁଁ ଦେଶର ଯୁବପିଢିଙ୍କୁ କହୁଛି, ତୁମେମାନେ ନବସୃଜନଶୀଳ ଚିନ୍ତାଧାରା ସହିତ ଆସ। ତୁମର ଚିନ୍ତାଧାରାକୁ କଦାପି ମରିବାକୁ ଦିଆଯିବ ନାହିଁ। ଆଜିର ଚିନ୍ତାଧାରା ଆଗାମୀ ପିଢିର ଭବିଷ୍ୟତ ବୋଲି ସେ ଉଲ୍ଲେଖ • ପୃଷ୍ଠା ୫ ଦେଖନ୍ତୁ

## ଜାମ୍ମୁକାଶ୍ମୀରରେ ବାଦଲଫଟା ବର୍ଷା

# ମୃତ୍ୟୁସଂଖ୍ୟା ୬୫ ଛୁଇଁଲା



ଶ୍ରୀନଗର,୧୬।୮: ଜାମ୍ମୁକାଶ୍ମୀରର କିସ୍ତୱାଡରେ ବାଦଲଫଟା ବର୍ଷା ଲାଗି ରହିଛି। ଗତ ୩ଦିନ ହେବ ବର୍ଷା ଲାଗି ରହିଥିବାରୁ ସ୍ଥିତି ଜଟିଳ ରୂପ ଧାରଣ କରିଛି। ବର୍ତ୍ତମାନ ସୁଦ୍ଧା ୬୫ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ୧୧୬ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଧ୍ୱଂସସ୍ତୂପ ତଳେ ଅଧିକାଂଶ • ପୃଷ୍ଠା ୫ ଦେଖନ୍ତୁ

## ବର୍ଷାର ଲୁଚକାଳି ଖେଳ

# କେଉଁଠି ତାଣ୍ଡବ ତ ଆଉ କେଉଁଠି ଉଭାନ୍

ଭୁବନେଶ୍ୱର,୧୬।୮(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ରାଜ୍ୟର କେତେକ ସ୍ଥାନରେ ବର୍ଷା ତାଣ୍ଡବ ରଚୁଥିବାବେଳେ ଆଉ କେତେକ ସ୍ଥାନରେ ସଂପୂର୍ଣ୍ଣଭାବେ ଉଭାନ ହୋଇଯାଇଛି। ବଙ୍ଗୋପସାଗରରେ ଲଘୁଚାପ ପରେ ଲଘୁଚାପ ସୃଷ୍ଟି ହେଉଛି। କିନ୍ତୁ ବର୍ଷା ସାରା ରାଜ୍ୟରେ ହେଉନାହିଁ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ତାଣ୍ଡବ ରଚୁଥିବାବେଳେ ଅନ୍ୟ ଅଞ୍ଚଳରେ ବର୍ଷାଭାବରୁ ଚାଷକାର୍ଯ୍ୟ ଧିମେଇ ଯାଇଛି। ବହୁ ସ୍ଥାନରେ ତଳି ନଷ୍ଟ ହେବାକୁ ବସିଲାଣି। ବର୍ଷା ହେଉନଥିବାରୁ ରୁଆପୋତା କାମରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ଦୁଇଦିନ ହେବ ପ୍ରବଳ ବର୍ଷାରେ ମାଲକାନଗିରି ଓ କୋରାପୁଟର ଅବସ୍ଥା ସଂଗୀନ ହୋଇପଡ଼ିଛି। ଏନଏଚ୍-୩୨୬ର ଏମ୍‌ଭି ୯୬ ପୋଲ ଉପରେ ୩ ଫୁଟର ପାଣି ଚାଲୁଛି। ଫଳରେ କାଳିମେଳାରୁ ଏମ୍‌ଭି-୯୬କୁ • ପୃଷ୍ଠା ୫ ଦେଖନ୍ତୁ



## ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି

# ରାଜ୍ୟରେ ଆଉ ୧୨ ନୂଆ ଏନ୍‌ଏସି

ଭୁବନେଶ୍ୱର,୧୬।୮ (ଭାସ୍କର ନ୍ୟୁଜ): ରାଜ୍ୟରେ ବଢ଼ିବ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ସଂଖ୍ୟା। ଆଉ ୧୨ଟି ନୂତନ ଏନଏସି ପାଇଁ ଡ୍ରାଫ୍ଟ ନୋଟିସ ଜାରି ହୋଇଛି। ଶନିବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ୭ଟି ଜିଲ୍ଲାର ୧୨ଟି ଅଞ୍ଚଳକୁ ଏନଏସି କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ୧୨ଟି ଏନଏସି ହେଉଛି ଅନୁଗୋଳ ଜିଲ୍ଲାର ପାଲଲହଡ଼ା, ସୁବର୍ଣ୍ଣପୁରର ବୀର ମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷି ଓ ଚିତ୍ରଡା, ରାୟଗଡ଼ାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲି, ଭଦ୍ରକର ତିହିଡି ଓ ଧୁଷୁରି। ଏହିସବୁ ସହରର ଜନସଂଖ୍ୟା, ଭୌଗୋଳିକ ସ୍ଥିତି ଏବଂ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହିସବୁ ଅଞ୍ଚଳକୁ ଏନଏସି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହାପୂର୍ବରୁ ଗତ ଜୁନ ୧୧ ତାରିଖରେ ନଗର ଉନ୍ନୟନମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ରାଜ୍ୟବାସୀଙ୍କୁ ୧୦ରୁ ଅଧିକ ଏନଏସି ଓ ୨ଟି ପୌରପାଳିକା ଭେଟିଦେବେ। ଗୃହନିର୍ମାଣ ଓ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଏ ନେଇ • ପୃଷ୍ଠା ୫ ଦେଖନ୍ତୁ

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ବଡଚଣା ବ୍ଲକ୍ ଅନ୍ତର୍ଗତ ନିଶିମଲା ସ୍ଥିତ ପଲ୍ଲୀ ମଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଠାରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପଲ୍ଲୀ ମଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି ର ସଭାପତି ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଉପସ୍ଥିତ ଜନସାଧାରଣ ମାନଙ୍କୁ ଉଦବୋଧନ ଦେଇଯେଉଁ ମାନଙ୍କ ତ୍ୟାଗ, ବିରତ୍ୱ, ଓ ଆତ୍ମ ବଳିଦାନ ଯୋଗୁ ଆମେ ସ୍ୱାଧୀନତା ପାଇଲୁ ସେମାନଙ୍କୁ ସ୍ମରଣ କରି ବା ପାଇଁ ଆଜିର ଦିନଟି ଉତ୍ସର୍ଗ । କଷ୍ଟ ଲବ୍ଧ ସ୍ୱାଧିନତା ଓ ଶାନ୍ତି, ମୈତ୍ରୀ ପ୍ରଗତିର ପ୍ରତୀକ ଆମ ତ୍ରିରଙ୍ଗା ପତାକାକୁ ସମ୍ମାନ ଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସମ୍ପାଦକ ନରେନ୍ଦ୍ର କୁମାର ନାୟକ, ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନା, ବିଜୟାନନ୍ଦ ବିଶ୍ୱାଳ, ନଟବର ସାହୁ, ଅବିନାଶ ଜେନା ସଚିତ୍ର ସ୍ୱାଇଁ, ଶୁଭେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ଥିଲେ ।

## ୱାଙ୍ଗ୍ସ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର




ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଚାନ୍ଦପୁର ଅଞ୍ଚଳର ଅଗ୍ରଣୀ ଯୁବଗୋଷ୍ଠୀ ୱାଙ୍ଗ୍ସ ଗ୍ରୁପ୍ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ୱାଙ୍ଗ୍ସ ଗ୍ରୁପ୍ ଆଜକୁ ଦୀର୍ଘ ୧୯ ବର୍ଷ ଧରି ଏପରି ରକ୍ତଦାନ ଶିବିର ଆୟୋଜନ କରି ରଣପୁର ବ୍ଲକ ଓ ନୟାଗଡ଼ ଜିଲ୍ଲା ଏପରିକି ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ପ୍ରତିବର୍ଷ ଏହି ସ୍ୱାଧୀନତା ଦିବସରେ ୱାଙ୍ଗ୍ସ ଗ୍ରୁପ୍ ପକ୍ଷରୁ ଆୟୋଜିତ ହୋଇଥାଏ ଏପରି ରକ୍ତଦାନ ଶିବିର । ଶତାଧିକ ଯୁନିଟ ରକ୍ତ ସଂଗ୍ରହ କରିବାରେ ୱାଙ୍ଗ୍ସ ଗ୍ରୁପ୍ ସଫଳତା ହାସଲ କରିଥିବା ଯୋଗୁଁ ରାଜ୍ୟପାଳଙ୍କ ଦ୍ୱାରା ୱାଙ୍ଗ୍ସ ଗ୍ରୁପ୍ କୁ ସମ୍ବର୍ଦ୍ଧିତ କରାଯାଏ । ଏହି ୱାଙ୍ଗ୍ସ ଗ୍ରୁପ୍ର ଯୁବଗୋଷ୍ଠୀ ଯେ କେବଳ ରକ୍ତଦାନ ଶିବିର କରନ୍ତି ତାହା ନୁହେଁ ବରଂ ଗରିବ ଅସହାୟ ବ୍ୟକ୍ତି ବିଶେଷ ମାନଙ୍କୁ ସାହାଯ୍ୟ ସହଯୋଗ କରି ସବୁଠି ଉଚ୍ଚ ପ୍ରଶଂସିତ ହୋଇଥାନ୍ତି । ଆୟୋଜିତ ରକ୍ତଦାନ ଶିବିରରେ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ , ଖୋର୍ଦ୍ଧା ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ରଙ୍କ ସମେତ ଚଳଚ୍ଚିତ୍ର ଜଗତର ଅଭିନେତା ବବି ମିଶ୍ର , ଚାନ୍ଦପୁର ଥାନା ନିରୀକ୍ଷକ ଦିଲ୍ଲୀପ କୁମାର ସ୍ୱାଇଁ, ରାଜନେତା ବିଜୟ କେତନ ସାହୁ, ଭାଜପା ଜିଲ୍ଲା ସଭାପତି ତାପସ ରଞ୍ଜନ ମାର୍ଥା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ୱାଙ୍ଗ୍ସ ଗ୍ରୁପ୍ର ଏହି ସମାଜସେବୀ କାର୍ଯ୍ୟ ପାଇଁ ରକ୍ତ ସଂଗ୍ରହ କରୁଥିବା ଟିମ୍ ସାଧୁବାଦ ଜଣାଇଛନ୍ତି । ଚଳିତ ବର୍ଷ ୱାଙ୍ଗ୍ସ ଗ୍ରୁପ୍ ପକ୍ଷରୁ ୧୧୪ ୟୁନିଟ ରକ୍ତ ସଂଗ୍ରହ କରିଥିବା ଧିରେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି ।

## ହରିଶ୍ଚନ୍ଦ୍ର ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପକ୍ଷରୁ ସମ୍ବର୍ଦ୍ଧନା ସଭା




ସାରସକଣା(ଭାସ୍କର ନ୍ୟୁଜ୍): ସାରସକଣା ବ୍ଲକ ଅନ୍ତର୍ଗତ ଉମାଦେଇପୁର ପଞ୍ଚାୟତର ପାନ୍ଧଡା ଗ୍ରାମରେ ଥିବା ହରିଶ୍ଚନ୍ଦ୍ର ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ତରଫରୁ ସ୍ୱାଧୀନତା ଦିବସ ଅବସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସମ୍ବର୍ଦ୍ଧନା ଉତ୍ସବ ରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୀପକ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ସେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପରେ ପରେ ପୁରାତନ ଛାତ୍ର ସଂସଦର ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଦେଇ ଉତ୍ସବ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କ ରେ ସମସ୍ତଙ୍କୁ ଅବଗତ କରାଇଥିଲେ । ସେ କହିଲେ ପୁରାତନ ଛାତ୍ର ସଂସଦ ତରଫରୁ ଏନେମେମେସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିବା ହେଉଛି ଆମର ମୁଖ୍ୟ ଉଦ୍ଦେଶ୍ୟ । ପୁରାତନ ଛାତ୍ର ମୁକ୍ତି କୁମାର ନନ୍ଦଙ୍କ ପ୍ରଚେଷ୍ଟା ଫଳରେ ଏହା ସମ୍ଭବ ହୋଇପାରିଛି ବୋଲି ସେ ନିଜ ଅଭିଭାଷଣ ରେ ପ୍ରକାଶ କରିଥିଲେ । ସର୍ବପ୍ରଥମେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଥିବା ମୋହିତ୍ ମୋହନ ମିଶ୍ର, ପିତା - ଶୁଭ୍ରକାନ୍ତ ମିଶ୍ର, ପାନ୍ଧଡାର ପ୍ରଥମେ ସମ୍ବର୍ଦ୍ଧିତ ହୋଇଥିଲେ । ପରେ ପରେ ରୁଦ୍ରାକ୍ଷ ଷଡ଼ଙ୍ଗୀ, ପିତା - ଆମର ବିକାଶ ଷଡ଼ଙ୍ଗୀ, ପାନ୍ଧଡା । ଅବିନାଶ ମଣ୍ଡଳ ଓ ଅଭିଷେକ ମଣ୍ଡଳ, ପିତା - ପ୍ରଦୀପ କୁମାର ମଣ୍ଡଳ , ପାନ୍ଧଡା । ସମସ୍ତଙ୍କୁ ଟ୍ରଫି, ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବ ରେ ସଭାପତି ସଂଜୟ କୁମାର ଷଡଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ସିପ୍ରା ହୋତା, ପୁରାତନ ଛାତ୍ରୀ ବନଜିନି ମିଶ୍ର ଏବଂ ଏସ୍ଏମଡିସି ଚେୟାରମେନ ଉପେନ୍ଦ୍ର କୁମାର ପ୍ରଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ । ସବୁଠାରୁ ଖୁସିର ବିଷୟ ଯେ , ଚାରିଜଣ ଛାତ୍ର ସେହି ପାନ୍ଧଡା ଗ୍ରାମର । ପୁରାତନ ଛାତ୍ର ସଂସଦ ତରଫରୁ ଏହି ଅଭିନବ ପ୍ରୟାସ ସବୁ ଛାତ୍ର/ଛାତ୍ରୀ ମାନଙ୍କ ପାଇଁ ପ୍ରେରଣା ର ଉତ୍ସ ପାଲଟିବ, ଏଥିରେ ସନ୍ଦେହ ନାହିଁ । ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ର ସମସ୍ତ ଛାତ୍ର/ଛାତ୍ରୀ, ଅଭିଭାବକ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସର୍ବଶେଷରେ ଶିକ୍ଷକ ଯାମିନି କାନ୍ତ ପଣ୍ଡା, ବିଦ୍ୟାଳୟ ତରଫରୁ ସମସ୍ତ ପୁରାତନ ଛାତ୍ରମାନଙ୍କୁ ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ । ମୁଁ ଦେବାଶିଷ ଶତପଥୀ, ସାମ୍ବାଦିକ ଏକ ସୁଚିନ୍ତିତ ମତ ପ୍ରକାଶ କରୁଛି କି ଯଦି ରାଜନେତା ମାନେ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀମାନଙ୍କୁ କିଛି ପ୍ରୋତ୍ସାହନ ଦିଅନ୍ତେ , ତାହାହେଲେ ଆହୁରି ଆଗକୁ ବଢିବା ପାଇଁ ପିଲାମାନେ ପ୍ରେରଣା ପାଇଥାନ୍ତେ ।

## 'ଆସ ସ୍କୁଲ ଯିବା' କାର୍ଯ୍ୟକ୍ରମ



ବସ୍ତା (ଭାସ୍କର ନ୍ୟୁଜ୍): ବସ୍ତା ବ୍ଲକ୍ ଅନ୍ତର୍ଗତ ଚକ୍ରଡା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ର ଛାତ୍ରୀଙ୍କ ମାତା ପିତାଙ୍କୁ ନେଇ ସଂଗଠିତ ହେଇଥିଲା । ଏହି କାର୍ଯ୍ୟକର୍ମର ମୂଳ ଉଦ୍ଦେଶ୍ୟ ଯେଉଁ ପିଲାମାନେ ପାଠ ପଢା ଅଧାରୁ ଛାଡ଼ି ଦେଉଛନ୍ତି ଏବଂ ପାଠପଢା ପ୍ରତି ମନବଳଉ ନାହାନ୍ତି ସେମାନେ କିପରି ଶିକ୍ଷାକୁ ଉଚିତ ମନେ କରି ଗ୍ରହଣ କରିବେ । ଶିକ୍ଷା କୁ ପ୍ରାଥମିକତା ଦେବାରେ ଗୋଟେ ପ୍ରୟାସ ସ୍ୱରୂପ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ହେମ୍ବ୍ରମଙ୍କ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ଶିକ୍ଷାକୁ ପ୍ରାଥମିକତା ଦେଇ ପ୍ରତି ପିଲାଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସହିତ ପ୍ରତି ଘରେ ପହଞ୍ଚାଇବାର ଏହା ଏକ ଅନନ୍ୟ ପ୍ରୟାସ । ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମ ଭ୍ରମଣ କରିବା ସହିତ ସମାଜକୁ ଶିକ୍ଷା ବାର୍ତ୍ତା ଦେବା ଏହାର ମୂଳ ଉଦ୍ଦେଶ୍ୟ ।

## ଚାରାରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ

ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ ଟାଙ୍ଗୀ ପକ୍ଷରୁ ମଙ୍ଗଳାଯୋଡି ଗ୍ରାମରେ ବୃକ୍ଷଚାରା ରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଙ୍ଗଳାଯୋଡିର ସହଯୋଗ ରେ ସ୍ୱାଧୀନତା ଦିବସ ପାଳନ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଆହ୍ୱାନ ଘରେ ଘରେ ତ୍ରିରଙ୍ଗା ପଦଯାତ୍ରା, ମାଆ ପାଇଁ ଗଛଟିଏ ରୋପଣ ସହ ବୃକ୍ଷ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନର ରାଜ୍ୟ ସଭାପତି ହେମନ୍ତ କୁମାର ବେହେରା , ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ରେଞ୍ଜର ରଶ୍ମିତା ଜେନା, ରାଜ୍ୟ ବିଜେପି ସମବାୟ ସେଲର ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ମଙ୍ଗଳାଯୋଡି ଗ୍ରାମର ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ , ସ୍କୁଲ କମିଟି ସଭାପତି ପ୍ରଦୀପ କୁମାର ଜେନା, ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ , ପ୍ରତିଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବଳରାମ ତରେଇ, ପୂର୍ବତନ ସରପଞ୍ଚ ମିତ୍ରଭାନୁ ସୁବୁଦ୍ଧି, ସାମ୍ବାଦିକା ମଞ୍ଜୁଲତା ଇନ୍ଦ୍ରଜିତ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱାଧୀନତା ଦିବସରେ ଖୋର୍ଦ୍ଧା ପାଇକମାନଙ୍କ ଅବଦାନକୁ ମନେ ପକାଇବା ପାଇଁ ସ୍କୁଲର ଛାତ୍ର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଓ ପୁରସ୍କାର ବଣ୍ଟନ କରାଯାଇଥିଲା ।



# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



ଆଳି(ଭାସ୍କର ନ୍ୟୁଜ୍):ସମଗ୍ର ଦେଶବାସୀ ୭୯ ତମ ସ୍ୱାଧୀନତା ଦିବସକୁ ଧୁମ୍ଧାମରେ ପାଳନ କରିଥିବା ବେଳେ ଏହି ଦିବସକୁ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଂଚଳର ବିଭିନ୍ନ ସ୍ଥାନରେ ପାଳନ କରାଯାଇଛି । ଆଳି ତଟବନ୍ଧ କାର୍ଯ୍ୟାଳୟ ପରିସର ରେ ଏସଡିଓ ଧ୍ରୁବ ଚରଣ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ପରିସରରେ କନିଷ୍ଠ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ରାଉତ ପତାକା ଉତ୍ତୋଳନ କରିଥିଲେ । ସେହିପରି ଆଳି ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତରେ ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ପତାକା ଉତ୍ତୋଳନ କରିଥିଲେ । ଆଳି ଥାନା ପରିସରରେ ଥାନା ଭାରପ୍ରାପ୍ତ ଅଧିକାରୀ ଧୀରାଜ କୁମାର ଲେଙ୍କା ପତାକା ଉତ୍ତୋଳନ କରିଥିଲ ବେଳେ ତହସିଲ, ବ୍ୟାଙ୍କ, ପଂଚାୟତ ଆଦି ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ,ସ୍କୁଲ, କଲେଜ, ସାମାଜିକ ଅନୁଷ୍ଠାନ ଆଦି ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳନ କରା ଯାଇଛି । ଆଳି ହାରାମଣି ମଣ୍ଡପ ଠାରେ ଆଳି ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ବିଜେପି ପକ୍ଷ ରୁ ପତାକା ଉତ୍ତୋଳନ କରିଥିଲେ । ଏକ ନିଆରା ଢଙ୍ଗରେ ଭୂଇଁପୁର ପଞ୍ଚାୟତର ସରପଞ୍ଚ ରେସ୍ମାରାଣୀ ମଲ୍ଲିକ ପତାକା ଉତ୍ତୋଳନ୍ କରିଥିବା ବେଳେ ତାଙ୍କ ନେତୃତ୍ୱରେ ଶିଶୁ ପ୍ରତିଭା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ମାନେ ଗୀତ ଓ ନାଚ କୁଇଜ ପ୍ରତିଯୋଗିତାରେ ଭାଗନେଇଥିବା ବେଳେ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିଭଳି ବିଭିନ୍ନ ସମବାୟ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ୍ କରାଯାଇଥିବା ବେଳେ ନୂଆଗାଁ ସମବାୟ ସମିତିର ସମ୍ପାଦକ ରାଜେଶ ମହାନ୍ତି ପତାକା ଉତ୍ତୋଳନ କରିଥିଲେ । ଜୁଆଣିଆ ପଞ୍ଚାୟତରେ ସରପଞ୍ଚ ସୁବ୍ରତ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ବଡାମ୍ବିଳା ପଞ୍ଚାୟତ ରେ ସରପଞ୍ଚ ସଚଳା ମହି ପତାକା ଉତ୍ତୋଳନ କରିଥିଲେ । ନମୌଜା ର ମହାଦେବ ଛକରେ ବିଜେଡି ଓ ବିଜେପି ପକ୍ଷରୁ ପତାକା ଉତ୍ତୋଳନ କରା ଯାଇଥିଲା ।




ଟାଙ୍ଗୀ(ଭାସ୍କର ନ୍ୟୁଜ୍): ଆଜି ସାରା ଦେଶ ପାଳିଲା ୭୯ତମ ସ୍ୱାଧୀନତା ଦିବସ। ଦିଲ୍ଲୀ ଠାରୁ ପଲ୍ଲୀ ସବୁଠି ଫର ଫର ହୋଇ ଉଡୁଛି ତ୍ରିରଙ୍ଗା । ଖୋରଧା ଜିଲ୍ଲାର ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି । ସାମ୍ବାଦିକ ସଂଘର ଉପଦେଷ୍ଟା ଭାଗିରଥୀ ଛୋଟରାୟ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ଓ ପାଇକ ବିଦ୍ରୋହର ଯୋଦ୍ଧାମାନଙ୍କ ଅତୁଳନୀୟ ଅବଦାନ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମ ଦେଶର ଅନନ୍ୟ ଅଧ୍ୟାୟ , ତତ୍-ସହିତ ଏହା ଇଂରେଜମାନଙ୍କ ମୂଳଦୁଆକୁ ଦୋହଲାଇ ଦେଇଥିଲା ବୋଲି ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ କହିଥିଲେ । ଟାଙ୍ଗୀ ସାମ୍ବାଦିକ ସଂଘର ସଭାପତି ରବୀନ୍ଦ୍ର କୁମାର ରଣା , ସଂଘର ସମ୍ପାଦକ ସନ୍ତୋଷ ଚୌଧୁରୀ, ସହ-ସମ୍ପାଦକ କାହ୍ନୁ ଚରଣ ବେହେରା , ଯୋଗେନ୍ଦ୍ର ରାମ , ଦେବେଶ ପରିଡ଼ା, ରମେଶ ନାଇଡୁ , ବିଜୟ କୁମାର ବାହୁବଳେନ୍ଦ୍ର , ମହେଶ ନାୟକ , ଜିତେନ୍ଦ୍ର ବିଶ୍ୱାଳ, ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ । ଅନ୍ୟପଟରେ ଟାଙ୍ଗୀ ଉପନିବନ୍ଧକ କାର୍ଯ୍ୟାଳୟରେ ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ଟାଙ୍ଗୀ କୋର୍ଟରେ ନ୍ୟାୟାଧିଶ ସୁବୋଧ କୁମାର ସେଠୀ ଜାତୀୟ ପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଟାଙ୍ଗୀ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଏବଂ କୋର୍ଟ କର୍ମଚାରୀ ସାମିଲ ହୋଇଥିଲେ । ଟାଙ୍ଗୀ ଥାନାରେ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜୁବଳ , ଟାଙ୍ଗୀ ପଞ୍ଚାୟତରେ ସରପଞ୍ଚ କିଶୋର କୁମାର ବେହେରା , ଟାଙ୍ଗୀ ବ୍ଲକରେ ଚେୟାରମ୍ୟାନ ରୀସ୍ମା ମାନ୍ଧାତା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଟାଙ୍ଗୀ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ସରକାରୀ-ବେସରକାରୀ କାର୍ଯ୍ୟାଳୟ , ବିଭିନ୍ନ ସଂଗଠନ ଗୁଡ଼ିକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା ।

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ଅଞ୍ଚଳର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମାଲୁଦ ଉଚ୍ଚ ବିଦ୍ୟାଳୟ କୃଷ୍ଣପ୍ରସାଦ ବ୍ଲକ୍ ପାଇକ ଆଖଡ଼ା ସଂଘ ମାଲୁଦ ପୋଲିସ ଫାଣ୍ଡି ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ଓ ମାଲୁଦ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ମାଲୁଦ ଫାଣ୍ଡି ଅଧିକାରୀ ଧ୍ରୁବ ଚରଣ ଲେଙ୍କା ଫାଣ୍ଡି ପରିସରରେ ପତାକା ଉତ୍ତୋଳନ କରିଥିବାବେଳେ ପଞ୍ଚୁଦୋଳ ମେଳଣ ପଡିଆ ଠାରେ ପାଇକ ଆଖଡ଼ା ସଂଘ ପକ୍ଷରୁ ପୂର୍ବତନ ସରପଞ୍ଚ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପାଇକ ଆଖଡ଼ା



ସଂଘ ର ସମ୍ପାଦକ ପ୍ରତାପ ହରିଚନ୍ଦନ କୋଷାଧ୍ୟକ୍ଷ ସୁକାନ୍ତ କୁମାର ବିଶ୍ୱାଳ କିଶୋର ଚନ୍ଦ୍ର ବିଶୋଇ ସାମନ୍ତ ନିର୍ମଳ କୁମାର ରଣସିଂହ ଅବସର ପ୍ରାପ୍ତ ସେନାଧିକାରି ଯୁବ ସମାଜସେବୀ ଦୀପକ କୁମାର ଜେନା ପ୍ରମୁଖ ଶତାଧିକ ସଭ୍ୟ ଉପସ୍ଥିତ ଥିଲେ । ସେହିପରି ସହିଦ ସୁଦାମ ଚରଣ ଦାସ ସ୍ମୃତି ପୀଠ ରେ ଜାତୀୟ ପତାକା କୁ ସରପଞ୍ଚ ଗୀତାଞ୍ଜଳି ଜେନା ଓ ଶିଶୁ ବିଦ୍ୟାମନ୍ଦିର ରେ ପ୍ରତିଷ୍ଠାତା ଶିବରାମ ଜେନା ପତାକା ଉତ୍ତୋଳନ କରିଥିବାବେଳେ ଅନୁଷ୍ଠାନର ସଭାପତି ଜଗବନ୍ଧୁ ସେନାପତି କୋଷାଧକ୍ଷ ନଗେନ୍ଦ୍ର କୁମାର ନାୟକ ପ୍ରଧାନ ଆଚାର୍ଯ୍ୟ ରଶ୍ମିତା ପ୍ରଧାନ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଭିଭାବକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।



ପରଜଙ୍ଗ(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୭୯ ତମ ସ୍ୱାଧିନତା ଦିବସ ପାଳନ କରାଯାଇଛି ।ସ୍ୱାଧୀନତା ଦିବସ ପାଳନ ଅବସରରେ ପରଜଙ୍ଗ ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟାଳୟରେ ନାଗରିକ ପରିଷଦର ସଭାପତି ସନାତନ ସାମଲଙ୍କ ତତ୍ତ୍ୱାବଧାନରେ ପରିଷଦର ବରିଷ୍ଠ ନାଗରିକ ଚୈତନ୍ୟ କୁମାର ନାୟକ ପତାକା ଉତ୍ତୋଳନ କରିଥିଲେ । ଏଥିରେ ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘ ସାମିଲ ଥିବା ବେଳେ ପରିଷଦର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ । ସେହିପରି ପରଜଙ୍ଗ ପିଏମଶ୍ରୀ ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ନନ୍ଦ ପତାକା ଉତ୍ତୋଳନ କରିଥିଲା ବେଳେ,ଏଥିରେ ସାମ୍ବାଦିକ ନିର୍ମଳ ଗଡ଼ ନାୟକ , ସୁବଳ ରାଉତ ,ପ୍ରଶାନ୍ତ କୁମାର ସାହୁ ମୋ ସ୍କୁଲ ଅଭିଯାନର ସଭାପତି ନାରାୟଣ ବିନାୟକ , ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ଅନ୍ତର୍ଯ୍ୟାମୀ ନାୟକ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ । ମୁଖ୍ୟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡାକ୍ତର ସ୍ମୃତି ରଞ୍ଜନ ବିଶ୍ୱାଳ ପତାକା ଉତ୍ତୋଳନ କରିଥିବା ବେଳେ ଅନ୍ୟ ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ । ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘ ପକ୍ଷରୁ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଏଥିରେ ସଙ୍କୀର୍ତ୍ତନ ମଣ୍ଡଳୀ ସଂଘର ସଭାପତି ଅକ୍ଷୟ କୁମାର ନାୟକ ନେତୃତ୍ୱ ନେଇଥିବା ବେଳେ ଅଭୟ ସାହୁ, ହୃଦୟ ଚନ୍ଦ୍ର ଚମ୍ପତସିଂହ, ମୁନା ବାବା,କାଳିଆ ବାବା ସମେତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି , ମହିଳା ଓ ପୁରୁଷ ସଙ୍କୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ଥିଲେ । ସେହିପରି ବ୍ଲକର ବିଭିନ୍ନ ଗ୍ରାମର ଶିକ୍ଷାନୁଷ୍ଠାନ ଓ ଡ୍ରାଇଭର ମହାସଂଘ କାର୍ଯ୍ୟାଳୟରେ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।



ରଘୁନାଥପୁର(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଏଥିରେ ଜଗନ୍ନାଥପୁର ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପରିଚାଳନା ସମିତି ସଭାପତି ଗୁରୁନାରାୟଣ ମହାନ୍ତି,ସମ୍ପାଦକ ଅଜୟ କୁମାର ନାୟକ ଓ ପୂର୍ବତନ ସଦସ୍ୟ ନରୋତ୍ତମ ମହାପାତ୍ର ଉପସ୍ଥିତ ରହିଥିଲେ ।ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ୍ତ କୁମାର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ରୁଦ୍ର ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଦେବୀ ପ୍ରସାଦ ଆଚାର୍ଯ୍ୟ ଓ ସମସ୍ତ ଗୁରୁଜୀଗୁରୁମା ସଂଚାଳନ କରିଥିଲେ । ସେହିପରି ରଘୁନାଥପୁର ପଞ୍ଚାୟତ ସମିତିରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ବ୍ଲକ ଅଧକ୍ଷା ଲକ୍ଷ୍ମୀ ବେହେରା,ଉପାଧକ୍ଷ ଦେବାଶିଷ ତ୍ରିପାଠୀ,ବିଡିଓ ବିରଞ୍ଚିନାରାୟଣ ବେହେରା ଉପସ୍ଥିତ ଥିଲେ ।ରଘୁନାଥପୁର ଗ୍ରାମ ନ୍ୟାୟାଳୟ, ତହସିଲ, ସବରେଜିଷ୍ଟର, ଥାନା,ଶିଶୁବିକାଶ,ଡାକ୍ତର ଖାନା,ଇସ୍କୁଲ, କଲେଜ,ବିଓ କାର୍ଯ୍ୟାଳୟ,ବିଭିନ୍ନ ସରକାରୀ, ବେସରକାରୀ, ବ୍ୟବସାୟ ପ୍ରତିଷ୍ଠାନରେ ସ୍ୱାଧିନତା ଦିବସ ଧୁମ୍ଧାମରେ ପାଳିତ ହୋଇଯାଇଛି । ଏହାଛଡା ରଘୁନାଥପୁର ବିଷୁବ ସଂସଦ ପକ୍ଷରୁ ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ରାଜକିଶୋର ବରାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।



ସାରସକଣା,(ଭାସ୍କର ନ୍ୟୁଜ୍): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାରସକଣା ରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଶ୍ରୀଯୁକ୍ତ ବାସୁଦେବ ସାହୁ ଜାତୀୟ ପତାକା ଉତ୍ତୋଳନ କରି ପିଲାମାନଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ନିଜ ବକ୍ତବ୍ୟ ପ୍ରଦାନ କଲେ ଏବଂ ସମ୍ମାନିତ ଅଥିତି ଭାବେ ରବୀନ୍ଦ୍ର ନାଥ ଭୋଳ, ତପନ କୁମାର ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ଶିଶୁ ଭାଇ ଭଉଣୀମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ସ୍ୱାଧୀନତା ଦିବସ ଉପଲକ୍ଷେ ଶିଶୁ ଭାଇ ଭଉଣୀଙ୍କ ଦ୍ୱାରା ଲିଖିତ ବିଭିନ୍ନ କବିତା ପ୍ରାଚୀର ପତ୍ରିକା ' କଳିକା' ଉନ୍ମୋଚିତ ହୋଇଯାଇଛି । ପରିଶେଷରେ ଶିଶୁ ଭାଇ ଭଉଣୀମାନେ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ସାରସକଣା ବଜାରକୁ ଘୋଷ ବାଦ୍ୟ ସହ ପରିଭ୍ରମଣରେ ଗଲେ । ଶିଶୁମାନଙ୍କ ଦ୍ୱାରା ରାମ ଧୂନ ଏବଂ ନାରାରେ ସାରସକଣା ବଜାର କମ୍ପିତ ହେଉଥିଲା ।

ଫୁଲନଖରା(ଭାସ୍କର ନ୍ୟୁଜ୍): ଦେଶ ସ୍ୱାଧୀନତା ହାସଲ କରିବା ଆଜକୁ ୭୯ବର୍ଷରେ ପଦାର୍ପଣ କରିଛି । ଏହି ପରିପ୍ରେକ୍ଷୀରେ କଟକ ସଦର ଅଞ୍ଚଳର ବହୁପୁରାତନ ପ୍ରତିଷ୍ଠିତ କଟକ ସଦର ପ୍ରେସ କ୍ଲବର ଅରଡ଼ିଆପଦା ସ୍ଥିତ କାର୍ଯ୍ୟାଳୟ ପରିସରରେ ମହା ଆଡ଼ମ୍ବରରେ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରତିଷ୍ଠିତ ଶିଳ୍ପପତି ହୋଟେଲ ଆମ୍ରପଲ୍ଲୀ ରିସର୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମହାପାତ୍ର, ବରିଷ୍ଠ ସମାଜସେବୀ ତଥା ପୂର୍ବତନ ଏକଜୁକିଟିଭ ଇଞ୍ଜିନିୟର ଶ୍ରୀଯୁକ୍ତ ସୁଶାନ୍ତ କୁମାର ତ୍ରିପାଠୀଙ୍କ କରକମଳରେ ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଓଡ଼ିଶାର ପ୍ରସିଦ୍ଧ ପାଲା ଗାୟକ ଆଲ୍ଲାହାଦ ସୁରେନ୍ଦ୍ର ଛୋଟରାୟ ପରିଚାଳନା କରିଥିବାବେଳେ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ, କବି ରାଧାଶ୍ୟାମ ମହାନ୍ତି, ଯୁବ ସମାଜସେବୀ ବିପିନ ବିହାରୀ ବେହେରା,କୈଳାଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ରହି ପବିତ୍ର ସ୍ୱାଧୀନତା ଦିବସ ଉପଲକ୍ଷେ ଉପସ୍ଥିତ ଥିବା କୁନିକୁନି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । କଟକ ସଦର ପ୍ରେସ କ୍ଲବର ସାମ୍ବାଦିକ ଧୀରେନ୍ଦ୍ର ସାହୁ, ଅମିତ କୁମାର ପରିଜା, ଚିନ୍ମୟ ମହାରଣା, ବୁଲୁ ପାତ୍ର, ହେମନ୍ତ ମଲ୍ଲିକ, ପ୍ରକାଶ ଭୋଇ , ଦୀପ୍ତି ରଞ୍ଜନ ଶତପଥୀ, ସୁଧୀର ଶତପଥୀପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଯୁବ ସାମ୍ବାଦିକ ଶଶୀଭୁଷଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷକ ମଦନ ମଝି, ଗ୍ରାମ୍ୟ ମୁରବୀ ଅଜୟ କୁମାର୍ ବେଉରା, ଶୈଳଜା ନନ୍ଦ ସାହୁ, ଅଗନୱାଡ଼ି କର୍ମୀ ରିତାଞ୍ଜଳି ବେଉରା, ସହାୟିକା ପ୍ରାର୍ଥନା ପ୍ରତିଶ କୁମାର୍ ବେଉରା ସୌମ୍ୟ ରଞ୍ଜନ ମହାରଣା , ବିଷ୍ଣୁପ୍ରିୟା ଓଝା, ଅର୍ପିତା ଜେନା, ପ୍ରାପ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।





ପାରାଦୀପ(ଭାସ୍କର ନ୍ୟୁଜ୍):ଭାରତୀୟ ତୈଳ ନିଗମ ଲିଃ (ଆଇଓସିଏଲ) ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ଶୁକ୍ରବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରର ପାରାଦୀପ ରିଫାଇନରୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ତୈଳ ବିଶୋଧନାଗାର ମୁଖ୍ୟ କୌଶିକ ବସୁ ବିଶୋଧନାଗାର ଟାଉନସିପ ସ୍ଥିତ ନେତାଜୀ ସୁବାସ ଚନ୍ଦ୍ର ବୋଷ ଷ୍ଟାଡିୟମ ଠାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମସ୍ତ ପାରାଦୀପ ତୈଳ ବିଶୋଧନାଗାର ପରିବାର ମିଳିତ ଭାବରର ଜାତୀୟ ସଂଗୀତ ଗାନ କରିଥିଲା । ଏହି ସମାରବଶକୁ ସମ୍ବୋଧିତ କରି ଶ୍ରୀ ବସୁ, ଆମ ଦେଶର ସ୍ୱାଧୀନତା ହାସଲ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ମହାନ ନେତା ଓ ସଂଗ୍ରାମୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ପରେଡ ଓ ଡିପିଏସ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣକରାଯାଇଥିଲା । ଏତଦବ୍ୟତୀତ ସ୍ୱାଧୀନତା ଦିବସ ଅବସରରର,ବିଶୋଧନାଗାର ନିକଟସ୍ଥ ଅନାଥାଶ୍ରମକୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା ।



କୁଜଙ୍ଗ(ଭାସ୍କର ନ୍ୟୁଜ୍): କୁଜଙ୍ଗ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କୁଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ, ଅଧ୍ୟକ୍ଷା ନିନା ରାଣୀ ସାହୁ ଓ ବ୍ଲକର ସମସ୍ତ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟାଳୟ ପରିସରରେ ଥିବା ବୀର ପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । କୁଜଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବନ୍ଦିତା ଦାସଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ,ନାୟବ ସରପଞ୍ଚ ଶାନ୍ତିଲତା ସ୍ୱାଇଁ,ସମିତି ସଭ୍ୟା ରଶ୍ମିତା ନାୟକ,ସମାଜସେବୀ ଚିରଞ୍ଜିବ ନାୟକ ଓ ପ୍ରଭାସ ରଞ୍ଜନ ଦାସ ପ୍ରମୁଖଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ପାରାଦ୍ୱୀପ ଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସସ୍ମିତା ବେହେରାଙ୍କ ନେତୃତ୍ୱରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିପକ ପ୍ରସାଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଞ୍ଚାୟତରେ ସୁନାମ ଅର୍ଜନ କରିଥିବା ରାଜ୍ୟ କରାଟେ ଚମ୍ପିଅନସିପରେ ୩୫ଗୋଟି ସୋର୍ଣ୍ଣ ପଦକ ଜିତିଥିବା ପାରାଦ୍ୱୀପ କରାଟେ ଆସୋସିଏସନର ୩୦ଜଣ ପ୍ରତିଯୋଗୀଙ୍କୁ ପଦକ ଉତ୍ତରୀୟ ଓ ପଞ୍ଚାୟତ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା,ଏମ.ବି.କେ କଳ୍ପନା ମହାପାତ୍ର,ବିଷ୍ଣୁ ଚରଣ ସ୍ୱାଇଁ,ଗଗନ ବିହାରୀ ରାଉତ ପ୍ରମୁଖଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ । ନୂଆଗଡ଼ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଉନ୍ନୟନ ଅଧିକାରୀ ଦିପକ ପ୍ରସାଦ ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ସରକାରୀ ଆଇଟିଆଇ ରବିନାରାୟଣ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଜେନା, ନ୍ୟାୟ ସରପଞ୍ଚ ଶୁଭେନ୍ଦୁ କୁମାର ମୁଦୁଲି, ବିଜେପି ୪ନଂ ଜୋନ ମଣ୍ଡଳ ସଭାପତି ଗଗନ ବିହାରୀ ରାଉତଙ୍କ ସମେତ ମାତୃଶକ୍ତି ଯୁବବନ୍ଧୁ ଓ ଗୁରୁଜନ ମାନେ ଉପସ୍ଥିତ ଥିଲେ । ପଣ୍ଟୁଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି, ପଙ୍କପାଳ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସରୋଜ କୁମାର ସେଠୀ, ବାଗୋଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରଭାଞ୍ଜଳୀ ସେଠୀ, ଗୋପିଆକୁଦ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୀନିବାସ ସ୍ୱାଇଁ, ପୋତାନଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବ୍ରଜରାଜ ମହାରାଜ, ଭୂତମୁଣ୍ଡାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରୋହିତ ଜେନା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।



କଟକ(ଭାସ୍କର ନ୍ୟୁଜ): କଟକ ହରିପୁର ଦୋଳମୁଣ୍ଡାଇ ପୂଜା କମିଟିର ଚଳିତ ବର୍ଷ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତୀ ନିମନ୍ତେ କାଠ ଯୋଡ଼ି ନଦୀ ତଟରୁ ପବିତ୍ର ନନ୍ଦ ଉତ୍ସବ ତିଥିରେ ମାଟି ଅନୁକୂଳ ହୋଇଥିଲା । ଗ୍ରାମର ମୁଖ୍ୟ ପୂଜକ ପଣ୍ଡିତ ଦୟାନିଧି ଶତପଥୀ, ଦୀପକ ଶତପଥୀ ଓ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା । କର୍ତ୍ତାଭାବେ କୈଳାଶ ଅଗ୍ରୱାଲ ଓ ମା ବିମଳାଙ୍କ ଷୋଡ଼ଶ ଉପଚାର ପୂଜା ନିମନ୍ତେ ଗ୍ରାମର କଟୁଆଳ ହରେକୃଷ୍ଣ ମୂଳିଆ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ କରାଯାଇ ପୂଜା ମଣ୍ଡପକୁ ଅଣା ଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରାମର ଅଧିକାରୀ ହରେକୃଷ୍ଣ ପ୍ରଧାନ, କ୍ଷୀରୋଦ ମହାରଣା, ପୂଜା କମିଟିର ସଭାପତି ରାମକୃଷ୍ଣ ହାତୀ, ସାଧାରଣ ସମ୍ପାଦକ ବିକ୍ରମ ଛାଟୋଇ, ଲିଙ୍ଗରାଜ ହାତୀ, ରାଜ କିଶୋର ରାଉତ, ବାସୁଦେବ ବେହେରା, ବାଉରୀବନ୍ଧୁ ପରିଡ଼ା, ପ୍ରଦୀପ ମୂଳିଆ, ଅଶୋକ ମୂଳିଆ, ଗୋବିନ୍ଦ ମୂଳିଆ, ପ୍ରତାପ ମୂଳିଆ, ଉପେନ୍ଦ୍ର ବେହେରା, ସନାତନ ସ୍ୱାଇଁ, ହୃଷିକେଶ ମୂଳିଆ, ରିଟୁ ମୂଳିଆ, ଶୁଭମ୍ ମୂଳିଆ, ନିକୁ ପ୍ରଧାନ, କେତୁନି ମୂଳିଆ ପ୍ରମୁଖ ଯୋଗ ଦେଇଥିଲେ ।

## ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାଷଣ

# ସେନା ବାହିନୀର ବୀରତ୍ୱକୁ ପ୍ରଶଂସା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୯ ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ରାଜଧାନୀ ଭୁବନେଶ୍ୱରର ଗାନ୍ଧୀମାର୍ଗରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଅନ୍ୟତମ ଅତିଥି ରୂପେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ପୁଲିସ ଡିଜି ୱାଇ ବି ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ଅନ୍ୟ ବିଭାଗର ପ୍ରମୁଖ ଶାସନ ସଚିବ ଓ ବରିଷ୍ଠ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଓ ବହୁ ସଂଖ୍ୟାରେ ଜନତା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଦେଶର ସ୍ୱାଧୀନତା ନିମନ୍ତେ ପ୍ରାଣବଳୀ ଦେଇଥିବା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ଉଦ୍‌ବୋଧନ ଦେଇ କହିଲେ ଯେ ଆଜିର ଦିନ ସ୍ୱାଧୀନତା ଦିବସ ପାଳନ କରିବା ପାଇଁ କେବଳ ଏକ ପ୍ରତୀକାତ୍ମକ ଉତ୍ସବ ନୁହେଁ । ଗତ ଏପ୍ରିଲ ୨୨ରେ ପହଲଗାମରେ ଯେପରି ଭାବେ ନିରୀହ ଲୋକଙ୍କୁ ଧର୍ମ ପଚାରି ବର୍ବୋରୋଚିତ ଭାବେ ହତ୍ୟା କରାଗଲା, ତାହା କେବଳ ଏକ ସାଧାରଣ ଆତଙ୍କୀ ଆକ୍ରମଣ ନ ଥିଲା, ଏହା ଭାରତର ଜାତୀୟତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ଉପରେ ଆକ୍ରମଣ ଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଭାରତୀୟ ସେନା 'ଅପରେସନ ସିନ୍ଦୁର' ଜରିଆରେ ତା'ର ଉପଯୁକ୍ତ ଜବାବ୍ ଦେଇଥିଲା । ସେଥିପାଇଁ ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱକୁ ସମ୍ମାନ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଭାରତୀୟ ସେନା ବାହିନୀର ବୀରତ୍ୱକୁ ପ୍ରଶଂସା କରିଥିଲେ । ଭୋକାଲ୍ ଫର ଲୋକାଲ୍‌କୁ ସମର୍ଥନ କରି ସପ୍ତାହରେ ଅତି କମରେ ଥରେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ସେ ଓଡ଼ିଶାବାସୀଙ୍କୁ ଆହ୍ୱାନ ଦେଇଥିଲେ । ଜଗନ୍ନାଥ ଧାମକୁ ଏକ ବିଶ୍ୱସ୍ତରୀୟ ଧାର୍ମିକ ଏବଂ ସାଂସ୍କୃତିକ ଗନ୍ତବ୍ୟସ୍ଥଳରେ ପରିଣତ କରିବା ସହ ପୁରୀକୁ ଏକ ମହାନଗର ନିଗମ କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ । କକୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଭିତ୍ତିଭୂମି, ପରିବେଶ, ଐତିହ୍ୟ, ସଂସ୍କୃତି, ଏହି ସମସ୍ତ କ୍ଷେତ୍ରରେ ସରକାର ଧାନଦେବା ପୂର୍ବକ ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ୨୦୩୬କୁ ଦୃଷ୍ଟିରେ ରଖି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ସରକାର ୩୬ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ପରେଡ୍ ରେ ଭାଗ ନେଇଥିବା ପ୍ଲାଟୁନଙ୍କୁ ମଧ୍ୟରୁ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ଲାଟୁନମାନଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ । ସର୍ବୋତମ ୟୁନିଫର୍ମ ସଶସ୍ତ୍ର ବାହିନୀ ପାଇଁ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ, ଶ୍ରେଷ୍ଠ ରାଜ୍ୟ ସଶସ୍ତ୍ର ପ୍ଲାଟୁନ୍ ଭାବେ ଭୁବନେଶ୍ୱର ଚନ୍ଦକାର ଏସ୍‌ଓଜି, ଏନସିସିରେ ଶ୍ରେଷ୍ଠ ସିନିୟର ବିଭାଗରେ ଏନସିସି ବାଳକ ଓ ବାଳିକା ପ୍ଲାଟୁନ, ଶ୍ରେଷ୍ଠ କନିଷ୍ଠ ଏନ୍‌ସିସି ବିଭାଗରେ ସୈନିକ ସ୍କୁଲ ଭୁବନେଶ୍ୱର ଓ ଶ୍ରେଷ୍ଠ ଅଣ-ଏନ୍‌ସିସି ସ୍କୁଲରେ ବାଳକ ବିଭାଗରେ ବିଜେଇଏମ୍ ସ୍କୁଲ, କଳ୍ପନା ଛକ ଓ ବାଳିକା ବିଭାଗରେ ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର, ଶ୍ରେଷ୍ଠ ସ୍କୁଲ ବ୍ୟାଣ୍ଡରେ କ୍ୟାପିଟାଲ୍ ଗାର୍ଲସ୍ ହାଇସ୍କୁଲ, ୟୁନିଟ୍-୨ ପୁରସ୍କୃତ ହୋଇଥିଲେ । ସେହିପରି ୨୦୨୫ ଜାନୁଆରୀ ୨୬ରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ଭାଗ ନେଇଥିବା ପ୍ରଜ୍ଞାପନ ମେଢ଼ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂହ ତଥା ବିଭାଗର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଆ ଅସ୍ମିତାର ନିଦର୍ଶନ ରୂପେ ଉତ୍ସବସ୍ଥଳକୁ ବରପୁତ୍ରମାନଙ୍କର ଫଟୋଚିତ୍ରରେ ସୁସଜ୍ଜିତ କରାଯାଇଥିଲା । ଉପ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଲୋକସଂପର୍କ ଅଧିକାରୀ ରୋଜାଲିନ୍ ସାହୁ ଓ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଚାଳନା କରିଥିଲେ ।

## ସ୍ୱାଧୀନତା ଦିବସ ଅବସରରେ ରାଜ ଭବନରେ ଆଟ୍-ହୋମ୍ ଅନୁଷ୍ଠିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୯ତମ ସ୍ୱାଧୀନତା ଦିବସ ଅବସରରେ ଶୁକ୍ରବାର ଅପରାହ୍ନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟିଙ୍କ ସୌଜନ୍ୟରେ ରାଜଭବନର ନ୍ୟୁ ଅଭିଷେକ ହଲ୍‌ରେ ଆଟ୍-ହୋମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ସମାଜର ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ରାଜ୍ୟପାଳଙ୍କ ସହଧର୍ମିଣୀ ତଥା ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମ୍ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସହଧର୍ମିଣୀ ଡ. ପ୍ରିୟଙ୍କା ମାର୍ଣ୍ଡି, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶାର ଆଇନ୍ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ, ସ୍ୱାଧୀନତା ସଂଗ୍ରାମୀ, ପଦ୍ମ ପୁରସ୍କାର ବିଜେତା, ରାଜନୈତିକ ଦଳର କର୍ମକର୍ତ୍ତା, ବ୍ୟକ୍ତି ବିଶେଷ, ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀ, ବିଭିନ୍ନ ବୈଧାନିକ ସଂସ୍ଥାର ମୁଖ୍ୟ ଏବଂ କର୍ମକର୍ତ୍ତା, ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀ, ପ୍ରତିରକ୍ଷା ବିଭାଗର ପଦାଧିକାରୀ ଏବଂ ଅବସର ପ୍ରାପ୍ତ ବରିଷ୍ଠ ପଦାଧିକାରୀ, ଶିକ୍ଷାବିତ, ବୁଦ୍ଧିଜୀବୀ, ସମାଜସେବୀ, ଗଣମାଧ୍ୟମ ପ୍ରତିନିଧି, କ୍ରୀଡ଼ାବିତ୍, ସାରସ୍ୱତ ସ୍ରଷ୍ଟା, କଳାକାର ଓ ଶିଳ୍ପୀ, କର୍କଟ ରୋଗରୁ ମୁକ୍ତ ବ୍ୟକ୍ତି, ପିଭିଟିଜି ବର୍ଗର ବ୍ୟକ୍ତି ବିଶେଷ, ସରକାରଙ୍କ ବିଭିନ୍ନ ଯୋଜନାର ହିତାଧିକାରୀ ପ୍ରମୁଖ ଆଟ୍-ହୋମ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟପାଳ ଡ. କମ୍ଭମ୍ପାଟି ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ । ରାଜ୍ୟପାଳ ବିଭିନ୍ନ ବର୍ଗର ଅତିଥିଙ୍କ ସହ ମିଶିବା ସହିତ ଭାବବିନିମୟ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଏକ ବାର୍ତ୍ତାରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି ।

## ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ



କଟକ(ଭାସ୍କର ନ୍ୟୁଜ): ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ମହାଆଡ଼ମ୍ବର ସହକାରେ ୭୯ତମ ସ୍ୱାଧୀନତା ଦିବସ ଆଇନଜୀବୀ ପରିଷଦ ପରିସରରେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଛି । ଏହି ଉତ୍ସବରେ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପା ନନ୍ଦ ଦାସ, ସଦସ୍ୟ ଲକ୍ଷ୍ମୀନାରାୟଣ ପଟେଲ, ଅକ୍ଷୟ କୁମାର ପତି ଏବଂ ବହୁ ଆଇନଜୀବୀ ସାମିଲ୍ ହୋଇଥିଲେ । ପ୍ରାରମ୍ଭରେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ପରେ ରାଜ୍ୟ ଆଇନଜୀବୀ ପରିଷଦରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଓ ସଦସ୍ୟଗଣ ମାଲ୍ୟାର୍ପଣ କରିଥିଲେ ।

## ମହିଳା ଓ ଶିଶୁ ବିକାଶ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଲୋକସେବା ଭବନରେ ମହିଳା ଓ ଶିଶୁ ବିକାଶ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ବିଭାଗ ପକ୍ଷରୁ ଅପପୁଷ୍ଟି ରୋକିବା ପାଇଁ କାର୍ଯ୍ୟକାରୀ ହେଉଥିବା ଟେକ୍-ହୋମ୍-ରାସନ୍ ଯୋଜନାରେ ଦିଆଯାଉଥିବା ଖାଦ୍ୟ ବିଶେଷକରି ଛତୁଆ ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ପାଇଁ ଉପଯୁକ୍ତ ତଦାରଖ ଓ ମୂଲ୍ୟାଙ୍କନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନାଯୋଗ୍ୟ ରାଜ୍ୟରେ ବିଭିନ୍ନ ଯୋଜନାରେ ମୋଟ ୪୩,୯୨,୭୦୦ ହିତାଧିକାରୀଙ୍କୁ ବିଭିନ୍ନ ପୁଷ୍ଟି ଯୋଜନା ଅଧିନରେ ଟେକ୍-ହୋମ୍-ରେସନ୍‌ରେ ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟ ଦିଆଯାଉଛି । ଡା ପୁଷ୍ଟି କାର୍ଯ୍ୟକ୍ରମରେ ଅଙ୍ଗନବାଡୀ କେନ୍ଦ୍ରକୁ ଯାଇ ପାରୁନଥିବା ପିଲାଙ୍କ ପାଇଁ ଘରେ ଠିକ୍ ସମୟରେ ଖାଦ୍ୟ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ଅଙ୍ଗନବାଡି କେନ୍ଦ୍ରର ପିଲାଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ ଓ ଜୋତା ଯୋଗାଣରେ ରାଜ୍ୟର କ୍ଷୁଦ୍ର ଶିଳ୍ପକୁ ଅନ୍ତର୍ଭୁକ୍ତ ପାଇଁ କହିଥିଲେ । ବୈଠକରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

## ମହାନ ସନ୍ଥ ରାମକୃଷ୍ଣ ପରମହଂସଙ୍କୁ ନମନ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନ ସନ୍ଥ ରାମକୃଷ୍ଣ ପରମହଂସଙ୍କୁ ତାଙ୍କ ପୁଣ୍ୟତିଥିରେ ନମନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭାରତୀୟ ଆଧ୍ୟାତ୍ମିକତାର ଅଦ୍ୱିତୀୟ ପ୍ରତୀକ, ମହାନ ସନ୍ଥ ଓ ଚିନ୍ତକ ଶ୍ରୀ ରାମକୃଷ୍ଣ ପରମହଂସ ଜୀଙ୍କ ପୁଣ୍ୟତିଥିରେ ମୁଁ ତାଙ୍କୁ କୋଟି କୋଟି ନମନ କରୁଛି । ମା କାଳୀଙ୍କ ପରମ ଭକ୍ତ ଶ୍ରୀ ରାମକୃଷ୍ଣ ପରମହଂସ ଜୀ ଜଣେ ଅଦ୍ୱିତୀୟ ସନ୍ଥ ଥିଲେ, ଯିଏ ଜୀବନର ସରଳତା ଓ ଅନନ୍ୟ ଭକ୍ତି ଦ୍ୱାରା ଆମକୁ ଈଶ୍ୱର ପ୍ରତି ଆମର ଦୃଷ୍ଟିକୋଣ ବଦଳେଇବାକୁ ପ୍ରେରଣା ଦେଇଥିଲେ । ତାଙ୍କର ଜୀବନ ଏକ ସାଧାରଣ ବ୍ୟକ୍ତିରୁ ଆରମ୍ଭ କରି ଶ୍ରେଷ୍ଠତମ ଦିବ୍ୟ ଅନୁଭୂତିକୁ ପ୍ରାପ୍ତ କରିବା ପର୍ଯ୍ୟନ୍ତର ଏକ ଅଦ୍ଭୁତ ଦୃଷ୍ଟାନ୍ତ ଅଟେ । ସେ ବିଶ୍ୱ ବନ୍ଧୁତ୍ୱ ଭାବନାର ପ୍ରତୀକ ଥିଲେ । ତାଙ୍କର ଅନୁଭୂତି ଓ ଶିକ୍ଷାଗୁଡ଼ିକ ଆଜି ମଧ୍ୟ ଆମ ଜୀବନରେ ଦିଗ ଦେବା କାମ କରୁଛି ।

## ୫ ଜିଲ୍ଲାରେ ଖୁବ୍‌ଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ ହେବେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶନିବାର ଅପରାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷାକୁ ଅଧିକ ସୁଦୃଢ କରିବାପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୁଲ୍ୟରେ ଆୟୋଜିତ ଏହି ବୈଠକରେ ସଡକ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜ ସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲ୍ଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି । ବିଶେଷକରି ଦୁଇ ଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ ଜିଲ୍ଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା ଏସପି ମାନେ ଏହି ୱାର୍ଡେନଙ୍କୁ ନିଯୁକ୍ତି ପ୍ରଦାନ କରିବେ ଏବଂ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଥିଲେ ।

## ନବୀନ ନିବାସରେ ବଡ଼ ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ନବୀନ ନିବାସରେ ବଡ଼ ବୈଠକ ବସିଛି । ଜିଲ୍ଲା ସଭାପତି, ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡ଼କାଯାଇଛି । ସୁଦାମ ମାରାଣ୍ଡି, ଅମର ପଟ୍ଟନାୟକ, ରୋହିତ ଜୋଶେଫ ତିର୍କି, ପ୍ରଫୁଲ୍ଲ ସାମଲ, ଜଗନ୍ନାଥ ସାରକା, ସାଲୁଗା ପ୍ରଧାନଙ୍କ ସହ ଅନ୍ୟ କିଛି ନେତା ଉପସ୍ଥିତ ଅଛନ୍ତି । ସଂଗଠନର ସ୍ଥିତି ବାବଦରେ ଦଳର ସୁପ୍ରିମୋଙ୍କ ସହ ହେବ ଆଲୋଚନା । ମୁମ୍ବାଇରୁ ସୁସ୍ଥ ହୋଇ ଫେରିବା ପରେ ନବୀନ ନିବାସରେ ବସିଛି ବୈଠକ ।

## ରାଜଧାନୀ ଭରତପୁରରେ ବୋମାମାଡ଼ ଘଟଣା ଅପରାଧ ଜରିଆରେ ଶାସନ କଳକୁ ନିୟନ୍ତ୍ରଣ କରୁଛି ବିଜେପି: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଶାସନିକ କଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଶାସକ ବିଜେପି ଅପରାଧକୁ ମାଧ୍ୟମ କରିଛି । ରାଜଧାନୀ ଭରତପୁରରେ ମୂଲ୍ୟବାନ ସରକାରୀ ଜମିକୁ ହଡ଼ପ କରିବା ପାଇଁ ବିଜେପି ସଂଗଠିତ ହିଂସାର ଆଶ୍ରୟ ନେଉଥିବା ବିଜୁ ଜନତା ଦଳ କହିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ, କିଛିଦିନ ତଳେ ଭରତପୁର ଥାନା ଅଞ୍ଚଳରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଓ ବୋମାମାଡ଼ ଘଟଣାରେ ଶାସକ ବିଜେପି ଦଳର ଶ୍ରୀକୃଷ୍ଣ ମଣ୍ଡଳ ସଭାପତି ସ୍ମୃତି ରଞ୍ଜନ ଦାସ ଗିରଫ ହୋଇଛନ୍ତି । ଘଟଣାଦିନ ସଂଘବଦ୍ଧ ଭାବେ ପ୍ରାୟ ୨୦ ଯୁବକ ବୋମାମାଡ଼ କରି ୪ରୁ ୫ ଗାଡ଼ି ପୋଡ଼ି ଦେଇଥିଲେ । ଦୀର୍ଘଦିନ ଧରି ଭରତପୁରରେ ଥିବା ମୂଲ୍ୟବାନ ସରକାରୀ ଜମି ଜବରଦଖଲ କରିବାରେ ଶାସକ ବିଜେପି ଦଳର ସମ୍ପୃକ୍ତି ନେଇ ଅଭିଯୋଗ ହୋଇଆସୁଛି । ସ୍ମୃତି ରଞ୍ଜନ ଦାସ ସ୍ଥାନୀୟ ସାଂସଦ ଓ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀଙ୍କ ଘନିଷ୍ଠ ସହଯୋଗୀ ହୋଇଥିବାରୁ ପୋଲିସ୍ ଓ ପ୍ରଶାସନର ଭୟ ଦେଖାଇ ରାଜଧାନୀର ଛାତି ଉପରେ ଏଭଳି ହିଂସା ଘଟାଇବା ପାଇଁ ସାହସ କରିପାରିଛନ୍ତି । ମହିଳା ପୋଲିସ୍ ଅଧିକାରୀ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ବିଜେପି ନେତା ଦୁର୍ବ୍ୟବହାର କରିବାରେ ପଛାଉ ନାହାନ୍ତି । ସାରା ରାଜ୍ୟରେ ବାଲି, ମୋରମ ଭଳି ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଚାଲାଣକୁ ବିଜେପିର ପୃଷ୍ଠପୋଷକତାରେ ଅପରାଧୀମାନେ ନିୟନ୍ତ୍ରଣ କରୁଛନ୍ତି । ନୀତି ନୈତିକାର ପାଠ ପଢ଼ାଉଥିବା ବିଜେପି ନେତାମାନେ କ୍ଷମତାର ଅପବ୍ୟବହାର କରି ହିଂସା ମାଧ୍ୟମରେ ସରକାରୀ ସମ୍ପତ୍ତି ହଡ଼ପ କରିବା ଦୁର୍ଭାଗ୍ୟଜନକ ।

## ଶିକ୍ଷକଙ୍କୁ ମୋହନ ସରକାର ପ୍ରତାରଣା କରନ୍ତୁ ନାହିଁ: ଭକ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେପି ସରକାର ଗଠନ କରିବା ୧୪ ମାସ ମଧ୍ୟରେ ନାରୀ ନିର୍ଯାତନା, ଅପରାଧ, ଲୋକଙ୍କ ଦୁର୍ଦ୍ଦଶା, ମିଥ୍ୟା ପ୍ରତିଶ୍ରୁତି ଆଦି ପୂର୍ବର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି । ବର୍ତମାନ ମୋହନ ସରକାରଙ୍କ ଦ୍ୱାରା ପ୍ରତାରିତ ଶିକ୍ଷକ ରାଜରାସ୍ତାରେ । ଆଜି ଦୁଇଗୋଟି ଭିନ୍ନ ଅନୁଷ୍ଠାନ ତାଙ୍କ ଦାବି ନେଇ ସଚିବାଳୟ ସମ୍ମୁଖ ମହାତ୍ମା ଗାନ୍ଧୀ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରତାରିତ ଶିକ୍ଷକ ଓ ଅଧ୍ୟାପକଙ୍କ ଦାବିମାନ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବା ପାଇଁ ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ସରକାର କର୍ପୋରେଟ ହାଉସ ଦ୍ୱାରା ପରିଚାଳିତ ସ୍କୁଲ ଓ ଶିକ୍ଷାନୁଷ୍ଠାନଙ୍କୁ ଅଗ୍ରାଧିକାର ଦେଉଥିବା ବେଳେ ନିଜ ଶିକ୍ଷାନୁଷ୍ଠାନ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି । ଶିକ୍ଷକଙ୍କୁ ପେନସନ, ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡିକର ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା ସହ ୨୦୪ରୁ ୨୦୨୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଗୋଟି ନେସନାଲ ଇନକ୍ରିମେଣ୍ଟ, ବରିଷ୍ଠତା ପ୍ରଦାନ, ନୂତନ ପେନସନ ବଦଳରେ ପୁରାତନ ପେନସନ ସ୍କିମର ପ୍ରଚଳନ, ଅବସର ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି ଓ ଗ୍ରେଡ଼ ପେରେ ଥିବା ଅସଙ୍ଗତିକୁ ଦୂରୀକରଣ ଆଦି ଦାବି ନେଇ ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୂଚନାଯୋଗ୍ୟ, ମୋହନ ସରକାର ଆସିବା ଦିନଠୁ ୧୨ ଥର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରତ୍ୟକ୍ଷ ସାକ୍ଷାତକରି ଦାବି ଜଣେଇଥିଲେ ସୁଦ୍ଧା ସରକାର କିଛି ପଦକ୍ଷେପ ନେଇ ନାହାନ୍ତି । ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ମହାସଂଘ ଏବଂ ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ସମସ୍ତ ଶିକ୍ଷକ ଏବଂ କର୍ମଚାରୀଙ୍କ ପ୍ରତି ସରକାରଙ୍କ ପ୍ରତାଡନାକୁ ନିନ୍ଦା କରିବା ସହ ଅତିଶୀଘ୍ର ସେମାନଙ୍କ ଦାବି ଗ୍ରହଣ କରି ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସରକାରଙ୍କଠାରେ ଦାବି କରୁଛି ।

## ଅଟଳଜୀ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ: ମନମୋହନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମହାନ୍ ରାଷ୍ଟ୍ରପୁରୁଷ, ଦୂରଦ୍ରଷ୍ଟା, ଭାରତରତ୍ନ ତଥା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଆଜି ୭ମ ତମ ବାର୍ଷିକ ପୂଣ୍ୟତିଥିରେ ରାଜ୍ୟ ବିଜେପି ନେତୃବୃନ୍ଦ ଓ କାର୍ଯ୍ୟକର୍ତାଙ୍କ ସମେତ ସାରା ଓଡିଶାବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ ଭୁବନେଶ୍ୱରରେ ଏମ୍ସ ହସ୍ପିଟାଲ ପରିସରସ୍ଥିତ ବାଜପେୟୀଜିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ରାଜନୀତିର ରଣବୀର, ଶବ୍ଦର ଶିଳ୍ପୀ ଭାରତରତ୍ନ ଅଟଳଜୀ ସଡକ କ୍ରାନ୍ତିର ଜନକ ଭାବେ ପରିଚିତ । ଅଟଳଜୀଙ୍କ ଶାସନ କାଳରେ ଦେଶରେ ଗମନାଗମନ କ୍ଷେତ୍ରରେ ହୋଇଥିଲା ଯୁଗାନ୍ତକାରୀ ପରିବର୍ତନ । ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ହେଉ କି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଭାରତକୁ ନୂଆ ଦିଶା ଦେଇଛନ୍ତି ଅଟଳଜୀ । ଓଡିଶାକୁ ଜାତୀୟ ରାଜପଥରେ ୧୫୦୦ କିମିରୁ ୩୪୦୦ କିମିରେ ପହଞ୍ଚାଇଥିଲେ । ଅଟଳଜୀ ଭାରତବର୍ଷର ଐତିହାସିକ ପରିବର୍ତନ କରିଥିଲେ । ଭାରତର ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଜୀ କେବଳ ଜଣେ ରାଜନୀତିଜ୍ଞ ନଥିଲେ ସେ ଜଣେ ଯୁଗଜନ୍ମା ଓ ରାଷ୍ଟ୍ରନୀତିଜ୍ଞ ଥିଲେ । ଭାରତର ବିକାଶ ଅଗ୍ରଗତିକୁ ପ୍ରୋତ୍ସାହିତ କରି ବ୍ୟାପକ କ୍ଷେତ୍ରରେ ଦେଶକୁ ଏକବିଂଶ ଶତାବ୍ଦୀକୁ ଘେନି ଯିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୯୯ ମହାବାତ୍ୟା ପରେ ଓଡିଶାବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଜୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ । ଗ୍ରାମ ସଡକ ଯୋଜନା, ଗାଁରେ ମୋବାଇଲ ସଂଯୋଗ, ଅନ୍ତୋଦୟ ଏବଂ ଅନ୍ନପୂର୍ଣ୍ଣା ଯୋଜନାରେ ଗରିବଙ୍କ ପାଖରେ ଅନ୍ନ ପହଞ୍ଚାଇବାରେ ତାଙ୍କ ଯୋଗଦାନ ଅତୁଳନୀୟ । ଭାରତବର୍ଷର ଯୁବପିଢୀ ସ୍ୱର୍ଗତଃ ଅଟଳଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ୍ । ଅଟଳଜୀ ଚିର ନମସ୍ୟ ଓ ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

## ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



କଟକ(ଭାସ୍କର ନ୍ୟୁଜ): ସମାଜସେବୀ ତଥା ବାଲୁ ବଜାର ପୂଜା କମିଟି ସଭାପତି ପୃଥ୍ୱୀରାଜ ସାହୁଙ୍କ ଦ୍ୱାରା ସରକାରୀ ଅଭ୍ୟାସ ବାଳିକା ହାଇସ୍କୁଲରେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ମନୋରମା ରଥ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱରଂଜନ ନାୟକ, ସମ୍ମାନୀୟ ଅତିଥି ବରିଷ୍ଠ ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ ଯୋଗ ଦେଇଥିଲେ । ସଭାରେ ସମାଜସେବୀ ତଥା ଉପର ତେଲେଙ୍ଗା ବଜାର ପୂଜା କମିଟି ସହ ସମ୍ପାଦକ ସମ୍ପଦ କୁମାର ମଲ୍ଲିକ, ସୟଦ କାଶୀଫୁଲ ଇସଲାମ (ସିଆରସିସି), ଶିକ୍ଷୟିତ୍ରୀ ରଶ୍ମିତା ବେହେରା, ସୁନିତା ନାୟକ, ପ୍ରୀତି ଦାସ, ମଧୁସ୍ମିତା ମଲ୍ଲିକ, ଅର୍ଣ୍ଣପୂର୍ଣ୍ଣା ମହାରଣା, ମିନତୀ ସାହୁ ଓ ନିହାରିକା ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅତିଥିମାନେ ସ୍କୁଲରେ ସର୍ବୋଚ୍ଚ ନଂ ରଖିଥିବା କୃତୀ ଛାତ୍ରୀ ଶିବାନୀ ବାରିକ, ପ୍ରିୟଙ୍କା ସେଠି, ପୁଷ୍ପମାସୀ ବେହେରା, ଆୟେଶା ମହାରଣା ଓ ଅଙ୍କିତା ଜେନାଙ୍କୁ ପୁଷ୍ପଗୁଚ୍ଛ, ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ ଦୁଇଜଣ ପୁରାତନ ଛାତ୍ରୀ ଶୁଭସ୍ମିତା ସିଂ ଓ ସତ୍ୟରୁପା ବେହେରାଙ୍କୁ ମଧ୍ୟ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀୟ ଅତିଥି ଫୋଟୋ ସାମ୍ବାଦିକ ଶ୍ରୀ ମଲ୍ଲିକ ଫେସବୁକ ସାମାଜିକ ଅନୁଷ୍ଠାନ ଆମ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସର୍ବୋଚ୍ଚ ନଂ ରଖିଥିବା ପ୍ରଥମ ଛାତ୍ରୀଙ୍କୁ ପାଞ୍ଚଶହ ଟଙ୍କା ଦ୍ୱିତୀୟ ଛାତ୍ରୀଙ୍କୁ ଦୁଇଶହ ଟଙ୍କା ଓ ତୃତୀୟ ଛାତ୍ରୀଙ୍କୁ ଏକଶହ ଟଙ୍କା ସହିତ ଏକ କଲମ ଉପହାର ସ୍ୱରୂପ ଦେଇ କୃତୀ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସଭା ଶେଷରେ ଶରତ ବେହେରା ଧନ୍ୟବାଦ ଦେଇଥିଲେ ।

## ଜାତୀୟ ପତାକା ଉତ୍ତୋଳନ କଲେ ଉପମୁଖ୍ୟମନ୍ତ୍ରୀ




କଟକ(ଭାସ୍କର ନ୍ୟୁଜ): ସ୍ୱାଧୀନତା କେବଳ ୧୯୪୭ ମସିହାର ଗୋଟିଏ ଦିନର କାହାଣୀ ନୁହେଁ- ଏହା ହେଉଛି ଆମ ଉପରେ ନ୍ୟସ୍ତ ହୋଇଥିବା ପ୍ରତ୍ୟେକ ଦିନର ଦାୟିତ୍ୱ । ଏହାକୁ ସୁରକ୍ଷିତ ରଖିବା ହେଉଛି ଆମ୍ଭମାନଙ୍କର କର୍ତ୍ତବ୍ୟ । ନ୍ୟାୟ, ଶିକ୍ଷା, ସମାନତା ଓ ବିକାଶ କ୍ଷେତ୍ରରେ ଓଡିଶାକୁ ଆଗକୁ ନେବାକୁ ହେବ ଏବଂ ଉତ୍ତର ପିଢୀଙ୍କୁ କଷ୍ଟଲବ୍ଧ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝାଇବାକୁ ହେବ । ଶାନ୍ତି, ମୈତ୍ରୀ ଓ ପ୍ରଗତିର ପ୍ରତୀକ କଟକ ସହର ବିକାଶ ପଥରେ ଅଗ୍ରସର ହେଉ । ବିକାଶ ଯାତ୍ରାକୁ ଆହୁରି ବଳିଷ୍ଠ କରି କଟକକୁ ଦେଶରେ ତଥା ବିଶ୍ୱରେ ଏକ ଆଦର୍ଶ ସହର ରୂପେ ଗଢି ତୋଳିବା ପାଇଁ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ । ୭୯ ତମ ସ୍ୱାଧୀନତା ଦିବସ ଅବସରରେ କଟକ ବାରବାଟୀ ଷ୍ଟାଡିଅମରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି କଟକ ଜିଲ୍ଲାରେ ସୁଭଦ୍ରା ପ୍ଲସ ନାମରେ ଯୋଜନା ଖୁବ ଶୀଘ୍ର ଲାଗୁ ହେବା ପାଇଁ ଯାଉଛି । ସମଗ୍ର ରାଜ୍ୟରେ ପ୍ରଥମଥର ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଯୋଜନା ଲାଗୁ କରାଯିବ । ଉଦ୍ୟୋଗୀ ମହିଳାଙ୍କ ପାଇଁ ଆବଶ୍ୟକୀୟ ଯନ୍ତ୍ରପାତି, ସରଞ୍ଜାମ କ୍ରୟ ପାଇଁ ସୁଭଦ୍ରା ପ୍ଲସ ବେଶ ସହାୟକ ହୋଇପାରିବ । ଉପମୁଖ୍ୟମନ୍ତ୍ରୀ ଅଭିଭାଷଣରେ କହିଛନ୍ତି, କଟକ ସହରର ମାତା ମଠସ୍ଥିତ ସିଲଭର ସିଟି ବୋଟ କ୍ଲବର ବିକାଶ ଓ ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ଓ ଭିତ୍ତିଭୂମି ବିକାଶ ନିମନ୍ତେ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ବହୁ ସ୍ୱାଧୀନତା ସଂଗ୍ରାମୀ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରି ହେଉ ଅଥବା କଟକକୁ ନିଜର କର୍ମଭୂମି ଭାବରେ କିମ୍ବା ସାଧନାର ପୀଠ ଭାବରେ ଗ୍ରହଣ କରି ନିଜକୁ ଜାତୀୟ ସଂଗ୍ରାମରେ ସାମିଲ କରିଥିଲେ । ଗୋପବନ୍ଧୁ ଚୌଧୁରୀ, କର୍ମବୀର ଗୌରିଶଙ୍କର, ନବକୃଷ୍ଣ ଚୌଧୁରୀ, ମା' ରମାଦେବୀ, ବିଶ୍ୱନାଥ ଦାସ, ହରେକୃଷ୍ଣ ମହତାବ, ମନମୋହନ ଚୌଧୁରୀ, ମାଳତୀ ଚୌଧୁରୀ, ବିଶ୍ୱନାଥ ପଣ୍ଡିତ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ରାଜକୃଷ୍ଣ ବୋଷଙ୍କ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀ ଓ ଜନସେବକ ଅବିଭକ୍ତ କଟକ ଜିଲ୍ଲାରେ ସ୍ୱାଧୀନତା ସଂଗ୍ରାମକୁ ଚଳାଇ ରଖିବାରେ ବହୁ କଷ୍ଟ ସ୍ୱୀକାର କରିଥିଲେ । ଐତିହାସିକ ନୌବାଣିଜ୍ୟର ସଂସ୍କୃତିର ବାର୍ତ୍ତା ବହନ କରୁଥିବା କଟକ-ବାଲିଯାତ୍ରା ଆଜି ବିଶ୍ୱ ସଂସ୍କୃତି ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି । କଟକ ବାଲିଯାତ୍ରା ଓଡ଼ିଶାର ସାଧବପୁଅଙ୍କର ପ୍ରାଚୀନ ନୌବାଣିଜ୍ୟ ଓ ଓଡ଼ିଶାର ବୈଭବର ସ୍ମରଣ କରାଇଥାଏ । ସୂଚନାଯୋଗ୍ୟ, ଉପମୁଖ୍ୟମନ୍ତ୍ରୀ ତଥା ମୁଖ୍ୟଅତିଥି ବାରବାଟୀ ଷ୍ଟାଡିଅମରେ ପହଞ୍ଚିବା ପରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ସ୍ୱାଗତ ଜଣାଇବା ସହ ଅଭିବାଦନ ମଞ୍ଚକୁ ପାଛୋଟି ନେଇଥିଲେ । ଉଲ୍ଲେଖନୀୟ ସେବା ନିମନ୍ତେ ଜିଲ୍ଲାର ଶ୍ରେଷ୍ଠ ଛାତ୍ର, ଛାତ୍ରୀ, ଶିକ୍ଷକ, ପୋଲିସ୍, ଅଗ୍ନିଶମ ସେବା, ବନ ବିଭାଗ, ସ୍ୱଚ୍ଛତା କର୍ମଚାରୀ ଓ ଜନସେବାରେ ନିୟୋଜିତ ବ୍ୟକ୍ତିବିଶେଷ, ଅନୁଷ୍ଠାନ ଏବଂ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ । ଉତ୍ସବରେ ବିଧାୟିକା ବାରବାଟୀ-କଟକ ଇଂ ସୋଫିଆ ଫିର୍ଦ୍ଦୋସଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଡକ୍ଟର ଦିବ୍ୟଲୋଚନ ମହନ୍ତ, ଡଃ ଈପ୍ସିତା ପ୍ରିୟଦର୍ଶନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟ ସମ୍ପାଦନ କରିଥିଲେ ।



ଏ ଦୁନିଆ ପାନ୍ଥଶାଳେ ନିତି କେତେ ପାନ୍ଥ
ଆସୁଛନ୍ତି ଭିକ୍ଷୁପରି, ଶୂନ୍ୟ କରି ହାତ।
ଯିବ ପୁଣି ଏକା ଶୂନ୍ୟେ ଫେରି ନିଜ ପଥେ,
ମିଳନର ଆଡ଼ମ୍ବର ଲିଭିଯିବ ସତେ।

-ସଚ୍ଚିଦାନନ୍ଦ ରାଉତରାୟ



ଈର୍ଷା ଏବଂ ଘୃଣାର ନିଆଁରେ ଜଳୁଥିବା ଏଇ ଦୁନିଆରେ ହସ ଓ ଖୁସି କେବେବି ସ୍ଥାୟୀ ହୋଇପାରିବ ନାହିଁ।

-ଗୌତମ ବୁଦ୍ଧ



# ଏକ୍ସପ୍ରେସ୍ ପଥରେ ବିକାଶ ରଥ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରୁ ମହୀଶୂରକୁ ଯୋଡୁଥିବା ୧୧୮ କିଲୋମିଟର ଏକ୍ସପ୍ରେସ୍‌ୱେ ନିର୍ମାଣ ହେବ। ପୂର୍ବରୁ ଏହି ଦୁଇ ସହରକୁ ଯାତ୍ରା ତିନି ଘଣ୍ଟା ଲାଗୁଥିବା ବେଳେ ଏବେ ମାତ୍ର ୭୫ ମିନିଟ୍ ଲାଗିବ। ଏହାକୁ ମିଶାଇ ଅଦ୍ୟାବଧି ଦେଶରେ ମୋଟ ୪୯୦୧ କି.ମି. ଲମ୍ବର ୪୭ଟି ଏକ୍ସପ୍ରେସ୍‌ୱେ କାର୍ଯ୍ୟକ୍ଷମ। ଏହା ପୂର୍ବରୁ ଚଳିତବର୍ଷର ଫେବୃଆରୀ ମାସ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ- ମୁମ୍ବାଇ ଏକ୍ସପ୍ରେସ୍‌ୱେର ପ୍ରଥମ ଭାଗର ୨୪୬ କିଲୋମିଟର ଦିଲ୍ଲୀ-ଦୌସା-ଲାଲସଟ୍ ରାସ୍ତାର ଶୁଭାରମ୍ଭ କରିଥିଲେ। ଏହା ଦ୍ୱାରା ଦିଲ୍ଲୀରୁ ଜୟପୁରକୁ ଯାତ୍ରା ୩.୫ ଘଣ୍ଟା କମ୍ ଲାଗିବ। ୧୩୮୦ କିଲୋମିଟର ଦୀର୍ଘ ଦିଲ୍ଲୀ- ମୁମ୍ବାଇ ଏକ୍ସପ୍ରେସ୍‌ୱେ କେବଳ ଭାରତର ଦୀର୍ଘତମ ଏକ୍ସପ୍ରେସ୍‌ୱେ ନୁହେଁ, ଏହା ପୃଥିବୀର ଅନ୍ୟତମ ଦୀର୍ଘ ଏକ୍ସପ୍ରେସ୍‌ୱେ। ୨୦୧୫ ମସିହାରୁ ଆରମ୍ଭ ହୋଇଥିବା 'ଭାରତମାଳା ପରିଯୋଜନା' ଅନ୍ତର୍ଭୁକ୍ତ ଏହି ଏକ୍ସପ୍ରେସ୍‌ୱେ ଏକ ଉଚ୍ଚରପିଡ୍‌ୀୟ ସଡ଼କପଥ। ଭାରତର ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଓ ବିତ୍ତୀୟ ରାଜଧାନୀ ମୁମ୍ବାଇରୁ ଯୋଗ କରୁଥିବା ଏହି ଏକ୍ସପ୍ରେସ୍‌ୱେ ଏସିଆର ପ୍ରଥମ ଓ ପୃଥିବୀର ଦ୍ୱିତୀୟ ଗ୍ରୀନଫିଲ୍ଡ ଏକ୍ସପ୍ରେସ୍‌ୱେ ଯେଉଁଥିରେ ବନ୍ୟଜନ୍ତୁଙ୍କର ଅବାଧ ଚଳପ୍ରଚଳ ପାଇଁ ଓଭରପାସ୍ ଓ ଅଣ୍ଡରପାସ୍‌ର ବ୍ୟବସ୍ଥା କରାଯାଇଛି। ଅପ୍ଟିକାଲ୍ ଫାଇବର୍ କେବୁଲ୍, ପାଇପ୍ ଲାଇନ୍ ଓ ସୌରଶକ୍ତି ପାନେଲ୍ ସହିତ ୟୁଟିଲିଟି ଲାଇନ୍ ବିଛାଯିବା ପାଇଁ ତିନିମିଟର ଓସାରର ଏକ ଡେଡିକେଟେଡ୍ କରିଡର୍ ରହିଛି। ସଂପୂର୍ଣ୍ଣ ସଡ଼କପଥକୁ ସ୍ୱୟଂଚାଳିତ ଟ୍ରାଫିକ ଦ୍ୱାରା ନିୟନ୍ତ୍ରଣ କରିବାର ବ୍ୟବସ୍ଥା ସହିତ ୨୦୦୦ରୁ ଅଧିକ ୱାଟର ଚାର୍ଜିଙ୍ଗ୍ ପଏଣ୍ଟ ଏବଂ ପ୍ରତି ୫୦୦ ମିଟରରେ ବର୍ଷାଜଳ ସଂରକ୍ଷଣର ବ୍ୟବସ୍ଥା ରହିଛି। ଏହି ଏକ୍ସପ୍ରେସ୍‌ୱେ ଦ୍ୱାରା ଦିଲ୍ଲୀରୁ ମୁମ୍ବାଇର ଦୂରତ୍ୱ ୧୪୨୪ କି.ମି.ରୁ ୧୨% କମି ୧୨୪୨ କି.ମି. ହେବ। ସେହିପରି ଯାତ୍ରା ସମୟ ୨୪ ଘଣ୍ଟାରୁ ୧୨ ଘଣ୍ଟାକୁ ହ୍ରାସ ପାଇବ। ଏ ସମସ୍ତ ସୁବିଧା ବ୍ୟତୀତ ଏହି ଏକ୍ସପ୍ରେସ୍‌ୱେରୁ ମାସିକ ୧୦୦୦ ରୁ ୧୫୦୦ କୋଟି ଟଙ୍କା ପଥକର ଆଦାୟ ହେବ ବୋଲି ଆକଳନ କରାଯାଇଛି।

ଗୋଟିଏ ଦେଶର ପ୍ରଗତି ଯେ ତା'ର ଭିତ୍ତିଭୂମି ବିଶେଷ କରି ଉନ୍ନତ ସଡ଼କପଥ ଉପରେ ନିର୍ଭର କରେ ତାହା ଭାରତ ଠାରୁ ଅଧିକ କେଉଁ ଦେଶ ବୁଝିଛି? ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ, ବିସ୍ତୀର୍ଣ୍ଣ ଉର୍ବର ସମତଳ ଅଞ୍ଚଳ, ତୀକ୍ଷ୍ଣ ବୁଦ୍ଧି ଓ ଜ୍ଞାନସଂପନ୍ନ ତଥା ପରିଶ୍ରମୀ ବିରାଟ ମାନବସମ୍ବଳ ଏବଂ ଶହଶହ ସରକାରୀ ଯୋଜନା ସତ୍ତ୍ୱେ ଦେଶ ଯେତିକି ପ୍ରଗତି ହାସଲ କରିବା କଥା ସେତିକି କରିପାରିନି। ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଏହାଦ୍ୱାରା ଅନ୍ୟ ସମସ୍ତ ବିକାଶରେ ଭିତ୍ତିଭୂମି ବିଶେଷ କରି ସଡ଼କପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ହୃଦୟଙ୍ଗମ କରିଛନ୍ତି ସରକାର। ଭାରତର ମୋଟ ଘରୋଇ ଉତ୍ପାଦକୁ ଏହାର ଅବଦାନ ୩.୬%। ଦେଶର ଯାତ୍ରୀ ପରିବହନର ୮୫% ଓ ଦ୍ରବ୍ୟ ପରିବହନର ୭୦% ସଡ଼କପଥ ଦ୍ୱାରା ସମ୍ପାଦିତ ହୋଇଥାଏ। ଏକ୍ସପ୍ରେସ୍‌ୱେ ଭାରତର ସଡ଼କପଥ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର। ଅତ୍ୟନ୍ତ ସୂକ୍ଷ୍ମ ପରିମାପ ସହିତ ଏହି ରାସ୍ତା ନିର୍ମାଣ କରାଯାଏ ଏବଂ ଏହି ରାସ୍ତାରେ ଦୈନନ୍ଦିନ ଜୀବନଯାତ୍ରା ସମ୍ବନ୍ଧିତ ଯାତ୍ରୀ ଓ ଯାନବାହନ ଚଳାଚଳ ପାଇଁ ଅନୁମତି ନ ଥାଏ। ତେଣୁ ଏଠାରେ ଯାଉଥିବା ଯାନବାହନ ବିନା ବାଧାବିଘ୍ନରେ ନିର୍ଦ୍ଧାରିତ ଗତିରେ ଚଳାଚଳ କରିପାରନ୍ତି। ୨୦୨୩ ମସିହା ମାର୍ଚ୍ଚ ମାସ ପ୍ରଥମ ସପ୍ତାହ ସୁଦ୍ଧା ଭାରତରେ ମୋଟ ୪୦୬୮.୨୭ କି.ମି. ଏକ୍ସପ୍ରେସ୍ ପଥ ଥିବାବେଳେ ୨୦୨୫ ମସିହା ବେଳକୁ ଏହା ସହିତ ଆହୁରି ୧୮୬୩୭ କିଲୋମିଟର ଯୋଡ଼ି ହେବ।

ସଡ଼କପଥ ଦୃଷ୍ଟିରୁ ଦେଖିଲେ ଭାରତ ପୃଥିବୀର ଏକ ପ୍ରମୁଖ ଦେଶ। ଏକ ବୃହତ ସଂଯୋଜିତ ସଂରଚନା ଦ୍ୱାରା ରାଜ୍ୟମାନଙ୍କ ମଧ୍ୟରେ ଜନ, ସାମଗ୍ରୀ ଓ ସେବାର ସ୍ଥାନାନ୍ତରଣ ସୁବିଧା ଓ ସହଜରେ ସମ୍ଭବ ହୋଇଥାଏ। ୨୦୧୫ ମସିହାରେ ଆରମ୍ଭ ହୋଇଥିବା ଭାରତମାଳା ପରିଯୋଜନା ଦୂରଦୂରାନ୍ତ ସ୍ଥାନମାନଙ୍କର ସଂଯୋଗୀକରଣ କ୍ଷେତ୍ରରେ ବୈପ୍ଳବିକ ଅଗ୍ରଗତି ଆଣିବା ସହିତ ଦ୍ରୁତ, ନିର୍ଭରଯୋଗ୍ୟ ଓ ନିରାପଦ ଯାତାୟାତକୁ ସୁନିଶ୍ଚିତ କରିଛି। ଅପହଞ୍ଚ ସୀମାନ୍ତ ଅଞ୍ଚଳ ଓ ଅର୍ଥନୈତିକ ଅଳିନ୍ଦ ସହିତ ବିତରଣ କେନ୍ଦ୍ର, ଉତ୍ପାଦନସ୍ଥଳୀ ଓ ବଜାରର ସଂଯୋଗୀକରଣ ଦ୍ୱାରା ପରିବହନ ସମୟ ଯଥେଷ୍ଟ ପରିମାଣରେ କମିବା ଫଳରେ ଯୋଗାଣ ଶୃଙ୍ଖଳର ଖର୍ଚ୍ଚ ୬% - ୧୮% ପର୍ଯ୍ୟନ୍ତ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି।

**ମୁଦ୍ରା କାହାଣୀ**

ଉତ୍ତମ ସଡ଼କବ୍ୟବସ୍ଥା ଗୋଟିଏ ବିରାଟଦେଶକୁ ଏକ କ୍ଷୁଦ୍ର ଭୌଗୋଳିକ ଭୂଖଣ୍ଡରେ ପରିଣତ କରିଥାଏ। ତେଣୁ ଏହା ଦେଶର ଆଞ୍ଚଳିକ ଅର୍ଥନୈତିକ ବୈଷମ୍ୟ ଦୂର କରିବାରେ ସହାୟକ ହୋଇଥାଏ। ଅନୁନ୍ନତ ଓ ଅପହଞ୍ଚ ଇଲାକା ଦେଶର ମୂଳଭୂଖଣ୍ଡ ସହ ଯୋଡ଼ି ହେଉଥିବାରୁ ସେସବୁର ବିକାଶର ରାସ୍ତା ଫିଟିଛି। ଏହା ସହିତ ରହିଛି ବିରାଟ ପୁଞ୍ଜିନିବେଶର ସୁଯୋଗ ଓ ଆବଶ୍ୟକତା। ଏକ୍ସପ୍ରେସ୍‌ୱେ ନିର୍ମାଣରେ ବିରାଟ ବ୍ୟୟର ଆବଶ୍ୟକତା ରହିଛି ଯାହା କେବଳ ଦେଶ ଭିତରୁ ପୂରଣ କରାଯିବା ସମ୍ଭବ ନୁହେଁ। ତେଣୁ ସଡ଼କପଥର ବିକାଶ ଉଭୟ ଆଭ୍ୟନ୍ତରୀଣ ଓ ବୈଦେଶିକ ନିବେଶକୁ ନିମନ୍ତ୍ରିତ କରିଥାଏ। ତେଣୁ ଏ କ୍ଷେତ୍ରରେ ବୈଦେଶିକପୁଞ୍ଜି ଆକୃଷ୍ଟ କରିବା ପାଇଁ ସରକାର ଅନେକ ପ୍ରୋତ୍ସାହନମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ହାଇୱେ ଓ ଏକ୍ସପ୍ରେସ୍‌ୱେର ନିର୍ମାଣରେ ଶ୍ରମିକଙ୍କ ଠାରୁ ଇଞ୍ଜିନିୟର ପର୍ଯ୍ୟନ୍ତ ଲୋକଙ୍କର ଆବଶ୍ୟକତା ହୋଇଥାଏ। ତେଣୁ ସେସବୁର ନିର୍ମାଣ ଅଣକୁଶଳୀ, ଅର୍ଦ୍ଧକୁଶଳୀ ଓ ଉଚ୍ଚକୁଶଳୀ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିଥାଏ।

ଆଧୁନିକଶୈଳୀ ଓ ଉନ୍ନତମାନ ବିଶିଷ୍ଟ ସଡ଼କପଥ କେବଳ ଗମନାଗମନ ଓ ପରିବହନ କ୍ଷେତ୍ର ପାଇଁ ପ୍ରଗତିର ବାହକ ହୋଇ ନ ଥାଏ। ଏକ ସୁସଂଗଠିତ ସଂରଚନା ହୋଇଥିବାରୁ ଏହା ଭାରତର କୃଷିର କ୍ଷେତ୍ର ପାଇଁ ଉପକାରୀ ସିଦ୍ଧ ହୋଇଥାଏ। ମୌସୁମୀ ଉପରେ ନିର୍ଭରଶୀଳ ଭାରତୀୟ କୃଷି ବର୍ତ୍ତମାନ ବିଶ୍ୱ ତାପାୟନ ଦ୍ୱାରା ପ୍ରଭାବିତ। ଏହା ଉପରେ ରହିଛି କୃଷିଜାତ ଦ୍ରବ୍ୟର ଉଚ୍ଚ ପଚନଶୀଳତା। ଶୀତଳଭଣ୍ଡାରର ଅଭାବ ଯୋଗୁ ଫଳ, ପନିପରିବା, ଦୁଗ୍ଧ ଓ ଦୁଗ୍ଧଜାତ ଖାଦ୍ୟପଦାର୍ଥ ଏବଂ ମାଛମାଂସ ଇତ୍ୟାଦି ଅତ୍ୟନ୍ତ ପଚନଶୀଳ କୃଷିଜାତ ଦ୍ରବ୍ୟ ନଷ୍ଟ ହୋଇ ଯାଆନ୍ତି। ଫଳରେ କୃଷକ ସେସବୁକୁ କମ୍ ଦାମରେ ବିକିବାକୁ ବାଧ୍ୟ ହୋଇଥାଏ। ଏହାଦ୍ୱାରା କୃଷକ ଦୁଇଆଡୁ କ୍ଷତିର ସମ୍ମୁଖୀନ ହୁଏ। ଏପରି ବହୁବିଧ କାରଣରୁ ଭାରତୀୟ କୃଷକ କୃଷିରୁ ମୁହଁ ଫେରାଇ ନେଉଛନ୍ତି। ଏକ ସୁସଂଗଠିତ ସଡ଼କପଥ କୃଷିଜାତ ଦ୍ରବ୍ୟଗୁଡ଼ିକୁ ସହଜରେ ଏବଂ ଖୁବ୍ କମ୍ ସମୟରେ ବିଭିନ୍ନ ସହରର ବଜାରମାନଙ୍କରେ ପହଞ୍ଚାଇ ଥାଏ ଯାହା କୃଷକର କ୍ଷତି ରୋକିବା ସହିତ କୃଷି ପାଇଁ ତାକୁ ପ୍ରୋତ୍ସାହନ ପରି କାମ କରିଥାଏ।

ସଡ଼କପଥର ସୁବନ୍ଦୋବସ୍ତ ଦେଶର ରପ୍ତାନୀ-ଆମଦାନୀକୁ ପ୍ରଭାବିତ କରିଥାଏ। ଠିକ୍ ସମୟରେ ଦ୍ରବ୍ୟ ଓ ସେବା ପହଞ୍ଚେଇବାର ପ୍ରତିଶ୍ରୁତିପୂରଣ ବୈଦେଶିକ ବାଣିଜ୍ୟରେ ପ୍ରତ୍ୟେକ ଦେଶ ପାଇଁ ସମ୍ମାନର ପ୍ରଶ୍ନ। ଏକ୍ସପ୍ରେସ୍‌ୱେର ଭୂମିକା ଏଥିରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ବିଭିନ୍ନ ସ୍ଥାନରୁ ରପ୍ତାନିସାମଗ୍ରୀ ଜଳ ଓ ଆକାଶ ପଥରେ ପରିବହନ ପାଇଁ ସାମୁଦ୍ରିକବନ୍ଦର ଓ ବିମାନବନ୍ଦରରେ ସହଜରେ ଓ ଶୀଘ୍ର ପହଞ୍ଚିଥାଏ। ଫଳରେ ସେସବୁ ନଷ୍ଟ ନ ହୋଇ ଠିକ୍ ସମୟରେ ସେମାନଙ୍କର ବୈଦେଶିକ ଗନ୍ତବ୍ୟସ୍ଥଳରେ ପହଞ୍ଚି ଥାଆନ୍ତି। ଏହାଦ୍ୱାରା ରପ୍ତାନୀକାରୀ ସେମାନଙ୍କର ପ୍ରାପ୍ୟ ପାଇବାରେ ବିଳମ୍ବ ହୋଇ ନ ଥାଏ ଏବଂ ଦେଶ ତା'ର ଯୋଗାଣପ୍ରତିବଦ୍ଧତା ବଜାୟ ରଖିଥାଏ। ସେହିପରି ଦେଶକୁ ଆମଦାନୀ ହେଉଥିବା ସାମଗ୍ରୀ ଗନ୍ତବ୍ୟସ୍ଥଳରେ ସୁବିଧାରେ ପହଞ୍ଚିଥାଏ।

ଏକ ସୁଗମ୍ୟ ସଡ଼କପଥ ଦେଶରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଭାରତ ପରି ପ୍ରାକୃତିକ ବିବିଧତା ଓ ନୈସର୍ଗିକ ସୌନ୍ଦର୍ଯ୍ୟବିମଣ୍ଡିତ ଦେଶର ଅନେକ ପର୍ଯ୍ୟଟନସ୍ଥଳୀରେ ପହଞ୍ଚିବାର ବିକଶିତ ମାଧ୍ୟମ ନାହିଁ। ଯାହା ଅଛି ସେଥିରେ ଯିବା ପାଇଁ ଦୀର୍ଘ ସମୟ ଓ ଅଧିକ ଖର୍ଚ୍ଚ ସହିବାକୁ ପଡ଼ିଥାଏ। ଏହି ଅସୁବିଧା ଯୋଗୁ ଅନେକ ସ୍ଥାନ ଏ ପର୍ଯ୍ୟନ୍ତ ଅଦେଖା ଅଶୁଣା ହୋଇ ରହିଛି। ଏକ୍ସପ୍ରେସ୍‌ୱେ ଆରାମଦାୟକ ଓ ସ୍ୱଳ୍ପକାଳୀନ ଯାତ୍ରା ନିଶ୍ଚିତ କରୁଥିବାରୁ ଉଭୟ ସମୟ ଓ ଅର୍ଥ ସଞ୍ଚୟ ହୋଇପାରିବ। ବିଭିନ୍ନ ସହରରେ ଥିବା ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ବସ୍ ଟର୍ମିନାଲରୁ ବସ୍ ସେବା ଓ ରେଳସେବା ଉପଲବ୍ଧ କରି ପର୍ଯ୍ୟଟକ ପର୍ଯ୍ୟଟନସ୍ଥଳୀରେ ସୁବିଧା ଓ ଅଳ୍ପ ଖର୍ଚ୍ଚରେ ଯାଇପାରିବେ। ଏହାଦ୍ୱାରା ଦେଶର ପର୍ଯ୍ୟଟନ ଅର୍ଥନୀତି ମଜବୁତ ହେବା ସହ ଦେଶକୁ ବୈଦେଶିକ ମୁଦ୍ରା ଆଗମନ ବୃଦ୍ଧି ପାଇବ।

ଏକ ଉନ୍ନତ ସଡ଼କପଥର ପ୍ରଭାବ ସବୁଠାରୁ ଅଧିକ ପରିଲକ୍ଷିତ ହୁଏ ଇନ୍ଧନ ତୈଳ ବ୍ୟବହାର ଓ ଆମଦାନୀ ଉପରେ। ଭାରତରେ ବ୍ୟବହୃତ ଇନ୍ଧନତୈଳର ୮୦% ରୁ ଅଧିକ ଭାଗ ଆମଦାନୀ କରେ। ବର୍ଷକୁ ୩-୪% ହାରରେ ବଢୁଥିବା ତୈଳ ବ୍ୟବହାରରେ ସରକାର ହ୍ରାସ ଘଟାଇ ଆମଦାନୀକୁ ୨୦୩୦ ସୁଦ୍ଧା ୫୦% କରିବାକୁ ଆଶା ରଖିଛନ୍ତି। ଉନ୍ନତ ସଡ଼କସେବା, ପରିବହନ ସମୟରେ ହ୍ରାସ, ସୌର ଓ ପବନଶକ୍ତିର ବ୍ୟବହାର ଏବଂ ବୈଦ୍ୟୁତିକ ଗାଡ଼ି ପାଇଁ ରାସ୍ତାରେ ଚାର୍ଜିଙ୍ଗ୍ ସୁବିଧା ଇତ୍ୟାଦି ବନ୍ଦୋବସ୍ତ ଦ୍ୱାରା ଇନ୍ଧନ ତୈଳ ଆମଦାନୀରେ ଉଲ୍ଲେଖନୀୟ ହ୍ରାସ ଘଟିବ। ଏହାର ଅନ୍ୟ ସକାରାତ୍ମକ ପ୍ରଭାବ ପ୍ରଦୂଷଣ ହ୍ରାସ। ଇନ୍ଧନର ବ୍ୟବହାର କମ୍ ହେବା ଦ୍ୱାରା ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ କ୍ଷତିକାରକ ଗ୍ୟାସ୍ ନିର୍ଗମନ କମିବା ଫଳରେ ପ୍ରଦୂଷଣର ମାତ୍ରା କମିବ। ଦିଲ୍ଲୀ ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ଅନୁଭୂତ ହେଲାଣି।

ସଡ଼କପଥ ଗୋଟିଏ ଦେଶର ସାମଗ୍ରିକ ଉନ୍ନତିର ଧମନୀ ସଦୃଶ। ଅତ୍ୟାଧୁନିକ ତଥା ବିଶ୍ୱସ୍ତରୀୟ ଏକ୍ସପ୍ରେସ୍‌ୱେ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଆଧାର ନୁହେଁ। ସାମାଜିକ, ସାଂସ୍କୃତିକ, ଶୈକ୍ଷିକ, ସାମରିକ ବିକାଶର ଇଞ୍ଜିନ୍। କିନ୍ତୁ ଏହାର ନିର୍ମାଣ ସମୟରେ ଅନେକ ପ୍ରକାରର ଆହ୍ୱାନ ଦେଖାଯାଏ। ଜମି ଅଧିଗ୍ରହଣ, ବିସ୍ଥାପିତ ହେଉଥିବା ଲୋକଙ୍କୁ ଠିକ୍ ସମୟରେ କ୍ଷତିପୂରଣ ପ୍ରଦାନ, ଠିକାଦାରୀରେ ପ୍ରିୟାପ୍ରୀତିତୋଷଣ ଯୋଗୁ ଅଟକଳମୂଲ୍ୟରେ ଅହେତୁକ ବୃଦ୍ଧିଜନିତ ଅର୍ଥନୈତିକ କ୍ଷତି ବ୍ୟତୀତ ରହିଛି ପରିବେଶ ପାଇଁ ବିପଦ। କାରଣ ୮/୧୦ ଲେନ୍ ବିଶିଷ୍ଟ ଏହି ସଡ଼କପଥ ପାଇଁ ଲକ୍ଷାଧିକ ଗଛ କଟାଯାଏ, ଜଳଉତ୍ସସବୁ ପୋତି ହୋଇଯାଏ, ନଦୀମାନଙ୍କର ଗତିପଥ ବଦଳିଥାଏ, ପାହାଡ଼ ମଝିରେ ରାସ୍ତା ନିର୍ମାଣ ଯୋଗୁ ସେ ଅଞ୍ଚଳର ପ୍ରାକୃତିକ ପରିବେଶ ବଦଳିଯାଏ ଯାହା ସେ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରେ। ଉତ୍ତରାଖଣ୍ଡର ଜୋଷୀମଠ ତା'ର ସଦ୍ୟତମ ଉଦାହରଣ। ତଥାପି ଦେଶକୁ ଅଗ୍ରସର ହେବାକୁ ପଡ଼ିବ। ସେଥିପାଇଁ ସରକାରୀସ୍ତରରେ ଇଚ୍ଛାଶକ୍ତି ରହିବା ଆବଶ୍ୟକ। ଜନସାଧାରଣ ଓ ପ୍ରକୃତି ପ୍ରତି ସରକାରଙ୍କର ପ୍ରତିବଦ୍ଧତା ସହିତ ଜନସାଧାରଣଙ୍କର ସାହାଯ୍ୟ ଓ ସହଯୋଗ ରହିବା ଆବଶ୍ୟକ। ଭାରତ ଆସନ୍ତା ଦଶକରେ ପୃଥିବୀର ତୃତୀୟ ବୃହତ୍ତମ ଅର୍ଥନୀତି ଓ ୨୦୪୭ ମସିହା ବେଳକୁ ଏକ ବିକଶିତ ଦେଶରେ ପରିଣତ ହେବା ପାଇଁ ଏହା ଏକାନ୍ତ ଅପରିହାର୍ଯ୍ୟ।

# ଚିନ୍ତା ବଢ଼ାଇଲାଣି ମୁଖଗହ୍ୱର କର୍କଟ



ଡା. ସନ୍ଦୀପ କୁମାର ବାରିକ
ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ
ଏମ୍ସ- ଭୁବନେଶ୍ୱର

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ ହେଲେ ବର୍ତ୍ତମାନ ପରିସ୍ଥିତିରେ ମୁଖଗହ୍ୱର କର୍କଟ ଅତ୍ୟଧିକ ମାତ୍ରାରେ କାୟା ବିସ୍ତାର କରୁଥିବା ଜଣାପଡିଛି। ଅତ୍ୟଧିକ ନିଶା କାରବାର ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚୀନ୍‌ରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶଓ୍ୱାରୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ମସ୍ତବଡ ଚ୍ୟାଲେଞ୍ଜକୁ ସାମ୍ନା କରିବ। କାରଣ ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗ ଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ କାଳ ସାଜିଛି ସ୍ତନ କର୍କଟ ରୋଗ। ଯଦିଓ ଏହି ସ୍ତନ କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ମୁଖଗହ୍ୱର କର୍କଟ। ଏହି ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସଂପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ସାଙ୍ଗକୁ ବିପୁଳ ପରିମାଣରେ ଗୁଟ୍‌ଖା, ତମାଖୁ, ମାଦକ ଦ୍ରବ୍ୟ ବା କେମିକାଲ ମିଶ୍ରିତ ଜର୍ଦ୍ଦାର ବ୍ୟବହାର ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତରେ ଯେତେକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି ସେଥିରେ ଅଧିକାଂଶ ମୁଖଗହ୍ୱର କର୍କଟରେ ପୀଡିତ ଥିବା ସର୍ଭେକ୍ଷଣରୁ ଜଣାପଡିଛି।

ଏହା ପଛକୁ ଅଛି ଶ୍ୱାସନଳୀ ଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପିଡିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଛି। ଧୂମ୍ରପାନ ଓ ନିଶାସେବନ ସାଙ୍ଗକୁ ପାନ, ଗୁଟ୍‌କାର ବ୍ୟବହାର ଏବଂ ଏହା ସାଙ୍ଗକୁ ବାୟୁମଣ୍ଡ ପ୍ରଦୂଷଣ



ମଧ୍ୟ ଗୋଟିଏ ଗୋଟିଏ କାରଣ ଭାବେ ଉଭା ହୋଇଛି। ପାଟିରେ ଘା ହେବା, ଖାଦ୍ୟ ଗ୍ରହଣରେ କଷ୍ଟ ଅନୁଭବ ଏବଂ ବିଭିନ୍ନ ସମୟରେ ପାଟିରୁ ରକ୍ତସ୍ରାବ ହେଉଥିଲେ ଏହା ମୁଖଗହ୍ୱର କର୍କଟର ଲକ୍ଷଣ ବୋଲି ବିବେଚନା କରାଯାଏ। ତୁରନ୍ତ ଏଭଳି ପରିସ୍ଥିତିକୁ ସାମ୍ନା କରୁଥିବା ଲୋକ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରି। ବର୍ତ୍ତମାନ ବିଜ୍ଞାନ ଆଗେଇବା ସହିତ ମୁଖଗହ୍ୱର କର୍କଟର ଅୟମାରମ୍ଭରେ ରୋଗୀ ଯଦି ଉପଯୁକ୍ତ ଚିକିତ୍ସା ପାଇଥାଏ ତେବେ ନିଶ୍ଚିତ ଭାବେ ସେ ସୁସ୍ଥ ହୋଇଯାଏ। ରେଡିଏସନ୍ ଥେରାପି ଓ କେମୋ ଥେରାପି ସହିତ ଛୋଟମୋଟ ସର୍ଜରୀର ଆବଶ୍ୟକତା ଏ କ୍ଷେତ୍ରରେ ପଡିଥାଏ। ଯଦି ମୁଖ ଗହ୍ୱର କର୍କଟ ପ୍ରାଥମିକ ସ୍ତରରେ ଚିହ୍ନଟ ହୁଏ ଏବଂ ଏହାର ଉପଯୁକ୍ତ ଚିକିତ୍ସା ଆରମ୍ଭ କରାଯାଏ ତେବେ ରୋଗୀଟି ସୁସ୍ଥ ଜୀବନଯାପନ କରିପାରିବ।

ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମ ମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ନିଶା ଦ୍ରବ୍ୟ ଠାରୁ ଦୂରେଇ ରହିବା ସହିତ ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦର କରାନଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

# କାନ୍ତକବିଙ୍କ ଦୃଷ୍ଟିରେ ଗାନ୍ଧୀବାଦ ଓ ଆଜିର ରାଜନୀତି



ଉମାଶଙ୍କର ପ୍ରସାଦ
ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ଦେଶବାସୀ ପାଳନ କରିଛନ୍ତି ୭୯ତମ ସ୍ୱାଧୀନତା ଦିବସ। ଏହି ଦିବସକୁ ଆମକୁ ପ୍ରଦାନ କରିବାରେ ଯିଏ ଜୀବନର ସର୍ବସ୍ୱ ତ୍ୟାଗ କରି ଥିଲେ ସିଏ ହେଉଛନ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ। ଗାନ୍ଧୀଙ୍କୁ ନେଇ ସେଦିନ ନିଜ ଲେଖନୀର କାଉଁରି ସ୍ପର୍ଶରେ ସମଗ୍ର ଦେଶବାସୀଙ୍କୁ ଏକତାର ସୂତ୍ରରେ ଯିଏ ଅଭିମନ୍ତ୍ରୀତ କରିଥିଲେ ସେ ଥିଲେ ଓଡିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଯାହାଙ୍କ ରଚିତ 'ଜୀବନ ସଙ୍ଗୀତ' ଏକ ଅମଳିନ କୀର୍ତ୍ତି। ପ୍ରଭୁ ଆଶୁତୋଷ ଭଗବାନ ଶିବ ନିଜେ ବିଷ ପାନ କରି ସମଗ୍ର ବିଶ୍ୱକୁ ଅମୃତ ପରିବେଷଣ କରିବା ପରି କାନ୍ତକବି ନିଜ ଜୀବନର ସମସ୍ତ ବାଧାବିଘ୍ନ, ଅଭାବ ଅନାଟନ, ରୋଗ ଶୋକ ରୂପକ ବିଷକୁ ହସି ହସି ପାନ କରି ସମଗ୍ର ଦେଶବାସୀଙ୍କୁ ନିଜର କାନ୍ତ କୋମଳ ପଦାବଳୀ ଦ୍ୱାରା ଆନନ୍ଦ ରୂପକ ଅମୃତ ପରିବେଷଣ କରିଛନ୍ତି। ମାତ୍ର କେତୋଟି ମୁହୂର୍ତ୍ତର ଅତିଥି କାନ୍ତକବି ତାଙ୍କର ସୀମିତ ରହଣୀ ମଧ୍ୟରେ ସମଗ୍ର ଓଡିଆ ଜାତିକୁ 'ଜୀବନ ସଙ୍ଗୀତ' -ରୂପକ ଯେଉଁ ମାଳତୀ ଉପହାର ଦେଇ ଯାଇଛନ୍ତି ତାହା ଅଦ୍ୟାବଧି ନିଜର ସୁବାସ ଦ୍ୱାରା କୋଟି କୋଟି ଜନତାଙ୍କୁ ଆମୋଦିତ କରୁଛି। କାନ୍ତକବି କେବଳ କାନ୍ତ-କୋମଳ ପଦାବଳୀର ରଚୟିତା ନୁହଁନ୍ତି, ପରନ୍ତୁ ଜଣେ ଉଗ୍ର ଜାତୀୟତାବାଦୀ କବି ଭାବରେ ପ୍ରସିଦ୍ଧି ଲାଭ କରିଛନ୍ତି। ସ୍ୱାଧୀନତା ଆନ୍ଦୋଳନକୁ ଆଗେଇ ନେବା ପାଇଁ ବହୁ ସ୍ୱାଧୀନତା ସଂଗ୍ରାମୀ ଆତ୍ମବଳୀ ଦେବାକୁ ପ୍ରସ୍ତୁତ ହୋଇଥିଲେ, ଜାତିର ମାନସିକ ସ୍ତରରେ ମୁକ୍ତିର ଆଶା ଓ ଆକାଂକ୍ଷା ବଳବତ୍ତର ହୋଇ ଉଠିଥିଲା। ଅଗ୍ନିରେ ଘୃତ ସଂଯୋଗ ପରି କାନ୍ତକବିଙ୍କ ଜାତୀୟ ସଙ୍ଗୀତ ଗୁଡିକ ସେହି ଆନ୍ଦୋଳନକୁ ଉଗ୍ରତର କରିଥିଲା। ସୁପ୍ତ ଓଡ଼ିଆ ଜାତିକୁ ନିଜର ଗୌରବାବହ ଅତୀତକୁ ମନେପକାଇ ସେ କହିଥିଲେ 'ଉଡାଇ ନିଶାଣ, ବଜାଇ ଭେରୀ-ଜଗାଇ ବିପୁଳ କମ୍ପ/ ମନ୍ତ୍ର ପୂତ ଅନଳ ଭେଦି ଏ ଜାତି- ଯେ ଦିନ ଦେଲାରେ ଲମ୍ଫ'। କେବଳ ପଦ୍ୟରେ ନୁହେଁ, ସେ ତାଙ୍କ 'କଣା ମାମୁଁ' ଉପନ୍ୟାସରେ ମଧ୍ୟ ଦେଶାତ୍ମବୋଧର ପରିଚୟ ପ୍ରଦାନ କରିଯାଇଛନ୍ତି। ଯୁବ ସମ୍ପ୍ରଦାୟକୁ ଏକତ୍ରିତ କରି ସେମାନଙ୍କ ମାଧ୍ୟମରେ ଏକତା ସୃଷ୍ଟି କରି ଅନ୍ୟାୟର ପ୍ରତିବାଦ କରିଛନ୍ତି। ତତ୍କାଳୀନ ଅନ୍ୟାୟର ସିପାହୀଙ୍କୁ ମାଡ଼ ମାରି ଅନ୍ୟାୟର ପ୍ରତିରୋଧ କରିଛନ୍ତି।

ଲକ୍ଷ୍ମୀକାନ୍ତ ଗାନ୍ଧୀଜୀଙ୍କ ଭାବଧାରା ଦ୍ୱାରା ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ କର୍ମପନ୍ଥାକୁ ପରୋକ୍ଷ ଭାବରେ ତାଙ୍କ ସୃଷ୍ଟି ମାଧ୍ୟମରେ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ବିଂଶ ଶତକର ଦ୍ୱିତୀୟ ଦଶକରେ ଗାନ୍ଧିଜୀ ଭାରତୀୟ ସମାଜରେ ସଂସ୍କାର ଆଣିବା ନିମନ୍ତେ ଚେଷ୍ଟା କରିଥିଲେ। ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ବହୁ ଭାରତୀୟ ବିଦ୍ୱାନ ଭାରତର ନବଜାଗରଣର ସୂତ୍ରପାତ କରିବାକୁ ବଦ୍ଧ ପରିକର ହୋଇଥିଲେ। ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ବ୍ୟାପକ ରୂପ ଗ୍ରହଣ କରିଥିଲା। କାନ୍ତକବି ମଧ୍ୟ ଗାନ୍ଧୀଜୀଙ୍କ ଆଦର୍ଶଦ୍ୱାରା ବହୁଭାବରେ ପ୍ରଭାବିତ ହୋଇଥିଲେ। ତାଙ୍କ ଦ୍ୱାରା ରଚିତ 'ଲକ୍ଷ୍ମୀ ଚଣ୍ଡାଳୁଣୀ'ରେ ଗାନ୍ଧିଜୀଙ୍କ ଆଦର୍ଶ ପ୍ରତିଫଳିତ ହୋଇଥିବାର ଲକ୍ଷ୍ୟ କରା ଯାଇପାରେ। ଲକ୍ଷ୍ମୀକାନ୍ତ ଗାନ୍ଧୀଜୀଙ୍କୁ ଏକ ବ୍ୟକ୍ତି ବିଶେଷ ଭାବରେ ଗ୍ରହଣ ନକରି ଏକ ମହାଭାବର ଆବାହକ ଭାବରେ ଗ୍ରହଣ କରିଛନ୍ତି। ତାଙ୍କ ଆହ୍ୱାନରେ ସୁପ୍ତ ଜାଗ୍ରତ ହୁଏ, ମୃତ ଜୀବନ୍ତ ରୂପ ନିଏ। କୋଟି କୋଟି ମାନବର ହୃଦୟରେ ତାଙ୍କର ସ୍ଥାନ। ମୁକ୍ତି ରୂପକ ଅମୃତ ଦାନ କରାଇ ସେ ସୁପ୍ତକୁ ଜାଗ୍ରତ କରିଛନ୍ତି, ମରଣଶୀଳକୁ କରିଛନ୍ତି ମରଣଜୟୀ। କେବଳ ତାଙ୍କ ନାମ ହିଁ କୋଟି ମଣିଷର ହୃଦୟର ଜାଗରଣ ସୃଷ୍ଟି କରିବାକୁ ସକ୍ଷମ। 'ଗାନ୍ଧୀ' କବିତାରେ ତାଙ୍କର ଏହି ଭାବଧାରାର ଚମତ୍କାରିତା ପ୍ରକାଶ୍ୟ ଲକ୍ଷ୍ୟ କରାଯାଇପାରେ। - "ଗାନ୍ଧୀ ଯେ ଏକ ଭାବର ଆବହ ମୂର୍ତ୍ତ ହୋଇଛି ଅମର ରାଗେ- ଝଙ୍କାର ଯାର କୋଟି ମାନବର / ଅନ୍ତର ତାର ଆପେ ସେ ଜାଗେ- ମରଣକୁ କରେ ଜୀବନ ଦାନ/ ଜୀବନ ଯହିଁରୁ ଅଳି ଭରି/ କରଇ ମୁକ୍ତି ପୀୟୂଷ ପାନ"।

ଭାରତର ସ୍ୱାଧୀନତା ପୂର୍ବରୁ ରାଜନୀତିର ସଂଜ୍ଞା ଯାହା ଥିଲା, ସ୍ୱାଧୀନତାର ପରବର୍ତ୍ତୀ କାଳରେ ତା'ର ସଂଜ୍ଞା ବଦଳି ଯିବାକୁ ଲାଗିଲା। ଗାନ୍ଧିଜୀ ଭାରତବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଗୋରା ଲୋକଙ୍କ ହାତରୁ ଶାସନ କ୍ଷମତା ଫେରି ଆସିଲେ ଦେଶରେ ରାମ ରାଜ୍ୟ ପ୍ରତିଷ୍ଠା ହେବ, ଜାତି ଜାତି ମଧ୍ୟରେ ବହୁ ଦିନରୁ ରହି ଆସିଥିବା ଜାତି-ଭେଦର ପ୍ରାଚୀର ଉଠିଯିବ, ଖଟି ଖିଆ ଓ ମୂଲିଆ ସମସ୍ତେ ସମାନ ଲାଭ କରିବେ। ଅନେକ ଦିନର ସଂଗ୍ରାମ ପରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଫେରିଆସିଲା ଓ ଯାହାକୁ ମନେପକାଇ ଆମେ ସମସ୍ତେ ପ୍ରତିବର୍ଷ ଅଗଷ୍ଟ ୧୫ ତାରିଖରେ ଏହି ଜାତୀୟ ପର୍ବ ମହା ଆଡମ୍ବରରେ ପାଳନ କରୁଛୁ ମାତ୍ର ଗାନ୍ଧୀଜୀଙ୍କ 'ପ୍ରତିଶୃତି କେବଳ ପ୍ରତିଶୃତି'ରେ ରହି ଯାଇଛି! ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଗଳଦଘର୍ମ ହୋଇ ବଡ ବଡ ଭାଷଣ ମାଧ୍ୟମରେ ସୁବର୍ଣ୍ଣ ଯୁଗର ସୂଚନା ଦେଉଥିଲେ, ସେମାନେ ଗାଦି ମାଡି ବସିବା ପରେ ଅତୀତର ସମସ୍ତ ପ୍ରତିଶୃତି ଭୁଲିଗଲେ। ଆଜି ଗୋରାମାନଙ୍କ ବଦଳରେ କଳା ଭାରତୀୟ ମାନେ ସାଜିଛନ୍ତି ଶୋଷଣ ରାକ୍ଷସ, ଆମରି ଲୋକ ଯେଉଁମାନଙ୍କୁ ଆମେ ଆମର ନେତା ଭାବରେ ଚୟନ କଲୁ ସେମାନେ ଆମକୁ ଶୋଷଣ କରିବାରେ ଲାଗିଛନ୍ତି। ଚୟନକାରୀ ନେତାଙ୍କୁ ସାଧାରଣ ଜନତା ସାକ୍ଷାତ କରି ନିଜ ଗୁହାରି କହିବା କାଠିକର ପାଠ ହୋଇଯାଇଛି। ତାଙ୍କ ପାଖରେ ଥିବା ଆମ କଳା ଲୋକମାନେ ଆଦମ୍ ଖୋର ରାକ୍ଷସଠୁ ବଳି ଯାଇଛନ୍ତି। ନେତା ମାନଙ୍କର କେବଳ ଭୋଟସମୟରେ ନିଜ ଚାଟୁକାର, ଚେଲା ଚପଟାଙ୍କୁ ଧରି ହାତ ଯୋଡା ମୁଦ୍ରାରେ ଦର୍ଶନ ମିଳିଥାଏ। ଭୋଟପରେ ତାଙ୍କଠୁ ମିଳିଥାଏ କେବଳ ଧିକ୍କାର ନିର୍ଯାତନା ଇତ୍ୟାଦି। କାନ୍ତକବି ଏହାକୁ ଲକ୍ଷ କରି ତାଙ୍କ 'ଭୋଟ ଲଢେଇ' କବିତାରେ ଲେଖିଛନ୍ତି:- 'ଗାନ୍ଧୀ କହିଥିଲେ ରାମ ରାଜ୍ୟ ହେବ ଫଳରେ ହୋଇଲା କିସ / ବାରଭୂତ ମିଳି ହାଣ୍ଡି ଖାଇଗଲେ ଏ ଆମ କରମ ଦୋଷଲୋ--- ଏବେ ଚେତିଲ ଭଲା, ଚାହୁଁ ଚାହୁଁ ତ ସବୁ ସରିଲାଲୋ। ସ୍ୱାଧୀନ ହୋଇଲା ଦେଶଟା ଆମର ପଳାଇଲେ ଗୋରା ଲୋକ / କଳା ଲୋକେ ଥୋକେ ଗାଦି ମାଡି ବସି, ଲାଖିଗଲେ ଯଥା ଜୋକଲୋ / ଆମ ଧାନ ଖାଇ ପେଟ କାଢିଲେ ଯେ ଗଣ୍ଡିକୁ କରିଲେ ମୋଟ / ଆଜି ଆସି ସିଏ ଦୁଆରେ ଦୁଆରେ ମାଗୁଛନ୍ତି ଦିଅ ଭୋଟ ଲୋ - ଇଏ ଥିଲେ ଟି କାହିଁ, ଦିନେ ମୁହଁ ଦେଖା ଥିଲା ନାହିଁ ଲୋ'।

ଏହା ହେଉଛି ଆଜିର ସ୍ୱାଧୀନ ଭାରତର ରାଜନୀତି। ଏହାକୁ ମୋ ମତରେ ରାଜନୀତି ନକହି ଗରିବ ମାରଣ ନୀତି କହିବା ଶତଗୁଣରେ ଶ୍ରେୟସ୍କର। ଆମେ ସ୍ୱାଧୀନ ବୋଲି ଗର୍ବ କରୁ କିନ୍ତୁ ଯଦି ନିଜ ଅନ୍ତରକୁ ପ୍ରଶ୍ନ କରାଯାଏ ତେବେ ପ୍ରକୃତରେ କ'ଣ ଆମେ ସ୍ୱାଧୀନ? କାରଣ ଆଜି ରାଜନୀତିରୁ ଆଦର୍ଶ, ନ୍ୟାୟ ଓ ନୀତି ବିଦାୟ ନେଇ ତା ସ୍ଥାନରେ ପ୍ରବେଶ କରିଛି ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ତଥାପି ଆମେ ସ୍ୱାଧୀନ ଭାରତର ସନ୍ତାନ ଭାବେ ପାଳନ କରୁଛେ ୭୮ ତମ ସ୍ୱାଧୀନତା ଦିବସ। ସ୍ୱାଧୀନତା ଜାତିର ଅମୂଲ୍ୟ ସମ୍ପଦ। ବହୁ କଷ୍ଟରେ ଅର୍ଜିତ ଏହି ସମ୍ପଦର ସୁରକ୍ଷା ନିମିତ ଆମେ ସମସ୍ତ ଦେଶ ତଥା ରାଜ୍ୟବାସୀ ଆଗୁସର ହେବା ଦରକାର।

# କିଶୋରୀ ଚରଣ ଦାସ 'ଠାକୁର ଘର'ର ସ୍ରଷ୍ଟା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ କିଶୋରୀ ଚରଣ ଦାସ ଏକ ସୁପରିଚିତ ନାମ। ଗତ ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଆ ଗଳ୍ପ ସାହିତ୍ୟର ଗତି ଯେତେ ବେଳେ ଧୀର ହୋଇଯାଇଥିଲା ଏବଂ ଯେତେବେଳେ ରାଜକିଶୋର ରାୟ, ନିତ୍ୟାନନ୍ଦ ମହାପାତ୍ରଙ୍କ ପରି ପ୍ରବୀଣ କଥାକାରମାନେ ବିଶ୍ରାମରତ ଅବସ୍ଥାକୁ ଆସିଯାଇଥିଲେ, ସେତିକି ବେଳେ ଯେଉଁମାନେ କଥା ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରି, ଏହାର କଳେବର ବୃଦ୍ଧି କରାଇଥିଲେ, ସେମାନଙ୍କ ମଧ୍ୟରେ କିଶୋରୀ ଚରଣ ଅନ୍ୟତମ। ସ୍କୁଲରେ ପଢୁଥିବା ବେଳେ କବିତା ଲେଖାରୁ ତାଙ୍କର ଲେଖକ ଜୀବନ ଆରମ୍ଭ ହୋଇଥିଲା। ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ ଓ ପ୍ରାବନ୍ଧିକ। ତେବେ ମୁଖ୍ୟତଃ ଗଳ୍ପ ଓ ଉପନ୍ୟାସ ପାଇଁ ସେ ଅବିସ୍ମରଣୀୟ ରହିବେ। ପରଦା ତଳେ ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ। ଏହା ନବୀନ ପତ୍ରିକାରେ ପ୍ରକାଶିତ ହୋଇଥିଲା। କବିତାରୁ ଗଳ୍ପ କ୍ଷେତ୍ରକୁ ଲମ୍ଫ ପ୍ରସଙ୍ଗରେ ଏକଦା ଏକ ସାକ୍ଷାତକାର ଅବସରରେ ସେ କହିଥିଲେ ସେ ଯାହା କହିବାକୁ ଚାହୁଁଛନ୍ତି, ତାହା ଅଳ୍ପରେ ସାରିହେବନାହିଁ। ତେଣୁ ସେ କ୍ଷେତ୍ର ପରିବର୍ତ୍ତନ କରିଥିଲେ। ଏହା ସତ୍ତ୍ୱେ କବିତା ଲେଖା ସଂପୂର୍ଣ୍ଣ ଛାଡ଼ିପାରି ନଥିଲେ। ଲେଖିବାକୁ ଭଲଲାଗେ, ତେଣୁ ସେ ଲେଖୁଥିଲେ। ତାଙ୍କ ଲିଖିତ ଉପନ୍ୟାସ ସଂଖ୍ୟା ସାତ ଏବଂ ଗଳ୍ପ ସଂକଳନ ସଂଖ୍ୟା କୋଡ଼ିଏ। ସମୟ ନାହିଁ ତାଙ୍କର ଆତ୍ମଚରିତ। କଟକର ଖଟବିନ ସାହିରେ ଜନ୍ମ ହୋଇଥିବା କିଶୋରୀ ଚରଣଙ୍କର ଶୈଶବ ଓ କୈଶୋର ଓଡ଼ିଶାର ବିଭିନ୍ନ ସ୍ଥାନରେ କଟିଥିଲା। କାରଣ, ପିତା ଥିଲେ ସରକାରୀ ଚାକିରିଆ। ବଦଳି ଯୋଗୁଁ ବିଭିନ୍ନ ସ୍ଥାନରେ କିଛି କିଛି କାଳ ରହିବାକୁ ପଡୁଥିଲା। କେନ୍ଦ୍ରାପଡ଼ା ହାଇ ସ୍କୁଲରୁ ମାଟ୍ରିକ, ରଭେନ୍ସାରୁ ସ୍ନାତକ ପରେ ସେ ପାଟନା ବିଶ୍ୱବିଦ୍ୟାଳରେ ଇତିହାସ ବିଷୟରେ ସ୍ନାତକୋତ୍ତର ପଢ଼ିଥିଲେ।

ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଭାବେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୋଇଥିଲା। ତିନିବର୍ଷ ପରେ ଇଣ୍ଡିଆନ୍ ଅଡ଼ିଟ୍ ଆଣ୍ଡ ଏକାଉଣ୍ଟସ୍ ସର୍ଭିସରେ ଯୋଗ ଦେଇଥିଲେ। ବୃତ୍ତିଗତ ଜୀବନର ପ୍ରାୟ କୋଡିଏ ବର୍ଷ କଟିଥିଲା କାଲକାତା ଓ ଦିଲ୍ଲୀରେ। କିଛି କାଳ ବିଦେଶରେ ମଧ୍ୟ ରହିଥିଲେ। ତାଙ୍କର ଗୁଡ଼ିଏ ସାହିତ୍ୟର ସୃଷ୍ଟି ଓଡ଼ିଶା ବାହାରେ। ତଥାପି ପ୍ରାୟ ସବୁଥିରେ ଓଡ଼ିଆ ଜୀବନର ଚିତ୍ର ଦେଖିବାକୁ ମିଳେ। ଅବସର ପରେ ସେ ଜନ୍ମ ସ୍ଥାନ ଖଟବିନ ସାହିକୁ ହିଁ ଶେଷ ଠିକଣା ଭାବେ ବାଛିଥିଲେ ଏବଂ ଜୀବନର ଶେଷ ଉଣେଇଶ ବର୍ଷ ଏଠାରେ ହିଁ କଟିଥିଲା। ସ୍ୱାସ୍ଥ୍ୟଗତ କାରଣରୁ ୨୦୦୪ ଅଗଷ୍ଟ ଆଜିର ଦିନରେ ଦିଲ୍ଲୀର ଏମ୍ସରେ ତାଙ୍କର ପରଲୋକ ହୋଇଥିଲା।

ଓଡ଼ିଶା ଭାସ୍କର
# ରାଜ୍ୟ ଖବର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅଧୀନ ରାଜପା କାନ୍ତକବି ମଣ୍ଡଳ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ଅବସରରେ ପୂଜାପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଗ୍ରାମର ସେନାନିବୃତ୍ତ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଣ୍ଡଳ କର୍ମକର୍ତ୍ତାମାନେ ପୂର୍ବାହ୍ନରେ ମଣ୍ଡଳ ଅଧୀନ ବିଭିନ୍ନ ଗ୍ରାମକୁ ଯାଇ ଅବସରପ୍ରାପ୍ତ ସୈନିକମାନଙ୍କୁ ଭେଟିଥିଲେ। ସେମାନଙ୍କ ସହ ଭାବ ବିନିମୟ କରିବା ସହ ବିଭିନ୍ନ ଅଭିଜ୍ଞତା ବିଷୟରେ ପଚାରି ବୁଝିଥିଲେ। କର୍ମକର୍ତ୍ତାମାନେ ଅଟକ ପଞ୍ଚାୟତ ଅଧୀନ ଉଭରବାହା ଗ୍ରାମକୁ ଯାଇ ଶହୀଦ ତାପସ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେମାନେ ଅଟକ ପଞ୍ଚାୟତର ଶହୀଦ ତାପସଙ୍କ ବାପା ଅକ୍ଷୟ ମଲ୍ଲିକଙ୍କ ସମେତ ସେନାନିବୃତ୍ତ ସୈନିକ ମନୋଜ ଦୀକ୍ଷିତ, କୃଷ୍ଣଚନ୍ଦ୍ର ସାହୁ, ନିରଞ୍ଜନ ଭୋଇ, ଧରଣୀଧର ନାୟକ, ବସନ୍ତ ଭୋଇ ଓ ତାଳପଦା ପଞ୍ଚାୟତର ବ୍ରଜକିଶୋର ନାୟକଙ୍କ ଘରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ। ମଣ୍ଡଳ ସଭାପତି ସରୋଜ ନାୟକ, ପୂର୍ବତନ ସଭାପତି ତପନ କୁମାର ପାଢ଼ୀ, ବରିଷ୍ଠ ନେତା ଭରତ ଚନ୍ଦ୍ର ସାହୁ, ଯୁବ ସଭାପତି ଯଜ୍ଞେଶ୍ୱର ପତି, ପ୍ରଭାତ ବେହେରା, ଧନେଶ୍ୱର ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।



## ଟିପିସିଓଡିଏଲ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଟିପିସିଓଡିଏଲ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ କର୍ପୋରେଟ କାର୍ଯ୍ୟାଳୟ ପରିସରରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଭାରତର ସ୍ୱାଧୀନତା ସଂଗ୍ରାମୀଙ୍କ ବୀରତ୍ୱ ଓ ବଳିଦାନକୁ ମନେପକାଇ ଏହି ଦିବସକୁ ପାଳନ କରାଯାଇଛି। ଟିପିସିଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ କମ୍ପାନୀର ସୁରକ୍ଷାକର୍ମୀମାନେ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କରିଥିଲେ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରଭିନ୍ଦ ସିଂହ ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିବା ସହ ଦେଶର ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ କର୍ମଚାରୀମାନଙ୍କୁ ଆହ୍ୱାନ କରିଥିଲେ। ଟିପିସିଓଡିଏଲର ଅଧିକାରୀମାନେ ଭାରତର ଗୌରବମୟ ଇତିହାସକୁ ମନେ ପକାଇବା ସହ ବିକଶିତ ଭାରତର ସ୍ୱପ୍ନ ସାକାର କରିବା ଦିଗରେ ପ୍ରତ୍ୟେକ କର୍ମଚାରୀଙ୍କ ଯୋଗଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କମ୍ପାନୀର ନେତୃବୃନ୍ଦ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## ଜେଏସଡବ୍ଲୁ ଷ୍ଟିଲ୍ ପକ୍ଷରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଜେଏସଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ରାଜ୍ୟର ସମସ୍ତ ସ୍ଥାନରେ ଗର୍ବର ସହିତ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛି। ନୁଆଗାଁ ଖଣି, ଜଜାଙ୍ଗ ଖଣି, ଗଣୁଆ ଖଣି, ନାରାୟଣପୋଷି ଖଣି, କେନ୍ଦ୍ରୀୟ କାର୍ଯ୍ୟାଳୟ- ବାର୍ବିଲ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଏହି ଉତ୍ସବଗୁଡ଼ିକ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରାଯାଇଥିଲା। ଏହି ଉତ୍ସବରେ ଜେଏସଡବ୍ଲୁ ଷ୍ଟିଲର ବରିଷ୍ଠ ନେତୃତ୍ୱର ଅତିଥିମାନେ ଯୋଗ ଦେଇଥିଲେ, ଯେଉଁଥିରେ ମୁଖ୍ୟ ପରିଚାଳନା ଅଧିକାରୀ (ଖଣି ବ୍ୟବସାୟ) ସୌରିକ ମଜୁମଦାର; ଓଡ଼ିଶା ଖଣି ବ୍ୟବସାୟ ମୁଖ୍ୟ ପ୍ରସୁନ ପଣ୍ଡା; କାର୍ଯ୍ୟ ଏବଂ ପ୍ରକଳ୍ପ ମୁଖ୍ୟ ରାମ ଶଙ୍କର ଶର୍ମା; ଏବଂ ମାନବ ସମ୍ବଳ-ପ୍ରଶାସନ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ପ୍ରମୁଖ। ସେମାନଙ୍କ ସହିତ ସମ୍ପୃକ୍ତ ଖଣି ପରିଚାଳକ ଏବଂ ଉତ୍ସର୍ଗୀକୃତ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ଉତ୍ସବ ସମାରୋହ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହିତ ଆରମ୍ଭ ହୋଇଥିଲା, ଯାହା ଶ୍ରଦ୍ଧା ଏବଂ ଗର୍ବର ସ୍ୱର ସୃଷ୍ଟି କରିଥିଲା। ଏହା ପରେ ସୁରକ୍ଷା ଦଳ ଦ୍ୱାରା ଏକ ଶୃଙ୍ଖଳିତ ଏବଂ ଉତ୍ସାହୀ ପରେଡ୍ କରାଯାଇଥିଲା, ଯାହା ଶକ୍ତି, ସମନ୍ୱୟ ଏବଂ ରାଷ୍ଟ୍ର ପ୍ରତି ସମର୍ପଣର ପ୍ରତୀକ ଥିଲା। କର୍ମଚାରୀ ଏବଂ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ନାଟକୀୟ ଅଭିନୟ ଦ୍ୱାରା ଉତ୍ସବଗୁଡ଼ିକ ଆହୁରି ଉଜ୍ଜ୍ୱଳ କରାଯାଇଥିଲା। ଏକ ଆକର୍ଷଣୀୟ ମୁହୂର୍ତ୍ତ ଥିଲା ମନମୁଗ୍ଧ ଓଡ଼ିଶୀ ଗୋଟିପୁଅ ନୃତ୍ୟ ପ୍ରଦର୍ଶନ, ଯେଉଁଠାରେ ସ୍କୁଲ ଛାତ୍ରଛାତ୍ରୀମାନେ ସେମାନଙ୍କର ସୁନ୍ଦର ଗତିବିଧି ଏବଂ ସାଂସ୍କୃତିକ ଆଭିଜାତ୍ୟର ସହିତ ଦର୍ଶକଙ୍କୁ ମୋହିତ କରିଥିଲେ। ବିଭିନ୍ନ ସଫଳତାରେ ଅବଦାନ ପାଇଁ ସମସ୍ତ କ୍ୟାଡରର କର୍ମଚାରୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଟାଟା ଷ୍ଟିଲ ମେରାମଣ୍ଡଳୀ (ଟିଏସଏମ) ପକ୍ଷରୁ ମେରାମଣ୍ଡଳୀ ସ୍ଥିତ କାରଖାନାର ପ୍ରଶାସନିକ କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ଉତ୍ସାହର ସହ ପାଳନ କରାଯାଇଛି। ଟିଏସଏମର ଉପସଭାପତି (ଅପରେସନ୍ସ) ଉତ୍ତମ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା, ଯାହା ଏକତା ଓ ଦେଶପ୍ରେମର ଏକ ପରିବେଶ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗର କର୍ମଚାରୀ, ସୁରକ୍ଷା ଅଧିକାରୀ, ସୁରକ୍ଷା ପ୍ରଫେସନାଲ ଓ ଅଗ୍ନିଶମ ସେବା ଷ୍ଟାଫମାନେ ଅଂଶଗ୍ରହଣ କରିଥିଲେ। ଷ୍ଟାଫ ସଦସ୍ୟଙ୍କ ତରଫରୁ ପ୍ୟାରେଡ କରାଯାଇଥିଲା। ଏହି ଅବସରରେ କାରଖାନାରେ ସୁରକ୍ଷା ଓ ନିରାପତ୍ତା ପ୍ରତି ପ୍ରତିବଦ୍ଧତା, ସମର୍ପଣ ଓ ଉଲ୍ଲେଖନୀୟ ସେବା ପାଇଁ ସୁରକ୍ଷା ଓ ଅଗ୍ନିଶମ କର୍ମଚାରୀମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

## ସଂସଦରେ ହାତୀ ଉପଦ୍ରବ ପ୍ରସଙ୍ଗ ଉଠାଇଲେ ରୁଦ୍ର



ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ-ଅନୁଗୁଳ ଜିଲ୍ଲାରେ ହାତୀ ଉପଦ୍ରବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତ୍ୟହ ଧନଜୀବନ ନଷ୍ଟ ହେଉଛି। ଢେଙ୍କାନାଳ ଲୋକସଭା ସଦସ୍ୟ ରୁଦ୍ର ନାରାୟଣ ପାଣି ସଂସଦରେ ଏହି ପ୍ରସଙ୍ଗ ଉଠାଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଠାରୁ ସରକାରଙ୍କ ପଦକ୍ଷେପକୁ ନେଇ ସ୍ପଷ୍ଟିକରଣ ମାଗିଛନ୍ତି। ସାଂସଦ ପାଣିଙ୍କ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଯାଦବ କହିଲେ ଯେ, ହାତୀ ଉପଦ୍ରବ ରୋକିବାକୁ ପ୍ରେଜେକ୍ଟ ଏଲିଫ୍ୟାଣ୍ଟ ଯୋଜନା ସମଗ୍ର ଦେଶରେ ଲାଗୁହୋଇଛି। ଏଲିଫ୍ୟାଣ୍ଟ ରିଜର୍ଭର, ଏଲିଫ୍ୟାଣ୍ଟ କରିଡର ସ୍ଥାପନ ସହ ସମଗ୍ର ଗାଇଡ୍‌ଲାଇନ୍ ଅନୁଯାୟୀ କାର୍ଯ୍ୟକାରୀ କରାଯାଇଛି। ରେଳ ବିଭାଗ ମଧ୍ୟ ଏହି କଥା ନେଇ ସ୍ୱତନ୍ତ୍ର ଆଡଭାଇଜରି ଓ ଏସ୍‌ଓପି ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ସହ ମିଶି ଏହାକୁ କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶା ସରକାରଙ୍କ ସହ ଉକ୍ତ ଯୋଜନାର କ୍ରିୟାନ୍ୱୟନ ଉପରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ଯାଦବ ଗୃହରେ ପ୍ରକାଶ କରିଛନ୍ତି।

## ଅସୋଟେକ୍ ଏବଂ ଏଭେନ୍ୟୁ ୦୧ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ୭୯ତମ ସ୍ୱାଧୀନତା ଦିବସ ଅବସରରେ ଅସୋଟେକ୍ ୱାର୍ଲ୍ଡ ଓ ଏଭେନ୍ୟୁ ୦୧ର ନିବାସୀମାନେ ମିଶି କ୍ୟାପିଟାଲ୍ ହସ୍ପିଟାଲ୍, ଭୁବନେଶ୍ୱରରେ ବ୍ୟାପକ ଫଳ ବଣ୍ଟନ ଅଭିଯାନ କଲେ। ଏହି ପଦକ୍ଷେପର ଲକ୍ଷ୍ୟ ଥିଲା ରୋଗୀମାନଙ୍କ ଏବଂ ତାଙ୍କ ପରିବାରଙ୍କୁ ଖୁସି, ସହାନୁଭୂତି ଓ ଉତ୍ସବୀୟ ମନୋଭାବ ପହଞ୍ଚାଇବା। ପରିଚାଳନା, ଟିମ୍ ସଦସ୍ୟମାନେ ଓ ନିବାସୀମାନେ ବ୍ୟକ୍ତିଗତ ଭାବେ ବିଭିନ୍ନ ୱାର୍ଡକୁ ଯାଇ, ତାଜା ଋତୁକାଳୀନ ଫଳ ବଣ୍ଟନ କଲେ ଏବଂ ରୋଗୀମାନଙ୍କ ସହିତ ସାକ୍ଷାତ୍କାର କରି, ସାନ୍ତ୍ୱନା ଓ ଉତ୍ସାହ ପ୍ରଦାନ କଲେ। ଅବସରରେ ପରିଚାଳନା କହିଥିଲେ, 'ସ୍ୱାଧୀନତା ଦିବସ ଆମର ସମାଜ ପ୍ରତି ଦାୟିତ୍ୱର ସ୍ମୃତିକୁ ତୀବ୍ର କରେ। ନିବାସୀମାନଙ୍କ ସହ ଏହି ସାମୂହିକ ପଦକ୍ଷେପ ଆମର ପ୍ରେମ ଓ ଯତ୍ନ ପହଞ୍ଚାଇବାର ଏକ ସାଧାରଣ କିନ୍ତୁ ହୃଦୟସ୍ପର୍ଶୀ ଉଦ୍ୟମ।'

## ମାଲକାନଗିରିରେ ୩ଟି କାର୍ଯ୍ୟାଳୟରେ ଉଡିଲାନି ପତାକା







କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକ ସଦର ସ୍ଥିତ ୩ଟି ସରକାରୀ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ ହୋଇନଥିବା ବିଷୟ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।ଦେଶର ପାଇଁ ସ୍ୱାଧୀନତା ଦିବସ ଏକ ଆନନ୍ଦ ଓ ଗର୍ବର ଦିନ ହେଉଥିବା ବେଳେ, ସରକାରୀ, ବେସରକାରୀ, ଛୋଟ ବଡ଼ ସମସ୍ତ ସଙ୍ଘ-ସଂସ୍ଥା, ଏପରିକି ମଜଦୂର ସଙ୍ଘମାନେ ମଧ୍ୟ ଖୁସିର ସହକାରେ ପତାକା ଉତ୍ତୋଳନ କରି ଭାରତମାତାଙ୍କ ଗୀତ ଗାଇଥାନ୍ତି। କିନ୍ତୁ କୋରୁକୋଣ୍ଡା ସଦରର ଫିସେରି କାର୍ଯ୍ୟାଳୟ, ହରଟିକଲଚର କାର୍ଯ୍ୟାଳୟ ଏବଂ ଆରଡି ବିଭାଗ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ହୋଇନଥିଲା।ସୂଚନା ଅନୁସାରେ, ଫିସେରି ଏବଂ ଆରଡି ବିଭାଗର କାର୍ଯ୍ୟାଳୟ ଦୀର୍ଘଦିନ ଧରି ପ୍ରାୟତଃ ତାଲାପଡ଼ା ଅବସ୍ଥାରେ ରହୁଥାଏ ଓ ସେଠାକୁ କୌଣସି ଅଧିକାରୀ କିମ୍ବା କର୍ମଚାରୀ ପ୍ରାୟସ୍କ ଆସନ୍ତି ନାହାନ୍ତି। ଏହି ବିଷୟରେ ପଚାରିବାରୁ ହରଟିକଲଚର ବିଭାଗର କୋରୁକୋଣ୍ଡା ଅଧିକାରୀ ପ୍ରତ୍ୟୁଷ ମହାନନ୍ଦ କହିଥିଲେ, କାର୍ଯ୍ୟାଳୟରେ ବାସଭବନ ସୁବିଧା ନଥିବାରୁ ସ୍ୱାଧୀନତା ଦିବସ ପାଳନ ସମ୍ଭବ ହୋଇନଥିଲା, ତଥାପି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ପାଳନ କରାଯାଇଛି। ଆରଡି ବିଭାଗର ସହକାରୀ ଯନ୍ତ୍ରୀ ସୁଜାତା ଦିଶାରୀ କହିଥିଲେ, କର୍ମଚାରୀଙ୍କ ଅଭାବ ହେତୁ ପତାକା ଉତ୍ତୋଳନ କରାଯାଇ ପାରିନଥିଲା। ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼ ମଧ କହିଥିଲେ, ଫିସେରି ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇଥାଏ, ତେଣୁ କୋରୁକୋଣ୍ଡା କାର୍ଯ୍ୟାଳୟରେ ଆୟୋଜନ ହୋଇନାହିଁ। ଅଞ୍ଚଳବାସୀଙ୍କ କହିବା ଯେ, ଯଦି ବ୍ଲକ ସଦରରେ ଥିବା ସରକାରୀ କାର୍ଯ୍ୟାଳୟଗୁଡିକରେ ମଧ ଏପରି ପବିତ୍ର ସ୍ୱାଧୀନତା ଦିବସ ପାଳନ ହେଉନାହିଁ, ତେବେ ସାଧାରଣ ଲୋକଙ୍କ କାମକାଜ କିପରି ସମ୍ଭବ ହୁଏ ତାହା ସ୍ୱତଃ ସ୍ପଷ୍ଟ।

## ସାମ୍ବାଦିକ ବିଶ୍ୱଜିତ୍ ସାହୁଙ୍କ ବିୟୋଗରେ ଶୋକସଭା

ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ସାହୁ (୪୫)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ସାମ୍ବାଦିକ ସାହୁଙ୍କ ବିୟୋଗରେ ଭୁବନ ସାମ୍ବାଦିକ ସଂଘ ପକ୍ଷରୁ ସମ୍ପାଦକ ସୁଶାନ୍ତ କୁମାର ପୋଥାଳଙ୍କ ଅଧକ୍ଷତାରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ସାମ୍ବାଦିକ ଦେବାନନ୍ଦ ସାହୁ, ମନୋଜ କୁମାର ପୋଥାଳ, ସଞ୍ଜୟ ନାୟକ, ରବିନ୍ ଦାସ, ନିରଞ୍ଜନ ଗୁରୁ, ସଂଘ ଉପଦେଷ୍ଟା ଅଧ୍ୟାପକ ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିବା ସହ ଅମରଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ପବିତ୍ର ମହାନ୍ତି ହେଲେ ୟୁଜେଏସ୍‌ର ଜିଲା ସାଧାରଣ ସମ୍ପାଦକ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ଶାଖା ସାଧାରଣ ସମ୍ପାଦକ ଭାବେ ପବିତ୍ରରଞ୍ଜନ ମହାନ୍ତି ମନୋନିତ ହୋଇଛନ୍ତି। ଉପସଭାପତି ଭାବେ ପ୍ରଦୀପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଶନିବାର ବ୍ୟାସନଗର ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ଜିଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ପ୍ରିୟରଞ୍ଜନ କର, ଜାତୀୟ ପରିଷଦ ସଦସ୍ୟ ପ୍ରଦୀପ ଚାନ୍ଦ, ବିଦ୍ୟାଧର ବେହେରା, ଅସିତ ମହାନ୍ତ, ସେକ୍ ଜହୁର ପ୍ରମୂଖ ଉପସ୍ଥିତଥିଲେ। ଯାଜପୁର ଜିଲାରେ ଉତ୍କଳ ସାମ୍ବାଦିକ ସଂଘକୁ ଶକ୍ତିଶାଳି କରିବା ଦିଗରେ ସମସ୍ତେ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ଶିବାନନ୍ଦ ବିଦ୍ୟାମନ୍ଦିରରେ ନନ୍ଦ ଉତ୍ସବ ପାଳିତ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସାନ୍ଦ୍ରଡ ଗୋପାଳପୁର ସ୍ଥିତ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ଶିବାନନ୍ଦ ବିଦ୍ୟାମନ୍ଦିରରେ ସବୁ ବର୍ଷ ପରି ଚଳିତବର୍ଷ ନନ୍ଦ ଉତ୍ସବ ପର୍ବ ପାଳନ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଗୁରୁଜୀ ସର୍ବେଶ୍ୱର ରାଉତଙ୍କ ଆୟୋଜନରେ ଅନୁଷ୍ଠିତ ନନ୍ଦ ଉତ୍ସବରେ ବିଭିନ୍ନ ଗ୍ରାମରୁ ଆସିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ଏହି ପରିପ୍ରେକ୍ଷୀରେ ରାଧା, କୃଷ୍ଣ,ଓ ଗୋପାଳ ପୁଅ ଭୂମିକାରେ ଭିନ୍ନ ଭିନ୍ନ ରଙ୍ଗର ଝିଲିମିଲି ଡ୍ରେସରେ ସଜେଇ ହୋଇ ଆସିଥିଲେ। ଅନୁଷ୍ଠାନର ଗୁରୁମା ମାନଙ୍କ ଦ୍ୱାରା ଶିକ୍ଷ୍ୟା ଦିଆଯାଇଥିବା ଏହି ନନ୍ଦ ପରିବାରର ନାଚ ଭଙ୍ଗିକୁ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ସେହି ପ୍ରଦର୍ଶନୀରେ ଭାଗନେଇ ବିଭିନ୍ନ ଶ୍ରେଣୀର ପିଲାମାନେ ପୁରସ୍କାର ଗ୍ରହଣ କରିଥିବା ବେଳେ ରାଜନଗର ଗଳିଦାଣ୍ଡର ଏଲକେଜିର ଛାତ୍ରୀ ବଂଶୀକା ବେହେରା ପୁରସ୍କୃତ ହୋଇଛନ୍ତି। ଅନୁଷ୍ଠାନର ଉନ୍ନତ ମାନର ଶିକ୍ଷା ସହ ପ୍ରତିବର୍ଷ ଏପରି ନନ୍ଦ ଉତ୍ସବ ଭଳି ଆକର୍ଷଣୀୟ କାର୍ଯ୍ୟକ୍ରମ ସାଙ୍ଗକୁ ବାର୍ଷିକ ଉତ୍ସବକୁ ମହା ଆଡ଼ମ୍ବରରେ ପାଳନ କରି ଏହି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

## ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ପାରାଦ୍ୱୀପ ପେଲେଟପ୍ଲାଣ୍ଟରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଆସେଟ୍ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, କର୍ମଚାରୀ ଏବଂ ନିକଟବର୍ତ୍ତୀ ଗ୍ରାମରୁ ଆସିଥିବା ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଗୋଷ୍ଠୀ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରକ୍ଷା କର୍ମଚାରୀ ଏବଂ ଅନ୍ୟ ସହଯୋଗୀ କର୍ମଚାରୀମାନଙ୍କୁ ସେମାନଙ୍କ ସମର୍ପଣ ଏବଂ ସେବା ମନୋଭାବ ପାଇଁ ସମ୍ମାନିତ କରାଯାଇଥିଲା। କେଉଁଝରର ଡାବୁନା ଠାରେ ଅବସ୍ଥିତ ଏଏମ୍/ଏନ୍ଏସ୍ ଇଣ୍ଡିଆର ବେନିଫିସିଏସନପ୍ଲାଣ୍ଟରେ, ପ୍ଲାଣ୍ଟର ମୁଖ୍ୟ ଜୟବର୍ଦ୍ଧନ ପରୋହାଓ ଏଏମ୍/ଏନ୍ଏସ୍ ଇଣ୍ଡିଆର ଲଜିଷ୍ଟିକ୍ସ ମୁଖ୍ୟ ଜୟକିଶନ ଶର୍ମା ସ୍ୱାଧୀନତା ଉତ୍ସବ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଏକପରେଡ୍, ଅମର ଜବାନଙ୍କୁ ପୁଷ୍ପମାଲ୍ୟ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ ଏବଂ ଆଖପାଖ ଗ୍ରାମର ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସୁରକ୍ଷାକର୍ମୀ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ପୁରସ୍କୃତ କରାଯାଇଥିଲା। ଏଏମ୍/ଏନ୍ଏସ୍



ଇଣ୍ଡିଆର ଘୋରାବୁର୍ହାନିସାଗାସାହି ଖଣିରେ, ଖଣି ପ୍ରବନ୍ଧକ ସତ୍ୟକାମ ଦାସ, ଏଏମ୍/ଏନ୍ଏସ୍ ଇଣ୍ଡିଆର ପ୍ରକଳ୍ପ ମୁଖ୍ୟ ରନ୍ନେଶ ପ୍ରସାଦ, ତ୍ରିବେଣୀ ଆର୍ଥ ମୁଭର୍ସର ମହାପ୍ରବନ୍ଧକ ମନୋଜ କୁମାର ଏବଂ ଅନ୍ୟାନ୍ୟ କର୍ମଚାରୀ ଓ ଅଂଶୀଦାରଙ୍କ ଉପସ୍ଥିତିରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ଠାକୁରାଣୀ ଖଣିରେ, ଏଏମ୍/ଏନ୍ଏସ୍ ଇଣ୍ଡିଆର ଖଣି ପ୍ରବନ୍ଧକ ଇନ୍ଦ୍ରକାନ୍ତ ସାହା, ଠାକୁରାଣୀ ଖଣିର କର୍ମଚାରୀ, ଅଂଶୀଦାର ଏବଂ ସ୍ଥାନୀୟ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିଏସ୍ଆର ବିଭାଗ ପକ୍ଷରୁ ପାରାଦ୍ୱୀପର ୪ଟି ବିଦ୍ୟାଳୟଏବଂ ୫ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଉତ୍ସାହର ସହିତ ଏହି ଦିବସ ପାଳନ କରାଯାଇଛି। ଏହି ଅବସରରେ ପ୍ରବନ୍ଧ ଲିଖନ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମା ଅମ୍ବିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏକ ଉତ୍ସବରେ, ବିଭିନ୍ନ ପ୍ରତିଯୋଗିତାର ବିଜେତା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଡାବୁନାରେ, ସିଏସ୍ଆର ବିଭାଗ ପକ୍ଷରୁ ଇନ୍ଦିରା ସ୍ମୃତି ବିଦ୍ୟାପୀଠ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବଂ ଶ୍ରୀଗୁପ୍ତେଶ୍ୱର ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ଏକ ମିଳିତ କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସାମିଲ ହୋଇଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଠାକୁରାଣୀ ଏବଂ ସାଗାସାହି ଖଣି ନିକଟରେ ଥିବା ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସ୍ୱାଧୀନତା ଦିବସ ପାଳନ ଏବଂ ଭାରତର ସ୍ୱାଧୀନତାରେ ଅବଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନିତ କରିବାରେ ସହାୟତା କରିଥିଲା। ସାଗାସାହିରେ, କଳମଙ୍ଗ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ଛାତ୍ରଛାତ୍ରୀମାନେ ପତାକା ଉତ୍ତୋଳନ, କୁଇଜ୍, ସାଂସ୍କୃତିକ କାର୍ଯ୍ୟକ୍ରମ, ବିତର୍କ ଏବଂ ପ୍ରବନ୍ଧ ଲିଖନରେ ଅଂଶଗ୍ରହଣ କରିଥିଲେ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଏହି ଅଞ୍ଚଳଗୁଡିକରେ ୯ଟି ବିଦ୍ୟାଳୟ, ୧୧ଟି ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଗ୍ରାମପଞ୍ଚାୟତକୁ ପୁରସ୍କାର ଓ ମିଷ୍ଟାନ୍ନ ପ୍ରଦାନ, ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀ ଓ ରାଷ୍ଟ୍ର ନିର୍ମାଣ ପ୍ରତି ଏହାର ପ୍ରତିବଦ୍ଧତାର ପ୍ରଦର୍ଶନ କରିଛି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶୃଙ୍ଖଳିତ ଆଚରଣ, କାରଣ ଦର୍ଶାଅ ନୋଟିସ ଜାରି

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡୁଦାରର ଦବଙ୍ଗଗିରି ଚାଲିଥିବା ବେଳେ ଏ ସମ୍ପର୍କରେ ସୁଇପରକୁ କାରଣ ଦର୍ଶାଅ ନୋଟିସ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦେଇଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଯାହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ହ୍ୱାଟସ୍ଆପ୍ ଗ୍ରୁପ୍ ମାଧ୍ୟମରେ ଅପ୍ରିତିକର ମନ୍ତବ୍ୟ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜଣେ ଝାଡୁଦାର ଉପରେ ଅନୁକମ୍ପା ଦେଖାଇବା ପଛରେ କି ଉଦ୍ଦେଶ୍ୟ ରହିଛି ତାହାକୁ ନେଇ ଏବେ ଆଲୋଚନା ପୁରୀ ଜିଲ୍ଲାର ଗଳିକନ୍ଦିରେ ଚାଲିଛି। ନିମାପଡ଼ା-ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ କରୁଥିବା ଝାଡୁଦାର ତ୍ରିଲୋଚନ ଗୋଛାୟତ କାର୍ଯ୍ୟ କରୁଥିବା ବେଳେ ବିଭିନ୍ନ ସମୟରେ ଅପ୍ରିତିକର ମନ୍ତବ୍ୟ ସହ ବିଭିନ୍ନ ଘଟଣାରେ ହସ୍ତକ୍ଷେପ କରିବା କାରଣରୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ (ମେଡ଼ିକାଲ ଅଫିସର) ପ୍ରଶାନ୍ତ କୁମାର ସାମନ୍ତରାୟ ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଥିଲେ। ପୁରୀ ବଦଳି ହୋଇଯାଇଥିବା ବେଳେ ତ୍ରିଲୋଚନ ଗୋଛାୟତ ବିଭିନ୍ନ ଅଧିକାରୀଙ୍କୁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ବିରୋଧରେ ଲେଖି ପଠାଇବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଗୁପ୍ତ ତଥ୍ୟ ପ୍ରକାଶ କରି ଆସୁଥିଲେ। ଯାହାକୁ ନେଇ ଏ ସମ୍ପର୍କରେ ଅଡ଼ିଟ୍ କରାଯାଇଥିଲା। ଅଡ଼ିଟ୍‌ରେ ଅଭିଯୋଗର ସତ୍ୟତା ନାହିଁ ବୋଲି ଦର୍ଶା ଯାଇଥିଲା। ପୁରୀରେ କାର୍ଯ୍ୟ କରୁଥିବା ବେଳେ ଝାଡୁଦାର ତ୍ରିଲୋଚନ ଗୋଛାୟତ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଧରା ଧରି କରି ନିମାପଡ଼ା ବଦଳି ହୋଇ ଆସିଥିବା ବେଳେ ନିମାପଡ଼ାରେ ଆରମ୍ଭ କରିଛନ୍ତି ବିଶୃଙ୍ଖଳା। ଯାହାକୁ ନେଇ ତ୍ରିଲୋଚନ ଗୋଛାୟତଙ୍କୁ ନିମାପଡ଼ା ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ସୁବ୍ରତ ମହାପାତ୍ର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏପରି ଘଟଣା ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅବଗତ ଥିବା ବେଳେ କ'ଣ ପାଇଁ ଘଣ୍ଟ ଘୋଡ଼ାଉଛନ୍ତି ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ଏହି ଘଟଣା ପ୍ରତି ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଚାନକ ଗସ୍ତ

ଆସିକା, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ଆସିକାରେ ରହିଛି ଉପଖଣ୍ଡ ଚିକିତ୍ସାଳୟ। ଯେଉଁ ଚିକିତ୍ସାଳୟ ଉପରେ ପାଖାପାଖି ଆଠଟି ବ୍ଲକ୍‌ର ଶତାଧିକ ରୋଗୀମାନେ ନିର୍ଭରଶୀଳ। ହେଲେ ଜାତୀୟ ସ୍ୱାସ୍ଥ୍ୟ ନୀତି ଅନୁଯାୟୀ ଗୋଟେ ଉପଖଣ୍ଡ ଚିକିତ୍ସାଳୟରେ ୪୪ ଡାକ୍ତର ରହିବା ନିୟମ ରହିଛି। ସେଥି ମଧ୍ୟରୁ ୯ ଜଣ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତର ରହିବା ନିୟମ ରହିଛି। କିନ୍ତୁ ଉପଖଣ୍ଡ ଚିକିତ୍ସାଳୟ ଆବଶ୍ୟକ ଠାରୁ ଖୁବ୍ କମ୍ ଅଥାର୍ଥ ୧୪ ଜଣ ଡାକ୍ତର ରହିଛନ୍ତି।ସେଥି ମଧ୍ୟରୁ ୪ ଜଣ ବିଶେଷଜ୍ଞ, ଜେନେରାଲ ମେଡିସିନ, ଶିଶୁ ବିଭାଗ, ଅର୍ଥପେଡ଼ି ବିଭାଗ ଓ ସର୍ଜରୀ ଅଛନ୍ତି। କିନ୍ତୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ୮ ଟି ବ୍ଲକର ଦୈନିକ ଶହ ଶହ ରୋଗୀ ଆସିକା ମେଡ଼ିକାଲ କୁ ଚିକିତ୍ସା ପାଇଁ ଆସୁଥିବା ବେଳେ ଡ଼ାକ୍ତର ଅଭାବରୁ ଦୁଇ ରୁ ଚାରି ଘଣ୍ଟା ଧରି ଲମ୍ବା ଲାଇନରେ ଅପେକ୍ଷା କରୁଛନ୍ତି। ଅନ୍ୟ ପକ୍ଷରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ନଥିବା ଯୋଗୁଁ ବିଭିନ୍ନ ଜଟିଳ ରୋଗରେ ପୀଡିତ ଥିବା ରୋଗୀମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଉଛି। ହେଲେ ସ୍ଥାନାନ୍ତରିତ ସମୟ ରେ ରୋଗୀ ମାନେ ବାଟରେ ମୃତ୍ୟୁ ବରଣ କରୁଛନ୍ତି। ତା ସହ ଗରିବ ମୂଲିଆ ଖଟି ଖିଆ ରୋଗୀ ମାନେ ଦିନ ଦିନ ଧରି ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲରେ ପଡ଼ିବା ଫଳରେ




ଅନେକ ସମସ୍ୟା ଭୋଗୁଛନ୍ତି ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଅନ୍ୟ ପକ୍ଷରେ ଆସିକା ମେଡ଼ିକାଲ ରେ ଦୁର୍ଘଟଣାରେ ଆହତ ରୋଗୀ ବୃଦ୍ଧ ଶିଶୁ ମହିଳା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଡାକ୍ତର ଓ ଚିକିତ୍ସା ଅବହେଳାରୁ ପ୍ରତି ମାସରେ ମୃତ୍ୟୁହାର ବଢ଼ିବାରେ ଲାଗିଛି। ବିଗତ ୨୪ ବର୍ଷ ଶାସନରେ ମେଡିକାଲ କୋଠା ଚିକିତ୍ସା ପାଇଁ ବୈଷଇକ ଯନ୍ତ୍ର ପାତି ଯୋଗାଇ ଦେଇଥିଲେ ମଧ ମେଡିକାଲକୁ ଡାକ୍ତର ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଅନ୍ୟପଟେ ମେଡିକାଲକୁ ସ୍ଥାନୀୟ ସାଂସଦ, ବିଧାୟକ , ସ୍ୱାସ୍ଥ୍ୟମନ୍ତ୍ରୀ, ସିଡ଼ିଏମଓ ପରିଦର୍ଶନ କରିବାକୁ ଆସିଥିବା ସମୟରେ ଡାକ୍ତର ଅଭାବର ଅଭିଯୋଗ ମଧ ମେଡ଼ିକାଲକୁ ଡାକ୍ତର ଯୋଗାଇ ଦେଇନାହାନ୍ତି। ତେଣୁ ଆସିକା ମେଡ଼ିକାଲର ପୂର୍ବରୁ ଯେଉଁ ଦୟନୀୟ ଅବସ୍ଥା ରହିଥିଲା ବର୍ତ୍ତମାନ ମଧ ସେହି ଦୟନୀୟ ଅବସ୍ଥାରେ ଗତି କରୁଛି। ଜିଲ୍ଲାପାଳଙ୍କ ଅଚାନକ ଗସ୍ତ ସମୟରେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ପ୍ରକାଶ ଥାଉକି ଚିକିତ୍ସାଳୟ ରେ ମାଳ ମାଳ ଦଲାଲ ମାନଙ୍କୁ ଔଷଧ ଦୋକାନୀ ମାନେ ରଖି ରୋଗୀଙ୍କ ଚିଠା ନେଇ ବାହାରୁ ଔଷଧ ନେବାକୁ କହୁଛନ୍ତି। ଡାକ୍ତରଖାନା ରେ ଦିଆଯାଉଥିବା ଔଷଧ ଭଲ ନାହିଁ ବାହାରୁ ନେଲେ ରୋଗ ଭଲ ହେବ ବୋଲି ପ୍ରବାର୍ତ୍ତା ଉଥିବା ଲକ୍ଷକରାଯାଇଛି। ଏକ ବର୍ଷ ପୂର୍ବ କାର୍ଯ୍ୟରେ ଅବହେଳା ଯୋଗୁଁ ଜଣେ ନର୍ସଙ୍କୁ ବଦଳୀ କରାଯାଇଥିଲା। ଲେଖା ଛିଡ଼ିଯିବା ଯୋଗୁଁ ପୁଣି ସେହି ନର୍ସଙ୍କୁ ଏଠାକୁ ଅଣାଯାଇଥିବା ଚର୍ଚ୍ଚା ହେଉଛି। ଆସିକା ଅଞ୍ଚଳରେ ଲେଖା ଛିଡ଼ିଗଲେ ସବୁ ସମ୍ଭବ ବୋଲି ଆଲୋଚନା ହେଉଛି।

## ବ୍ୟବହାର ହେଉନି ସାନିଟାଇଜ୍, ଲୋକମାନେ ମହାମାରୀ ରୋଗରେ ଆକ୍ରାନ୍ତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ମଶା, ମାଛିଙ୍କର ପ୍ରାଦୁର୍ଭାବ ବଢୁଥିବା ବେଳେ ଲୋକମାନେ ମହାମାରୀରେ ଆକ୍ରାନ୍ତ ହେଉଛନ୍ତି। ସାନିଟାଇଜ୍ ସାମଗ୍ରୀ ବ୍ୟବହାର କରା ନଯାଇ କେଉଁଆଡ଼େ ଯାଉଛି ବୋଲି ପରିଷଦ ଅଞ୍ଚଳର ଜନସାଧାରଣ ପରିଷଦକୁ ପ୍ରଶ୍ନ କରିଛନ୍ତି। ମଶାମରା ଏକ ପ୍ରହସନ ପାଲଟି ଥିବା ବେଳେ ମଶାମରା ଧୂଆଁ ଛଡ଼ା ଯାଉ ନାହିଁ କିମ୍ବା ବ୍ଲିଚିଂ ବ୍ୟବହାର କରାଯାଉ ନାହିଁ। କୌଣସି ଦିନ ନେତା କିମ୍ବା ଜିଲ୍ଲା ପ୍ରଶାସନରୁ ଉଚ୍ଚ ଅଧିକାରୀ ଆସିବା ବେଳେ ଲୋକ ଦେଖାଣିଆ ଭାବେ କିଛି ବ୍ଲିଚିଂ ରାସ୍ତା କଡ଼ରେ ପକା ଯାଉଥିବା ବେଳେ ତାହା ଅନ୍ୟ ସମୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାକୁ ନେଇ ଉଦ୍‌ବେଗ



ପ୍ରକାଶ କରିଛି ନିମାପଡ଼ା ଜାଗ୍ରତ ଯୁବଶକ୍ତି। ଚଳିତ ମୌସୁମୀ କାଳନୀ ବର୍ଷା ଋତୁ ସମୟରେ ଡ଼େଙ୍ଗୁ, ମ୍ୟାଲେରିଆ ଭଳି ରୋଗ ବାହକ ମଶା, ମାଛିଙ୍କ ପ୍ରାଦୁର୍ଭାବ ହ୍ରାସ କରିବା ଲାଗି ପଦକ୍ଷେପ ଗ୍ରହଣ କରିବା ପାଇଁ 'ଜାଗ୍ରତ ଯୁବଶକ୍ତି' ଯୁବ ସଂଗଠନ ତରଫରୁ ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷାଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିମାପଡ଼ା ନଗରର ସମସ୍ତ ଡ୍ରେନ୍ ସଫେଇ କରାଯାଇ ସେଥିରେ ରାସାୟନିକ କୀଟନାଶକ ତୈଳସିଞ୍ଚନ ସହିତ, ଡ୍ରେନ୍ କଡ଼ ତଥା ଜନଗହଳିପୂର୍ଣ୍ଣ ସ୍ଥାନ ଯଥା ହାଟ, ବଜାର ପଡ଼ିଆ, ପାର୍କ ଭଳି ସ୍ଥାନ ମାନଙ୍କରେ ବ୍ଲିଚିଙ୍ଗ ସିଂଚନ, ପ୍ରତ୍ୟେକ ସାହି, କଲୋନୀ, ବସ୍ତି, ନଗରରେ ନିୟମିତ ମଶା ଧୂଆଁ ଦେବା ସହିତ ବିଭିନ୍ନ ସ୍ଥାନରେ ବହୁ ଦିନ ଧରି ଜମି ରହିଥିବା ବର୍ଜ୍ୟ ଜଳ, ପରିତ୍ୟକ୍ତ ସାମଗ୍ରୀ ଗୁଡ଼ିକୁ ଯୁଦ୍ଧକାଳୀନ ଭିତିରେ ପରିଷ୍କାର କରିବାକୁ ଦାବି ଉପସ୍ଥାପନ କରାଯାଇଥିଲା। ଜାଗ୍ରତ ଯୁବଶକ୍ତି ସଙ୍ଗଠନ ସଂଯୋଜକ ସମୀର ରଞ୍ଜନ ରାଉତରାୟ, ଆବାହକ ଆଦର୍ଶ ଦାଶ, ବିଶ୍ୱଜିତ ବେହେରା, ଦେବାଶିଷ ଦାଶ, ଦଣ୍ଡପାଣି ସାହୁ, ଅନୁକୂଳ ସ୍ୱାଇଁ, ଅଭିଜିତ ମହାପାତ୍ରଙ୍କ ସମେତ ବହୁ ସଚେତନ ନାଗରିକ ଗଣ ଉପସ୍ଥିତ ହୋଇ ଜନସ୍ୱାସ୍ଥ୍ୟ ସହିତ ଜଡ଼ିତ ଉପରୋକ୍ତ ସମସ୍ୟା ଗୁଡ଼ିକର ତ୍ୱରିତେ ସମାଧାନ କରିବାକୁ ବିଜ୍ଞାପିତ ଅଞ୍ଚଳ ପରିଷଦଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ।

# MAA TUJHE SALAAM | ମା' ତୁଝେ ସଲାମ୍

IN THE MEMORY OF MARTYRS




ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଭାରତୀୟ ତଟରକ୍ଷୀ କମାଣ୍ଡାଣ୍ଟ ସୁନିଲ ଦତ୍ତ


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଗ୍ରୁପ୍ କ୍ୟାପ୍‌ଟେନ୍ ପୁନିତ୍ ଚିଲ୍ଲାର


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଓଡ଼ିଶା ଭାସ୍କରର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି


ବିଏସ୍ଏଫ୍ ଯବାନଙ୍କ ଦ୍ୱାରା ଗାର୍ଡ ଅଫ୍ ଅନର


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି କମାଣ୍ଡର ବୈଭବ ବିଜୟ କାର୍ଲସକର


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଓଡ଼ିଶା ଭାସ୍କର ସିଓଓ କୌସ୍ତୁଭ ଦାସ


ସହିଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ପୂର୍ବତନ ସିଆର୍‌ପିଏଫ୍ ଆଇଜି ସୁବ୍ରତ କୁମାର ମିଶ୍ର


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ବିଏସ୍ଏଫ୍ ଆଇଜି ଡିକେ ଶର୍ମା


କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ


କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ


ମା' ତୁଝେ ସଲାମ୍ କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୂପ୍ ପଟ୍ଟନାୟକ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ଭାସ୍କର ଲାଇଭ୍‌ର ପ୍ରତିଷ୍ଠାତା ତିଳକରାଜ ମହାନ୍ତି ଓ ଅନ୍ୟମାନେ


କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବିଧାୟକ ବାବୁ ସିଂ ଓ ୟୁନିଅନ୍ ବ୍ୟାଙ୍କର ଜିଏମ୍ ହରି କ୍ରିଷ୍ଣା ଦାସ ଓ ଅନ୍ୟମାନେ


କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ସୁମିତ ମୁଣ୍ଡ, ଓଡ଼ିଶା ଭାସ୍କରର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି ଓ ଓଡ଼ିଶା ଭାସ୍କର ଲାଇଭ୍‌ର ପ୍ରତିଷ୍ଠାତା ତିଳକରାଜ ମହାନ୍ତି


ସହିଦ ରମେଶ ଚନ୍ଦ୍ର ପାତ୍ରଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା


ସହିଦ ଈଶ୍ୱର ତଲିଆଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି ଓ ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି


ସହିଦ ଜୟରାମ କବାସିଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଓଡ଼ିଶା ପୋଲିସ (ଏସ୍ଏପି) ଆଇଜି ଅଭିନାଶ କୁମାର


ସହିଦ ମୁନା କୁମାର ସିଂଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସିଆର୍‌ପିଏଫ୍ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଓ ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି


ସହିଦ ପ୍ରତାପ ନିଆଲଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଭାରତୀୟ ତଟରକ୍ଷୀ କମାଣ୍ଡାଣ୍ଟ ସୁନିଲ ଦତ୍ତ


ସହିଦ ବାଲାଜି ମଙ୍ଗରାଜଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କର୍ଣ୍ଣେଲ୍ ରୋହିତ କୁମାର ସିଂ


ସହିଦ ଭୋଗି ମଣ୍ଡଳଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଗ୍ରୁପ୍ କ୍ୟାପ୍‌ଟେନ୍ ପୁନିତ ଚିଲ୍ଲାର


ସହିଦ ରାଜ କିଶୋର ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି ଓ ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି


ସହିଦ ସରାଜ ସାହୁଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କମାଣ୍ଡର ବୈଭବ ବିଜୟ କାର୍ଲସକର


ସହିଦ ନରହରି ମହନ୍ତଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି କର୍ଣ୍ଣେଲ୍ ରୋହିତ କୁମାର ସିଂ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର




ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ମାଟିର ସୁପ୍ରସିଦ୍ଧ କବି କେଶବ ଚନ୍ଦ୍ର ନାୟକଙ୍କ ଦ୍ୱାରା ରଚିତ ଭଜନ ସଂକଳନ ଦାରୁବ୍ରହ୍ମ ପୁସ୍ତକର ଭଜନ 'କି ସୁନ୍ଦର ସେ ଅଧର ମୋହନ ବଂଶୀ, ଅନା ଗୁପସୀ' ମୁକ୍ତିଲାଭ କରିଛି। ଏହି ଭଜନ କୁ କଣ୍ଠଦାନ କରିଛନ୍ତି କନକା ମିଶ୍ର (ଭୁବନେଶ୍ୱର) ଏବଂ ସଂଗୀତ ସଂଯୋଜନା କରିଛନ୍ତି ଅଶୋକ କୁମାର ସାହୁ (ଭୁବନେଶ୍ୱର)। ଏହା ବ୍ୟତୀତ ଏହି ଭଜନକୁ ପ୍ରଯୋଜକ ଭାବରେ ସୁଶାନ୍ତ କୁମାର ନାୟକ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ଭଜନଟି ଗୋଲ୍ଡ ଏଣ୍ଟରଟେନ ଷ୍ଟୁଡିଓରେ ରେକର୍ଡ କରାଯାଇଛି। କବି କେଶବ ଚନ୍ଦ୍ର ନାୟକଙ୍କ ରଚିତ ଭଜନ 'ଆଜି ତ ବାହୁଡା ଯାତ୍ରା ଲୋ ମିଶଣି' ଗତ ଜୁନ୍ ୨୭ ତାରିଖ ପବିତ୍ର ରଥଯାତ୍ରା ଉପଲକ୍ଷେ ମୁକ୍ତିଲାଭ କରିଥିଲା। ସେହି ଭଜନକୁ ମଧ୍ୟ କଣ୍ଠଦାନ କରିଥିଲେ କନକା ମିଶ୍ର। କବି କେଶବ ଚନ୍ଦ୍ର ନାୟକଙ୍କ ଭଜନ ସଂକଳନରୁ ୨ ଟି ଭଜନ ରେକର୍ଡ କରାଯାଇଥିବା ବେଳେ ଆଗକୁ ଆଉ ୪ ଗୋଟି ଭଜନ ମୁକ୍ତିଲାଭ କରିବ। ଶ୍ରୀ ନାୟକଙ୍କ ରଚିତ ଦାରୁବ୍ରହ୍ମ ଭଜନ ସଂକଳନରେ ୫୨ ଗୋଟି ଭକ୍ତି ଗୀତ ରହିଛି। ସେହିପରି କବି କେଶବ ଚନ୍ଦ୍ର ନାୟକଙ୍କ ଅନନ୍ୟ ଭଜନ ସଂକଳନ ପୁସ୍ତକ 'ଦାରୁ ଦେବତା' ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକରେ ୬୧ ଗୋଟି ଭଜନ ସ୍ଥାନିତ ହୋଇଅଛି। ଏହି ଭଜନ ସଂକଳନରୁ ମଧ୍ୟ ଆଗାମୀ ଦିନରେ ଭଜନ ରେକର୍ଡ ହୋଇ ୟୁଟ୍ୟୁବରେ ପ୍ରସାରଣ ହେବାକୁ ଯାଉଛି। କବି କେଶବ ଚନ୍ଦ୍ର ନାୟକ ଓଡ଼ିଶା ସାହିତ୍ୟ ଜଗତରେ ଜଣେ ଅମ୍ଳାନ ଜ୍ୟୋତିଷ୍କ। ସେ ଏକା ଧାରରେ ଜଣେ ଦକ୍ଷ ସାମ୍ବାଦିକ, କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ନାଟ୍ୟକାର ଏବଂ ଔପନ୍ୟାସିକ ଅଟନ୍ତି। ତାଙ୍କର କବିତା, ଗଳ୍ପ ଓ ପ୍ରବନ୍ଧ ଓଡ଼ିଆ ବହୁ ପତ୍ର ପତ୍ରିକାରେ ପ୍ରକାଶିତ। ଶ୍ରୀ ନାୟକଙ୍କ ଦ୍ୱାରା ରଚିତ ୮ ଗୋଟି ପୁସ୍ତକ ବର୍ତ୍ତମାନ ସୁଦ୍ଧା ପ୍ରକାଶ ପାଇଛି।



# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ରାଇଘର(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ସମସ୍ତ ସରକାରୀ ବେସରକାରୀ ଆଦି ବିଭିନ୍ନ ଅନୁଷ୍ଠାନ ଯଥା ସାମ୍ବାଦିକ ସଂଘ, ବ୍ଲକ , ପୋଲିସ ଷ୍ଟେସନ, କୋର୍ଟ, ରାଜୀବ ସ୍ମୃତି ଗାର୍ଲସ ହାଇ ବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର ଯୁବକ ସଂଘ ପକ୍ଷରୁ , ମେଡିକାଲ , ଆଦି ବିଭିନ୍ନ ଅନୁଷ୍ଠାନ ତରଫରୁ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ସଂଘର ସଭାପତି ଭବାନୀ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ। ସଙ୍ଘର ଉପଦେଷ୍ଟା କିରଣ କୁମାର ପଟ୍ଟନାୟକଙ୍କ ସମେତ ସଂଘର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଫିସ ପୋଲିସ ଷ୍ଟେସନ, ତଥା କୋର୍ଟ ମଧ୍ୟରେ, କର୍ମଚାରୀଙ୍କ ଉପସ୍ଥିତିରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ସ୍ୱାଧୀନତା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ଗୁଣୁପୁର(ଭାସ୍କର ନ୍ୟୁଜ): ଗୁଣୁପୁର ମିନି ଷ୍ଟାଡିୟମରେ ଉପଖଣ୍ଡ ସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ମହା ଆଡମ୍ବରରେ ପାଳିତ ହୋଇଯାଇଛି। ଆୟୋଜିତ ସମ୍ମିଳିତ ପ୍ୟାରେଡ଼ରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୁଧାଳ ଅଭିଷେକ ଦିଲୀପ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରି ସୁନ୍ଦର ଭାରତ ଗଠନ ନିମନ୍ତେ ଶିକ୍ଷା, ସମୃଦ୍ଧି ଉନ୍ନତମାନର ହେବା ଆବଶ୍ୟକ ଏବଂ ଆମ ଦେଶ ପାଇଁ ସ୍ୱାଧୀନତା ଆଣିଥିବା ସଂଗ୍ରାମୀ ମାନଙ୍କ ବଳିଦାନ ମନେ ପକେଇବା ସହ ସେମାନଙ୍କୁ ସଲାମି ଦେବା କଥା ବୋଲି ନିଜ ଅଭିଭାଷଣରେ ରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଣପୁର ଭାରତୀୟ ସଂରକ୍ଷିତ ବାହିନୀ ଦୁର୍ଗପତି ବ୍ରଜ ମୋହନ ନାୟକ , ଡେପୁଟି କମାଣ୍ଡାଣ୍ଡ ରମେଶ ଚନ୍ଦ୍ର ମହାଲିକ , ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଗୁଣପୁର ଆଦର୍ଶ ଥାନା ଅଧିକାରୀ କେ. କେ. ବି. କେ. କହଁର, ବନଖଣ୍ଡ ଅଧିକାରୀ ଗଙ୍ଗାଧର ମିଶ୍ର , ଅତିରିକ୍ତ ତହସିଲଦାର ଗୟା ଉମ୍ବରୁଧର ବେହେରା , ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଅଗ୍ନିଶମ ଅଧିକାରୀ ରଜନୀ କାନ୍ତ ଗୌଡ଼ ସହକାରୀ ନିର୍ବାହି ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାସନ ପକ୍ଷରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ମା'ପାଇଁ ଗଛ ଟିଏ ଏ ଚିନ୍ତା ଧାରାକୁ ଉଚ୍ଚତର କରିବା ପାଇଁ ବୃକ୍ଷରୋପଣ ନିମନ୍ତେ ଗୋଟିଏ ଲେଖାଏଁ ଚାରା ମଧ ପ୍ରଦାନ କରାଯାଇଥିଲା। ପ୍ୟାରେଡ଼ ପରେ ମୁଖ୍ୟ ଅତିଥି ଜେଲ ଅନ୍ତେବାସୀଙ୍କୁ ମିଠା, ସଦର ଚିକିତ୍ସାଳୟ ରୋଗୀଙ୍କୁ ଫଳ, ସେବାସମାଜ ବାଳିକାଙ୍କ ପୋଷାକ, ସ୍କୁଲ ଉପକରଣ, ବାଳନିକେତନ ଛାତ୍ରଙ୍କୁ ସ୍କୁଲ ବ୍ୟାଗ, ବହି ଆଦି ବଣ୍ଟନ କରିଥିଲେ । ଉପଖଣ୍ଡସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଅନନ୍ତ କୁମାର ପାତ୍ର ଓ ସୋମନାଥ ଗମାଙ୍ଗ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସେହିପରି କିଡ଼ସ ଜି ଇଂଲିଶ୍ ମିଡିୟମ ବିଦ୍ୟାଳୟ ପରିସରରେ ୭୯ତମ ସ୍ୱାଧୀନତା ଦିବସ ସହ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ଉତ୍ସାହର ସହ ପାଳନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ଶତପଥୀ, ମୁଖ୍ୟ ଅତିଥି ମୁରଲୀଧର ପଣ୍ଡା ମଂଚାସୀନ ଥିଲେ ଏବଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜନ୍ମାଷ୍ଟମୀ ଉତ୍ସବରେ ବରିଷ୍ଠ ଛାତ୍ରମାନଙ୍କ ଦ୍ୱାରା ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ପରମ୍ପରା ଓ ସଂସ୍କୃତିର ଜୀବନ୍ତ ଚିତ୍ର ପ୍ରସ୍ତୁତ କରିଥିଲା।





ବରଗଡ(ଭାସ୍କର ନ୍ୟୁଜ): ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡିଆ ଠାରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ମାନନୀୟ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ । ସମାରୋହରେ ପଦ୍ମଶ୍ରୀ ଭାଗବତ ପ୍ରଧାନ, ଅପରେସନ ସିନ୍ଦୁରର ସଫଳତାରରେ ଭାଗିଦାର ଥିବା ଶଶସ୍ତ୍ର ସୀମାବଳରେ ଇନ୍ସପେକ୍ଟର ଜିଡ଼ି ସୁମନ୍ତ ସାହୁଙ୍କ ପରିବାର ବର୍ଗ, ମୃତ୍ୟୁ ପରେ ନିଜ ଶରୀରର ସମସ୍ତ ଅଙ୍ଗ ଦାନ କରିଥିବା ସ୍ୱର୍ଗତ ଗଙ୍ଗାଧର ପ୍ରଧାନ ଓ ଚମ୍ପାବତୀ ପ୍ରଧାନଙ୍କ ସମ୍ପର୍କୀୟ ଏବଂ ଇଣ୍ଡିଆ ବୁକ ରେକର୍ଡ ଧାରୀ ସ୍ମୃତିସାଲୋମ ଭୋସାଗରଙ୍କ ସମେତ ୭ ଜଣ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପୁରସ୍କୃତ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧନା କରଯାଇଥିଲା ଏବଂ ନକ୍ସଲ ଅପରେସନରେ ସହୀଦ ହୋଇଥିବା ସିଆରପିଏଫ ଯବାନ ସ୍ୱର୍ଗତ ପଦ୍ମଲୋଚନ ମାଝୀଙ୍କ ମା ଶର୍ମିଳା ମାଝୀଙ୍କୁ ଚାରି ଡେସିବିଲି ଜମି ପଟ୍ଟା ପ୍ରଦାନ କରିଥିଲେ। ସମ୍ମିଳିତ ପ୍ୟାରେଡର ସମାପ୍ତି ପରେ ମୁଖ୍ୟ ଅତିଥି ଓ ସମସ୍ତ ସମ୍ମାନିତ ଅତିଥି ପ୍ୟାରେଡ ପଡିଆ ପ୍ରାଙ୍ଗଣରେ ବୃକ୍ଷରୋପଣ କରିଥିଲେ। ସମାରୋହରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଜିଲ୍ଲା କାରାଗାର ସମସ୍ତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଦିଆଯାଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଫଳ ବଣ୍ଟନ କରଯାଇଥିଲା। ଦିବସର ସମସ୍ତ କାର୍ଯ୍ୟକ୍ରମ ସୁପରିଚାଳନା ପାଇଁ ମୁଖ୍ୟଯନ୍ତ୍ରୀ,ପୂର୍ତ୍ତ ବିଭାଗ, ବରଗଡ, ପ୍ୟାରେଡ ପଡିଆରେ ସମସ୍ତ ବ୍ୟବସ୍ଥା କରିଥିବା ବେଳେ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ସେହିପରି ବରଗଡ କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ସ୍ୱାଧୀନତା ଦିବସ ଅତିଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହିଅବସର ଅବସରପ୍ରାପ୍ତ କୃଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ପୁଷ୍ପଲତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଦେଶଭକ୍ତିନୃତ୍ୟ ଓ ଗୀତ ପରିବେଷିତ ହୋଇଥିଲା। । ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।






ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଆଜି ୭୯ତମ ସ୍ୱାଧୀନତା ଦିବସ ଆଡମ୍ବର ସହକାରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ନିହାର ରାୟ, ଜିଲ୍ଲା ଯୁବ ବିଜେପି ସଭାପତି ରତନ ବଣିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମ୍ପାଦକ ଶ୍ରୀନିବାସ ପାତ୍ର, କୋଷାଧ୍ୟକ୍ଷ ହୃଷିକେଶ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି, ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାସ, ମନୋଜ ସାହା, ରାହୁଲ ଗୋଲରି, ଦିଲୀପ ପଟ୍ଟନାୟକ, ମାଣିକ ବାଛଡ, ପଙ୍କଜ ଖରା, ନିର୍ମଳା ଏକା, ବିଟୁ ରାଓ, ଶରତ ଖରା, କିରଣ କୁମାର, ମୃଣାଲ ମଣ୍ଡଳ, ବିକ୍ରମ ସ୍ୱାଇଁ, ବାଦଲ ବିଶ୍ୱାଳ, ଅସୀମ ବିଶ୍ୱାସ, କିଶୋର ପାଡିକା ପ୍ରମୁଖଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ପରିଶେଷରେ ଶ୍ରୀ ଦାସ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ମାଲକାନଗିରି ଡିଏନ୍‌କେ ଖେଳ ପଡିଆ ଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗ ଦେଇ ସମ୍ମିଳିତ ପ୍ୟାରେଡ୍‌କୁ ଉଦ୍‌ବୋଧନ ଦେବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ଶବର, ବନଖଣ୍ଡ ଅଧିକାରୀ ସାଇ କିରଣ ଓ ଉପଜିଲ୍ଲାପାଳ ଅଶ୍ୱିନ ଏଏଲ୍ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ସେହିପରି ଉତ୍ତମ ମାଲିକ ଟାଲେଣ୍ଟ ସ୍କୁଲ ମାଲକାନଗିରି ଠାରେ ୭୯ ତମ ସ୍ୱାଧିନତା ଦିବସ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶ୍ରୀ ବସୁଦାମ ଶ୍ୟାମ ଦାସ (ମାଲକାନଗିରି ଇସ୍କନ ମନ୍ଦିର ପ୍ରତିଷ୍ଠାତା) ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ ।। ଏହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ମୁଖ୍ୟ ଭୂମିକାରେ ଥିଲେ ଉତ୍ତମ ମାଲିକ ଟାଲେଣ୍ଟ ସ୍କୁଲର ସହ ସଂଯୋଜକ ଦିଲୀପ ଦାସ, ଉପାଧକ୍ଷ କିଶୋର କୁମାର, ଅଧ୍ୟାପକ ପଙ୍କଜ ରାଉତ, ସୁଚିଶ୍ମିତା ପାଢ଼ୀ, ରାଜୁ ସରକାର, ଆଲିଶା ପଟ୍ଟନାୟକ, ଆକାଶ ମିସ୍ତ୍ରୀ ବନିତା ବର୍ମନ,ଲିଜା ରାୟ, ଆଦି ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେହିପରି ସ୍ୱାଧୀନତା ଦିବସ ଓ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀର ଶୁଭ ଅବସରରେ ଜିଲ୍ଲା ପରିଷଦ ମୁଖ୍ୟ ଅଧିକାରୀ ନରେଶ ଚନ୍ଦ୍ର ଶବର ଆଓମା ଗୁରୁକୁଳ, ମାଲ୍ୟବନ୍ତ ଛାତ୍ରାବାସ ଓ ଗୁରୁପ୍ରିୟା ହଷ୍ଟେଲ ସହିତ ଅନ୍ୟାନ୍ୟ ହଷ୍ଟେଲକୁ ଯାଇ ୬୦୦ରୁ ଅଧିକ ଶିଶୁଙ୍କ ସହିତ ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ଅଶୋକ ପଟ୍ଟନାୟକ, ଅଶୋକ ସାହୁ, ରଶ୍ମି ମହାନ୍ତି, ବିନାଶ କୁମାର ମିଶ୍ର, କାଳୁଚରଣ ମହାରଣା, ଦିବ୍ୟରଞ୍ଜନ ପାଣିଗ୍ରାହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।



ନବରଙ୍ଗପୁର (ଭାସ୍କର ନ୍ୟୁଜ): ନବରଙ୍ଗପୁର ପି ଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନବରଙ୍ଗପୁର ତା ୧୬.୦୮.୨୫ (ଭାସ୍କର ନ୍ୟୁଜ) ସ୍ଥାନୀୟ ନବରଙ୍ଗପୁର ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ବର୍ମା ଜାତୀୟ ପତାକା ଉତ୍ତୋଳନ କରି ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଭବିଷ୍ୟତରେ ଦେଶ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଙ୍କିତ ବର୍ମା, ବକ୍ତା ଭାବେ ଅଧ୍ୟାପକ ଶ୍ରୀ ରାଜେନ୍ଦ୍ର ଯାଦବ ନିଜ ବକ୍ତବ୍ୟରେ ଅଗଷ୍ଟ ୧୫ ତାରିଖର ମହାନତାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ।ଏହା ପରେ ଛାତ୍ରଛାତ୍ରୀମାନେ ଦେଶାତ୍ମବୋଧକ ସଙ୍ଗୀତ ନୃତ୍ୟ ପରିବେଷଣ, ଅଭିନୟ, ବକ୍ତୃତା,ସହିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଅଧ୍ୟାପିକା ସନ୍ଧ୍ୟାମୟୀ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଭିଭାବକ ଶିକ୍ଷକ ସଂଘର ଉପ-ସଭାପତି ଡ.ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ସ୍କୁଲ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ସାରା ଦେଶ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛି। ଏଇ କ୍ଷେତ୍ରରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର କୋଣ ଅନୁକୋଣରେ ଆଜି ଜାତୀୟ ପତାକା ଫର୍ ଫର୍ ହୋଇ ଉଡ଼ିଥିବା ବେଳେ 'ଭାରତ ମାତା'କି ଜୟ' ଧ୍ୱନିରେ ଅଞ୍ଚଳ କମ୍ପି ଉଠିଥିଲା। ପ୍ରତ୍ୟେକ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଭାରତ ବର୍ଷର ଜାତୀୟ ପର୍ବ ସ୍ୱାଧୀନତା ଦିବସ ବଡ଼ ଧୁମଧାମରେ ପାଳନ କରାଯାଇଥିଲା। ଏଇ କ୍ଷେତ୍ରରେ ଜାତୀୟ ପତାକା ତଳେ ଛିଡ଼ା ହୋଇ ପିଲାଠୁ ବୁଢ଼ା ସଭିଏଁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେ ପକାଇ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରେ ବ୍ଲକ୍ ସଦରରେ ଥିବା ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ୟାରେଡରେ ବାହାରି ସହର ପରିକ୍ରମା କରି ବଜାର ମଝିରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ କିଛି ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶରେ ଆସିଥିବା ଦେଖିବାକୁ ମିଳିଥିଲା। ରାଜନେତାଙ୍କଠୁ ଆରମ୍ଭ କରି ସରକାରୀ କର୍ମଚାରୀ ସଭିଏଁ ଜାତୀୟ ପତାକାକୁ ସମ୍ମାନ ଜଣାଇ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରିଥିଲେ।



କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀର ମାଦିକୁନ୍ଦା ପୋଲିସ ରିଜର୍ଭ ପଡିଆ ଠାରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ମହାଆଡ଼ମ୍ବର ପାଳିତ ହୋଇଯାଇଛି।ଏହି ଅବସରରେ ରାଜ୍ୟ ଯୋଗାଣ, ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହା ସହ ସମେତ ପରେଡରେ ଅଭିବାଦନ ଗ୍ରହଣ କରିଛନ୍ତି। ଆୟୋଜିତ ପ୍ୟାରେଡରେ ପୋଲିସ ବାହିନୀ ସମେତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶ୍ରେଷ୍ଠ ବିବେଚିତ ଦଳମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ମନ୍ତ୍ରୀ ସରକାରୀ ଡାକ୍ତରଖାନା ଓ ଜିଲ୍ଲା କାରାଗାର ପରିଦର୍ଶନ କରି ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅବସରରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ।



ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ଗାନ୍ଧିଛକଠାରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଏହି ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟ ଅତିଥି ମଣିରାମ ସିଂ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବରିଷ୍ଠ ନାଗରିକ ପୀତବାସ ବଢେଇ, ଗଣେଶ ରାମ ନାଏକ, ଅଶୋକ ନାଥ, ରଞ୍ଜନ କୁମାର ପଣ୍ଡା, ନଳିନୀ ଭୋଇ, ପବିତ୍ର ସା, ବିଭୂତି ଖମାରି, ମନୋଜ ମେହେର ସମ୍ମାନିତ ଅତିଥି ଓ ନାଟ୍ୟ ନିର୍ଦ୍ଦେଶକ ଝସକେତନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଲାଲଜି ଜୈସୱାଲ, ଟଙ୍କ ପ୍ରଧାନ, ମନୋଜ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଇବ୍ ଭ୍ୟାଲି ଡିଏଭି ପବ୍ଲିକ ସ୍କୁଲରେ ମହାସମାରୋହରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇବ ଭ୍ୟାଲି ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏମସିଏଲ ଇବ ଭ୍ୟାଲି ମାନବ ସଂଶୋଧନ ଅଧିକାରୀ ଦ୍ୱାରିକା ପ୍ରସାଦ ଟଣ୍ଡନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମଲେଶ୍ୱରୀ ଖୋଲା ମୁହଁ କୋଇଲା ଖଣି ଠାରେ କାର୍ଯ୍ୟରତ ନିରୁପମା ଠିକା ସଂସ୍ଥା ରେ ରାମଚନ୍ଦ୍ର କର ପତାକା ଉତ୍ତୋଳନ କରିଥିଲେ । ଠିକା ସଂସ୍ଥାର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ବ୍ରଜରାଜନଗର ପୌର କାର୍ଯ୍ୟାଳୟରେ ନଗରପାଳ କୃଷ୍ଣ ଗୋପାଳ ସୀତାନୀ ପତାକା ଉତ୍ତୋଳନ କରିଥିଲେ। ମିସନ ଶକ୍ତି ଗୃହ ଠାରେ ସିଡିପି ଓ ସ୍ୱର୍ଣ୍ଣ ମଞ୍ଜରୀ ସାମଲ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ। ପ୍ରମିଳା ରାୟ ଚୌଧୁରୀ ପୂରବୀ ମିଶ୍ର, ମମତା ଛତ୍ରିଆ, ସାରଦା ସାହୁ, ଟିକେଶ୍ୱରୀ ପ୍ରଧାନ, ରୋଷ୍ନି ଦେବୀ, ଜୟନ୍ତୀ ସାହୁ ଓ ଆଇସିଡିଏସର ସମସ୍ତ କର୍ମଚାରୀ ଏବଂ କେତେକ ଏସଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ । କୁସୁମ ମୁଣ୍ଡା ଅଙ୍ଗନବାଡି କେନ୍ଦ୍ରରେ ମଣି ମିର୍ଦ୍ଧା ପତାକା ଉତ୍ତୋଳନ କରିଥିଲେ। ଅଳକା ନନ୍ଦ, ଚିତ୍ରାଞ୍ଜଳି କଉଡି, କୁମୁଦିନୀ ଭଞ୍ଜ ଉପସ୍ଥିତ ଥିଲେ । ବ୍ରଜରାଜନଗର ଥାନାରେ ଥାନା ଅଧିକାରୀ ଧବଳେଶ୍ୱର ସାହୁ, ଓରିଏଣ୍ଟ ଥାନାରେ ଏସଡ଼ିପିଓ ଚିନ୍ତାମଣି ପ୍ରଧାନ ପତାକା ଉତ୍ତୋଳନ କରିଥିଲେ । ବହୁମୁଖୀ ଇନଡୋର ଷ୍ଟାଡିୟମ ଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବ୍ୟାୟମ ଶିକ୍ଷକ ସନ୍ତୋଷ ଗର୍ଡିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରଜରାଜନଗର ନଗରପାଳ କୃଷ୍ଣ ଗୋପାଳ ସୀତାନି ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ ।

ରାଜଗାଙ୍ଗପୁର (ଭାସ୍କର ନ୍ୟୁଜ): ରାଜଗାଙ୍ଗପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ୭୯ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ରାଜଗାଙ୍ଗପୁର ପୌରପାଳିକା ଆନୁକୂଲ୍ୟରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସରେ ପୌର ଅଧକ୍ଷା ମାଧୁରୀ ଲୁଗୁନ ମୁଖ୍ୟ ଅତିଧି ଭାବେ ଯୋଗ ଦେଇ ଜାତୀୟ ପତକା ଉତ୍ତୋଳନ କରି ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପୌର ପାଳିକାର କାଉନସିଲର କୌଶଳ ସିଂ ଗୋବର୍ଦ୍ଧନ ତନ୍ତୀ, ସୁଧୀର ସାହା ଅନ୍ୟାନ କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ରାଜଗାଙ୍ଗପୁର ପ୍ରେସ କ୍ଲବ ଏବଂ ମିଡ଼ିଆ କ୍ଲବ ମିଳିତ ଭାବେ ସ୍ଥାନୀୟ କମ୍ୟୁନିଟି ସେଣ୍ଟର ଠାରେ ବରିଷ୍ଠ ସାମ୍ବାଦିକ ରାଜେନ୍ଦ୍ର କୁମାର ବେହେରା ଏବଂ ବିଶ୍ୱକେତନ ରାୟ ଜାତୀୟ ପତକା ଉତ୍ତୋଳନ କରି ଦେଶବାସୀଙ୍କ ମଙ୍ଗଳ କାମନା କରିଥିଲେ। ସାମ୍ବାଦିକ ଆଶିଷ କୁମାର ଶତପଥୀ ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ପ୍ରଫୁଲ କୁମାର ସାହୁ, ତନ୍ମୟ ସିଂ, ଗିରିଜା ପ୍ରସନ ସାମଲ ଦେଶବାସୀ ଙ୍କ ଉଧେଶ୍ୟ ରେ ଉଦବୋଧନ ପ୍ରଦାନ କରିଥିଲେ। ପୋଲିସ ଷ୍ଟେସନ ପରିସରରେ ଆୟୋଜିତ ପ୍ୟାରେଡ଼ରେ ମୁଖ୍ୟ ଅତିଥି ଏସଡିପିଓ ବିଭୁତି ଭୂଷଣ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରି ଆୟୋଜିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଥାନା ପ୍ରଭାରୀ ବିଜୟ କୁମାର ଦାଶ ସ୍ୱାଧୀନତା ଦିବସ ଉପରେ ଦିଗାନ୍ତ ଭାଷଣ ପ୍ରଦାନ କରିଥିଲେ। ବନ ଉପଖଣ୍ଡ କାଯ୍ୟାଳୟ ଠାରେ ଉପଖଣ୍ଡ ଅଧିକାରୀ ଗୁରୁଚରଣ ମଣ୍ଡଳ ତହସିଲଦାର ଅଫିସ ପ୍ରାଙ୍ଗଣରେ ତହସିଲଦାର ଜଗବନ୍ଧୁ ମଲ୍ଲିକ ରାଜଗାଙ୍ଗପୁର ଅଞ୍ଚଳର ବିଭିନ୍ନ ସ୍କୁଲ କଲେଜରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।



## ଅପହରଣ ମାମଲା
# ୭ଗିରଫ, ୨କାର୍ ଜବତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ଅପହରଣ ମାମଲାରେ ୭ ଜଣଙ୍କୁ ଗିରଫ କରିଛି ପାରଳାଖେମୁଣ୍ଡି ପୋଲିସ। ପାରଳାଖେମୁଣ୍ଡି ଥାନା ଡାମୁଣି ଗାଁର ଶ୍ରୀହରି ଗ୍ରାନାଇଟର ମ୍ୟାନେଜର ଧର୍ମେନ୍ଦ୍ର କୁମାରଙ୍କୁ ଅପହରଣ କରିନେଇଥିଲେ ଅଭିଯୁକ୍ତମାନେ। ସମସ୍ତ ଅଭିଯୁକ୍ତ ଆନ୍ଧ୍ରପ୍ରଦେଶର ବିଜୟନଗରମ



ସହରର ହୋଇଥିବା ବେଳେ, ବ୍ୟବସାୟ ଶତ୍ରୁତାକୁ ନେଇ ଅପହରଣ କରିଥିବା ଜଣାପଡିଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଗଜପତି ଏସ୍ପି କହିଛନ୍ତି ଯେ, ବିଜୟନଗରମର ଗୋପାଳ ସିଂ ନାମକ ଜଣେ ବ୍ୟବସାୟୀଙ୍କୁ ବ୍ୟବସାୟ କାରବାର ନେଇ ଏକ ଲକ୍ଷ ଟଙ୍କା ଦେବାକୁ ଥିଲେ ଧର୍ମେନ୍ଦ୍ର କୁମାର। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ ଗତକାଲି ଅର୍ଥାତ ୧୩ ତାରିଖ ଅପରାହ୍ନ ୩ଟା ସମୟରେ ଦୁଇଟି କାରରେ ୭ ଜଣ ସହଯୋଗୀଙ୍କୁ ନେଇ ଗ୍ରାନାଇଟ ଫ୍ୟାକ୍ଟ୍ରି ମଧ୍ୟରେ ପ୍ରବେଶ କରି ବଳପୂର୍ବକ ଧର୍ମେନ୍ଦ୍ରଙ୍କୁ ଉଠାଇ ନେଇଥିଲେ ଏବଂ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ନିକଟସ୍ଥ ଜଣେଶ ଗ୍ରାନାଇଟ ଫ୍ୟାକ୍ଟ୍ରିର ମ୍ୟାନେଜର ତାରା ସିଂ ଯାଦବ ଘଟଣା ସମ୍ପର୍କରେ ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଯାହାକୁ ଆଧାର କରି ପାରଳାଖେମୁଣ୍ଡି ଏସଡିପିଓ ମାଧବ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଜୟନଗରମ ଠାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଅପହରଣରେ ବ୍ୟବହାର କରାଯାଇଥିବା ଦୁଇଟି କାର ସହ ଅଭିଯୁକ୍ତଙ୍କ ଠାରୁ ଚାରୋଟି ମୋବାଇଲ ନଗଦ ୨୫ ହଜାର ଟଙ୍କା ଜବତ କରିଛି ପୋଲିସ। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତିନ ପଣ୍ଡା ।

# ନଦୀକୁ ଖସି ବାଳକ ମୃତ

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ): ନଈରେ ଗାଧେଇବା ହେଲା କାଳ। ଗାଧେଇବା ବେଳେ ନଈ ଅତଡ଼ା ଖସି ବାଳକର ମୃତ୍ୟୁ। ସ୍ୱାଧୀନତା ଦିବସ ପାଳନ ସରିବା ପରେ ନାଗାବଳୀ ନଈକୁ ୫ ଜଣ ବାଳକ ଗାଧୋଇବାକୁ ଯାଇଥିଲେ। ଏପରି ଅଭାବନୀୟ ଘଟଣାଟି ଘଟିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପଲମା ପଞ୍ଚାୟତର ପଙ୍ଗେଲି ଗାଁରେ। ନାଗାବଳୀ ନଦୀର ୫ ଜଣ ବାଳକ ଗାଧୋଇବା ବେଳେ ପିଲାଙ୍କ ଉପରେ ନଈ ଅତଡା ଖସି ଯାଇଥିଲା, ଏହି ଘଟଣା ସମ୍ପର୍କରେ ଗାଁ ବାସିନ୍ଦା ଖବର ପାଇବା ପରେ ଘଟଣା ସ୍ଥଳକୁ ଯାଇ ୪ ଜଣ ବାଳକକୁ ଉଦ୍ଧାର କରିଥିବା ବେଳେ ଜଣେ ବାଳକଙ୍କ ମୃତ୍ୟୁ ହୋଇଥିଲା। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। କାନ୍ଦ ବୋବାଳିରେ ଗାଁ ଫାଟି ପଡ଼ିଛି। ଆଜି ମଧ୍ୟାହ୍ନରେ କିଛି ପିଲା ମେଳ ହୋଇ ନଦୀକୁ ଯାଇଥିଲେ। ମୃତ ବାଳକ ହେଲେ ପଙ୍ଗେଲି ଗାଁର ସାଙ୍ଗାରାଓ



ହିକକାଙ୍କ ପୁତ୍ର ଧର୍ମା ହିକକା ବୟସ ୬। ପରିବାର ବର୍ଗଙ୍କ ପକ୍ଷରୁ କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମରଶରୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଅଧିକା ତଦନ୍ତ ଆରମ୍ଭ କରିଛି। ଏନେଇ ପୋଲିସ ପ୍ରତିକ୍ରିୟା ମିଳିପାରିନାହିଁ।

# ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ): ପୂର୍ବରୁ ଗୃହରକ୍ଷୀ ନିଯୁକ୍ତିକୁ ବିଭିନ୍ନ ଜିଲ୍ଲାରେ ଅନେକ ଅଭିଯୋଗ ଦେଖିବାକୁ ମିଳିଥିବାବେଳେ ବର୍ତ୍ତମାନ ଗଜପତି ଜିଲ୍ଲା ମଧ୍ୟ ସେଥିରୁ ବାଦ ପଡ଼ିନାହିଁ । ଗତକାଲି ଗୃହରକ୍ଷୀ ହୋମ୍‌ଗାର୍ଡ ରିଜେଲ୍ଟ ପ୍ରକାଶ ପାଇବା ପରେ ଆବେଦନ କାରୀଙ୍କ ମଧ୍ୟରେ। ଅସନ୍ତୋଷ ଦେଖିବାକୁ ମିଳିଛି । ଆଜି ଆବେଦନ କାରୀମାନେ ଗଜପତି ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବସିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଆଇଆଇସି ପହଞ୍ଚିଥିଲେ । ଆଇଆଇସି ଆବେଦନ କାରୀଙ୍କୁ ସେମାନଙ୍କ ଅସୁବିଧା ବିଷୟରେ ଆଲୋଚନା କରିଥିଲେ ଆବେଦନ କାରୀଙ୍କ କହିବା ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଅଭିଯୋଗ ଆଣିଛନ୍ତି ଯେ ଯେଉଁମାନେ ଇଣ୍ଟରଭିୟୁ ଯୋଗ ନ ଦେବା ସତ୍ତ୍ୱେ କେମିତି ତାଙ୍କର ସିଲେକ୍ସନ ପ୍ରକିୟା ରେ ନାମ ରହିଛି ଓ କାହିଁକି ପ୍ରତି ଇଭେଣ୍ଟର ପବ୍ଲିକେସନ୍ ହେଉନାହିଁ। ପ୍ରକାଶ କରାଯାଉନାହିଁ । ଗତକାଲି ଯେଉଁ ରେଜଲ୍ଟ ବାହାରିଲା ସେଥିରେ ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ। ଆବେଦନ କାରୀ ଦାବି କରିଛନ୍ତି କି ଯେଉଁମାନେ ଚାକିରୀ ପାଇଛନ୍ତି ସେମାନଙ୍କ ମଧ୍ୟରୁ କିଛି ପିଲା ଯୋଗ୍ୟତା ନଥିଲେ ମଧ୍ୟ ସେମାନଙ୍କ ନାମ ରହିଛି। ତେଣୁ ଆମେ ଚାହୁଁଛୁ ଯେ ଆମେ କେମିତି ଏଥିରୁ ବାଦ ପଡ଼ିଲୁ । ଆମର ମାର୍କ କେତେ ଆସିଛି ଜାଣିବା ପାଇଁ ଚାହୁଁଛୁ ବୋଲି ଆଇଆଇସି ଙ୍କୁ କହିଥିଲେ। ଏହା ପରେ ଆବେଦନକାରୀଙ୍କୁ ଆଇଆଇସି ପ୍ରତିଶ୍ରୁତି ଦେଇ କହିଛନ୍ତି। ଆସନ୍ତାକାଲି ଆସନ୍ତୁ ସମସ୍ତ ପିଲାଙ୍କ ନାମ ଲିଖିତ ଆକାରରେ ଦେବାକୁ କହିଥିଲେ ପରେ ଲିଖିତ ଆକାରରେ ଦେଇଯାଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ଆବେଦନ କାରୀଙ୍କ ଦାବି ଅନୁଯାୟୀ ସେମାନଙ୍କ ମାର୍କ ଫଳାଫଳ ସେମାନଙ୍କ ପ୍ରଦାନ କରାଯାଉଛି କି ନାହିଁ ।

# ପୁଣି ହାଟରୁ ମୋବାଇଲ ଚୋରି

ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ହାଟରେ ବହୁ ଦିନର ବ୍ୟବଧାନ ପରେ ମୋବାଇଲ ଚୋର ସକ୍ରିୟ ହୋଇ ଉଠିଛନ୍ତି ।ଲକ୍ଷ୍ମୀପୁର ଅଞ୍ଚଳର ଜଣେ ଜଣାଶୁଣା ବ୍ୟବସାୟୀ ଦୀନବନ୍ଧୁ ସାହୁ ଙ୍କର ଲକ୍ଷ୍ମୀପୁର ସାପ୍ତାହିକ ହାଟରୁ ମୋବାଇଲ ଚୋରି ହୋଇଥିବା ଜଣାପଡିଛି ।ଆଗରୁ ଅନେକ ଲୋକଙ୍କ ମୋବାଇଲ ହାଟରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେବି ଗୋଟିଏ ହେଲେ ମୋବାଇଲ ମିଳିନଥିବାରୁ ଅନେକ ଲୋକଙ୍କ ଚୋରି ହେଉଥିଲେବି ଥାନାକୁ ଅଭିଯୋଗ କରିବାକୁ ଯାଉ ନାହାନ୍ତି। ଯାହା ଫଳରେ ଅନେକ ଚୋରି ବିଷୟ ଚାପି ହୋଇ ରହିଯାଉଛି ।ତେଣୁ ପୋଲିସ ଉପରୁ ଲୋକଙ୍କ ବିଶ୍ୱାସ ଉଠିବା ପୂର୍ବରୁ ଚୋରଙ୍କୁ ଧରି କୋର୍ଟ ଚାଲାଣ କରିବାକୁ ସାଧାରଣରେ ଦାବି ହୋଇଛି ।ଖବର ଲେଖା ହେବା ସୁଧା ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି।



ନିଆଳୀ(ଭାସ୍କର ନ୍ୟୁଜ): ନିଆଳୀ ବ୍ଲକ୍ ଦେବୀ କନ୍ଦଳ ଦିପାଞ୍ଚଳ ଏକ ବରୁଆଁ ପଞ୍ଚାୟତ ସାବୁତ ସାହି ୯ ନଂ ୱାର୍ଡରେ ଥିବା ନଳକୂପକୁ ସର୍ବେଶ୍ୱର ଦାସଙ୍କନାତୀ ନିଜ ଟ୍ରାକ୍ଟର ଲଗାଇ ନଳକୂପ ଭାଙ୍ଗି ଦେଇଥିଲେ । ଏହି ଭଙ୍ଗା ନଳକୂପଟିକୁ ମରାମତି ନିମନ୍ତେ ସରପଞ୍ଚ ସିମେଣ୍ଟ, ଇଟା ଅନ୍ୟାନ୍ୟ ଯନ୍ତ୍ରାଂଶ ପଠାଇବାରୁ ଏହାକୁ ତିବ୍ର ବିରୋଧ କରୁଛନ୍ତି ସର୍ବେଶ୍ୱର ଓ ତାଙ୍କ କୁଟୁମ୍ବ ମାନେ ପାଣି ପିଇବାକୁ ଅନ୍ୟ ପରିବାର ହନ୍ତସନ୍ତ ହୋଇଥିବାବେଳେ ସର୍ବେଶ୍ୱର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ହୋଇଥିବାରୁ ଏଭଳି ରାଜନୀତି କରି ଲୋକମାନଙ୍କୁ ପାଣି ପିଇବାରୁ ହନ୍ତସନ୍ତ କରୁଛନ୍ତି । ଏହି ଘଟଣାକୁ ନେଇ ସରପଞ୍ଚ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି । ଏନେଇ ସର୍ବେଶ୍ୱରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ନିଆଳୀ ବ୍ଲକ ଜଳ ପରିମଳ ବିଭାଗ ଯନ୍ତ୍ରୀ ଗୋବିନ୍ଦ ମଲ୍ଲିକଙ୍କୁ ପଚାରିବାରକୁ ଉକ୍ତ ନଳକୂପଟି ୩ ବର୍ଷ ତଳେକରାଯାଇଥିଲା । ଏହା ସମ୍ପୂର୍ଣ୍ଣ ଭଲ ଅଛି । ମରାମତି କଲେ ଚାଲିବ । ବିରୋଧ କରୁଥିବା ଲୋକମାନେ ବିଧାୟକ ନୂଆ ନଳକୂପ ବସାଇବେ ବୋଲି କହିଛନ୍ତି । ଏଣୁ ନଳକୂପ ମରାମତି କରାଇ ଦେଉନାହାନ୍ତି, ଆଇନ ଅନୁଯାୟୀ ନିଷ୍ପତ୍ତି ନିଆଯାଉଛି ।



# ନାଲକୋରେ ୭୯ତମ ସ୍ୱାଧୀନତା ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର ଭୁବନେଶ୍ୱର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟ ଏବଂ ଦେଶର ସମସ୍ତ ୟୁନିଟ୍ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ ଗୁଡ଼ିକରେ ହର୍ଷୋଲ୍ଲାସ ଏବଂ ଦେଶପ୍ରେମର ଭାବନା ସହିତ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । କର୍ପୋରେଟ୍ କାର୍ଯ୍ୟାଳୟରେ, ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଜାତୀୟ ପତାକା ଉତ୍ତୋଳନ କରିଥିଲେ ଓ ଏହା ସହିତ ଉପସ୍ଥିତ କର୍ମଚାରୀ ଏବଂ ଅତିଥିଙ୍କ ଦ୍ୱାରା ସମୂହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ସମାବେଶକୁ ସମ୍ବୋଧିତ କରିବା ଅବସରରେ ସିଏମଡି ଶ୍ରୀ ସିଂହ ନାଲକୋ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଦେଶ ପ୍ରତି ସେମାନଙ୍କର ସମର୍ପଣକୁ ସୁଦୃଢ଼ କରିବା ସହ, ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ପରିବର୍ତ୍ତନ ଏବଂ ଉତ୍କର୍ଷତାର ପରବର୍ତ୍ତୀ ସ୍ତରରେ ପହଞ୍ଚିବାକୁ ସେ ଆହ୍ୱାନ ଦେଇଥିଲେ । ନାଲକୋ ସିଏସଆର କାର୍ଯ୍ୟକ୍ରମ ଦ୍ୱାରା ଆଦିବାସୀ ପିଲାମାନଙ୍କ ନିମନ୍ତେ ପରିଚାଳିତ ଆବାସିକ ଶିକ୍ଷା କାର୍ଯ୍ୟକ୍ରମର ଛାତ୍ରଛାତ୍ରୀ ମାନେ ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । କିସ ବିଦ୍ୟାଳୟରୁ ଆସିଥିବା ଏହି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଚିତ୍ତାକର୍ଷକ ଦେଶାତ୍ମବୋଧକ ଏବଂ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ମୃତ୍ତିକା ଅନୁକୂଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ସବୁଠାରୁ ପୁରାତନ ଓ ପ୍ରସିଦ୍ଧ ଦୁର୍ଗା ପୂଜା ସମିତି ସହିଦନଗର ପକ୍ଷରୁ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ତିଥିରେ ଜଗତଜନନୀ ଦୁର୍ଗା ମାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଉଦ୍ଦେଶ୍ୟରେ ମୂର୍ତ୍ତିକା ଅନୁକୂଳ ଅନୁଷ୍ଠିତ ହୋଇଯାଇଛି । ସମିତି ର କର୍ମକର୍ତ୍ତା ଓ ସଦସ୍ୟ ମାନେ କୁଆଖାଇ ନଦୀ ପଠାରେ ପୂଜାର୍ଚ୍ଚନା କରି ମାଟି ଉଠାଇ ଥିଲେ । ସମିତି ପ୍ରାଙ୍ଗଣରୁ ଏକ ଶୋଭାଯାତ୍ରା ବାହାରି ମାଟି ଅନୁକୂଳ ପାଇଁ କୁଆଖାଇର ନଦୀ ଯାତ୍ରା କରିଥିଲେ ଓ ଘଣ୍ଟା, ମୃଦଙ୍ଗ, ଢୋଲ,ଶଙ୍ଖ, ମହୁରୀ ଓ କୀର୍ତ୍ତନ ରେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ସମିତିର ସଭାପତି ହେମନ୍ତ କୁମାର ପରିଡ଼ା, କାର୍ଯ୍ୟକାରୀ ସଭାପତି ସରୋଜା କୁମାର ପାତ୍ର, ଉପସଭାପତି ଚନ୍ଦନ ପାଳିତ, ଯୁଗ୍ମସଂପାଦକ ବିଶ୍ୱପ୍ରସାଦ ମହାନ୍ତି, ରଞ୍ଜନ କୁମାର ମହାପାତ୍ର, କୋଷାଧକ୍ଷ ଶ୍ରୀ ସ୍ମୃତି ରଞ୍ଜନ ଜେନା, କାର୍ଯ୍ୟ କାରୀ ସଦସ୍ୟ ଦିଲୀପ ମଲ୍ଲିକ, ସରତ ବେହେରା, ବିଦ୍ୟାନନ୍ତ ସିଂହ, ମନୋରଞ୍ଜନ ମିଶ୍ର, ବିଷ୍ଣୁ ପ୍ରସାଦ ଦାସ, ଅଶୋକ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ,ଲଳିତ ଖୁଣ୍ଟିଆ, ଅଭିଷେକ ପ୍ରଧାନ, ସିଦ୍ଧେଶ୍ୱର ମହାରଣା,ସନ୍ଦୀପ ବେହେରା,ଶକ୍ତି ପ୍ରସାଦ ଜି, ଆଦର୍ଶ ପଟ୍ଟନାୟକ, ହେମନ୍ତ ମଲ୍ଲିଆ, ମନୋରଞ୍ଜନ ପଲେଇ,ଅମିତ, ରଞ୍ଜନ ବାରିକ, ସୁବ୍ରତ ସିଂହ, ସୁନୀଲ ସେଠି, ଗୁଡ୍ଡୁ, ଆଶୁତୋଷ, ଜିତେନ୍ଦ୍ର ରାଓ, ଲିଙ୍ଗରାଜ ଓ ଅନେକ ସଭ୍ୟ ମାନଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।



## AFFIDAVIT

By virtue of an affidavit sworn before Notary Public, Cuttack. I Ranjit Mohanty, aged about 53 years, S/o- Late Amulya Krishna Mohanty of Kalyani Nagar, Urmila Niwas, Po & Ps- Madhupatana, Dist- Cuttack, declares that my name reflected in my Matric Certificate and Passport as Ranajit Mohanty where as in Aadhar & PAN Card has been reflected as Ranjit Mohanty. So- Ranajit Mohanty and Ranjit Mohanty are same and one person. Henceforth, I will be known as Ranjit Mohanty for all purposes.

**Sd/- Ranjit Mohanty**

## AFFIDAVIT

By virtue of an affidavit sworn before the Executive Magistrate, Nayagarh, dated: 07.07.2025, I Mina Basantara, Address: Village- Itamati (Teli Sahi), Po- Itamati,Ps- Itamati, Dist- Nayagarh, Odisha, PIN-752068, declare that I have changed my name from Laxmipriya Basantara to Mina Basantara. Henceforth, I shall be known as Mina Basantara for all purposes.

**Sd/- Mina Basantara**

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, dated: 07.08.2025, I Bharati Pradhan, Address: At- Lodhachua, Po- Lodhachua, Ps- Ranapur, Dist- Nayagarh, Odisha, PIN-752026, declare that I have changed my daughter's name from Bebina Sahoo to Swayamsree Sahoo. Henceforth, She shall be known as Swayamsree Sahoo for all purposes.

**Sd/- Bharati Pradhan**

## AFFIDAVIT

By virtue of an affidavit sworn before Notary Public, Bhubaneswar, dated: 22.04.2025, I Naran Pradhan, Address: At- Ray-541, Kargil Road, Kargil Basti, Aerodrome Area, Ps- Airport, Bhubaneswar, Dist- Khordha, Odisha, PIN-751020, declare that I have changed my name from Naran Katari to Naran Pradhan. Henceforth, I shall be known as Naran Pradhan for all purposes.

**Sd/- Naran Pradhan**

# ଶଙ୍ଖ ଭବନରେ ୭୯ତମ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଦଳୀୟ କର୍ମୀଙ୍କ ଗ୍ରହଣରେ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ପତାକା ଉତ୍ତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକସୁଶାନ୍ତ ରାଉତ, ଭୁବନେଶ୍ୱର ମେୟରସୁଲୋଚନା ଦାସ, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର, ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଓ ଡ଼ ପ୍ରିୟବ୍ରତ ମାଝୀ ଏବଂ ବିଜୁ ଯୁବ, ଛାତ୍ର ଓ ମହିଳା ଜନତା ଦଳର ସଦସ୍ୟବୃନ୍ଦଙ୍କ ସହିତ ବିଏମ୍ସିର ବିଜେଡି କର୍ପୋରେଟର ଓ ଦଳୀୟ କର୍ମୀମାନେ ଯୋଗ ଦେଇଥିଲେ ।

## AFFIDAVIT

I Nrusingh Behera S/o Niranjan Behera, resident of Plot No. HIG III/148, Lane 20, Satyasai Enclave, Kolathia, PO. Khandagiri, Bhubaneswar - 751030 Odisha, declare by this affidavit No 115 dtd.14.08.25 that, now onwards I shall be known as Nrusingha Behera for all future purposes.

# ତ୍ରିରଙ୍ଗା ହୃଦୟରେ- ସ୍ୱାଧୀନତା ଦିବସ ପାଳନ



ଭୁବନେଶ୍ୱର (ଭାସ୍କର ନ୍ୟୁଜ): ୭୯ତମ ସ୍ୱାଧୀନତା ଦିବସ ୧୫ ଅଗଷ୍ଟରେ ବ୍ଲସମ୍ସ ସ୍କୁଲରେ ବିଶେଷ ଗର୍ବ , ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରାଗଲା । ସମଗ୍ର ବିଦ୍ୟାଳୟ ପରିସର ତ୍ରିବର୍ଣ୍ଣ ପତାକା, ବେଲୁନ୍ ଓ ଫୁଲରେ ସୁସଜ୍ଜିତ ହୋଇଥିଲା । ମୁଖ୍ୟ ଅତିଥି ମେଜର୍ ଜେନେରାଲ୍ ପ୍ରଫେସର୍ ଡା. ପି. କେ. ପଟ୍ଟନାୟକଙ୍କୁ ଛାତ୍ରଛାତ୍ରୀମାନେ ଅନୁରକ୍ଷଣ ପୂର୍ବକ ସମାରୋହ ସ୍ଥଳକୁ ନେଇ ଆସିଥିଲେ । ଜାତୀୟ ପତାକା ଉତ୍ତୋଳନ ସହିତ ଛାତ୍ରଛାତ୍ରୀ ଓ ଶିକ୍ଷକମଣ୍ଡଳୀଙ୍କ ଏକତ୍ର ଜାତୀୟ ସଙ୍ଗୀତ ଗାଉଥିବା ସ୍ୱର, ଆକାଶରେ ଗୁଞ୍ଜି ଉଠିଲା । ଛାତ୍ରଛାତ୍ରୀମାନେ ସ୍ୱାଧୀନତା ସେନାନୀଙ୍କୁ ସ୍ମରଣ କରି ଦେଶଭକ୍ତିମୟ ସ୍ଲୋଗାନ୍ ଦେଲେ ଏବଂ ଅନୁଶାସିତ ପ୍ୟାରେଡରେ ନିଜର ଦକ୍ଷତା ଓ ସମନ୍ୱୟ ପ୍ରଦର୍ଶନ କଲେ । ସେମାନେ ଦିନଟିର ଗୁରୁତ୍ୱ ଉପରେ ମତାମତ ଦେଇଥିଲେ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ । ସ୍କୁଲ୍ ପ୍ରଧାନଶିକ୍ଷିକା ଶ୍ରୀମତୀ ସୀମିତା ପଣ୍ଡା ସମାବେଶକୁ ସମ୍ବୋଧନ କରି, ଦେଶର ଦାୟୀତ୍ୱଶୀଳ ନାଗରିକ ଭାବେ ଆମର କର୍ତ୍ତବ୍ୟ ସ୍ମରଣ କରାଇଥିଲେ ଓ ଦେଶର ଉନ୍ନତି ପାଇଁ କାମ କରିବାର ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ଛାତ୍ରଛାତ୍ରୀଙ୍କୁ ଦେଶର ଏକତା ଓ ସମନ୍ୱୟ ପାଇଁ ପ୍ରେରିତ କରିଥିଲେ । ସେ ନବୋନ୍ମେଷ ୯.୦ ବିଜ୍ଞାନ ପ୍ରଦର୍ଶନୀର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କଲେ । ସ୍ଥାପକ ପ୍ରବନ୍ଧକ ଶ୍ରୀ ତୌରାଜ୍ ମୋଗବେଲପୁର୍ ମୁଖ୍ୟ ଅତିଥିଙ୍କୁ ସ୍ମୃତିଚିହ୍ନ ପ୍ରଦାନ କଲେ । ଦିନଟି ପ୍ରକୃତରେ ସ୍ମରଣୀୟ ହେଲା, ଯାହା ଆମ ହୃଦୟକୁ ଦେଶପ୍ରେମରେ ପୂର୍ଣ୍ଣ କରିଦେଲା

# ଓଡିଶା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ପଦଯାତ୍ରା

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଆଜି ଓଡିଶା କନିଷ୍ଠ ଶିକ୍ଷକ ସଙ୍ଘ ମାଲକାନଗିରି ଜିଲ୍ଲା ପକ୍ଷରୁ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରାଥମିକ ଶିକ୍ଷା ଇତିହାସରେ ସବୁଠାରୁ ବଡ଼ ନିଷ୍ପତ୍ତି ପୁନର୍ବାର ସରକାରଙ୍କ ଅନୁମୋଦନ ଓ ତୁରନ୍ତ କାର୍ଯ୍ୟକାରୀ ନିମନ୍ତେ ଓଡିଶା କନିଷ୍ଠ ଶିକ୍ଷକ ସଂଘ ର କାର୍ଯ୍ୟକର୍ତ୍ତା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଓଡ଼ିଶା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଯେଉଁ ସବୁ ଐତିହାସିକ ପରିବର୍ତ୍ତନ ପାଇଁ ଗଣଶିକ୍ଷା ବିଭାଗ ଗତ ୦୨.୦୮.୨୦୨୫ ରିଖ ଶନିବାର ଦିନ ଚିଠି ସଂଖ୍ୟା- ୨୧୨୬୮ ଦ୍ୱାରା ପ୍ରକାଶ କରିଥିଲେ, ତାହାକୁ ଗତ ୦୮.୦୮.୨୦୨୫ ରିଖ ଦିନ କୌଣସି କାରଣ ଦର୍ଶାଇ ବିଭାଗ ପକ୍ଷରୁ ପ୍ରତ୍ୟାହାର କରି ନିଆଯାଇଛି । ଯେଉଁ ସୁପାରିଶ ଦ୍ୱାରା ଓଡ଼ିଶାର ଧ୍ୱଂସ ପାଇବାକୁ ବସିଥ ?ିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗଦର୍ଶନ ମିଳିପାରିଥାନ୍ତି, ତାହା ଏବେ ପ୍ରତ୍ୟାହୃତ । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି କରିବା, ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ଓ କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତୀକ) ମାନଙ୍କୁ ନିୟମିତ କରିବା ଏକୁ ଯୁଗାନ୍ତକାରୀ ପଦକ୍ଷେପ, ଯାହାକୁ ସେହି ସୁପାରିଶ ମାଧ୍ୟମରେ ପୂରଣ କରିଥାନ୍ତି, ତାହାକୁ ବିଭାଗ ହଟାଇ ଦେଇଛି ।

## AFFIDAVIT

By virtue of an affidavit No-2584 sworn before Executive Magistrate, Khordha on dated: 14.08.2025, I Umakanta Bhoi, S/o- Biswanath Bhoi, resident of village/ post-Hadapada, Ps- Jankia, Dist- Khordha, declares that my minor son's actual name is Chandrakanta Bhoi which has been mentioned in his Birth Certificate. But wrongly mentioned as Chundanakuni Bhoi. Chandrakant Bhoi & Chundanakuni Bhoi is same and one person belongs to my son. This affidavit is to be produced before concerned authority for Aadhar correction as Chandrakanta Bhoi.

**Sd/- Umakanta Bhoi**


# ଆତ୍ମା, ମୟୂରଭଞ୍ଜ

ମୟୂରଭଞ୍ଜ ଜିଲ୍ଲା କୃଷି ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ କୃଷକ ଭାଇ ଭଉଣୀ ମାନଙ୍କୁ ପବିତ୍ର ସ୍ୱାଧୀନତା ଦିବସ 'ଓଡ଼ିଶା ଭାସ୍କର' ଦୈନିକ ଓଡ଼ିଆ ଖବର କାଗଜର 'ମାତୁଝେ ସଲାମ୍'କାର୍ଯ୍ୟକ୍ରମ ଅବସରରେ କ୍ରାନ୍ତିକାରୀ ଶୁଭେଚ୍ଛା ଓ ଶୁଭ ଅଭିନନ୍ଦନ ।


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେଉଁଠି ତାଣ୍ଡବ...

ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଛି । ସେହିପରି କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରରେ ଲଗାଣ ବର୍ଷା ଯୋଗୁ ମାଟି ଅତଡ଼ା ଧସି ରାସ୍ତା ଅବରୋଧ ହୋଇଥିବା ଖବର ମିଳିଛି । ବିଜାପୁର ଘାଟି-କେରେଙ୍ଗା ପାହାଡ଼ ମଝି ରାସ୍ତାରେ ମାଟି ଧସିବା ଫଳରେ ଦାମନଯୋଡ଼ି-ନାରାୟଣପୁର ମଧ୍ୟରେ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ସେହିପରି ମୟୂରଭଞ୍ଜ ଓ ବାଲେଶ୍ୱରରେ ବର୍ଷା ଲାଗି ରହିଥିବାବେଳେ ଅନ୍ୟ ଅଞ୍ଚଳ ଶୁଖିଲା ପଡ଼ିଛି । ବିଶେଷକରି ଉପକୂଳରେ ଚାଷକାର୍ଯ୍ୟ ଧିମେଇ ଯାଇଥିବା ଦେଖିବାକୁ ମିଳୁଛି । ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିଛି । କେତେବେଳେ ବର୍ଷା ହେବ, ଆଉ ବିଲକୁ ଯାଇ ଚାଷ କରିବ ସେହି ଚିନ୍ତାରେ ଘାରି ହେଉଛି । ଚଳିତବର୍ଷ ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବ ବୋଲି ପୂର୍ବରୁ ପାଣିପାଗ ବିଭାଗ ଆକଳନ କରିଥିବାବେଳେ ଏବେ ନିଅଣ୍ଟିଆ ବର୍ଷାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛି ।

## ରାଜ୍ୟରେ ଆଉ...

ସମସ୍ତ ପ୍ରସ୍ତୁତି ଶେଷ ହୋଇସାରିଛି । ରାଜ୍ୟରେ ନୂଆ ଏନଏସି ଏବଂ ଏନଏସିକୁ ପୌରପାଳିକାରେ ପରିଣତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଫିଜିବିଲିଟି ରିପୋର୍ଟ ମଗା ଯାଇଥିଲା । ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଏହି ୧୨ଟି ଅଞ୍ଚଳକୁ ଏନଏସି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ମୃତ୍ୟୁ ସଂଖ୍ୟା...

ପୋତିହୋଇ ଯାଇଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢିବାର ଆଶଙ୍କା ପ୍ରକାଶ ପାଇଛି । ବିଶେଷକରି କିସ୍ତୱାଡର ଚାସୋତି ଗାଁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ଜାମ୍ମୁକାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କିସ୍ତୱାଡରେ ପହଞ୍ଚି ସ୍ଥିତିର ସମୀକ୍ଷା କରିବା ସହ କେତେଲୋକ ନିଖୋଜ ରହିଛନ୍ତି ତା'ର ଆକଳନ କରାଯାଉଥିବା ସୂଚନା ଦେଇଛନ୍ତି । ପ୍ରବଳ ବର୍ଷା କାରଣରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେଉଛି । ଏନଡିଆରଏଫ, ଏସଡିଆରଏଫ ଓ ସେନା ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି । ମୃତକଙ୍କ ଭିତରେ ଅଧିକାଂଶ ଶ୍ରଦ୍ଧାଳୁ ଥିବା ପୋଲିସ କହିଛି । ଏପରିକି ପ୍ରବଳ ବର୍ଷା ଓ ମାଟି ଅତଡ଼ା ଖସିବା ଯୋଗୁ ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରେ ପହଞ୍ଚିବା କାଠିକର ପାଠ ହୋଇପଡ଼ିଛି । ତେବେ ପ୍ରଶାସନ ସ୍ଥିତି ଉପରେ ନଜର ରଖିଥିବା ସୂଚନା ଦେଇଛି ।

## ଏବେ ଭାରତ କରିବ...

କରିଥିଲେ । ସେ କହିଥିଲେ, ଦେଶ ଏବେ ଅଟକିବାକୁ ଚାହୁଁନାହିଁ । ୨୦୪୭ ଆଉ ବେଶୀଦୂର ନୁହେଁ । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନାର ମଧ୍ୟ ଘୋଷଣା କରିଥିଲେ । ଏହି ଯୋଜନାରେ ଘରୋଇ କ୍ଷେତ୍ରରେ ପ୍ରଥମ ଥର ଚାକିରି ପାଉଥିବା ଯୁବକ ଯୁବତୀମାନଙ୍କୁ ୧୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହି ଯୋଜନା ପାଇଁ ପ୍ରାୟ ୧ ଲକ୍ଷ କୋଟିର ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ଆସନ୍ତା ୨ ବର୍ଷରେ ୩.୫ କୋଟି ଯୁବକ ଯୁବତୀ ଉପକୃତ ହେବେ । ଏହି ଯୋଜନା ସଂପର୍କରେ ପ୍ରଧାନମନ୍ତ୍ରୀ ଘୋଷଣା କରି କହିଥିଲେ ଯେ ଅଗଷ୍ଟ ୧୫ରୁ ହିଁ ଦେଶରେ ଯୁବବର୍ଗଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ଏହି ଯୋଜନା ଆରମ୍ଭ କରାଯାଇଛି । ଏଥିସହ ସେ ଅପରେସନ ସିନ୍ଦୂରର ବୀର ଯବାନମାନଙ୍କୁ ସଲାମ କରିବା ସହିତ କହିଥିଲେ ଯେ ଆତଙ୍କୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯାଇଛି । ସେହିପରି ପରମାଣୁ ଧମକ ଉପରେ କଠୋର ଆଭିମୁଖ୍ୟ ରଖି ମୋଦୀ କହିଥିଲେ ଯେ ଭାରତ ଏହି ଧମକକୁ ଆଦୌ ବରଦାସ୍ତ କରିବ ନାହିଁ । ସେହିପରି ବିକଶିତ ଭାରତ ୨୦୪୭ର ସଂକଳ୍ପ-୨୦୪୭ ସୁଦ୍ଧା ଭାରତକୁ ପୁଣିଥରେ ବିକଶିତ ରାଷ୍ଟ୍ର କରିବାର କଥାକୁ ସେ ଦୋହରାଇଥିଲେ । ଏଥିରେ ଦେଶବାସୀଙ୍କୁ ଯୋଗ ଦେବାପାଇଁ ସେ ଅପିଲ ମଧ୍ୟ କରିଥିଲେ । ସେ କହିଥିଲେ, ଶାନ୍ତି ଆମର ଜରୁରି । କିନ୍ତୁ ଦେଶର ସାର୍ବଭୌମତ୍ୱ ଉପରେ କୌଣସି ସାଲିସ କରାଯିବ ନାହିଁ ବୋଲି ସେ ଉଲ୍ଲେଖ କରିଥିଲେ ।

## ସହିଦଙ୍କ ବଳିଦାନ...

ଅଧିକାରୀ କମାଣ୍ଡର ବୈଭବ ବିଜୟ କାର୍ଲିସକର ସହିଦଙ୍କ ବଳିଦାନ ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ । 'ଓଡ଼ିଶା ଭାସ୍କର'ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ସହିଦ ପରିବାରର ୨୦୦ରୁ ଊର୍ଦ୍ଧ୍ୱ ପିଲାଙ୍କ ପାଠପଢ଼ା ଦାୟିତ୍ୱ 'ଓଡ଼ିଶା ଭାସ୍କର' ପରିବାର ଗ୍ରହଣ କରିଛି । କେଜି ଠାରୁ ପିଜି ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରାଯାଇଛି । 'ମା ତୁଝେ ସଲାମ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ସହିଦ ପରିବାର ସହ ଛିଡା ହେବାର ଏକ ମାଧ୍ୟମ । ଟିକେ ଡିଜିଟାଲର ପ୍ରତିଷ୍ଠାତା ତିଲକରାଜ ମହାନ୍ତି ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ୨୦୦୪ରୁ 'ଓଡ଼ିଶା ଭାସ୍କର' ତା'ର ଯାତ୍ରା ଆରମ୍ଭ କରିଥିବାବେଳେ 'ମା ତୁଝେ ସଲାମ' କାର୍ଯ୍ୟକ୍ରମ ମାଧ୍ୟମରେ ସହିଦଙ୍କ ଅବଦାନ ଏବଂ ସେମାନଙ୍କ ପିଲାଙ୍କ ଭବିଷ୍ୟତ ଗଠନରେ ସେତୁ ଭଳି କାର୍ଯ୍ୟ କରୁଛି । ସେମାନଙ୍କ ବଳିଦାନ ଓ ଆମର ପ୍ରୟାସ କେବେ ବି ବ୍ୟର୍ଥ ଯିବ ନାହିଁ । ବିଏସ୍ଏଫ୍ ଆଇଜି ଅବତାର ସିଂ ସାହି ଏହି କାର୍ଯ୍ୟକ୍ରମକୁ ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସହିଦ ସ୍ୱରାଜ ସାହୁ, ଈଶ୍ୱର ତଲିଆ, ରାଜକିଶୋର ମୁଣ୍ଡା, ମୁନ୍ନା କୁମାର ସିଂ, ଜୟରାମ କବାସୀ, ପ୍ରତାପ ନିଆଲ, ରମେଶ ଚନ୍ଦ୍ର ପାତ୍ର, ବାଲାଜୀ ମଙ୍ଗରାଜ, ନରହରି ମହନ୍ତ ଓ ଭୋଗୀ ମଣ୍ଡଳଙ୍କ ପରିବାରକୁ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଏହି ସମାରୋହରେ ସମାଜ ପ୍ରତି ବିଶେଷ ଅବଦାନ ରଖିଥିବା ବିଶିଷ୍ଟ ସମାଜସେବୀ ତଥା କେସିସିଏଲର ଅର୍ଚ୍ଚନା ସାମଲ ଏବଂ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । 'ଓଡ଼ିଶା ଭାସ୍କର'ର ସିଇଓ ତଥା ସଂପାଦକ କୌସ୍ତୁଭ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।


# ଯାନ୍ତ୍ରିକ ପଦ୍ଧତିରେ ଧାଡ଼ି ବୁଣା ଧାନ ଯନ୍ତ୍ର

ଚଳିତ ବର୍ଷ ରାଜ୍ୟ ସରକାଙ୍କ ଦ୍ୱାରା ରାଜ୍ୟ ଯୋଜନା ଅନ୍ତର୍ଗତ ଧାଡ଼ିରେ ଧାନ ବୁଣା ଯନ୍ତ୍ର ୨୦୨୫ - ୨୬ ବର୍ଷରେ ଆମ୍ଭ ଢେଙ୍କାନାଳ ଜିଲ୍ଲାରେ ୮୮୦ ହେକ୍ଟର ଚାଷ ଜମିରେ ଧାଡ଼ି ପ୍ରଣାଳୀରେ ଧାନ ବୁଣା ଯନ୍ତ୍ର ଦ୍ୱାରା ଚାଷ କରାଯାଇଅଛି । ଆମ୍ଭ ଜିଲ୍ଲାର ସାତଟି ବ୍ଲକ ତଥା ସଦର, ଗଁଦିଆ, ଓଡ଼ାପଡ଼ା, ହିନ୍ଦୋଳ, କାମାକ୍ଷାନଗର, ଭୁବନ ଓ କଙ୍କଡ଼ାହାଡ଼ ବ୍ଲକରେ ଏହି ଯୋଜନା ଚାଲୁଅଛୁ ।

ଏହି ଅତ୍ୟାଧୁନିକ ପ୍ରଣାଳୀ ଦ୍ୱାରା ଜମିରେ ପାଣିର ଅବଶ୍ୟକତା କମ୍ ଥାଏ ଉପଯୁକ୍ତ ଗଭୀରତାରେ ଗଛକୁ ଗଛକୁ ଦୂରତାରେ ବିହନ ବୁଣା ଯାଏ । ଅଙ୍କୁରୋଦଗମ ଗଜା ଶକ୍ତି ବୃଦ୍ଧି ହୁଏ ଏବଂ ଅଧିକ ଲାଭ ମିଳେ । ଏହା ଦ୍ୱାରା ଖର୍ଚ୍ଚ କମ୍, ଶୀଘ୍ର ଅମଳ ଏବଂ ଶ୍ରମ କମ୍ ହୋଇଥାଏ । ସରକାରଙ୍କ ଦ୍ୱାରା ପ୍ରତି ଚାଷୀ ମାନେ ଏହି ଯୋଜନା ଦ୍ୱାରା ଉପକୃତ ହେବେ ।

ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ
ଢେଙ୍କାନାଳ



KNDA

# କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

ଚୋରଦା, ପୋ- ଫେରୋକ୍ରମ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା- ଯାଜପୁର

## ବିଜ୍ଞାପନ

ଏତଦ୍‌ଦ୍ୱାରା ସର୍ବସାଧାରଣ ଙ୍କୁ ଜଣାଇ ଦିଆଯାଉଅଛି କି ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା-୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଂଚଳ ମଧରେ ସୁକିନ୍ଦା ତହସିଲ୍, ଦାନଗଦି ତହସିଲ୍, ବ୍ୟାସନଗର ତହସିଲ୍ ଓ ରସୁଲପୁର ତହସିଲ୍ ଅଧିନ ରେ ଥିବା ପୂର୍ବ ର ୧୬୧ ଟି ଗ୍ରାମ ଏବଂ ପରବର୍ତି ସମୟ ରେ ମିଶ୍ରିତ ଯାଜପୁର ତହସିଲ୍, ଦଶରଥପୁର ତହସିଲ୍ ଓ ଯାଜପୁର ପୌରାଂଚଳ ଅଧିନସ୍ଥ ଅତିରିକ୍ତ ୮୪ଟି ଗ୍ରାମ କୁ ନେଇ ସମୁଦାୟ ୨୪୫ ଗୋଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଚଂଳସ୍ଥିତ ୨୦ଗୋଟି ଗ୍ରାମ ଓ ଯାଜପୁର ପୌରାଚଂଳସ୍ଥିତ ୧୯ ଗୋଟି ଗ୍ରାମ କୁ ବାଦ୍ ଦେଇ ଅବଶିଷ୍ଟ ୨୦୬ ଗୋଟି ଗ୍ରାମ ମଧରେ ଯେ କୌଣସି ଗୃହ ନିର୍ମାଣ କାର୍ଯ୍ୟ ବା ଜମି ବିଭକ୍ତି କରଣ କରିବା ପୂର୍ବ ରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଠାରୁ ଏହାର ନକ୍ସା ମଂଜୁରୀ କରାଇବା ବାଧ୍ୟତାମୂଳକ । କିନ୍ତୁ ଏ ସମ୍ବନ୍ଧ ରେ ବାରମ୍ବାର ବିଭିନ୍ନ ନୋଟିସ ମାଧମ ରେ ସର୍ବସାଧାରଣ ଙ୍କୁ ଅବଗତ କଲା ପରେ ମଧକିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ନଜର କୁ ଆସିଛି

ଏଣୁ ସର୍ବସାଧାରଣ ଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଂଚଳ ମଧରେ ଯେ କୌଣସି ପ୍ରକାର ର ଗୃହ (**Building**)କିମ୍ବା ଜମି ବିଭକ୍ତି କରଣ(**Plot Lay-out**) କରିବା ପୂର୍ବ ରୁ ଆଇନ୍ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଠାରୁ ଏହାର ନକ୍ସା **On line** ମାଧମ ରେ ମଂଜୁରୀ କରାଇ ନିଅନ୍ତୁ । କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା ୯୦,୯୧.୯୨ ଓ ୯୪ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧ ରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା/-ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ



**OHPC**

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA – 768017, DISTRICT: SAMBALPUR (ODISHA),
PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

**No. HHEP/Tech-W-56/24/ 4710** **Date : 14.08.2025**

**e-TENDER CALL NOTICE NO. HHEP-45/2025** **CAD-1462**

Unit Head, HHEP, Burla invites percentage rate e-tender in double cover system (Cover-I Technical Bid and Cover-II Price bid) from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode only** for the following work in the portal https://tendersodisha.gov.in.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non- Refundable) | EMD in Rs. | Class of contractor |
|---|---|---|---|---|
| Renovation of sewerage system of F type block (06 Nos.) at Board Colony of HHEP, Burla | 53,68,857/- | Rs. 11800/- (Rs. 10000 /- + GST 18%) | 53700/- | 'B' |

- Sale of tender paper : **20.08.2025 (11.00AM) to 02.09.2025 upto 03.00PM**
- Receipt of tender paper: **02.09.2025 upto 03.00PM**
- Date & time of opening of tender: **02.09.2025 at 04.00PM**
- Further details can be seen from the e-procurement portal https://tendersodisha.gov.in / www.ohpcltd.com

Sd/-
Unit Head, HHEP, Burla

**OIPR 04007/11/0065/2526**



OFFICE OF THE NOTIFIED AREA COUNCIL, SURADA, GANJAM.
Main Road, Surada, Ganjam, Odisha, PIN: 761108.
Email: officerexecutive14@yahoo.com Phone/Fax : 06819-270129

**C-900**

Letter No: **1185** /NAC Date: **16.08.2025**

TENDER CALL NOTICE

Sealed quotations are invited from the Authorized Dealers/ Supplier / Agencies having GST Registration Certificate, PAN card, Warranty/ Guarantee Certificate and Electric Licence. The quotationer shall be required to produce the original copy of the required document before the undersigned at the time of opening of Tender for verification.

The quotationer should submit EMD in shape of Cash/ B.D/ D.D /T.D.A. Pledged in favour of Executive Officer, Surada NAC as mentioned detailed below. The tender paper will be available from dt:18.08.2025, 10.00 A.M. to 26.08.2025, 05.00 P.M. in the office hour except holidays. The quotation shall reach on or before dt: 26.08.202 at 5.00 P.M. in Tender Box / Speed post/ Registered post and the same will be opened on dt: 29.08.2025 at 10.00 A.M in presence of respective quotationers or their authorized representatives.

The authority reserves all rights to accept, cancel or reject any or all offers without assigning any reason thereof.

| Sl. | Description | Estimate Cost | EMD | Paper Cost |
|---|---|---|---|---|
| 1. | Supply,Installation,Testing and Commissioning of Solar lights with all accessories at Smart Park under Solar NAC . | 4,57,651.20/- | 1% of quoted rate | 2000/- |

**Sd/- Executive Officer,**
**NAC, SURADA**

**OIPR 13132/11/0023/2526**



**OHPC**

**CAD-1455**

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELETRIC PROJECT**
**AT/PO: BARINIPUT - DIST. KORAPUT – 764006, ODISHA**
**PHONE: - 242001 (O), FAX: - (06854)242038 e-mail: sgmel_ukhep@ohpcltd.com**
**CIN: U40101OR1995SGC003963**

**NOTICE INVITING TENDER NO UKHEP- 23 /2025-26 Dt.12.08.25**

Sealed Tenders are invited in two parts for "Supply, Installation & Commissioning of LED Lights and Solar Lights" i.e. (i) Techno Commercial bid & (ii) Price bid in separate sealed envelopes from (1) Manufacturers/OEMs (Make: Philips, C & S, Havells, HPL, Wipro, Syska, Govt./PSU owned companies. (2) Their manufacturing/production facility must have own testing Labs accredited by NABL (3) Components of LED lights and Solar lighting system must comply with relevant BIS/IEC standards, approved by MNRE (Ministry of New Renewable Energy, Govt. of India), as applicable.

| Sl. No. | Description of work/ Service | Cost of tender paper (non-refundable) in Rs. | EMD in shape of DD/BC (Refundable) in Rs. |
|---|---|---|---|
| 1 | Supply, Installation & Commissioning of LED & Solar Lights for Power House, Valve House, Surge Tank & Anchor Block Area of UKHEP, Bariniput | Rs. 11800/- (Rs. 10000 + GST @ 18%) | Rs. 59000/- |

- Period of sale / download of tender document : From 19.08.25 to 11:00 Hrs of 04.09.25
- Last date & Time of receipt of tender document: up to 12:00Hrs of 04.09.25
- Date & Time of opening of Techno Commercial bid: Up to 12:30Hrs of 04.09.25
- For details of tender documents / terms & conditions / corrigendum / errata / addendum if any please visit our website www.ohpcltd.com

If the date of opening of Tender happens to be a holiday, the next working day will be the corresponding effective date.

Sd/- C&P Head,
UKHEP, Bariniput

**OIPR 04002/11/0113/2526**



ମୁମ୍ବାଇ: ମୁମ୍ବାଇରେ ଦହି ହାଣ୍ଡି ମହୋତ୍ସବ ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମାନଖୁର୍ଦ ଅଞ୍ଚଳର ମହାରାଷ୍ଟ୍ର ନଗରରେ ରଶି ବାନ୍ଧୁଥିବା ସମୟରେ, ୩୨ ବର୍ଷୀୟ ଗୋବିନ୍ଦ ଜଗମୋହନ ଶିବକିରଣ ଚୌଧୁରୀ ତଳେ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ଶତାବ୍ଦୀ ହସ୍ପିଟାଲକୁ ପଠାଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗମୋହନ ବାଲ ଗୋବିନ୍ଦ ପାଠକଙ୍କ ସହିତ ଜଡିତ ଥିଲେ। ତାଙ୍କ ମୃତ୍ୟୁ ଯୋଗୁ ଉତ୍ସବର ପରିବେଶ ଶୋକରେ ପରିଣତ ହୋଇଥିଲା। ବିଏମସି ରିପୋର୍ଟ ଅନୁଯାୟୀ, ଶନିବାର ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁମ୍ବାଇରେ ଦହି ହାଣ୍ଡି ସମ୍ପର୍କିତ ଦୁର୍ଘଟଣାରେ ୩୦ ଜଣ ଆହତ ହୋଇଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ଦହି ହାଣ୍ଡି ମହୋତ୍ସବ ସମୟରେ ଅନେକ ଗୋବିନ୍ଦ ଆହତ ହେଉଥିବା ସୂଚନା ମିଳିଥାଏ। ଏହାକୁ ଦୃଷ୍ଟିରେ ରଖି, ବିଏମସି ଏଥର ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛି। ଆହତ ଗୋବିନ୍ଦମାନଙ୍କୁ ମାଗଣା ଚିକିତ୍ସା ଯୋଗାଇବା ପାଇଁ ବିଏମସି କମିଶନର ଭୂଷଣ ଗଗରାନି ସମସ୍ତ ମ୍ୟୁନିସିପାଲ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାଜପା ଡାକିଲା ସଂସଦୀୟ ବୋର୍ଡ ବୈଠକ



ନୂଆଦିଲ୍ଲୀ: କେନ୍ଦ୍ରର ଶାସକ ଦଳ ଭାଜପା ରବିବାର ୧୭ରେ ସଂସଦୀୟ ବୋର୍ଡର ଏକ ବୈଠକ ଡାକିଛି। ଏହି ବୈଠକ ସଂଧ୍ୟା ୬ଟାରେ ଅନୁଷ୍ଠିତ ହେବ। କୁହାଯାଉଛି ଯେ ଏହି ବୈଠକରେ ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମ ଉପରେ ବିସ୍ତୃତ ଆଲୋଚନା କରାଯିବ ଏବଂ ଯଦି ସମ୍ଭବ ହୁଏ, ତେବେ ସେହି ଦିନ ନାମ ଚୂଡ଼ାନ୍ତ କରାଯିବ। ନିର୍ବାଚନ କମିଶନ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ଏଥିପାଇଁ ଭୋଟିଂ ୯ ସେପ୍ଟେମ୍ବରରେ ଅନୁଷ୍ଠିତ ହେବ। ସମସ୍ତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କୁ ୨୧ର ଦିଲ୍ଲୀରେ ରହିବାକୁ କୁହାଯାଇଛି। ସେହି ଦିନ ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କ ନାମାଙ୍କନ ହେବ। ସମସ୍ତ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଏଥିରେ ଉପସ୍ଥିତ ରହିବେ। ଏହାକୁ ଏକ ନାମାଙ୍କନ ଏବଂ ଶକ୍ତି ପ୍ରଦର୍ଶନ ଭାବରେ ଦେଖାଯାଉଛି। ଇଣ୍ଡିଆ ଆଲାୟନ୍ସ ମଧ୍ୟ ଉପରାଷ୍ଟ୍ରପତି ନିର୍ବାଚନରେ ଏକ ମିଳିତ ପ୍ରାର୍ଥୀଙ୍କୁ ଛିଡ଼ା କରିବ। ତଥାପି ସେହି ପ୍ରାର୍ଥୀ କେଉଁ ଦଳର ହେବେ କିମ୍ବା କିଏ ହେବେ ସେ ବିଷୟରେ ଆଗାମୀ ଦିନରେ ନିଷ୍ପତ୍ତି ନିଆଯିବ। ଉପରାଷ୍ଟ୍ରପତି ପ୍ରାର୍ଥୀ ପାଇଁ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ମଧ୍ୟ ଆଭ୍ୟନ୍ତରୀଣ ଆଲୋଚନା ଆରମ୍ଭ ହୋଇଛି। ନିର୍ବାଚନ କମିଶନ ୭ ଅଗଷ୍ଟ ୨୦୨୫ରେ ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯାହା ୨୦୨୫ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ପ୍ରଦାନ କରେ। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ୨୧ ଅଗଷ୍ଟ। ଏହା ପରେ ୨୨ରେ ନାମାଙ୍କନ ଯାଞ୍ଚ କରାଯିବ। ସେହି ସମୟରେ, ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବାର ଶେଷ ତାରିଖ ୨୫ ଅଗଷ୍ଟ। ଏହା ପରେ ୯ ସେପ୍ଟେମ୍ବରରେ ଭୋଟ ଦିଆଯିବ। ଭାରତର ଉପରାଷ୍ଟ୍ରପତି ଜଗଦୀପ ଧନଖର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୨୧ ଜୁଲାଇରେ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ, ଯାହାକୁ ତୁରନ୍ତ ଗ୍ରହଣ କରାଯାଇଥିଲା। ଧନଖର ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି ଯେ ଗତ କିଛିଦିନ ଧରି ତାଙ୍କ ସ୍ୱାସ୍ଥ୍ୟାବସ୍ଥା କ୍ରମାଗତ ଭାବରେ ଖରାପ ହେଉଛି ଏବଂ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ତାଙ୍କୁ ସମ୍ପୂର୍ଣ୍ଣ ବିଶ୍ରାମ ଆବଶ୍ୟକ। ସେ ଲେଖିଛନ୍ତି ଯେ ଦେଶ ସେବା କରିବା ମୋ ଜୀବନର ଗର୍ବ, କିନ୍ତୁ ଏବେ ମୁଁ ମୋ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାକୁ ବାଧ୍ୟ ହେଉଛି।

## ଧରାପଡ଼ିଲେ ୩ ମହିଳାଙ୍କ ସହ ୫ ଆତଙ୍କୀ

ମଣିପୁର: ଧରାପଡ଼ିଛନ୍ତି ୫ ଜଣ ଆତଙ୍କବାଦୀ। ଏମାନଙ୍କ ମଧ୍ୟରେ ରହିଛନ୍ତି ୩ ଜଣ ମହିଳା। ସମସ୍ତ ୫ ଆତଙ୍କବାଦୀଙ୍କୁ ମଣିପୁରର ଥୌବାଲ ଓ ଇମ୍ଫାଲ ଇଷ୍ଟ ଜିଲ୍ଲାରୁ ସୁରକ୍ଷାକର୍ମୀ ମାନେ ଗିରଫ କରିଛନ୍ତି। ଏନେଇ ଶନିବାର ପୋଲିସ୍ ପକ୍ଷରୁ ବିଧିବଦ୍ଧ ସୂଚନା ଦିଆଯାଇଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗୁଳିଗୋଳା ଜବତ ହୋଇଛି। ପୁଲିସ୍ ? କହିଛି ଯେ ବ୍ୟାନ ହୋଇଥିବା କାଙ୍ଗଲେଇପା କମ୍ୟୁନିଷ୍ଟ ପାର୍ଟି(ତୈବାଙ୍ଗାନବା)ର ୪ ଜଣ ସକ୍ରିୟ ସଦସ୍ୟଙ୍କୁ ଥୌବାଲ ଜିଲ୍ଲା ଲାଙ୍ଗଥାବାଲରୁ ଗିରଫ କରାଯାଇଛି। ସେମାନେ ହେଲେ ୪୫ ବର୍ଷୀୟ କେ ବବିତା, ୩୩ ବର୍ଷୀୟ ଲିଶାମ ପ୍ରେମିକା ଦେବୀ ଓ ୫୩ ବର୍ଷୀୟ ନିନ୍ଦିବାମ ନୋନି ଦେବୀ ଓ ୩୮ ବର୍ଷୀୟ ହେଇଖାମ ରବି। ସେହିପରି ପିଆରଇପିଏକେ (ପିଆରଓ) ସଂଗଠନର ୨୧ ବର୍ଷୀୟ କେନେଡୀ ସିଂହକୁ ଇମ୍ଫାଲ ଇଷ୍ଟ ଜିଲ୍ଲାର ସୋଇବାମ ଲେଇକାଇ ଅଞ୍ଚଳରୁ ଧରା ଯାଇଛି। ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେସନ ବେଳେ ଏପରି ଗିରଫଦାରୀ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରେ ଗୋଟିଏ ୧୨ ବୋର ଡବଲ ବ୍ୟାରେଲ ଗନ, ଇନସାସ ଏଲଏମଜି, ଏସଏଲଆର ରାଇଫଲ ମ୍ୟାଗାଜିନ ଓ ୪୭ କ୍ୟାଟ୍ରିଜ ରହିଛି। ଏହାକୁ ମିଶାଇ ୬ ମାସ ମଧ୍ୟରେ ସୁରକ୍ଷାକର୍ମୀମାନେ ବିଭିନ୍ନ ସ୍ଥାନରୁ ୩୦୦୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଜବତ କରି ସାରିଲେଣି।

## ଆରଏସ୍ଏସ୍ ନେବ ବଡ଼ ନିଷ୍ପତ୍ତି !



ନୂଆଦିଲ୍ଲୀ: ନିକଟରେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଘୋଷଣା କରିଥିଲା। ଭାରତ ମଧ୍ୟ ଆମେରିକାର ଏହି ନିଷ୍ପତ୍ତି ଉପରେ ଆପତ୍ତି ଉଠାଇ କରିଥିଲା। କିନ୍ତୁ ଏପର୍ଯ୍ୟନ୍ତ ଆମେରିକା ଏହାର ନିଷ୍ପତ୍ତି ପ୍ରତ୍ୟାହାର କରିନାହିଁ କିମ୍ବା ଏହାକୁ ପ୍ରତ୍ୟାହାର କରିବା ବିଷୟରେ କିଛି କହିନାହିଁ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମଧ୍ୟ ଏହି ସମ୍ପୂର୍ଣ୍ଣ ମାମଲାରେ ଅସନ୍ତୋଷ ପ୍ରକାଶ କରିଥିଲା ଏବଂ ଆମେରିକା ଉପରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବାର ଅଭିଯୋଗ କରିଥିଲା। ଏବେ ସଂଘ ଏହି ସମ୍ପର୍କରେ ଏକ ବଡ଼ ବୈଠକ କରିବାକୁ ଯାଉଛି। ଏହା ୧୯ ଏବଂ ୨୦ରେ ଦେଶର ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ ହେବ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ୧୯ ଏବଂ ୨୦ରେ ଦିଲ୍ଲୀରେ ଏକ ବଡ଼ ବୈଠକ ଆୟୋଜନ କରୁଛି। ଆମେରିକା ଦ୍ୱାରା ୫୦ ପ୍ରତିଶତ ଟାରିଫ୍ ଲାଗୁ କରାଯିବା ପରେ, ଦିଲ୍ଲୀରେ ଅଧିକାରୀଙ୍କ ଏକ ଜରୁରିକାଳୀନ ବଡ଼ ବୈଠକ ଡକାଯାଇଛି। ଆରଏସ୍ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ନେତୃତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ସଂଘର ସମସ୍ତ ଉଚ୍ଚ ପଦାଧିକାରୀ ଉପସ୍ଥିତ ରହିବେ। ସଂଘର ଏହି ଅଚାନକ ବୈଠକରେ ନୂତନ ଆମେରିକୀୟ ଟାରିଫ୍ ନୀତିର ପ୍ରଭାବ ଏବଂ ଦେଶର ଅର୍ଥନୀତିକୁ ଏହାର କୁପ୍ରଭାବରୁ କିପରି ରକ୍ଷା କରାଯାଇପାରିବ ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ଏବଂ ରଣନୀତି ପ୍ରସ୍ତୁତ କରାଯିବ। ଆମେରିକା ଦ୍ୱାରା ଟାରିଫ୍ ଲାଗୁ ପରେ ଆରଏସ୍ଏସ୍ ଏହାର ଅର୍ଥନୈତିକ ଗୋଷ୍ଠୀର ଏକ ବିଶେଷ ବୈଠକ ଡାକିଛି। ଆରଏସ୍ଏସ୍ର ସମସ୍ତ ଉଚ୍ଚ ପଦାଧିକାରୀଙ୍କ ବ୍ୟତୀତ, ଆର୍ଥିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଘର ସମସ୍ତ ସହଯୋଗୀ ସଂଗଠନ ଅଧିକାରୀ ମଧ୍ୟ ବୈଠକରେ ଯୋଗଦେବେ। ସଂଘର ସମସ୍ତ ପ୍ରମୁଖ ପଦାଧିକାରୀ ଏବଂ ସହଯୋଗୀ ସଂଗଠନର ୫୦ରୁ ୬୦ ଜଣ ଅଧିକାରୀ ବୈଠକରେ ଚିନ୍ତନ ଏବଂ ମନ୍ଥନ କରିବେ। ଲଘୁ ଉଦ୍ୟୋଗ ଭାରତୀ, ସହକାର ଭାରତୀ, ସ୍ୱଦେଶୀ ଜାଗରଣ ମଞ୍ଚ, ଭାରତୀୟ ମଜଦୁର ସଂଘ, କିଷାନ ସଂଘ ଭଳି ସଂଘର ସହଯୋଗୀ ସଂଗଠନର ପ୍ରମୁଖ ବ୍ୟକ୍ତିମାନେ ବୈଠକରେ ଯୋଗ ଦେବେ। ଭାଜପା ଏବଂ କେନ୍ଦ୍ର ସରକାରଙ୍କ କିଛି ପ୍ରମୁଖ ବ୍ୟକ୍ତି ମଧ୍ୟ ବୈଠକରେ ଉପସ୍ଥିତ ରହିପାରନ୍ତି।

## ଯୁଦ୍ଧବିରତି ନୁହେଁ, ସ୍ଥାୟୀ ଶାନ୍ତି ଚାହୁଁ: ଜେଲେନସ୍କି



କିଭ୍: ଆଲାସ୍କା ଶିଖର ସମ୍ମିଳନୀ ସମାପ୍ତ ହେବା ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଟ୍ରମ୍ପଙ୍କ ସହ କଥା ହେବା ପରେ ଜେଲେନସ୍କି ୟୁରୋପୀୟ ନେତାମାନଙ୍କ ସହ କଥା ହୋଇଥିଲେ । ଏହି ଅବସରରେ ଜେଲେନସ୍କି ସ୍ଥାୟୀ ଶାନ୍ତି ଦାବି କରିଥିଲେ । ସେ କହିଥିଲେ ଯେ ତାଙ୍କ ଦେଶର ସ୍ଥିତି ସ୍ପଷ୍ଟ- କେବଳ ରୁଷ ପକ୍ଷରୁ ଆକ୍ରମଣରେ ବିରତି ନୁହେଁ ବରଂ ସ୍ଥାୟୀ ଶାନ୍ତି ଆବଶ୍ୟକ । ଜେଲେନସ୍କି ଲେଖିଛନ୍ତି ଯେ ରୁଷ ଦ୍ୱାରା ଚାଲିଥିବା ହତ୍ୟାକାଣ୍ଡ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଉଚିତ। ୟୁକ୍ରେନର ବିଭିନ୍ନ ଯୁଦ୍ଧକ୍ଷେତ୍ର, ଆକାଶ ଏବଂ ୟୁକ୍ରେନ ବନ୍ଦର ଉପରେ ଆକ୍ରମଣ ତୁରନ୍ତ ବନ୍ଦ ହେବା ଉଚିତ। ରୁଷ ଦ୍ୱାରା ଅପହୃତ ସମସ୍ତ ଯୁଦ୍ଧବନ୍ଦୀ ଏବଂ ପିଲାମାନଙ୍କୁ ଫେରାଇ ଦିଆଯିବା ଉଚିତ । ଜେଲେନସ୍କି ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ପୋଷ୍ଟ କରିଥିଲେ। ଏହି ପୋଷ୍ଟରେ, ଜେଲେନସ୍କି ଲେଖିଛନ୍ତି ଯେ ରୁଷ ଦ୍ୱାରା ଚାଲିଥିବା ହତ୍ୟାକାଣ୍ଡ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହେବା ଉଚିତ। ୟୁକ୍ରେନର ବିଭିନ୍ନ ଯୁଦ୍ଧକ୍ଷେତ୍ର, ଆକାଶ ଏବଂ ୟୁକ୍ରେନ ବନ୍ଦର ଉପରେ ଆକ୍ରମଣ ତୁରନ୍ତ ବନ୍ଦ ହେବା ଉଚିତ। ରୁଷ ଦ୍ୱାରା ଅପହୃତ ସମସ୍ତ ଯୁଦ୍ଧବନ୍ଦୀ ଏବଂ ପିଲାମାନଙ୍କୁ ଫେରାଇ ଦିଆଯିବା ଉଚିତ। ୟୁକ୍ରେନର ହଜାର ହଜାର ଲୋକ ଏବେ ବି ବନ୍ଦୀ ଅବସ୍ଥାରେ ଅଛନ୍ତି, ଯେଉଁମାନଙ୍କୁ ଯଥାଶୀଘ୍ର ଘରକୁ ଫେରାଇ ଆଣିବାକୁ ପଡିବ। ଯେପର୍ଯ୍ୟନ୍ତ ରୁଷ ଦ୍ୱାରା ୟୁକ୍ରେନ ଉପରେ ଆକ୍ରମଣ ଏବଂ ଦଖଲ ଜାରି ରହିଛି, ସେପର୍ଯ୍ୟନ୍ତ ରୁଷ ଉପରେ ଚାପ ବଜାୟ ରହିବା ଆବଶ୍ୟକ।

## ପାକିସ୍ତାନରେ ବାଦଲଫଟା ବର୍ଷା

### ମୃତ୍ୟୁ ସଂଖ୍ୟା ୩୪୪କୁ ବୃଦ୍ଧି
### ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ, ୫ ମୃତ


ଇସଲାମାବାଦ: ପାକିସ୍ତାନର ଉତ୍ତରାଞ୍ଚଳରେ ବାଦଲଫଟା ବର୍ଷା ଯୋଗୁ ଆସିଥିବା ପ୍ରଳୟଙ୍କରୀ ବନ୍ୟାରେ ମୃତ୍ୟୁ ସଂଖ୍ୟା ୩୪୪ରେ ପହଞ୍ଚିଛି। ଉତ୍ତରାଞ୍ଚଳର ଏକାଧିକ ଜିଲା ବାଦଲଫଟା ବର୍ଷା ଏବଂ ବନ୍ୟା ଯୋଗୁ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ବହୁ ଘର, ରାସ୍ତା ଏବଂ ଗାଁ ବନ୍ୟାରେ ଭାସିଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାରକାର୍ଯ୍ୟ ଜାରି ରହିଥିବା ବେଳେ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଶନିବାର ଉଦ୍ଧାର କାର୍ଯ୍ୟ ପାଇଁ ଯାଉଥିବା ଏକ ହେଲିକପ୍ଟର ଖରାପ ପାଗ ଯୋଗୁ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୫ ଜଣଙ୍କ ମୃତ୍ୟୁ ହୋଇଛି। ବିଭିନ୍ନ ଜିଲାକୁ ସଂଯୋଗ କରୁଥବା ରାସ୍ତାଘାଟ ଧୋଇ ଯାଇଥିବାରୁ ଉଦ୍ଧାରକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚିବାରେ ବିଳମ୍ବ ହୋଇଛି। ପ୍ରାଣ ହରାଇଥିବା ୩୪୪ ଜଣଙ୍କ ମଧ୍ୟରୁ ଖାଇବର ପଖତୁନଖ୍ୱା ପ୍ରଦେଶରେ କେବଳ ୩୨୮ ମୃତକଙ୍କ ମୃତଦେହ ଉଦ୍ଧାର ହୋଇଛି। ୧୨୦ରୁ ଅଧିକ ଲୋକ ଆହତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ବହୁ ଲୋକ ନିଖୋଜ ରହିଛନ୍ତି। ସ୍ୱାତ, ଶାଙ୍ଗଲା, ମନଶେରା, ବାଜଉର ଏବଂ ବାଗ୍ରା ଗ୍ରାମକୁ ବିପର୍ଯ୍ୟୟ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ୯ ଜିଲାରେ ଉଦ୍ଧାର କାର୍ଯ୍ୟ ପାଇଁ ୨୦୦୦ ଉଦ୍ଧାରକାରୀଙ୍କୁ ନିୟୋଜିତ କରାଯାଇଛି।

## ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ବିଷ୍ଣୁଦେବ



ରାୟପୁର: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ ଶନିବାର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ । ଶନିବାର ନିଜ ରାୟପୁରସ୍ଥିତ ତାଙ୍କ ବାସଭବନରେ ତାଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ । ଦେଶ ପ୍ରତି ବାଜପେୟୀଙ୍କର ଥିବା ଅବଦାନକୁ ସେ ମନେ ମଧ୍ୟ ପକାଇଥିଲେ । ଏହି ଅବସରରେ ଶ୍ରୀ ସାଏ କହିଥିଲେ ଛତିଶଗଡ଼ ନୂତନ ରାଜ୍ୟ ଗଠନରେ ବାଜପେୟୀଙ୍କ ଏକ ପ୍ରମୁଖ ଭୂମିକା ରହିଥିଲା । କହିବାକୁ ଗଲେ ସେ ହେଉଛନ୍ତି ଛତିଶଗଡ଼ର ପ୍ରକୃତ ସୃଷ୍ଟିକର୍ତ୍ତା । ସେ ଆହୁରି କହିଥିଲେ ଯେ, ସ୍ୱର୍ଗତଃ ବାଜପେୟୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ । ଏକାଧାରରେ ସେ ଜଣେ ସାମ୍ବାଦିକ, କବି ଏବଂ ରାଜନେତା ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲେ । ଗ୍ରାମାଞ୍ଚଳ ଭାରତର ବିକାଶରେ ତାଙ୍କ ଅବଦାନ ଅବିସ୍ମରଣୀୟ । ସେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଭାରତମାତାର ସମ୍ମାନ ରକ୍ଷା କରିବା ପାଇଁ ସବୁବେଳେ ଚେଷ୍ଟିତ ଥିଲେ । ତାଙ୍କ ସହ ମୋର ବହୁ ସ୍ମୃତି ମଧ୍ୟ ରହିଛି । ଚଳିତବର୍ଷ ସାରା ଦେଶରେ ଅଟଳ ନିର୍ମାଣ ବର୍ଷ ତାଙ୍କ ସ୍ମୃତିରେ ପାଳନ କରାଯାଉଛି । ଗତ ୨୫ ବର୍ଷ ମଧ୍ୟରେ ଛତିଶଗଡ଼ ଏକ ସମୃଦ୍ଧ ରାଜ୍ୟ ଭାବେ ନିଜକୁ ପ୍ରତିପାଦିତ କରିପାରିଛି । ମୋର ସୌଭାଗ୍ୟ ଯେ ମୁଁ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜଣେ ସାଂସଦ ଭାବେ କାର୍ଯ୍ୟ କରିଥିଲି । ତାଙ୍କଠାରୁ କାମ କରିବାର ବହୁ ପ୍ରେରଣା ମଧ୍ୟ ପାଇଥିଲି ।

# ବାଣିଜ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ଅଗ୍ରଣୀ ଏସୟୁଭି ନିର୍ମାତା ମହିନ୍ଦ୍ରା ଏବଂ ମହିନ୍ଦ୍ରା ଲିମିଟେଡ ପକ୍ଷରୁ ପ୍ରିମିୟମ୍ ଏସୟୁଭି ଡିଜାଇନ୍ ଏବଂ ପ୍ରଯୁକ୍ତିରେ ଏକ ନୂତନ ଯୁଗର ଆରମ୍ଭ କରି ଗ୍ଲୋବାଲ୍ ଭିଜନ୍ ୨୦୨୭ ଉନ୍ମୋଚନ କରାଯାଇଛି। ଏହି ଦୃଷ୍ଟିକୋଣର ମୂଳଦୁଆ ହେଉଛି ସଦ୍ୟ-ନିର୍ମିତ ଏନୟୁ-ଆଇକ୍ୟୁ ପ୍ଲାଟଫର୍ମ ଯାହା ହେଉଛି ଏକ ମଡ୍ୟୁଲାର, ବହୁ ଶକ୍ତି ବିଶିଷ୍ଟ ଢାଞ୍ଚା ଯାହା ୨୦୨୭ରୁ ଆରମ୍ଭ କରି ମାହିନ୍ଦ୍ରାର ପରବର୍ତ୍ତୀ ପିଢ଼ୀର ଏସୟୁଭିଗୁଡ଼ିକୁ ଆଧାର ପ୍ରଦାନ କରିବ। ମହିନ୍ଦ୍ରା ଏବଂ ମାହିନ୍ଦ୍ରା ଲିମିଟେଡର ସଭାପତି (ଅଟୋମୋଟିଭ୍ ବିଜନେସ୍-ଡିଜାଇନେଟ୍ ଏବଂ ମାହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଆର. ଭେଲୁସାମୀ କହିଛନ୍ତି ଯେ, ଏନୟୁ ଆଇକ୍ୟୁ ପ୍ଲାଟଫର୍ମ ହେଉଛି ବିଶ୍ୱବ୍ୟାପୀ ମାହିନ୍ଦ୍ରା ଏସୟୁଭିଗୁଡ଼ିକ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲୁ-ପ୍ରିଣ୍ଟ । କମ୍ପାନିର ମୁଖ୍ୟ ଡିଜାଇନ୍ ଏବଂ କ୍ରିଏଟିଭ୍ ଅଫିସର୍ ପ୍ରତାପ୍ ବୋଷ କହିଛନ୍ତି ଯେ, ବିପରୀତ ଆକର୍ଷିତ ହୁଅନ୍ତି ବିଷୟବସ୍ତୁ ଉପରେ ଆଧାରିତ ଏହି କନସେପ୍ଟଗୁଡ଼ିକ ନୂତନ ଡିଜାଇନ୍, ଯାହା ରୋମାଞ୍ଚ, ଆତ୍ମବିଶ୍ୱାସ ଏବଂ ସଂଯୋଗକୁ ପ୍ରେରଣା ଦେଉଛି। ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡର ଅଟୋମୋଟିଭ ଡିଭିଜନର ସିଇଓ ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ନଳିନୀକାନ୍ତ ଗୋଲ୍ଲାଗୁନଟା କହିଛନ୍ତି ଯେ, ନ୍ତଏନୟୁ-ଆଇକ୍ୟୁ ଭାରତ ଏବଂ ବିଦେଶର ଅଟୋମୋଟିଭ୍ ଶିଳ୍ପରେ ବିପ୍ଳବ ଆଣିବା ପାଇଁ ନବୀନତା, ଗ୍ଲୋବାଲ୍ ଡିଜାଇନ୍ ଏବଂ ଉନ୍ନତ ପ୍ରଯୁକ୍ତିର ମିଶ୍ରଣ କରିଛି।

## ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜିର ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓପୋ ଇଣ୍ଡିଆ ପକ୍ଷରୁ ଓପୋ କେ୧୩ ଟର୍ବୋ ସିରିଜ ୫ଜିର ଉନ୍ମୋଚନ କରାଯାଇଛି ଯେଉଁଥିରେ ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ଓ ଓପୋ କେ୧୩ ଟର୍ବୋ ୫ଜି ଅନ୍ତର୍ଭୁକ୍ତ ରହିଛି । ଏହା ଏକ ବିଲ୍ଟ-ଇନ କୁଲିଂ ଫ୍ୟାନ ଥିବା ଭାରତର ପ୍ରଥମ ସ୍ମାର୍ଟଫୋନ ଯାହା ସ୍ମାର୍ଟଫୋନ ଥର୍ମାଲ ମ୍ୟାନେଜମେଂଟ କ୍ଷେତ୍ରରେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛି। କାର୍ଯ୍ୟଦକ୍ଷତା ସନ୍ଧାନକାରୀ ଓ ମଲ୍ଟି ଟାସ୍କରଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ସିରିଜ ଗେମିଂ, ହେଭି ମଲ୍ଟିଟାସ୍କିଙ୍ଗ ଓ ବର୍ଦ୍ଧିତ ବାହ୍ୟ ବ୍ୟବହାର ପାଇଁ ଉଦ୍ଦେଶ୍ୟ-ନିର୍ମିତ ଅଟେ। ୮ଜିବି+୧୨୮ଜିବି ପାଇଁ ୨୭୦୦୦ଟଙ୍କା ଏବଂ ୮ଜିବି+୨୫୬ଜିବି ଭାରିଆଂଟ ପାଇଁ ୨୯୯୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ଓପୋ କେ୧୩ ଟର୍ବୋ ୫ଜିକୁ ୩ଟି ରଙ୍ଗ ବିକଳ୍ପରେ ଯେପରିକି ହ୍ୱାଇଟ ନାଇଟ, ପର୍ପଲ ଫାଂଟମ ଓ ମିଡନାଇଟ ମାଭରିକ ରେ ପ୍ରଦାନ କରାଯିବ। ସେହିଭଳି ଓପୋ କେ୧୩ ଟର୍ବୋ ପ୍ରୋ ୫ଜି ୮ଜିବି+୨୫୬ଜିବି ପାଇଁ ୩୭୯୯୯ ଟଙ୍କା ଓ ୧୨ଜିବି+୨୫୬ଜିବି ପାଇଁ ୩୯୯୯୯ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ସିଲଭର ନାଇଟ, ପର୍ପଲ ଫାଂଟମ ଏବଂ ମିଡନାଇଟ ମାଭରିକ ରେସିଙ୍ଗ ଡିଜାଇନରେ ଉପଲବ୍ଧ ହେବ। ଉଭୟ ସ୍ମାର୍ଟଫୋନ ପାଇଁ ପ୍ରି-ବୁକିଙ୍ଗ ଅଗଷ୍ଟ ୧୧ ତାରିଖ ୨୦୨୫ରୁ ଆରମ୍ଭ ହୋଇଥିବା ବେଳେ କେ୧୩ ଟର୍ବୋ ପ୍ରୋ ୫ଜିର ସେଲ ଅଗଷ୍ଟ ୧୫ ତାରିଖ,୨୦୨୫ରୁ ଏବଂ କେ୧୩ ଟର୍ବୋ ୫ଜିର ସେଲ ଅଗଷ୍ଟ ୧୮ ତାରିଖ, ୨୦୨୫ରୁ ଫ୍ଲିପକାର୍ଟ, ଓପୋ ଇଣ୍ଡିଆ ଇ-ଷ୍ଟୋର ଓ ରିଟେଲ ଷ୍ଟୋରଗୁଡିକରେ ଆରମ୍ଭ ହେବ। ଏହି ଲଂଚ ସମ୍ପର୍କରେ ଓପୋ ଇଣ୍ଡିଆର ପ୍ରଡକ୍ଟ କମ୍ୟୁନିକେଶନ୍ସ ବିଭାଗର ମୁଖ୍ୟ ସାଭିଓ ଡିସୁଜା କହିଛନ୍ତି, ନ୍ତନିଜର ଆଡ୍ଭାନ୍ସଡ ଥର୍ମାଲ ଡିଜାଇନ, ଉଚ୍ଚ କାର୍ଯ୍ୟଦକ୍ଷତାସମ୍ପନ୍ନ ଚିପସେଟ, ଉନ୍ନତ ହାଇ-ରିଫ୍ରେଶ ଡିସ୍ପ୍ଲେ ଓ ବୃହତ କ୍ଷମତାର ବ୍ୟାଟେରୀଗୁଡିକ ସହିତ କେ୧୩ ଟର୍ବୋ ସିରିଜର ଉଭୟ ମଡେଲ ଆମେ କହିବାକୁ ପସନ୍ଦ କରୁଥିବା ଓଭରପାୱାର୍ଡ’ ପର୍ଫର୍ମାନ୍ସ ପ୍ରଦାନ କରୁଛନ୍ତି। ସେହିଭଳି ଫ୍ଲିପକାର୍ଟର ମୋବାଇଲ୍ସ ବିଭାଗର ଉପାଧକ୍ଷ ସ୍ମୃତି ରବିଚନ୍ଦ୍ରନ କହିଛନ୍ତି, ନ୍ତଓପୋ ଇଣ୍ଡିଆ ସହ ଆମର ଦୀର୍ଘକାଳିନ ସହଭାଗିତାର ଅଂଶ ଭାବେ ଆମେ ଫ୍ଲିପକାର୍ଟ ମାଧ୍ୟମରେ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କ ପାଇଁ ଏହି ପାୱାର-ପ୍ୟାକ୍ଡ ସିରିଜ ଆଣି ଗର୍ବିତ ଏବଂ ମିଡ୍-ରେ ସ୍ମାର୍ଟଫୋନର କ୍ଷମତାକୁ ପୁନଃବ୍ୟାଖ୍ୟା କରିବାରେ ସାହାଯ୍ୟ କରିବା ପାଇଁ ଅପେକ୍ଷା କରିଛୁ। ପ୍ରିବୁକିଙ୍ଗ ଓ ପ୍ରଥମ ସେଲ୍ ଦିବସ ସମୟରେ ଉପଭୋକ୍ତାମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଅଫର କିମ୍ବା ଏକ୍ସଚେ ବୋନସ୍ ସହିତ ୩୦୦୦ ଟଙ୍କାର ତତ୍କାଳ ରିହାତି ସମେତ ୯ ମାସର ନୋ କଷ୍ଟ ଇଏମଆଇ ବିକଳ୍ପ ପାଇପାରିବେ ଯାହା କେ୧୩ ଟର୍ବୋ ୫ଜି ପାଇଁ ପ୍ରଭାବୀ ମୂଲ୍ୟକୁ ୨୪୯୯୯ଟଙ୍କା ଓ ୨୫୯୯୯ଟଙ୍କା ଏବଂ କେ୧୩ ଟର୍ବୋ ପ୍ରୋ ୫ଜି ପାଇଁ ପ୍ରଭାବୀ ମୂଲ୍ୟକୁ ୩୪,୯୯୯ଟଙ୍କା ଏବଂ ୩୬୯୯୯ ଟଙ୍କାକୁ ହ୍ରାସ କରିବ।

### ପତଞ୍ଜଳି ଫୁଡ୍ସର ୮୯୦୦ କୋଟିର ବ୍ୟବସାୟ
## ୨୪ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି

PATANJALI

ମୁମ୍ବାଇ: ପତଞ୍ଜଳି ଫୁଡ୍ସ ୨୦୨୫ ଜୁନ୍ ୩୦ ସୁଦ୍ଧା ତାର ବ୍ୟବସାୟର ଆର୍ଥିକ ସମୀକ୍ଷା କରିଛି । ଏହି ସମୟରେ କମ୍ପାନୀ ସର୍ବମୋଟ ୮୯୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ ୨୪ ପ୍ରତିଶତ ଆର୍ଥିକ ଅଭିବୃଦ୍ଧି ଘଟିଥିବା ସୂଚନା ଦିଆଯାଇଛି । ତେବେ ବିଭିନ୍ନ କାରଣରୁ ଜୁନ୍ ମାସରେ ୨.୧ ପ୍ରତିଶତ ବ୍ୟବସାୟ ଗତ ତିନିବର୍ଷ ମଧ୍ୟରେ ହୋଇ ଆର୍ଥିକ କ୍ଷତି ଘଟିଛି । କଷ୍ଟମ ଶୁଳ୍କ, ସୂର୍ଯ୍ୟମୁଖୀ, କ୍ରୁଡ୍ ପାମ୍ ଅଏଲ, ସୋୟାବିନ୍ ମଞ୍ଜି ଇତ୍ୟାଦିର ଦରବୃଦ୍ଧି ଯୋଗୁ ଏଭଳି ଘଟିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି । ୨୦୨୫ର ତ୍ରୟମାସିକ ହିସାବକୁ ଯଦି ଦେଖାଯାଏ ତେବେ ମୋଟ ରାଜସ୍ୱ ଆୟ ୮୮୯୯.୭୦ କୋଟି ହୋଇଥିବା ବେଳେ ଗତ ୩ମାସରେ ଏହା ୭,୧୭୭.୧୭ କୋଟି ଟଙ୍କାର ବ୍ୟବସାୟ କରିଛି । ତେଣୁ ମୋଟାମୋଟି ଭାବେ କମ୍ପାନୀର ଲାଭ ଯଥାକ୍ରମେ ୧୨୫୯.୧୯ କୋଟି ଏବଂ ୧୦୧୭.୨୦ କୋଟିରେ ପହଞ୍ଚିଛି । ସେହିପରି ବିଭିନ୍ନ ସାମଗ୍ରୀର ବିକ୍ରି ପାଇଁ ବିଜ୍ଞାପନ ବାବଦରେ ୦.୭୨ ପ୍ରତିଶତ ରାଜସ୍ୱ ପ୍ରଦାନ କରାଯାଇଛି । ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଘିଅ, ବିସ୍କୁଟ୍, ଜୁସ୍, ସୋୟା ପ୍ରୋଟିନ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ୧୬ଟି ରାଷ୍ଟ୍ରକୁ ମାର୍କେଟିଂ ପାଇଁ ପଠାଯାଉଛି । ତେଣୁ ଏହାର ତ୍ରୟମାସିକ ବିକ୍ରି ପରିମାଣ ୧୭.୩୧ କୋଟିରେ ପହଞ୍ଚିଥିବା ବେଳେ ଆର୍ଥିକ ଅଭିବୃଦ୍ଧି ୩୭.୬୦ ପ୍ରତିଶତ ହୋଇଥିବା ସୂଚନା ଦିଆଯାଇଛି ।

## ବ୍ଲିସ୍ୱାଟରର ଇଣ୍ଡଷ୍ଟ୍ରିଜ ବର୍ଗମାଳା ଓଡ଼ିଶାକୁ ସମ୍ପ୍ରସାରିତ

blisswater

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାର ପାନୀୟ ଜଗତରେ ନୂଆ ଏବଂ ଆକର୍ଷଣୀୟ କିଛି ଘଟୁଛି। ଓଡ଼ିଶାରେ ଏବେ ଭାରତର ଦୁଇଟି ସର୍ବାଧିକ ଚର୍ଚ୍ଚିତ କ୍ରାଫ୍ଟ ସ୍ପିରିଟ ପ୍ରବେଶ କରିଛି: ଏକ ହ୍ୱିସ୍କି ଯେଉଁଥିରେ ପ୍ରାଚୀନ ଉଦ୍ଭିଦଗତ ଗୋପନୀୟତାର ବୈଶ୍ୱିକ କାରିଗରୀର ସମ୍ମିଶ୍ରଣ ଘଟିଛି ଏବଂ ଏକ ଭୋଡକା ଯାହା କେବଳ ଢଳାଯାଏ ନାହିଁ, ଏହା କଥା କହେ। ଏହା ଗୋଆସ୍ଥିତ ବ୍ଲିସ୍ୱାଟର ଇଣ୍ଡଷ୍ଟ୍ରିଜ ଦ୍ୱାରା ପ୍ରସ୍ତୁତ କରାଯାଇଛି ଏବଂ ଉଭୟ ସ୍ପିରିଟ ଟେବଲ୍କୁ କିଛି ଅନନ୍ୟ ଆଣୁଛି। ଯାକ୍ଶା ହ୍ୱିସ୍କିରେ ହାଇଲାଣ୍ଡ ସ୍କଟିଶ୍ ମଲଟ୍‌ଲୁ ଭାରତୀୟ ଫାଇନ୍ ଶସ୍ୟ ସ୍ପିରିଟ ସହିତ ସମ୍ମିଶ୍ରିତ କରାଯାଇଛି, ଯେଉଁଥିରେ ପୌରାଣିକ ପାନୀୟ ସୋମ ଦ୍ୱାରା ଅନୁପ୍ରେରିତ ଉଦ୍ଭିଦଗତ ସ୍ପର୍ଶ ରହିଛି। ସାବଲୀଳ, ସୁଗନ୍ଧଯୁକ୍ତ ହ୍ୱିସ୍କିରେ ରହିଛି ସାମାନ୍ୟ ଦୁଷ୍ଟାମି ଏବଂ ସ୍ମୋକି ଫିନିଶ୍ର ସ୍ପର୍ଶ। ନିକଟରେ ଆମେରିକା ସ୍ପିରିଟ ରେଟିଂସ୍ ଦ୍ୱାରା ରୌପ୍ୟ ପଦକ ବିଜେତା ଏବଂ ଚୀନରେ ଇଣ୍ଟରୱାଇନରେ ରୌପ୍ୟ ପଦକ ପ୍ରାପ୍ତ ଯାକ୍ଶା ସେମାନଙ୍କ ପାଇଁ ପ୍ରସ୍ତୁତ, ଯେଉଁମାନେ କେବଳ ଏକ ପାନୀୟ ଠାରୁ ଅଧିକ କିଛି ଚାହାଁନ୍ତି- ଏହା ଏକ ରୀତି। ସଲ୍ଟି ନର୍ଡ ଭୋଡକା ଇଚ୍ଛାମଧ୍ୟରେ ପାରମ୍ପରିକ ଭୋଡକାର କାହାଣୀକୁ ବଦଳାଇ ଦେଇଛି। ପ୍ରତିଷ୍ଠାତା ବର୍ଣ୍ଣା ଭଟ କହିଛନ୍ତି ନ୍ତଓଡ଼ିଶା ଏକ ସାଂସ୍କୃତିକ ଦୃଷ୍ଟିରୁ ସମୃଦ୍ଧ ଏବଂ ଦ୍ରୁତ ପରିବର୍ତ୍ତନଶୀଳ ବଜାର। ଆମେ ଆମର ଦୁଇଟି ସର୍ବାଧିକ ଅଭିବ୍ୟକ୍ତିକାରୀ ସ୍ପିରିଟକୁ ଏଠାରେ ବଜାର ପ୍ରବେଶ କରାଇ ଉଲ୍ଲସିତ ଅନୁଭବ କରୁଛୁ- ତାହା ହେଉଛି ଐତିହ୍ୟ ଦ୍ୱାରା ପରିପୁଷ୍ଟ ଯାକ୍ଶା ଏବଂ ସ୍ୱାଦ ଓ ମଜାରେ ଭରପୂର ସଲ୍ଟି ନର୍ଡ। ଆମେ ଏଠାରେ କେବଳ ପାନୀୟ ଢାଳିବାକୁ ପହଞ୍ଚିନାହୁଁ, ବରଂ ଏକ ନୂତନ ଅନୁଭୂତି ପ୍ରଦାନ କରୁଛୁ।ନ୍ତ ଗୋଆ, ଛତିଶଗଡ, କର୍ଣ୍ଣାଟକ ଏବଂ ଏପରିକି ସିଙ୍ଗାପୁର, ଆମେରିକା ଆଦି ସ୍ଥାନରେ ଏହି ଉତ୍ପାଦଗୁଡିକର ସଫଳତାର ସହିତ ବଜାର ପ୍ରବେଶ ପରେ ବ୍ଲିସ୍ୱାଟର ଭାରତର ପ୍ରିମିୟମ ସ୍ପିରିଟ ଜଗତରେ ଦ୍ରୁତ ଗତିରେ ଲକ୍ଷ୍ୟ କରିବା ଭଳି ଏକ ନାମ ପାଲଟୁଛି।

## ଭାରତର ସ୍ମାର୍ଟ ସର୍ଭେଲାନ୍ସକୁ ସଶକ୍ତ କରିଛି ଡବ୍ଲ୍ୟୁଡି ପର୍ପଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୱେଷ୍ଟର୍ଣ୍ଣ ଡିଜିଟାଲରୁ ଆସିଥିବା ଡବ୍ଲ୍ୟୁଡି ପର୍ପଲ ଓ ଡବ୍ଲ୍ୟୁଡି ପର୍ପଲ ପ୍ରୋ ଭାରତର ବିକଶିତ ସ୍ମାର୍ଟ ସିଟି ସର୍ଭେଲାନ୍ସ ଇକୋସିଷ୍ଟମର କେନ୍ଦ୍ରରେ ଅଛନ୍ତି । ଯାହା ସହରାଞ୍ଚଳ ଭିତ୍ତିଭୂମିରେ ୨୪/୭ ଭିଡିଓ ରେକର୍ଡିଂ, ବାସ୍ତବ ସମୟର ବିଶ୍ଳେଷଣ, ଦୀର୍ଘକାଳିନ ଡାଟା ସଂରକ୍ଷଣକୁ ସକ୍ଷମ କରୁଛି। ୨୦୧୫ରେ ସ୍ମାର୍ଟସିଟି ମିଶନ ଲଞ୍ଚ ହେବା ସହ ସହରର ପରିଚାଳନା ଏବଂ ନାଗରିକଙ୍କୁ ସେବା ପ୍ରଦାନ କରିବାର ଶୈଳୀକୁ ପରିବର୍ତ୍ତନ କରିଛି। ଷ୍ଟାଣ୍ଡାର୍ଡ କ୍ୟୁମର କିମ୍ବା ଏଂଟରପ୍ରାଇଜ ଡ୍ରାଇଭଗୁଡିକ ବିପରୀତରେ ଡବ୍ଲ୍ୟୁଡି ପର୍ପଲର ଡ୍ରାଇଭଗୁଡିକୁ ନିରନ୍ତର ଭିଡିଓ କ୍ୟାପ୍ଚରର ଚାହିଦା ପାଇଁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି। ସ୍ମାର୍ଟ ସହରଗୁଡିକରେ ସର୍ଭେଲାନ୍ସ ସିଷ୍ଟମ ବା ନିରୀକ୍ଷଣ ବ୍ୟବସ୍ଥା ନନ୍‌ଷ୍ଟପ କାର୍ଯ୍ୟ କରିଥାଏ, ବହୁସଂଖ୍ୟକ ଡାଟା ସୃଷ୍ଟି କରିଥାଏ। ଡବ୍ଲ୍ୟୁଡି ପର୍ପଲର ଉନ୍ନତ ସହନଶୀଳତା ଓ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିଥାଏ ଯେ, ଫ୍ରେମ ଲସ୍ କିମ୍ବା ଡିଗ୍ରେଡେଶନ ବିନା ଡାଟା କ୍ୟାପ୍ଚର ଓ ଷ୍ଟୋର ହୋଇଛି ଏବଂ ଜରୁରି ସମୟରେ ଏହା ଉପଲବ୍ଧ ହେବ। ଡ୍ରାଇଭଗୁଡିକୁ ଅଲ୍‌ଫ୍ରେମ ଏଆଇ ଟେକ୍ନୋଲୋଜି ସହ ନିର୍ମାଣ କରାଯାଇଛି, ଯାହା ସୁଗମ ରେକର୍ଡିଙ୍ଗ ଓ ପ୍ଲେବ୍ୟାକକୁ ସକ୍ଷମ କରିଥାଏ ଏବଂ ୬୪ଟି ପର୍ଯ୍ୟନ୍ତ କ୍ୟାମେରା ଓ ୩୨ଟି ଏଆଇ ଷ୍ଟ୍ରିମରୁ ଏକକାଳିନ ଇନ୍‌ପୁଟକୁ ସପୋର୍ଟ କରିଥାଏ। ୱେଷ୍ଟର୍ଣ୍ଣ ଡିଜିଟାଲର ଏମଇଏ ଓ ଇଣ୍ଡିଆର ସେଲ୍ସ ବିଭାଗର ନିର୍ଦ୍ଦେଶକ ଓ୍ୱେସ ମହମ୍ମଦଙ୍କ ଦ୍ୱାରା ସ୍ୱୀକୃତ। ଭାରତର ଭିଡିଓ ସର୍ଭେଲାନ୍ସ ମାର୍କେଟ ୨୦୩୦ ସୁଦ୍ଧା ୫.୨ ବିଲିୟନ ଡଲାରରୁ ଅଧିକ ରହିବ ବୋଲି ଆଶା କରାଯାଉଛି, ଯାହା ଜନସାଧାରଣଙ୍କ ସୁରକ୍ଷା ଚିନ୍ତା ଓ ଇଣ୍ଟେଲିଜେଣ୍ଟ ସିଷ୍ଟମର ଗ୍ରହଣୀୟତାରେ ବୃଦ୍ଧି ଦ୍ୱାରା ତ୍ୱରାନ୍ୱିତ ହେଉଛି।





ନୂଆଦିଲ୍ଲୀ : ହକି ଭେଟେରାନ ତଥା ଟେନିସ୍ ତାରକା ଲିଏଣ୍ଡର ପେସ୍‌ଙ୍କ ବାପା ଭେସ୍ ପେସ୍‌ଙ୍କ ୮୦ ବର୍ଷ ବୟସରେ ଦେହାନ୍ତ ହୋଇଛି । ଭେସ୍ ମଙ୍ଗଳବାର ଦିନ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । କିନ୍ତୁ ଗୁରୁବାର ସକାଳେ ୮୦ ବର୍ଷ ବୟସରେ ପାର୍କିନ୍‌ସନ୍ ରୋଗରେ ପଡ଼ି ଜୀବନ ଯୁଦ୍ଧରେ ହାରି ଯାଇଥିଲେ । ସେ ଜଣେ ବିଶ୍ୱ ବିଖ୍ୟାତ ଭାରତୀୟ ହକି ଖେଳାଳି ସହ ଥିଲେ ଜଣେ କ୍ରୀଡ଼ା ପ୍ରଶାସକ । ୧୯୭୨ ମ୍ୟୁନିଚ୍ ଅଲିମ୍ପିକରେ ବ୍ରୋଞ୍ଜ ପଦକ ଜିତିଥିଲେ । ଭାରତ ପାଇଁ ହକିରେ ମଧ୍ୟ ଜିତିଥିଲେ କାଂସ୍ୟ ପଦକ । କ୍ରିକେଟ୍, ଫୁଟବଲ୍ ଏବଂ ରଗବି ଖେଳିବା ସମେତ ଅନେକ କ୍ରୀଡ଼ାରେ ଥିଲା ତାଙ୍କର ଯୋଗଦାନ । ଆହୁରି ବି ଭାରତୀୟ ରଗବି ଫୁଟବଲ୍ ୟୁନିଅନ୍ (୧୯୯୬-୨୦୦୨) ର ସଭାପତି ଭାବରେ କାର୍ଯ୍ୟ କରିବା ପରେ, ଭେସ୍ ଭାରତୀୟ ହକି ସହିତ ତାଙ୍କ ଖେଳ ଜୀବନ ସମୟରେ ଜଣେ ମିଡଫିଲ୍ଡର ଥିଲେ । ଜଣେ କ୍ରୀଡ଼ା ଔଷଧ ବିଶେଷଜ୍ଞ ଭାବରେ ସେ ଏସୀୟ କ୍ରିକେଟ ପରିଷଦ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ଏବଂ ଭାରତୀୟ ଡେଭିସ୍ କପ୍ ଦଳ ସମେତ ଅନେକ କ୍ରୀଡ଼ା ସଂଗଠନ ସହିତ ଚିକିତ୍ସା ପରାମର୍ଶଦାତା ଭାବରେ କାର୍ଯ୍ୟ କରିଥିଲେ । ୧୯୭୨ ଅଲିମ୍ପିକରେ ହକି ଦଳ ପାଇଁ ପଦକ ଜିତିଥିବା ଭେସ୍ ପେସ୍‌ଙ୍କ ପୁଅ, ତାଙ୍କ ବିଜୟର ୨୪ ବର୍ଷ ପରେ ୧୯୯୬ ଆଟଲାଣ୍ଟା ଅଲିମ୍ପିକରେ ପୁରୁଷ ଟେନିସ୍ ପାଇଁ ପ୍ରଥମ ଏବଂ ଏକମାତ୍ର ପଦକ ଜିତିଥିଲେ । ଲିଏଣ୍ଡର ପୁରୁଷ ସିଙ୍ଗଲ୍‌ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ୧୯୫୨ ପରେ ଅଲିମ୍ପିକ ବ୍ୟକ୍ତିଗତ କ୍ରୀଡ଼ାରେ ଏହା ଭାରତର ପ୍ରଥମ ପଦକ ଥିଲା । ସେହି ବର୍ଷ କେଡି ଜାଦବ ମଧ୍ୟ ସମାନ କରିଥିଲେ । ଭେସ୍ ସବୁବେଳେ ତାଙ୍କ ପୁଅ ଲିଏଣ୍ଡରଙ୍କୁ ପ୍ରଶଂସା କରୁଥିଲେ ।



# 'ରୋହିତ-କୋହଲି ଟେଷ୍ଟ କ୍ରିକେଟ୍ ଖେଳିବା ଜାରି ରଖିବାକୁ ଚାହୁଁଥିଲେ'



ନୂଆଦିଲ୍ଲୀ: ପୂର୍ବତନ ଭାରତୀୟ ଟେଷ୍ଟ ଅଧିନାୟକ ରୋହିତ ଶର୍ମା ଏବଂ ବିରାଟ କୋହଲି ଇଂଲଣ୍ଡ ଗସ୍ତ ପୂର୍ବରୁ ଟେଷ୍ଟରୁ ଅବସର ଘୋଷଣା କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ପ୍ରତ୍ୟେକ ପ୍ରଶଂସକ ଜାଣନ୍ତି ଯେ ସେମାନେ ଉଭୟ ଏପର୍ଯ୍ୟନ୍ତ ଏହି ଫର୍ମାଟରୁ ଅବସର ନେବାକୁ ଚାହୁଁ ନଥିଲେ । ରୋହିତ ଏବଂ ବିରାଟ ଉଭୟ ଇଂଲଣ୍ଡ ଗସ୍ତ ପାଇଁ ପ୍ରସ୍ତୁତି କରୁଥିଲେ । ପୂର୍ବତନ ଭାରତୀୟ କ୍ରିକେଟର କରସନ ଘାଉରୀ ଏ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ଇଣ୍ଡିଆନ ପ୍ରିମିୟର ଲିଗ ୨୦୨୫ରେ ଭାରତୀୟ କ୍ରିକେଟର ଦୁଇ ସର୍ବବୃହତ ବ୍ୟାଟସମ୍ୟାନ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ରୋହିତ ପ୍ରଥମେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ କରି ଇନଷ୍ଟାଗ୍ରାମ ଷ୍ଟୋରୀ ମାଧ୍ୟମରେ ଅବସର ଘୋଷଣା କରିଥିଲେ । ଦୁଇ ଦିନ ପରେ, ଖବର ଆସିଥିଲା ଯେ କୋହଲି ବିସିସିଆଇକୁ ଲେଖିଥିଲେ ଯେ ସେ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଚାହୁଁଛନ୍ତି । ପରବର୍ତ୍ତୀ ୪୮ ଘଣ୍ଟା ମଧ୍ୟରେ, ସେ ଏକ ଇନଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ଏହାକୁ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିଲେ । ଗତ ୧୫-୨୦ ଦିନ ମଧ୍ୟରେ ଅନେକ ରିପୋର୍ଟ ସାମ୍ନାକୁ ଆସିଛି । ସେମାନେ ପ୍ରକୃତରେ ଅବସର ନେବାକୁ ଚାହୁଁଥିଲେ ନା ସେମାନଙ୍କୁ ବାଧ୍ୟ କରାଯାଇଥିଲା ? ଶେଷରେ, କୋହଲି ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଖେଳିବାକୁ ଫେରିଲେ ଏବଂ ତାଙ୍କ ଦିଲ୍ଲୀ ପ୍ରଶିକ୍ଷକଙ୍କୁ ମଧ୍ୟ କହିଥିଲେ ଯେ ସେ ଏଥର ଇଂଲଣ୍ଡରେ ଅତି କମରେ ୪-୫ ଶତକ କରିବାକୁ ଚାହାଁନ୍ତି । ରୋହିତ ଆଇପିଏଲ୍ ବିରତି ସମୟରେ ମାଇକେଲ କ୍ଲାର୍କଙ୍କ ସହ ଏକ ଆଲୋଚନାରେ ସ୍ପଷ୍ଟ କରିଥିଲେ ଯେ ସେ ଇଂଲଣ୍ଡ ଗସ୍ତ ପାଇଁ ଅପେକ୍ଷା କରିଛନ୍ତି । ଭାରତୀୟ କ୍ରିକେଟ କିମ୍ବଦନ୍ତୀ କରସନ ଘାଉରୀ ଏହି ପ୍ରଶ୍ନର ଉତ୍ତର ଦେଇଛନ୍ତି । ଭାରତର ପୂର୍ବତନ ବାମହାତୀ ପେସର ୧୯୭୦ ଦଶକରେ କପିଳ ଦେବଙ୍କ ସହ ବୋଲିଂ ଆରମ୍ଭ କରିଥିଲେ । ସେ ଖୋଲାଖୋଲି ଭାବରେ ଦାବି କରିଛନ୍ତି ଯେ କୋହଲି ଏବଂ ରୋହିତ ଟେଷ୍ଟ କ୍ରିକେଟ ଖେଳିବା ଜାରି ରଖିବାକୁ ଚାହୁଁଥିଲେ, କିନ୍ତୁ ବିସିସିଆଇରେ ରାଜନୀତି ଏବଂ ଚୟନ ପ୍ୟାନେଲ ଅଧ୍ୟକ୍ଷ ଅଜିତ ଅଗରକରଙ୍କ ନେତୃତ୍ୱ ସେମାନଙ୍କୁ ଟେଷ୍ଟ କ୍ରିକେଟରୁ ବାହାର କରିଦେଇଥିଲା । ଘାଉରୀ କହିଛନ୍ତି, କୋହଲି ନିଶ୍ଚିତ ଭାବରେ ସହଜରେ ଭାରତ ପାଇଁ ଖେଳି ପାରିଥାନ୍ତେ । ହୁଏତ ଆଗାମୀ କିଛି ବର୍ଷ ପାଇଁ କିନ୍ତୁ କିଛି ଲୋକ ତାଙ୍କୁ ଅବସର ନେବାକୁ ବାଧ୍ୟ କରିଥିଲେ । ଦୁର୍ଭାଗ୍ୟବଶତଃ ଯେତେବେଳେ ସେ ଅବସର ନେଉଥିଲେ, ବିସିସିଆଇ ତାଙ୍କୁ ବିଦାୟ ମଧ୍ୟ ଦେଇ ନଥିଲା । ଏପରି ଜଣେ ଖେଳାଳି, ଏପରି ଜଣେ ମହାନ ଖେଳାଳି ଯିଏ ବିସିସିଆଇ, ଭାରତୀୟ କ୍ରିକେଟ ଏବଂ ଭାରତୀୟ ପ୍ରଶଂସକଙ୍କ ପାଇଁ ଏତେ ମହାନ ସେବା କରିଛନ୍ତି, ତାଙ୍କୁ ଏକ ମହାନ ଏବଂ ଚମତ୍କାର ବିଦାୟ ଦିଆଯିବା ଉଚିତ । ଘାଉରୀ ଆହୁରି କହିଛନ୍ତି, ବିସିସିଆଇ ଭିତରେ ଆଭ୍ୟନ୍ତରୀଣ ରାଜନୀତି ହେତୁ ବୁଝିବା କଷ୍ଟକର । ମୁଁ ଭାବୁଛି ସେଥିପାଇଁ ସେ ସମୟ ପୂର୍ବରୁ ଅବସର ନେଇଥିଲେ । ରୋହିତ ମଧ୍ୟ ସମୟ ପୂର୍ବରୁ ଅବସର ନେଇଥିଲେ । ତାଙ୍କୁ ଯିବାକୁ କୁହାଯାଇଥିଲା । ଏହା ନୁହେଁ ଯେ ସେ ଯିବାକୁ ଚାହୁଁଥିଲେ । ସେ ଜାରି ରଖିବାକୁ ଚାହୁଁଥିଲେ । କିନ୍ତୁ ଚୟନକର୍ତ୍ତା ଏବଂ ବିସିସିଆଇର ଯୋଜନା ଭିନ୍ନ ଥିଲା । ଏହା ଏକ ପ୍ରକାର କ୍ଷୁଦ୍ର ରାଜନୀତିର ବିଷୟ ଥିଲା ।

### ପନ୍ତଙ୍କ ଆହତର ପ୍ରଭାବ

# ସ୍ଥାନାନ୍ତରର ନୂଆ ନିୟମ ଆଣିଲା ବିସିସିଆଇ



ନୂଆଦିଲ୍ଲୀ: ଭାରତୀୟ ୱିକେଟକିପର ବ୍ୟାଟର ଋଷଭ ପନ୍ତ ଇଂଲଣ୍ଡ ଗସ୍ତ ବେଳେ ଆହତ ହୋଇଥିଲେ । ଲର୍ଡ଼ ଟେଷ୍ଟରେ ୱିକେଟ କିପିଂ ବେଳେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା । ଅନ୍ୟପଟେ, ମାଞ୍ଚେଷ୍ଟର ଟେଷ୍ଟରେ ପନ୍ତଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା, ଯେଉଁଥି ପାଇଁ ତାଙ୍କୁ ଅଧାରେ ମୈଦାନ ଛାଡ଼ିବାକୁ ପଡ଼ିଥିଲା । ପନ୍ତଙ୍କ ଆହତ ହେବା ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ସିରିଜରେ ଟିମ ଇଣ୍ଡିଆ ପାଇଁ ଚିନ୍ତା ବଢ଼ାଇଥିଲା । ଯେଉଁଥି ପାଇଁ ଏବେ ବିସିସିଆଇ ଆଗାମୀ ଘରୋଇ ସିଜିନ ପୂର୍ବରୁ ନୂଆ ନିୟମ ଘୋଷଣା କରିଛି । ବିସିସିଆଇ ଘରୋଇ କ୍ରିକେଟରେ ମଲ୍ଟି-ଡେ-ମ୍ୟାଚ୍ ପାଇଁ ଏକ ନୂଆ ସିରିୟସ୍ ଇଞ୍ଜୁରି ରିପ୍ଲେସମେଣ୍ଟ ନିୟମ ଲାଗୁ କରିବାକୁ ଯାଉଛି । ଏହି ନିୟମ ୨୦୨୫-୨୬ ସିଜିନରୁ ପ୍ରଭାବୀ ହେବ ଓ ମଲ୍ଟି-ଡେ ଫର୍ମାଟରେ ଆହତ କାରଣରୁ ଖେଳାଳିଙ୍କ ପାଇଁ ରିପ୍ଲେସମେଣ୍ଟ ଦିଆଯିବ । ରିଭାଷ୍ଟ ଆହତ ବିସିସିଆଇକୁ ପଦକ୍ଷେପ ନେବାକୁ ବାଧ୍ୟ କରିଛି । ଯଦି କୌଣସି ମଲ୍ଟି-ଡେ ମ୍ୟାଚରେ ଗୁରୁତର ଆହତ କାରଣରୁ ଖେଳାଳି ମ୍ୟାଚରୁ ବାହାର ହୁଅନ୍ତି, ତେବେ ଟିମ୍ ମ୍ୟାନେଜମେଣ୍ଟଙ୍କୁ ଏକ ସମାନ ଯୋଗ୍ୟତା ଥିବା ଖେଳାଳି ରିପ୍ଲେସ୍ କରିପାରିବେ । ଏଥିପାଇଁ ଚୟନ ସମିତି ଓ ମ୍ୟାଚ୍ ରେଫରୀଙ୍କ ମଞ୍ଜୁରି ନେବାକୁ ପଡ଼ିବ । ଏହି ନିୟମ ଆହତ କାରଣରୁ ଟିମର ରଣନୀତି ଉପରେ ପ୍ରଭାବ ନପଡ଼ିବା ଓ ଖେଳର ସ୍ତର ବଜାୟ ରଖିବାରେ ସହାୟକ ହୋଇପାରିବ । ଅହମଦାବାଦରେ ଅମ୍ପାୟର୍ସଙ୍କ ସେମିନାରରେ ଅମ୍ପାୟର୍ସଙ୍କୁ ନୂଆ ଖେଳ ନିୟମ ବାବଦରେ ଜଣାଯାଇଛି । ବିସିସିଆଇ କହିଛି ଯେ ହ୍ୱାଇଟ୍ ବଲ୍ ଟୁର୍ଣ୍ଣାମେଣ୍ଟ ସୈୟଦ ମୁସ୍ତାକ ଅଲି ଟ୍ରଫି ବିଜୟ ହଜାରେ ଟୁର୍ଣ୍ଣାମେଣ୍ଟରେ ଏହିପରି କୌଣସି ରିପ୍ଲେସମେଣ୍ଟକୁ ଅନୁମତି ଦିଆଯିବ ନାହିଁ । କେବଳ ଏହି ନିୟମ ସିକେ ନାଇଡୁ ଟ୍ରଫି ପାଇଁ ମଲ୍ଟି-ଡେ ଅଣ୍ଡର ୧୯ ଟୁର୍ଣ୍ଣାମେଣ୍ଟରେ ଲାଗୁ ହେଉଛି । ନିୟମ ଅନୁସାରେ ଜଣେ ଖେଳାଳିଙ୍କ ମୁଣ୍ଡରେ ଆଘାତ ଲାଗିବା ପରେ ହିଁ ରିପ୍ଲେସମେଣ୍ଟ ଦିଆଯାଉଥିଲା । ଏଥିରେ ବି ନିୟମ ଅଛି ଯଦି କୌଣସି ଖେଳାଳି ଏହି କାରଣରୁ ବାହାରନ୍ତି ତେବେ ୭ଦିନ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିପାରିବେ ନାହିଁ ।

## ମହାନ୍ କ୍ରିକେଟର ବବ ସିମ୍ପସନ୍‌ଙ୍କ ପରଲୋକ



ମେଲବର୍ଣ୍ଣ: ମହାନ୍ କ୍ରିକେଟ୍ର ବବ ସିମ୍ପସନ୍‌ଙ୍କ ପରଲୋକ । ମୃତ୍ୟୁବେଳକୁ ତାଙ୍କୁ ୮୯ ବର୍ଷ ହୋଇଥିଲା । ଏହା କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ନିଶ୍ଚିତ କରାଯାଇଛି । ୧୯୮୭ ମସିହାରେ ଅଷ୍ଟ୍ରେଲିଆକୁ ପ୍ରଥମ ବିଶ୍ୱକପ ଜିତିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏହି ମହାନ ଖେଳାଳି ଏକ ଟେଷ୍ଟ ମ୍ୟାଚରେ ୧୩ ଘଣ୍ଟାରୁ ଅଧିକ ସମୟ ବ୍ୟାଟିଂ କରି ତ୍ରିଶତକ ହାସଲ କରିଥିଲେ । ସେ ୩୧୧ ରନ କରିଥିଲେ । ଅଷ୍ଟ୍ରେଲିଆର ମହାନ ଖେଳାଳି ବବ ସିମ୍ପସନ ୧୯୫୭ ରୁ ୧୯୭୮ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ୬୨ ଟେଷ୍ଟ ଏବଂ ଦୁଇଟି ଦିନିକିଆ ଖେଳିଥିଲେ । ଏହି ସମୟ ମଧ୍ୟରେ ସେ ୪୮୬୯ ରନ ଏବଂ ୭୧ ଉଇକେଟ ନେଇଥିଲେ । ଏହା ବ୍ୟତୀତ ଅଷ୍ଟ୍ରେଲିଆ ସେ ଅଧିନାୟକତ୍ୱ କରିଥିବା ୩୯ ଟେଷ୍ଟ ମ୍ୟାଚରୁ ୧୨ଟି ଜିତିଥିଲା । ୧୯୬୪ ମସିହାରେ ଓଭାଲରେ ପ୍ରଥମ ଟେଷ୍ଟ ଶତକ ହାସଲ କରି ସିମ୍ପସନ ଅନେକ ରେକର୍ଡ ଭାଙ୍ଗି ୭ ବର୍ଷର ମରୁଡ଼ିର ଅନ୍ତ ଘଟାଇଥିଲେ । ସେ ୧୩ ଘଣ୍ଟାରୁ ଅଧିକ ସମୟ ପାଇଁ ବ୍ୟାଟିଂ କରିଥିଲେ ଏବଂ ପ୍ରଥମ ଶତକକୁ ତ୍ରିଶତକରେ ପରିଣତ କରିଥିଲେ । ସେ ୩୧୧ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ । ତ୍ରିଶତକ ହାସଲ କରିଥିବା ସିମ୍ପସନ ପ୍ରଥମ ଟେଷ୍ଟ ଅଧିନାୟକ ମଧ୍ୟ ଥିଲେ । ବବ ସିମ୍ପସନ ୧୯୬୮ ମସିହାରେ କ୍ରିକେଟରୁ ଅବସର ନେଇଥିଲେ । କିନ୍ତୁ ୧୯୭୭ ମସିହାରେ ସେ ୪୧ ବର୍ଷ ବୟସରେ ଅଷ୍ଟ୍ରେଲିଆକୁ ଫେରିବାକୁ ରାଜି ହୋଇଥିଲେ, ଯେତେବେଳେ ବିଶ୍ୱ ସିରିଜ କ୍ରିକେଟରୁ ପୃଥକ ହେବା ଯୋଗୁଁ ଦଳ ଭାଙ୍ଗି ଯାଇଥିଲା । ଏହି ସମୟ ମଧ୍ୟରେ ସେ ଆଉ ୧୦ ଟି ଟେଷ୍ଟ ମ୍ୟାଚ ଖେଳିଥିଲେ । ଏଥିରେ ଦୁଇଟି ଶତକ ଅନ୍ତର୍ଭୁକ୍ତ ଥିଲା । ୧୯୭୭ ମସିହାରେ ସିମ୍ପସନ୍‌ଙ୍କ ହାରାହାରି ୫୨.୮୩ ଏବଂ ପରବର୍ତ୍ତୀ ବର୍ଷ ୩୨.୩୮ ଥିଲା । ଟେଷ୍ଟ ମ୍ୟାଚ୍‌ରେ ୩୦୦ ରନ ସ୍କୋର କରିଥିବା ସବୁଠାରୁ କମ ବୟସ୍କ ଅଧିନାୟକ ଭାବରେ ସିମ୍ପସନ୍‌ଙ୍କ ରେକର୍ଡ ୬୧ ବର୍ଷରୁ ଅଧିକ ସମୟ ପାଇଁ ଅକ୍ଷୁର୍ଣ୍ଣ ରହିଥିଲା ।

# ଏସିଆ କପ୍- ୨୦୨୫: ରିଙ୍କୁ ସିଂହଙ୍କୁ ବାଦ୍ ଦେଇପାରେ ବିସିସିଆଇ



ନୂଆଦିଲ୍ଲୀ: ଏସିଆ କପ ୨୦୨୫କୁ ନେଇ ପ୍ରଶଂସକଙ୍କ ମନରେ ଉତ୍ସାହ ଦ୍ୱିଗୁଣିତ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟ ୯ ସେପ୍ଟେମ୍ବରରୁ ଆରମ୍ଭ ହେବ । ହେଲେ ତାହା ପୂର୍ବରୁ ଭାରତୀୟ ଦଳକୁ ନେଇ ଚର୍ଚ୍ଚା ଜୋର ଧରିଛି । ପ୍ରତ୍ୟେକ ଭାରତୀୟ ପ୍ରଶଂସକଙ୍କ ମନରେ ଏକମାତ୍ର ପ୍ରଶ୍ନ ଉଠୁଛି ଯେ, କେଉଁ ଖେଳାଳିମାନେ ଦଳରେ ସ୍ଥାନ ପାଇବେ । ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗ୍ରୱାଲ ଓ ତାଙ୍କ ପ୍ୟାନେଲ ଶୀଘ୍ର ଏ ସମ୍ପର୍କରେ ଘୋଷଣା କରିବେ । ଏହା ମଧ୍ୟରେ ଆଇପିଏଲ୍ ୨୦୨୫ରେ କୋଲକାତା ନାଇଟ ରାଇଡର୍ସର ଷ୍ଟାର ଫିନିଶର ରିଙ୍କୁ ସିଂହଙ୍କୁ ନେଇ ଏକ ବଡ଼ ରିପୋର୍ଟ ସାମ୍ନାକୁ ଆସିଛି । କେକେଆରର ଚମତ୍କାର ବ୍ୟାଟ୍ସମ୍ୟାନ ରିଙ୍କୁ ସିଂହ, ଯାହାଙ୍କୁ ଫ୍ରାଞ୍ଚାଇଜ ୧୩ କୋଟି ଟଙ୍କାରେ ରିଟେନ୍ କରିଥିଲା, ତାଙ୍କୁ ଏସିଆ କପ୍ ୨୦୨୫ର ଭାରତୀୟ ଦଳରେ ସ୍ଥାନ ମିଳିବା ବେଶ କଷ୍ଟକର ମନେ ହେଉଛି । ରିଙ୍କୁ ସିଂହଙ୍କ ପ୍ରଦର୍ଶନ ଭାରତ ପାଇଁ ବେଶ ଉଲ୍ଲେଖନୀୟ ରହିଛି । ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ଖେଳାଯିବ ଏବଂ ରିଙ୍କୁ ଏହି ଫର୍ମାଟରେ ଦମଦାର ପ୍ରଦର୍ଶନ କରିଛନ୍ତି । ସେ ୩୩ଟି ମ୍ୟାଚରେ ୫୪୬ ରନ ସଂଗ୍ରହ କରିଛନ୍ତି । ସେଥିରେ ୩ ଅର୍ଦ୍ଧଶତକ ରହିଛି । ରିଙ୍କୁ କୋଲକାତା ନାଇଟ ରାଇଡର୍ସ ଓ ଭାରତ ପାଇଁ ଫିନିଶର ଭୂମିକା ନିର୍ବାହ କରିଛନ୍ତି । ଏହା ସତ୍ତ୍ୱେ ତାଙ୍କୁ ଏସିଆ କପ୍ ୨୦୨୫ର ଭାରତୀୟ ଦଳରେ ସାମିଲ କରାଯାଇ ନ ପାରେ । ଆଇପିଏଲ ୨୦୨୫ରେ ମଧ୍ୟ ଅନେକ ଯୁବ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ପ୍ରଶଂସକଙ୍କ ମନ ଜିଣିଛନ୍ତି । ରିଙ୍କୁଙ୍କ କଥା କହିବାକୁ ଗଲେ, ତାଙ୍କର ଆନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ଖେଳିବାର ଅଭିଜ୍ଞତା ରହିଛି ଏବଂ ଟିମ ମ୍ୟାନେଜମେଣ୍ଟ ନିଜେ ଚାହିଁବେ ନାହିଁ ଯେ, ଅନ୍ୟ କୌଣସି ଖେଳାଳିଙ୍କୁ ଫିନିଶର ଭୂମିକାରେ ରଖାଯାଉ । ନିକଟରେ ଜଣେ ପୂର୍ବତନ ଚୟନକର୍ତ୍ତା କହିଥିଲେ ଯେ, ଶୁଭମନ ଗିଲଙ୍କୁ ଏସିଆ କପ ୨୦୨୫ର ଭାରତୀୟ ଦଳରେ ସ୍ଥାନ ମିଳିବ କାରଣ ସେ ଟେଷ୍ଟ ଦଳର ଅଧିନାୟକ ଏବଂ ଗୁଜରାଟ ଟାଇଟନ୍ସର ଆଇପିଏଲରେ ଅଧିନାୟକ ଅଛନ୍ତି । ଏବେ ପ୍ରଶ୍ନ ଉଠୁଛି ଯେ, ରିଙ୍କୁ ସିଂହଙ୍କୁ ବାଦ ଦେଇ ଗିଲଙ୍କୁ ଦଳରେ ସାମିଲ କରାଯିବ କି ? ଭାରତୀୟ ଚୟନକର୍ତ୍ତାଙ୍କ ପାଇଁ ଏହି ନିଷ୍ପତ୍ତି ନେବା କଷ୍ଟକର ହେବ କାରଣ ଗିଲ ଟପ ଅର୍ଡରରେ ଖେଳନ୍ତି ଏବଂ ରିଙ୍କୁ ସିଂହଙ୍କ କାମ ହେଉଛି ଫିନିଶର ଭୂମିକା । ଟିମ୍ ଇଣ୍ଡିଆ ପାଖରେ ଟପ୍ ଅର୍ଡର ପାଇଁ ବହୁତ ବିକଳ୍ପ ରହିଛି, କିନ୍ତୁ ରିଙ୍କୁ ସିଂହଙ୍କ ବ୍ୟତୀତ ଫିନିଶର ଭୂମିକାରେ କେବଳ ହାର୍ଦ୍ଦିକ ପାଣ୍ଡ୍ୟା ରହିଛନ୍ତି । ହାର୍ଦ୍ଦିକଙ୍କ ବ୍ୟତୀତ ଟିମ ପାଖରେ ଅକ୍ଷର ପଟେଲଙ୍କ ବିକଳ୍ପ ରହିଛି । ଯଦି ରିଙ୍କୁଙ୍କୁ ଦଳରୁ ବାଦ ଦିଆଯାଏ, ତେବେ ଶିବମ ଦୁବେ କିମ୍ବା ଜିତେଶ ଶର୍ମାଙ୍କୁ ଫିନିଶର ଭୂମିକାରେ ରଖିବା ଅତ୍ୟନ୍ତ ଜରୁରୀ । ରିଙ୍କୁ ସିଂହଙ୍କ କଥା କହିବାକୁ ଗଲେ, ଆଇପିଏଲ ୨୦୨୫ରେ ତାଙ୍କ ପ୍ରଦର୍ଶନ ଖାସ ଭଲ ନ ଥିଲା । ରିଙ୍କୁ ୧୩ଟି ମ୍ୟାଚରେ ୨୯.୪୩ର ହାରାହାରିରେ ୨୦୬ ରନ ସଂଗ୍ରହ କରିଥିଲେ ଏବଂ ତାଙ୍କର ସର୍ବୋତ୍ତମ ସ୍କୋର ୩୮ ରନ (ନଟଆଉଟ) ଥିଲା । ୨୦୨୪ ସିଜନରେ ମଧ୍ୟ ତାଙ୍କ ବ୍ୟାଟ ଶାନ୍ତ ରହିଥିଲା । କୋଲକାତା ପାଇଁ ଖେଳୁଥିବା ରିଙ୍କୁ ୧୫ଟି ମ୍ୟାଚରେ ୧୮.୬୭ର ହାରାହାରିରେ ମାତ୍ର ୧୬୮ ରନ ସଂଗ୍ରହ କରିଥିଲେ । ତାଙ୍କର ସର୍ବୋତ୍ତମ ସ୍କୋର ୨୬ ରନ ଥିଲା । ରିଙ୍କୁ ସିଂହଙ୍କୁ ନେଇ ଭାରତୀୟ ଚୟନକର୍ତ୍ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିବ କାରଣ ସେ ମଧ୍ୟ ଦଳ ପାଇଁ ଅତ୍ୟନ୍ତ ଜରୁରୀ ଖେଳାଳି ।

## ଭଲ ପ୍ରଦର୍ଶନ ସତ୍ତ୍ୱେ ଧୋନିଙ୍କ ପାଇଁ ମୋତେ ଦଳରୁ ବିଦା କରାଯାଇଥିଲା: ଇର୍ଫାନ୍



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ଇରଫାନ ପଠାନ ତାଙ୍କ କ୍ରିକେଟ କ୍ୟାରିୟର ସହ ଜଡ଼ିତ ଏକ ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି । ଇରଫାନ ପଠାନ କହିଛନ୍ତି ଯେ, ୨୦୦୯ ମସିହାରେ ତାଙ୍କୁ ଦଳରୁ ବାହାର କରିବାରେ ତତ୍କାଳୀନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପଠାନ କହିଛନ୍ତି ଯେ, ଶ୍ରୀଲଙ୍କା ସିରିଜରେ ଦମଦାର ପ୍ରଦର୍ଶନ ସତ୍ତ୍ୱେ, ୨୦୦୯ରେ ନ୍ୟୁଜିଲ୍ୟାଣ୍ଡ ଗସ୍ତ ସମୟରେ ତାଙ୍କୁ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ଦିଆଯାଇ ନଥିଲା । ଇରଫାନ ପଠାନ ଏକ ସାକ୍ଷାତକାରରେ କହିଛନ୍ତି ଯେ, ନ୍ୟୁଜିଲ୍ୟାଣ୍ଡ ଗସ୍ତ ସମୟରେ ମୋତେ ଗୋଟିଏ ବି ମ୍ୟାଚ୍ ଖେଳିବାର ସୁଯୋଗ ଦିଆଯାଇ ନଥିଲା । ଭଲ ଖେଳିଥିଲେ ବି ମୋତେ ଟିମ୍‌ରୁ ବାଦ୍ ଦିଆଯାଇଥିଲା । ଯେତେବେଳେ ଏହାର କାରଣ ଯାଇ ମୁଁ ତତ୍କାଳୀନ ପ୍ରଶିକ୍ଷକ ଗ୍ୟାରି କର୍ଷ୍ଟନଙ୍କୁ ପଚାରିଥିଲି ସେ ମୋତେ ଦୁଇଟି କାରଣ କହିଥିଲେ । ପଠାନଙ୍କ ଅନୁସାରେ କର୍ଷ୍ଟନ କହିଥିଲେ ଯେ, ଏସବୁ ମୋ ହାତରେ ନାହିଁ । ମୁଁ ପଚାରିଲି ଏସବୁ ନିଷ୍ପତ୍ତି କିଏ ନେଉଛି । କିନ୍ତୁ ସେ ମୋତେ କିଛି କହିଲେ ନାହିଁ । ମୁଁ ପୂର୍ବରୁ ଜାଣିଥିଲି ଏସବୁ ନିଷ୍ପତ୍ତି କାହା ହାତରେ ଅଛି । ପ୍ଲେଇଂ ଇଲେଭେନ, ଅଧିନାୟକଙ୍କ ପସନ୍ଦ ହିସାବରେ ବଛାଯାଏ । ଏହି ନିଷ୍ପତ୍ତି ଅଧିନାୟକ, ପ୍ରଶିକ୍ଷକ ଏବଂ ପରିଚାଳନା କମିଟିର । ସେତେବେଳେ ଧୋନି ଅଧିନାୟକ ଥିଲେ । ସେହି ନିଷ୍ପତ୍ତି ଠିକ୍ କି ଭୁଲ ଥିଲା ତାହା ମୁଁ ଜାଣିବାକୁ ଚାହିଁନଥିଲି । କାରଣ ପ୍ରତ୍ୟେକ ଅଧିନାୟକଙ୍କ ନିଜସ୍ୱ ଢଙ୍ଗରେ ଦଳକୁ ଚଳାଇବାର ଅଧିକାର ଅଛି । ଦ୍ୱିତୀୟ କାରଣ ଥିଲା, ଦଳକୁ ସପ୍ତମ ନଂରେ ଜଣେ ବ୍ୟାଟିଂ ଅଲରାଉଣ୍ଡର ଦରକାର ଥିଲା । ମୋ ଭାଇ ୟୁସୁଫ୍ ଜଣେ ଅଲରାଉଣ୍ଡର ଥିଲେ ଏବଂ ମୁଁ ଜଣେ ବୋଲିଂ ଅଲରାଉଣ୍ଡର ଥିଲି । କେବଳ ଜଣଙ୍କୁ ଦଳରେ ସ୍ଥାନ ଦିଆଯିବାର ଥିଲା, ତେଣୁ ମୋ ଭାଇଙ୍କୁ ସ୍ଥାନ ମିଳିଲା ।

## ଟେନିସ୍ ବଲ୍ କ୍ରିକେଟ୍ ମହାସମର ପାଇଁ ବ୍ରୋଚର୍ ଉନ୍ମୋଚିତ

ପୁରୀ(ଭାସ୍କର ନ୍ୟୁଜ): ସେପ୍ଟେମ୍ବର ୧୧ରୁ ଶ୍ରୀକ୍ଷେତ୍ରରେ ଟେନିସ ବଲ୍ କ୍ରିକେଟ ମହାସମର । ଏନେଇ ବ୍ରୋଚର୍ ଉନ୍ମୋଚନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସିଂହଦ୍ୱାରରେ ସେବକଙ୍କ ଉପସ୍ଥିତିରେ ହେଲା ଉନ୍ମୋଚନ । ପୂର୍ବତନ ଆନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ପ୍ରତିଯୋଗିତାରେ ଅଫିସିଆଲ୍ ବ୍ରାଣ୍ଡ ଆମ୍ବାସଡର୍ ରହିଛନ୍ତି । ଚାମ୍ପିଅନସିପ୍‌ରେ ଭାଗ ନେବେ ୨୫ ରାଜ୍ୟ । ଜାତୀୟସ୍ତରର ପ୍ରତିଯୋଗିତାରେ ସାରା ଭାରତ ବର୍ଷରୁ ଭାଗନେବେ ୫୦୦ ନାମୀଦାମୀ ଖେଳାଳୀ । ଟି-୧୦ ଫର୍ମାଟ ବା ୧୦ ଓଭର ବିଶିଷ୍ଟ ଚାମ୍ପିଅନସିପ ପୁରୀର ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବ । ଟି-୧୦ ଟେନିସ ବଲ୍ କ୍ରିକେଟ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ତଥା ଶ୍ରୀମନ୍ଦିର ସେବକ ଭବାନୀ ଦାସ ମହାପାତ୍ର ଏନେଇ ପ୍ରେସ ବାର୍ତ୍ତା ଦେଇଥିଲେ । ପୂର୍ବରୁ ଏହି ଚାମ୍ପିଅନସିପ ଉତ୍ତର ପ୍ରଦେଶ ଓ ଗୋଆରେ ଅନୁଷ୍ଠିତ ହୋଇ ସାରିଛି । ଚଳିତବର୍ଷ ତୃତୀୟଥର ପାଇଁ ତୃତୀୟ ଅଲ୍ ଇଣ୍ଡିଆ ଟି-୧୦ ଟେନିସ ବଲ୍ ଚାମ୍ପିଅନସିପ ପୁରୀରେ ଅନୁଷ୍ଠିତ ହେବାକୁ ଯାଉଛି । ସେପ୍ଟେମ୍ବର ୧୧ରୁ ୧୪ ୩ଦିନ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତାରେ ୪ଟି ଗ୍ରୁପରେ ୨୫ ରାଜ୍ୟର ୩୨ ଟିମ୍ ଅଂଶଗ୍ରହଣ କରିବେ । ଗ୍ରୁପ୍ ଏରେ ଓଡ଼ିଶା, ପଶ୍ଚିମବଙ୍ଗ, ଆସାମ, ୟୁପି, ବିହାର ସହ ଦେବ କଡ଼ା ଟକ୍କର । ଭାରତର ୧୦୦ ଟପ୍ ପ୍ଲେୟାର ଏଥିରେ ଭାଗ ନେବେ ।

# ଇଂଲଣ୍ଡ କ୍ରିକେଟ ବୋର୍ଡର ଆଶ୍ଚର୍ଯ୍ୟଜନକ ନିଷ୍ପତ୍ତି



ନୂଆଦିଲ୍ଲୀ: ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସିରିଜ୍ ପାଇଁ ତାର ଦଳ ଘୋଷଣା କରିଛି ଏବଂ ଏକ ଐତିହାସିକ ନିଷ୍ପତ୍ତି ମଧ୍ୟ ନେଇଛି । ଇଂଲଣ୍ଡ ଜଣେ ୨୧ ବର୍ଷୀୟ ଯୁବ ଖେଳାଳିଙ୍କୁ ଆଗାମୀ ସିରିଜ୍ ପାଇଁ ଦଳର ନୂତନ ଅଧିନାୟକ ଭାବରେ ଘୋଷଣା କରିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ୍ ଏବଂ ଆୟର୍ଲାଣ୍ଡ ଗସ୍ତ ପାଇଁ ଘୋଷଣା ହୋଇଥିବା ଦଳରେ ଏହି ୨୧ ବର୍ଷୀୟ ଖେଳାଳିଙ୍କୁ ଅଧିନାୟକ କରାଯିବା ବିଷୟରେ ଆଲୋଚନା ଜୋର ଧରିଛି । ଏହି ଖେଳାଳି ଅନ୍ୟ କେହି ନୁହଁନ୍ତି ବରଂ ଜାକବ୍ ବେଥେଲ୍ । ସେପ୍ଟେମ୍ବର ଆରମ୍ଭରେ ଇଂଲଣ୍ଡ ଦଳ ଘରୋଇ ଦକ୍ଷିଣ ଆଫ୍ରିକା ସହିତ ମ୍ୟାଚ ଖେଳିବ । ୨ରୁ ୧୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ୩ଟି ଦିନିକିଆ ଏବଂ ୩ଟି ଟି ୨୦ ମ୍ୟାଚ୍ ଖେଳାଯିବ । ଏହି ସିରିଜ୍ ପାଇଁ ଇଂଲଣ୍ଡ ତାର ଦଳ ପ୍ରସ୍ତୁତ କରିଛି, ଯାହାର ନେତୃତ୍ୱ ହ୍ୟାରି ବ୍ରୁକ୍ ନେବେ । ଜୋଫ୍ରା ଆର୍ଚର, ଜୋସ୍ ବଟଲର, ଜୋ ରୁଟ୍ ଏବଂ ବେନ୍ ଡକେଟଙ୍କ ଭଳି ବଡ଼ ନାମ ଦଳରେ ସାମିଲ କରାଯାଇଛି । ଏହି ମାସରେ, ଇଂଲଣ୍ଡ ଦଳ ମଧ୍ୟ ଆୟର୍ଲାଣ୍ଡ ଗସ୍ତ କରିବ, ଯେଉଁଠାରେ ଉଭୟଙ୍କ ମଧ୍ୟରେ ୩ଟି ଟି ୨୦ ମ୍ୟାଚ୍ ଖେଳାଯିବ । ଏହି ସିରିଜ୍ ପାଇଁ, ଇଂଲଣ୍ଡ ତାର ସମସ୍ତ ଫର୍ମାଟ୍ ଖେଳାଳିମାନଙ୍କୁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛି । ୨୧ ବର୍ଷୀୟ ଜାକବ୍‌ଙ୍କୁ ଅଧିନାୟକ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଏହା ତାଙ୍କ କ୍ୟାରିୟରରେ ପ୍ରଥମ ଥର ହେବ ଯେତେବେଳେ ସେ ଏକ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଇଂଲଣ୍ଡ ଦଳର ଅଧିନାୟକ ହେବେ । ଡବଲିନ୍‌ରେ ବେଥେଲ୍ ଦଳର ଦାୟିତ୍ୱ ଗ୍ରହଣ କରିବା ମାତ୍ରେ, ସେ ଇଂଲଣ୍ଡ ପୁରୁଷ କ୍ରିକେଟ ଇତିହାସର ସବୁଠୁ ଯୁବ ଅନ୍ତର୍ଜାତୀୟ ଅଧିନାୟକ ହେବେ । ଏହି ନିଷ୍ପତ୍ତି କ୍ରିକେଟ୍ ଜଗତକୁ ଆଶ୍ଚର୍ଯ୍ୟ କରିଛି, କିନ୍ତୁ ଏହା ଯୁବ ଖେଳାଳିଙ୍କ ଉପରେ ଆସ୍ଥା ପ୍ରଦର୍ଶନ କରିବାର ଇଂଲଣ୍ଡର ରଣନୀତିକୁ ମଧ୍ୟ ସ୍ପଷ୍ଟ କରିଛି । ଏହି ନିଷ୍ପତ୍ତି ଉପରେ ନିଜର ମତାମତ ଦେଇ ଇଂଲଣ୍ଡ ଦଳର ଚୟନକର୍ତ୍ତା ଲୁକ୍ ରାଇଟ୍ କହିଛନ୍ତି, 'ଜାକବ ବେଥେଲ୍ ଏପର୍ଯ୍ୟନ୍ତ ତାଙ୍କର ଚମତ୍କାର ନେତୃତ୍ୱ ଦକ୍ଷତା ସହିତ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି ।

## ମ୍ୟାଚ ଫିକ୍ସିଂ ମାମଲାରେ ସାଲିଆ ୫ ବର୍ଷ ପାଇଁ ବ୍ୟାନ୍

ନୂଆଦିଲ୍ଲୀ: ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ଦ୍ୱାରା ପୂର୍ବତନ ଶ୍ରୀଲଙ୍କା ଘରୋଇ କ୍ରିକେଟର ସାଲିଆ ସମନଙ୍କୁ ସମସ୍ତ ଫର୍ମାଟ କ୍ରିକେଟରୁ ୫ ବର୍ଷ ପାଇଁ ନିଷିଦ୍ଧ କରାଯାଇଛି । ୨୦୨୧ ଆବୁଧାବି ଟି୧୦ ଲିଗରେ ମ୍ୟାଚ ଫିକ୍ସିଂ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଏହି ଦଣ୍ଡ ଦିଆଯାଇଛି । ୩୯ ବର୍ଷୀୟ ସମନଙ୍କ ବିରୋଧରେ ମ୍ୟାଚ ଫିକ୍ସିଂ କରିବାକୁ ଚେଷ୍ଟା କରିବା ଭଳି ଅଭିଯୋଗ ପ୍ରମାଣିତ ହୋଇଥିଲା । କିନ୍ତୁ ଆଇସିସି ଏବଂ ଦୁର୍ନୀତି ନିବାରଣ ଅଧିକାରୀଙ୍କ ସମୟୋଚିତ ହସ୍ତକ୍ଷେପ ଯୋଗୁଁ ଏହି ଷଡ଼ଯନ୍ତ୍ର ସମାପ୍ତ ହୋଇପାରିଲା ନାହିଁ । ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ସମାନଙ୍କ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ପାଞ୍ଚ ବର୍ଷ ପାଇଁ ନିଷେଧ କରିଛି । ସେ ଏମିରେଟ୍ସ କ୍ରିକେଟ ବୋର୍ଡ ଦୁର୍ନୀତି ନିବାରଣ କୋଡ ଉଲ୍ଲଂଘନ କରିଥିବା ଦୋଷୀ ସାବ୍ୟସ୍ତ ପରେ ଏହି ନିଷ୍ପତ୍ତି ଦିଆଯାଇଥିଲା । ସେପଟ୍ଟେମ୍ବର ୨୦୨୩ରେ ଆବୁଧାବି ଟି୧୦ ଲିଗ ୨୦୨୧ ସହ ଜଡିତ ଦୁର୍ନୀତି ଅଭିଯୋଗରେ ୮ ଅଭିଯୁକ୍ତଙ୍କ ମଧ୍ୟରେ ୩୯ ବର୍ଷୀୟ ସମାନ ଥିଲେ ।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ୍ ଅନୁଷ୍ଠିତ



ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ସ୍ଥାନୀୟ ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଅପରାହ୍ନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନେତୃତ୍ୱରେ ପ୍ରଶାସନ ଏକାଦଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍‌ଙ୍କ ନେତୃତ୍ୱରେ ପୋଲିସ ଏକାଦଶ ଟିମ୍ ଏଥିରେ ଭାଗ ନେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ମ୍ୟାଚ୍‌କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ମାଣ୍ଡାଙ୍ଗୀ ଆୟୋଜନ କରିଥିଲେ । ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ରାମ ହରି ପଣ୍ଡା ଓ ସହ ସମ୍ପାଦକ ଗୋପୀ କୃଷ୍ଣ ପଟ୍ଟନାୟକ ଏହାକୁ ଆୟୋଜନ କରିବାରେ ସହଯୋଗ କରିଥିଲେ । ପ୍ରଶାସନ ଏକାଦଶ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନିର୍ମଳ ଧରୁଆ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ଖଣି ଅଧିକାରୀ ସତ୍ୟେନ୍ଦ୍ର ସରଦାର, ଭଗତ ନାୟକ, ସହାୟକ ଜିଲ୍ଲାପାଳ ମୁନା ତୁରୁକ ଓ ଅନ୍ୟମାନେ ସାମିଲ୍ ଥିଲେ । ପୋଲିସ୍ ଏକାଦଶ ପକ୍ଷରୁ ପୋଲିସ୍ ଆର୍ ଆଇ ସତ୍ୟପ୍ରିୟ ବିଶ୍ୱାଳ, ଡିଏସପି ଓନାମ ଲାକ୍ରା, ଆଇଆଇସି ରିଗାନ୍ କିଣ୍ଡୋ, କୁମୁଦ ପ୍ରଧାନ, ଭିଭିଷଣ ଶବରଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଏଥିରେ ଭାଗ ନେଇଥିଲେ । ଏହି ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ୍ ଆୟୋଜନ କରିବାରେ ସ୍ପୋର୍ଟସ କମ୍ପ୍ଲେକ୍ସର କର୍ମଚାରୀ ସହାୟତା କରିଥିଲେ । ସେକ୍ସନ ଅଧିକାରୀ ଶ୍ୟାମ ସୁନ୍ଦର ନାୟକ ମ୍ୟାଚ୍ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିଏ ଆଇଟିଡିଏ ହଳଧର ଶବର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ପିଏମ ଅର୍ଥ ମାନସ ମିଶ୍ର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

## ଏଲ୍ଏସ୍‌ଜି ମେଣ୍ଟରୁ ପଦରୁ ଇସ୍ତଫା ଦେଲେ ଜାହିର

ମୁମ୍ବାଇ: ଆଇପିଏଲ ୨୦୨୬ ପୂର୍ବରୁ ହେବାକୁ ଯାଉଛି ବଡ ପରିବର୍ତ୍ତନ । ଅନେକ ଦଳ ନେଇପାରନ୍ତି ବଡ଼ ନିଷ୍ପତ୍ତି । ମ୍ୟାନେଜମେଣ୍ଟ ଏବେ କାହାକୁ ରଖିବ କାହାକୁ ରିଲିଜ କରିବେ ସେନେଇ ଚାଲିଛି ମାନସ ମନ୍ଥନ । ଏହାର ଇଫେକ୍ଟ ଦେଖିବାକୁ ମିଳିଛି ଲକ୍ଷ୍ନୌ ସୁପର ଜିଆଣ୍ଟସରେ । ସିଜିନ ଆରମ୍ଭ ହେବା ପୂର୍ବରୁ ଇସ୍ତଫା ଦେଇଛନ୍ତି ଭାରତର ପୂର୍ବତନ ପେସ୍ ବୋଲର ଜାହିର ଖାନ । ପ୍ରମୁଖ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପରଜାଏଣ୍ଟ୍ସର ମେଣ୍ଟର ଦାୟିତ୍ୱରୁ ଇସ୍ତଫା ଦେଇଛନ୍ତି । ଗତ ସିଜନରେ ସେ ମେଣ୍ଟର ନିଯୁକ୍ତ ହୋଇଥିଲେ । ପୂର୍ବରୁ ଗୌତମ ଗମ୍ଭୀର ଏହି ଦାୟିତ୍ୱରେ ରହିଥିଲେ । ୨୦୨୪ ସିଜନରେ ସେ କୋଲକାତା ନାଇଟ ରାଇଡର୍ସ ମେଣ୍ଟର ଭାବେ ଯୋଗ ଦେଇଥିଲେ । ଗମ୍ଭୀରଙ୍କ ସ୍ଥାନରେ ଜାହିରଙ୍କୁ ଗତ ନିଯୁକ୍ତି ମିଳିଥିଲା । ସେ ଉଭୟ ମେଣ୍ଟର ଓ ବୋଲିଂ କୋଚ ଦାୟିତ୍ୱରେ ରହିଥିଲେ । ଗତ ସପ୍ତାହରେ ସୁପରଜାଏଣ୍ଟ୍ସ ବୋଲିଂ କୋଚ୍ ଭାବେ ଭରତ ଅରୁଣଙ୍କୁ ନିଯୁକ୍ତି ଦେଇଥିଲା । ସୂଚନାଥାଉକି, ୨୦୨୬ ସିଜନ ପୂର୍ବରୁ ସୁପରଜାଏଣ୍ଟ୍ସ କୋଚିଂ ଟିମ୍‌ରେ ଆନେକ ପରିବର୍ତ୍ତନ କରିବାକୁ ଯାଉଛି ।

### ଟେନ୍‌ସନ୍‌ରେ କ୍ରିକେଟ ବୋର୍ଡ

# ପାକିସ୍ତାନ ଖେଳାଳିଙ୍କ କାଟିବ ଦରମା




ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ୍ ଦଳ ଆଜିକାଲି ପଡ଼ିଆରେ ନିମ୍ନମାନର ପ୍ରଦର୍ଶନ ଦେଖାଉଛି । ପାକିସ୍ତାନ ଦଳ କେତେବେଳେ ବାଂଲାଦେଶଠାରୁ ହାରୁଛି ତ କେତେବେଳେ ୱେଷ୍ଟଇଣ୍ଡିଜ୍ ଭଳି ନିମ୍ନ ର୍‍ୟାଙ୍କିଙ୍ଗ ଦଳଠାରୁ ପଛରେ ପଡିଯାଉଛି । ଏହି କ୍ରମ ନିରନ୍ତର ଜାରି ରହିଛି । ଫଳସ୍ୱରୂପ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଏବେ ଖେଳାଳିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛି । ରିପୋର୍ଟ ହୋଇଛି ଯେ ବୋର୍ଡ ଖୁବ୍ ଶୀଘ୍ର ବରିଷ୍ଠ କ୍ରିକେଟରଙ୍କ ଦରମା କାଟିବାକୁ ଯାଉଛି, ଯାହା ଯୋଗୁଁ ବାବର ଆଜମ ଏବଂ ଶାହିନ ଶାହ ଆଫ୍ରିଦିଙ୍କ ଭଳି ଷ୍ଟାର ଖେଳାଳିଙ୍କୁ କୋଟି କୋଟି ଟଙ୍କାର ଝଟ୍‌କା ଲାଗିପାରେ । ପିସିବି ଭିତରେ ବହୁତ ଦିନ ଧରି ଆଲୋଚନା ହେଉଛି ଯେ ଖେଳାଳିମାନଙ୍କୁ ଦିଆଯାଉଥିବା ବିପୁଳ ଦରମା ଦଳର ପ୍ରଦର୍ଶନ ଉପରେ କୌଣସି ପ୍ରଭାବ ପକାଉନାହିଁ । ବିପରୀତରେ, ଗତ ଦୁଇ ବର୍ଷ ମଧ୍ୟରେ ପାକିସ୍ତାନ କ୍ରିକେଟ୍ ର ଗ୍ରାଫ୍ ଆହୁରି ତଳକୁ ଖସିଯାଇଛି । ଏହି କାରଣରୁ ବୋର୍ଡ ଏବେ ଚୁକ୍ତିଭିତ୍ତିକ ଖେଳାଳିଙ୍କ ଦରମା କାଟିବା ପାଇଁ ଯୋଜନା କରୁଛି । କୁହାଯାଉଛି ଯେ ଆଇସିସି ରାଜସ୍ୱର ୩ ପ୍ରତିଶତ ପିସିବିର କେନ୍ଦ୍ରୀୟ ଚୁକ୍ତିରୁ ଖେଳାଳିମାନଙ୍କୁ ଦିଆଯାଏ, ଯାହା ଦ୍ୱାରା ଖେଳାଳିମାନେ ଅଧିକ ରୋଜଗାର କରିପାରିବେ, କିନ୍ତୁ ଏବେ ଏହାକୁ ପାକିସ୍ତାନ ବୋର୍ଡ ବନ୍ଦ କରିପାରିବ । ଯଦି ଏହା ହୁଏ, ତେବେ ବରିଷ୍ଠ ଖେଳାଳିଙ୍କ ରୋଜଗାର ସିଧାସଳଖ ପ୍ରଭାବିତ ହେବ ଏବଂ ସେମାନଙ୍କ ଦରମା କୋଟି କୋଟି ଟଙ୍କା ହ୍ରାସ ପାଇପାରେ । ବର୍ତ୍ତମାନର କେନ୍ଦ୍ରୀୟ ଚୁକ୍ତି ଅନୁଯାୟୀ, ଖେଳାଳିଙ୍କୁ ଏକ ଟେଷ୍ଟ ମ୍ୟାଚ୍ ପାଇଁ ପ୍ରାୟ ୧୨ ଲକ୍ଷ ଟଙ୍କା ମିଳିଥାଏ । ଦିନିକିଆ ପାଇଁ ୬ ଲକ୍ଷ ଟଙ୍କା ଦିଆଯାଏ । ଟି-୨୦ ଖେଳିବା ପାଇଁ ପ୍ରାୟ ୪ ଲକ୍ଷ ଟଙ୍କା ଦିଆଯାଏ । ଏହା ବ୍ୟତୀତ ଏ ବର୍ଗର କ୍ରିକେଟରମାନେ ପ୍ରତି ମାସରେ ୬.୫୭ ଲକ୍ଷ ପାକିସ୍ତାନୀ ଟଙ୍କା ପାଆନ୍ତି । ବର୍ତ୍ତମାନ କେବଳ ବାବର ଆଜମ ଏବଂ ମହମ୍ମଦ ରିଜୱାନଙ୍କୁ ଏହି ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି । ଏପରି ପରିସ୍ଥିତିରେ, ଯଦି ଆଇସିସି ଅଂଶଧନ ହଟାଯାଏ, ତେବେ ଏହି ଦୁଇ ଖେଳାଳି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ । ବି ବର୍ଗର ଖେଳାଳିମାନେ ପ୍ରାୟ ୪.୫୫ ମିଲିୟନ ଟଙ୍କା, ସି ବର୍ଗର ଖେଳାଳିମାନେ ୨.୦୩ ମିଲିୟନ ଟଙ୍କା ଏବଂ ଡି ବର୍ଗର ଖେଳାଳିମାନେ ୧.୨୬ ମିଲିୟନ ଟଙ୍କା ପାଆନ୍ତି । ଏହାର ଏକ ବଡ଼ ଅଂଶ ଆଇସିସି ରାଜସ୍ୱରୁ ଆସିଥାଏ, ଯାହା ୧.୦୩୫ ମିଲିୟନ । ଏବେ ଏହାକୁ ହଟାଯିବା ପରେ, ସମସ୍ତ ବର୍ଗର ଖେଳାଳିଙ୍କ ଆୟ ହ୍ରାସ ପାଇବ । ଖେଳାଳିଙ୍କ ଦରମା ହ୍ରାସର ସବୁଠାରୁ ବଡ଼ କାରଣ ହେଉଛି ସେମାନଙ୍କର ଦୁର୍ବଳ ପ୍ରଦର୍ଶନ । ଏହି ବର୍ଷ ପାକିସ୍ତାନ ତିନୋଟିରୁ କେବଳ ଗୋଟିଏ ଟେଷ୍ଟ ଜିତିଛି । ୧୧ ଟି ଦିନିକିଆରୁ କେବଳ ୨ଟି ଜିତିଛି । ଟି-୨୦ରେ, ସେମାନେ ସାତଟି ମ୍ୟାଚ୍ ଜିତିଛନ୍ତି ଏବଂ ସାତଟି ହାରିଛନ୍ତି । ବାଂଲାଦେଶ ଏବଂ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସମ୍ପ୍ରତି ପରାଜୟ ପିସିବିର ଅସନ୍ତୋଷକୁ ଆହୁରି ବୃଦ୍ଧି କରିଛି ।








କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରୁଛନ୍ତି (ବାମ)ରୁ ବିଏସ୍‌ଏଫ୍ ଆଇଜି ଅବତାର ସିଂ ସାହି, କର୍ଣ୍ଣେଲ୍ ପିୟୁସ ଭରଦ୍ୱାଜ, ଓଡ଼ିଶା ପୋଲିସ (ଏସ୍‌ଏପି) ଆଇଜି ଅଭିନାଶ କୁମାର, କମାଣ୍ଡର ବୈଭବ ବିଜୟ କାର୍ଲିସକର, କର୍ଣ୍ଣେଲ ରୋହିତ କୁମାର ସିଂ







କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରୁଛନ୍ତି (ବାମ)ରୁ ଭାରତୀୟ ତଟରକ୍ଷୀ କମାଣ୍ଡାଣ୍ଟ୍ ସୁନିଲ ଦତ୍ତ, ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଓଡ଼ିଶା ଭାସ୍କର ଲାଇଭ୍ ପ୍ରତିଷ୍ଠାତା ତିଲକ ରାଜ ମହାନ୍ତି, ଓଡ଼ିଶା ଭାସ୍କର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ଓ ସିଇଓ କୌସ୍ତୁଭ ଦାସ





ମା' ତୁଝେ ସଲାମ୍ କାର୍ଯ୍ୟକ୍ରମରେ ବିଏସ୍‌ଏଫ୍, ଭାରତୀୟ ତଟରକ୍ଷୀ, ଓଡ଼ିଶା ପୋଲିସର ଯବାନମାନେ ...



କାର୍ଯ୍ୟକ୍ରମରେ ବିଜେପି ମୁଖପାତ୍ର ସୁଜିତ ଦାସ ଓ ଅନ୍ୟମାନେ



କାର୍ଯ୍ୟକ୍ରମରେ ସହିଦ ପରିବାର ସଦସ୍ୟଙ୍କ ଯୋଗଦାନ



କାର୍ଯ୍ୟକ୍ରମରେ (ଡାହାଣରୁ) ଓଡ଼ିଶା ଭାସ୍କର ପରିଚାଳନା ନିର୍ଦ୍ଦେଶକ ମଧୁ ମହାନ୍ତି, ଓଡ଼ିଶା ଲାଇଭ୍‌ର ପ୍ରତିଷ୍ଠାତା ତିଲକରାଜ ମହାନ୍ତି, କଂଗ୍ରେସର ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଓଡ଼ିଶା ଭାସ୍କର ସିଇଓ କୌସ୍ତୁଭ ଦାସ



କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଓଡ଼ିଶା ଭାସ୍କର ସମ୍ପାଦକ ପ୍ରଦୋଷ ପଟ୍ଟନାୟକ



ଉପସ୍ଥାପିକା ସୁଲଗ୍ନା ରାଉତରାୟ



କାର୍ଯ୍ୟକ୍ରମରେ ଓଡ଼ିଶା ପୋଲିସ ଓ ସିଆର୍‌ପିଏଫ୍ ଯବାନଙ୍କ ଭିଡ଼



କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ଓଡ଼ିଆ ଅଭିନେତ୍ରୀ ମେଘନା ମିଶ୍ର



କାର୍ଯ୍ୟକ୍ରମରେ ଭାରତୀୟ ତଟରକ୍ଷୀ ଯବାନ






ମା' ତୁଝେ ସଲାମ କାର୍ଯ୍ୟକ୍ରମରେ ଚିତ୍ତାକର୍ଷକ ଗୋଟିପୁଅ ନୃତ୍ୟ ପରିବେଷଣ ସାଂଗକୁ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଆଳି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନରେ କିଛି ଦିନ ଅନ୍ତରରେ ଆଜି ଲୁଟେରା ମାନେ ପୁଣି ଥରେ ସକ୍ରିୟ ହୋଇ ଉଠିଛନ୍ତି। ଗତକାଲି ବୁଧବାର ବିଳମ୍ବିତ ରାତିରେ ଆଳି ଥାନା ନିଆଳ ପଞ୍ଚାୟତ ଅନ୍ତର୍ଗତ ଶାତଲେଶ୍ୱର ଗ୍ରାମ ରୁ ଚୋରି ହୋଇଥିବା ଜଣାପଡିଛି। ଆଳି ଥାନା ଅନ୍ତର୍ଗତ ଶାତଲେଶ୍ୱର ଗ୍ରାମର ଶ୍ୟାମସୁନ୍ଦର ପାଣି ଙ୍କ ଥାନା ରେ ଅଭିଯୋଗ ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ରାତ୍ରିଭୋଜନ ପରେ ସମସ୍ତେ ଶୋଇବାକୁ ଯାଇଥିଲେ। ଅଧାର ରାତିର ସୁଯୋଗ ନେଇ ଲୁଟେରା ମାନେ ଘର ଭିତରକୁ ପଶିଥିଲେ। ପରେ ସମସ୍ତେ ଶୋଇଥିବା ଦେଖି ଶ୍ୟାମସୁନ୍ଦରଙ୍କ ମା ଶୋଇଥିବା ଏକ କୋଠରୀ ତାଲା ଉପରେ ଥିବା ଏକ ଟିଣ ବାକ୍ସ ଓ ସେଥିରେ ଥିବା ନଗଦ ୩ ଲକ୍ଷ ରୁ ଊର୍ଦ୍ଧ୍ୱ ଟଙ୍କା ଲୁଟେରା ମାନେ ଲୁଟି ନେଇଥିବା ନେଇ ଆଳି ଥାନା ରେ ଶ୍ୟାମସୁନ୍ଦର ଅଭିଯୋଗ ରେ ଦର୍ଶାଇଛନ୍ତି। ଶ୍ୟାମସୁନ୍ଦରଙ୍କ କହିବା ଅନୁଯାୟୀ ସେ ଆଜି ସକାଳେ ଘରୋଇ କାର୍ଯ୍ୟ ପାଇଁ ବାଡ଼ି କୁ ଯାଇଁ ଦେଖନ୍ତି ତ ତାଙ୍କ ଟିଣ ବାକ୍ସ ଟିଏ ଗଛ ତାଳରେ ଘୋଡେଇ ଦିଆ ଯାଇଥିଲା। ଏହା ଦେଖି ସେ ସନ୍ଦେହ କରିବା ପରେ ଚିତ୍କାର କରି ପରିବାର ଲୋକଙ୍କୁ ଡାକି ଦେଖାଇଥିଲେ। ପରେ ସେ ଚୋରି ହୋଇଥିବା ଜାଣି ଫୋନ ଯୋଗେ ପୋଲିସ କୁ ଖବର ଦେଇଥିଲେ। ପରେ ଆଜି ଏଥାକୁ ସେ ଆଳି ଥାନା ରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ଅପରପକ୍ଷେ ଘଟଣା ପରେ ଆଳି ପୋଲିସ ଏବେଲା ଆଧାର ରେ ତଦନ୍ତ ଚଳାଉଥିବା ନେଇ ଆଳି ଥାନାଧିକାରୀ ଧୀରଜ କୁମାର ଲେଙ୍କା ସୂଚନା ଦେଇଛନ୍ତି।



# ତିହିଡ଼ିରେ ୭୯ତମ ସ୍ୱାଧୀନତା ଦିବସ



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ୭୯ତମ ସ୍ୱାଧୀନତା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ବିଜେଡି କାର୍ଯ୍ୟାଳୟରେ ଯୁବନେତା ଦୁର୍ଗାଦ□ ରାଉତରାୟ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, କୀର୍ତ୍ତନ ରାଉତ, କମଳାକାନ୍ତ ଲେଙ୍କା, ଗଣେଶ ନାୟକ, ସଂଗ୍ରାମ ଦାସ, ଶଶିକାନ୍ତ ବିଶ୍ୱାଳ, ବିପିନ ରାଉତ, ଶଶଧର ସାମଲ, ସୁରେନ୍ଦ୍ର ପ୍ରସାଦ ନାୟକ, ଗୌରୀଶଂକର ଜେନା, କୈଳାସ ରାଉଳ, ସୌମ୍ୟରଂଜନ ପରିଡ଼ା, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ବ୍ଲକ କଂଗ୍ରେସ ପକ୍ଷରୁ ପତି ସୁପର ବଜାର ଠାରେ ବରିଷ୍ଠ ନେତା ସଚିକାନ୍ତ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ପୀତାମ୍ବର ସେଠୀ, ତ୍ରିଲୋଚନ ଗୌତମ, ବିପିନ ବିହାରୀ ପତି, ଗଜେନ୍ଦ୍ର ପରିଡ଼ା, ମାଧବାନନ୍ଦ ନାୟକ, କୈଳାସ ପାତ୍ର, ବିକ୍ରମ ଜେନା, ହରିହର ମଳିକ, ଗଣେଶ ମଳିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଳିକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବରିଷ୍ଠ ବିଜେପି ନେତା ଉମାକାନ୍ତ ଦାସ, ଦେବବ୍ରତ ପାଢ଼ୀ, ତପୁନ ପାଣି, ଅମୂଲ୍ୟ ସେନାପତି, ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଡିଓ ନିରଂଜନ ବାରିକ, ଏବିଡିଓ ମାନସ କୁମାର ଜେନା, ସହକାରୀ ନିର୍ବାହୀଯନ୍ତ୍ରୀ ସୁକାନ୍ତ ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଂଜନ ରାଉତ, କନିଷ୍ଠଯନ୍ତ୍ରୀ ସମୀର ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରିଣୀ ସୌମ୍ୟା ସୁଚରିତା ମହାନ୍ତି, ଏପିଇଓ କାମିନୀଲତା ଓଝା, ଏନଆଇଜିଏସ ସହକାରୀ ସୁଧାଂଶୁ ନାୟକ ପ୍ରମୁଖ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନମିତା ଧଳ ପତାକା ଉତ୍ତୋଳନ କରିଥିବା ବେଳେ କର୍ମଚାରୀମାନେ ଉପସ୍ଥିତ ଥିଲେ। ତିହିଡ଼ି ଥାନାରେ ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ପତାକା ଉତ୍ତୋଳନ କରିଥିଲେ। ପୀରହାଟ ଥାନାରେ ଥାନା ଅଧିକାରୀ ରୋଜାଲିନ ବେହେରା ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ସୂର୍ଯ୍ୟଶିଖା ମହାନ୍ତି ପତାକା ଉତ୍ତୋଳନ କରିଥିବା ବେଳେ କର୍ମଚାରୀ ଉପସ୍ଥିତ ଥିଲେ। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଅଧିକାରୀ ଡା. ଶୁଭକାନ୍ତ ଓଝା ପତାକା ଉ□ୋଳନ କରିଥିବା ବେଳେ ବ□ୀୟ ଅଧିକାରୀ ବିପ୍ଳବ ରଂଜନ ପତିଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ତିହିଡ଼ି ଯୁବମଞ୍ଚ ପକ୍ଷରୁ ଉପଦେଷ୍ଟା ଶଚିକାନ୍ତ ନାୟକ ପତାକା ଉତ୍ତେଳନ କରିଥିବା ବେଳେ ସାମ୍ବାଦିକ ପ୍ରଭାତ କୁମାର ରାଉଳ, ସଭାପତି କୈଳାସ ବେହେରା, ସଂପାଦକ ନିରଞ୍ଜନ ବାରିକ, ନୀଳମାଧବ ସେନାପତି, ପ୍ରାୟବ୍ରତ ପାଢ଼ୀ, ମନୋଜ ପାଣିଗ୍ରାହୀ, ସାକିରୁଦ୍ଦିନ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ଅଗ୍ରଣୀ ସାହିତ୍ୟ ସଂଗଠନ ସଖା ପକ୍ଷରୁ କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସଂଗଠନର ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ, ପ୍ରାଣନାଥ ସେଠୀ, କୁଳମଣି ସାହୁ, ନୀଳମାଧବ ସେଠୀ, ସୁଦାମ ପାତ୍ର, ବୈକୁଣ୍ଠନାଥ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଅଟଳ ପ୍ରାଥମିକ ସ୍କୁଲରେ କବି ଗୋଲକ ପ୍ରସାଦ ବୋୟାରୀ ପତାକା ଉତ୍ତୋଳନ କରିଥିଲେ। ସିଆରଏସ ହାଇସ୍କୁଲ ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରିଥିଲେ। କୁରେଇ ପଞ୍ଚାୟତ ଜୟପୁର ଶିଶୁ ବିଦ୍ୟାମନ୍ଦିରରେ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ଭରତ ଚରଣ ବାରିକ ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ରାଉତ, ଗୁରୁମା ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ ସେବତୀ ତ୍ରିପାଠୀ, ରଶ୍ମିତା ସାହୁ, ଗୁରୁଜୀ ଦିପ୍ତୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡା. ନିରାକାର ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ସାହାପୁର ପଞ୍ଚାୟତ କଂଗ୍ରେସ ପକ୍ଷରୁ ସଭାପତି ଦିବ୍ୟସିଂହ ବଳ ପତାକା ଉତ୍ତୋଳନ କରିଥିବା ବେଳେ ଚନ୍ଦ୍ରଧର ମହାକୁଡ଼, ରମେଶ ବଳ, ସୌମ୍ୟରଂଜନ ବାରିକ, ପ୍ରଫୁଲ୍ଲ ପୃଷ୍ଟି, ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଭାପତି ଭଗବାନ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ସାମ୍ବାଦିକ ପ୍ରଭାତ କୁମାର ରାଉଳ, ଶିକ୍ଷାବିତ୍ କାଳୀଚରଣ ମଲ୍ଲିକ, ସର୍ବେଶ୍ୱର ବଳ, ବାବାଜୀ ମହାକୁଡ଼, ଭାଗିରଥି ଆଚାର୍ଯ୍ୟ, ବନମାଳି ମହାନ୍ତି, ସୁରେନ୍ଦ୍ର ସେନାପତି ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସଭାପତି ସୋମନାଥ ପାଢ଼ୀ ପତାକା ଉତ୍ତୋଳନ କରିଥିବା ବେଳେ ଶିକ୍ଷାବିତ ବିଭୂତି ଭୂଷଣ ସେନାପତିଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏଥିସହ ବ୍ଲକର ବିଭିନ୍ନ ବ୍ୟାଙ୍କ, ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜରେ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି।

## ଅଟୋକୁ ଅଟକାଇ ଚାଳକଙ୍କୁ ପିଟିବା ଅଭିଯୋଗ

ବେତନଟୀ, (ଭାସ୍କର ନ୍ୟୁଜ): ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ –ଚିତ୍ରଡା ରାସ୍ତାର ବଡ଼ଗାମବଣି ଠାରେ ଅଟୋକୁ ଅଟକାଇ ଚାଳକଙ୍କୁ ପିଟିବା ଅଭିଯୋଗରେ ଶୁକ୍ରବାର ରାତିରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ବେତନଟୀ ପୋଲିସ। ଏଠାକାରୀ ଦାନ୍ତିଆମୁହାଁ ଉପକଣ୍ଠ କଇଞ୍ଚିଆ ଗ୍ରାମର ସୁନୀଲ ଗନ୍ଧୁଆଙ୍କ ଅଭିଯୋଗ ମୁତାବକ ସେ ଦୁଇଜଣ ଯାତ୍ରୀଙ୍କୁ ଅଟୋରେ ନେଇ ଛାଡିବାକୁ ଯାଉଥିବା ବେଳେ ବଡ଼ଗାମବଣି ଠାରେ ଅଟୋକୁ ଅଟକାଇ ବଡ଼ଗାମବଣି ଗ୍ରାମର ଦିଲ୍ଲିପ ମହାନ୍ତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ ସାଙ୍ଗକୁ ଜାତିଆଣ ଆକ୍ଷେପ କରି ଅଟୋ ଭିତରୁ ଘୋଷାରି ଆଣି ପିଟିଥିଲେ। ଏନେଇ ସୁନୀଲ ଗନ୍ଧୁଆ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିବାପରେ ଶୁକ୍ରବାର ରାତିରେ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ




ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ଢେଙ୍କାନାଳ ସାଂଖ୍ୟ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁରୁଖୁରୁରେ ସମାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମ ଧାରାରେ ଶତାଧିକ ଛାତ୍ରଛାତ୍ରୀ, ମହାବିଦ୍ୟାଳୟ କର୍ମଚାରୀମାନେ ଦେଶଭକ୍ତି ସଙ୍ଗୀତ ସହିତ ହର୍ ଘର୍ ତ୍ରିରଙ୍ଗା ନାରା ଦେଇ ପ୍ରଥମେ ବାଜିରୌତ ଠାରେ ବିଶ୍ୱର ସର୍ବକନିଷ୍ଠ ସହିଦ୍ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ସ୍ୱରୂପ ଅଧ୍ୟକ୍ଷ ଡଃ. ସମୀର ସାହୁ ଫୁଲମାଳ ପ୍ରଦାନ କରିଥିଲେ। ଅନୁଷ୍ଠିତ ରାଲିରେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭାରତ ମାତାର ସୁଯୋଗ୍ୟ ସନ୍ତାନମାନଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ଡଃ ସାହୁ ତ୍ରିରଙ୍ଗା ଶୋଭାଯାତ୍ରାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରି ଶାନ୍ତି, ମୈତ୍ରୀ ଓ ପ୍ରଗତି ଦେଶର ଐକ୍ୟତାର ମୂଳମନ୍ତ୍ର ବୋଲି ପ୍ରତିପାଦିତ କରିଥିଲେ। ଅନୁଷ୍ଠିତ ଶୋଭାଯାତ୍ରା ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ପ୍ରଶାସନର ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହିତ ଅନୁଷ୍ଠିତ ହୋଇଥିବାରୁ ଜିଲ୍ଲା ପ୍ରଶାସନ ଓ ଆରକ୍ଷୀ ପ୍ରଶାସନକୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ନିମାପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଂଚଳର ବିଭିନ୍ନ ସ୍ଥାନରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ନିମାପଡ଼ା ବାରବାଟି ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ ଜାତୀୟ ପତାକା ଉତୋଳନ କରିଥିବା ବେଳେ ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଏନ୍ଏସି କର୍ମଚାରୀ ବିଜୟ ଗ୍ରହାଚାର୍ଯ୍ୟ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ପୋଲିସ ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢୀ, ନିମାପଡ଼ା ଥାନାଧିକାରୀ ବାମଦେବ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଏନ୍ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଶିକ୍ଷାବିତ୍ ନିର୍ମଳ କୁମାର ମିଶ୍ର ସମେତ ବିଭିନ୍ନ ଅନୁଷ୍ଠାନର ଅଧିକାରୀ, କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଏନ୍ସିସି ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ସେହିପରି ନିମାପଡ଼ା ବିଜେପି କାର୍ଯ୍ୟାଳୟରେ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ ଜାତୀୟ ପତାକା ଉତୋଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାଉନସିଲର ତଥା ନଗର ସଭାପତି ନିରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉକି, ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ସ୍ୱାଧୀନତା ଦିବସ ବାରବାଟି ପଡ଼ିଆରେ ଆୟୋଜିତ ହୋଇଥିବା ବେଳେ ବହୁ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## ପେଟ୍ରୋଲ ବେରେଲ ଫାଟି ଜଳିଗଲା ଘର

ଛତ୍ରପୁର, (ଭାସ୍କର ନ୍ୟୁଜ): ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ଗ୍ରାମ ବାଲି ସାହିରେ ବିକ୍ରି କରିବା ପାଇଁ ଘରେ ରଖି ଥିବା ପେଟ୍ରୋଲ ବେରେଲ ଫାଟି ଅଗ୍ନିକାଣ୍ଡ ଘଟିଛି। ଯାହା ଫଳରେ ସମ୍ପୂର୍ଣ୍ଣ ଘରଟି ଜଳି ଯାଇଥିବା ଦେଖିବାକୁ ମିଳିଛି। ଘରର ଆବାସ ପତ୍ର ମଧ୍ୟ ପୋଡି ନଷ୍ଟ ହୋଇଛି। ମିଳିଥିବା ସୂଚନା ଅନୁସାରେ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ ନିଜ ଘରେ ପେଟ୍ରୋଲ ବେରେଲରେ ରଖି ବିକ୍ରି କରୁଥିଲେ। ଏଥିସହ ବେଆଇନ ଭାବେ ଗ୍ୟାସ ଓ ଡିଜେଲ ମଧ ସେ ବିକ୍ରି କରି ଆସୁଥିଲେ ସକାଳୁ କୌଣସି କାରଣ ବଶତଃ ସେହି ପେଟ୍ରୋଲ ବେରେଲ ନିଆଁ ଲାଗି ଫାଟି ଯାଇଥିଲା। ପରିବାର ଲୋକେ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ଖବର ପାଇ ଛତ୍ରପୁରରୁ ଅଗ୍ନିଶ୍ରମ ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅନ୍ୟପଟେ ଘରର ବହୁ ଆସବାବପତ୍ର ପୋଡି ଜଳି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଏପରିକି ଦୁଇଟି ଗାଡି ପୋଡି ନଷ୍ଟ ହୋଇଛି।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ




କେନ୍ଦୁଝର, (ଭାସ୍କର ନ୍ୟୁଜ): ଜିନ୍ଦଲ ଷ୍ଟିଲ ପକ୍ଷରୁ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ, ଟେନସା ଓ ରୋଇଡ଼ା ମାଇନ୍ସ ପରିସରରେ ବଡ଼ ଉତ୍ସାହର ସହ ୭୯ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି।ସମସ୍ତ ୟୁନିଟରେ ଜାତୀୟ ପତାକା ଉତ୍ତୋଳନ ସହ ସ୍ୱାଧୀନତା ଦିବସ ସମାରୋହ ଆରମ୍ଭ ହୋଇଥିଲା। ବଡ଼ବିଲ, କାଶିଆ ଓ ଟେନସା କ୍ଲଷ୍ଟର ହେଡ୍ ପ୍ରମୋଦ କୁମାର ପାତ୍ର କାଶିଆ ମାଇନ୍ସରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମାରୋହର ନେତୃତ୍ୱ ନେଇଥିଲେ। ବଡ଼ବିଲ ପେଲେଟ ପ୍ଲାଣ୍ଟରେ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଟେନସା ମାଇନ୍ସରେ ୟୁନିଟ ହେଡ୍ ଆର. ଆର. ରଘୁବଂଶୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ନିକଟରେ ଜିନ୍ଦଲ ଅଧିଗ୍ରହଣ କରିଥିବା ରୋଇଡା ମାଇନ୍ସ ସହ ସୋୟାବାଲିସ୍ଥିତ ଜିନ୍ଦଲ ସ୍କୁଲରେ ମଧ ଶ୍ରୀ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ କୁରୁକ୍ଷେତ୍ରର ମାନ୍ୟବର ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ କହିଛନ୍ତି, "ସମସ୍ତଙ୍କୁ ୭୯ତମ ସ୍ୱାଧୀନତା ଦିବସର ହାର୍ଦ୍ଦିକ ଶୁଭେଚ୍ଛା। ତ୍ରିରଙ୍ଗା ଆମ ଗର୍ବ, ସମ୍ମାନ ଓ ମର୍ଯ୍ୟାଦା। କାହିଁକି ଏହାକୁ କେବଳ କିଛି ସ୍ୱତନ୍ତ୍ର ଦିନ ମଧ୍ୟରେ ସୀମିତ ରଖିବା। ଆସନ୍ତୁ, କେବଳ ଆଜି ନୁହେଁ, ଏଣିକି ସବୁଦିନ ତ୍ରିରଙ୍ଗାକୁ ଆମ ଜୀବନର ଅଂଶ ଭାବେ ଗ୍ରହଣ କରିବା। ପ୍ରତି ଘରେ ପ୍ରତିଦିନ, ଗୋଟିଏ ତ୍ରିରଙ୍ଗା, ଜୟହିନ୍ଦ।" ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ତଥା ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ପରିଚାଳିତ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ପାରିପାର୍ଶ୍ୱିକ ଅଞ୍ଚଳରେ ଅବସ୍ଥିତ ସ୍କୁଲ ଓ ଗ୍ରାମଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହିତ ଗ୍ରାମଗୁଡ଼ିକରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, "ସ୍ୱାଧୀନତା ସେତେବେଳେ ସବୁଠାରୁ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ଅନ୍ୟମାନଙ୍କୁ ସଶକ୍ତ କରାଇଥାଏ। ଏହି ସ୍ୱାଧୀନତା ଦିବସରେ ଆମେ ଅନ୍ଧାରରେ ଥିବା ସେହି ବର୍ଗର ଲୋକଙ୍କୁ ଆଲୋକିତ କରି ଆମ ସ୍ୱାଧୀନତାକୁ ସମ୍ମାନ ଦେବା। ଆମେ ସମ୍ମିଳିତ ଭାବେ ଏମିତି ଏକ ଦେଶ ଓ ପୃଥିବୀ ଗଠନ କରିବା ଯେଉଁଠାରେ ସ୍ୱାଧୀନତା ସମସ୍ତଙ୍କର ହୋଇଥିବ, ଯେଉଁଠାରେ ସ୍ୱାଧୀନତାର ପ୍ରତିଶ୍ରୁତିର ଅର୍ଥ ସମାନ ସୁଯୋଗ, ବିକାଶ ଓ ସମସ୍ତଙ୍କ ପାଇଁ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଥିବ।" କର୍ପୋରେଟ ସଂସ୍ଥାଗୁଡ଼ିକ ମଧ୍ୟରେ ସର୍ବାଧିକ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ କେନ୍ଦୁଝରରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ଜିନ୍ଦଲ ଫାଉଣ୍ଡେସନକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ସମ୍ମାନ ପ୍ରଦାନ କରିଥିଲେ। ଜିନ୍ଦଲ ଷ୍ଟିଲର ସମସ୍ତ ୟୁନିଟରେ ଆୟୋଜିତ ସ୍ୱାଧୀନତା ଦିବସ ସମାରୋହରେ ବରିଷ୍ଠ ଅଧିକାରୀଙ୍କ ସମେତ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସେମାନଙ୍କ ପରିବାର ସାମିଲ ହୋଇଥିଲେ।

# ଭୁବନରେ ସ୍ୱାଧିନତା ଦିବସ ପାଳିତ



ଭୁବନ, (ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ (ମିନି ଷ୍ଟାଡିୟମ) ଠାରେ ୭୯ ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଶ୍ରୀଯୁକ୍ତ ଜେନା କହିଥିଲେ ଯେ, ସରକାର ଶିକ୍ଷା ଏବଂ ଦେଶ ତଥା ରାଜ୍ୟର ବିକାଶ ଦିଗରେ ବେଶ୍ ପ୍ରଯତ୍ନ ରହିଛନ୍ତି। ବିକଶିତ ଓଡ଼ିଶା ନିମନ୍ତେ ଶିକ୍ଷା ଓ କ୍ରୀଡା ଭଳି ବିଭିନ୍ନ କ୍ଷେତ୍ରରେ ସଫଳ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇଥିଲେ। କୃତି ପ୍ରତିଯୋଗୀ, ଶ୍ରେଷ୍ଠ ବିଦ୍ୟାର୍ଥୀ ଓ ସମାଜସେବୀଙ୍କୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ସଫଳତା ହାସଲ କରିଥିବା ବିଜୁ ପଟ୍ଟନାୟକ ଖେଳ ଭବନର ଭାରୋତ୍ତଳନ ବିଭାଗର ୯ ଜଣ ଛାତ୍ରୀଙ୍କୁ ୧୧ ଟି ରୌପ୍ୟ ଓ କାଂସ୍ୟ ପଦକ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ସଦର ମହକୁମାରେ ସ୍ୱାଧୀନତା ଦିବସ ପାଳିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ) ଜଗତସିଂହପୁର ଜିଲ୍ଲା ସଦର ମହକୁମା ସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ରେ ୭୯ତମ ଜିଲ୍ଲା ସ୍ତରୀୟ ସ୍ୱାଧୀନତା ଦିବସ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ପାଳିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଜେ. ସୋନାଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ଆନୁଷ୍ଠାନିକ ପରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ଦେଶର ସ୍ୱାଧୀନତା ପାଇଁ ନିଜର ନିଃସ୍ୱାର୍ଥପର ତ୍ୟାଗ, ବଳିଦାନ ଓ ଆଦର୍ଶରେ ଅମର ହୋଇଥିବା ମହାନ୍ ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଉଦ୍ଦେଶ୍ୟ ରେ ନିଜର ପ୍ରଣାମ ଜଣାଇଥିଲେ।ଦେଶର ମହାନ୍ ସ୍ୱାଧୀନ ଚେତା ନେତୃବୃନ୍ଦ ପଣ୍ଡିତ ଜବାହରଲାଲ ନେହେରୁ,ସର୍ଦ୍ଦାର ପଟେଲ,ଲାଲା ଲଜପତ୍ ରାୟ ଙ୍କ ସମେତ ଓଡ଼ିଶାର ବରେଣ୍ୟ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଧରଣୀ ଧର ଭୂୟାଁ, ବିର୍ସା ମୁଣ୍ଡାଙ୍କ ପରି ତ୍ୟାଗି ବୀରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାଣୀକ୍ଷେତ୍ର ଜଗତସିଂହପୁର ର ସୁଯୋଗ୍ୟ ସନ୍ତାନ ଭାଗିରଥି ମହାପାତ୍ର, ଗୋପବନ୍ଧୁ ଚୌଧୁରୀ, ପ୍ରାଣକୃଷ୍ଣ ପଡ଼ିଆରୀ,ମା ରମାଦେବୀ, ସରଳା ଦେବୀ, ନବକୃଷ୍ଣ ଚୌଧୁରୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ପରି ଚିର ନମସ୍ୟ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ନିଜର ଶ୍ରଦ୍ଧା ଅର୍ଘ୍ୟ ଅର୍ପଣ କରିଥିଲେ। ସ୍ୱାଧୀନତାର ୭୮ ବର୍ଷ ପରେ ଓଡ଼ିଶାର ଗର୍ବ ଓ ଗୌରବ ଯେ ବିଶ୍ୱ ଦରବାରରେ ବିଦିତ ଏବଂ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା,ଗମନାଗମନ, ବାଣିଜ୍ୟ, କ୍ରୀଡ଼ା,ଓ ଶିଳ୍ପ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ଜିଲ୍ଲାପାଳ କହିଥିଲେ। ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦ୍ଗାତା ମୁଖ୍ୟ ଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ଆଣିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ମେଧାବୃତ୍ତି ଏବଂ ନଗଦ ଅର୍ଥ,ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ସ୍ୱାଧୀନତା ଦିବସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ବକ୍ତୃତା , ଦେଶାତ୍ମବୋଧକ ସଙ୍ଗୀତ, ଜଣାଅଜଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।ପ୍ୟାରେଡରେ ମୋଟ ୨୩ ଟି ଦଳ ଭାଗ ନେଇଥିଲେ ଓ ସେମାନଙ୍କ ମଧ୍ୟରୁ ୟୁନିଫର୍ମ ଗ୍ରୁପ ରୁ ପୁରୋହିତପୁର ଉଚ୍ଚ ବିଦ୍ୟାଳୟ ସ୍କାଉଟ୍, ସିନିୟର୍ ସିଭିଲିଆନ ଦଳରୁ ଜଗତସିଂହପୁର ପବ୍ଲିକ୍ ସ୍କୁଲ, ଜୁନିୟର୍ ସିଭିଲିଆନ ଦଳରୁ ଶୁଦ୍ଧାନନ୍ଦ ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇ ମୁଖ୍ୟ ଅତିଥିଙ୍କ ଠାରୁ ସିଲ୍ଡ ଗ୍ରହଣ କରିଥିଲେ।ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିଲେ। ଜିଲ୍ଲାପାଳ ଜଗତସିଂହପୁର ପୌର ପରିଷଦ ପକ୍ଷରୁ ପ୍ରଦର୍ଶନ କରାଯାଇଥିବା ପ୍ରଜ୍ଞାପନ ମେଢ଼ ର ପ୍ରଶଂସା କରିବା ସହ ପୁରସ୍କୃତ କରିଥିଲେ। ପରେ ଶୁଦ୍ଧାନନ୍ଦ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ରସଲପୁର, ଡିଭାଇନ୍ ଇନଟିଗ୍ରୀଟି ବିଦ୍ୟାଳୟ ଓ ଡ୍ରିମ ଇଣ୍ଡିଆ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ପରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ଷ୍ଟାଡିୟମ୍ ପରିସରରେ ବୃକ୍ଷରୋପଣ କରିଥିଲେ। ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ସହରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପ୍ୟାରେଡ୍ ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଏବଂ ପରେ ଜିଲ୍ଲା କାରାଗାର ଆଳିପିଙ୍ଗଳ ର ଅନ୍ତେବାସୀଙ୍କୁ ଫଳବଣ୍ଟନ କରିଥିଲେ। ଚଳିତ ବର୍ଷ ହର ଘର ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ମୁଖ୍ଯ ଅତିଥି ତଥା ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ତ୍ରିରଙ୍ଗା ସେଲ୍ଫି ପଏଣ୍ଟ ରେ ତ୍ରିରଙ୍ଗା ପତାକା ସହ ସେଲ୍ଫି ଉଠାଇ ଥିଲେ ।ପ୍ରତ୍ୟୁଷ ରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ରାମଧୁନ ରେକର୍ଡ ଯୋଗେ ସହରରେ ପରିବେଷଣ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସମ୍ବିତ୍ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ, ପାରାଦୀପ, ନିରଞ୍ଜନ ବେହେରା, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ, ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଏସ ଡି ପି ଓ ଅଜିଙ୍କା ମାଣେ, ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ,ଜିଲ୍ଲା ସ୍ତରୀୟ ଅଧିକାରୀ, ସହରର ବୁଦ୍ଧିଜୀବୀ, ଆଇନଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଉମାକାନ୍ତ ବେହେରା ପ୍ୟାରେଡ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପରିଚାଳନା କରିଥିବା ବେଳେ ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ତ୍ରିରଙ୍ଗା କନ୍ସର୍ଟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଭିଯୁକ୍ତଙ୍କୁ ହାଜତ ନିର୍ଯ୍ୟାତନା ଅଭିଯୋଗ



ରଣପୁର,(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ରଣପୁର ଅବକାରୀ ଥାନା ରେ ଅଭିଯୁକ୍ତ ଙ୍କୁ ହାଜତ ରେ ନିର୍ଯ୍ୟାତନା ନେଇ ରଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ରେ ଅଭିଯୋଗ ହୋଇଥିବା ଜଣାପଡିଛି । ଅଭିଯୋଗ କରିଛନ୍ତି ଚୋରା ନକଲି ମଦ ତିଆରି ଅଭିଯୋଗ ରେ ଅଭିଯୁକ୍ତ ଲତାର ଗ୍ରାମର ପୁର୍ଣଚନ୍ଦ୍ର ରାୟ ଓ ସମ୍ବିତ ରାୟ ଙ୍କ ଓକିଲ ନୃସିଂହ କୁମାର ବର୍ଦ୍ଧନ ସାମନ୍ତ। ଅଭିଯୋଗ ଅନୁଯାୟୀ ରଣପୁର ଅବକାରୀ ଥାନା ହାଜତରେ ତାଙ୍କ ମହକିଲ ଙ୍କୁ ଅମାନୁଷିକ ଭାବେ ମାଡ ମାରି ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଇଛି। ଅଭିଯୋଗ କୁ ଗ୍ରହଣ କରି ରଣପୁର ମାଜିଷ୍ଟ୍ରେଟ ପୁଣ୍ୟଶ୍ଳୋକ ଦାଶ ନୟାଗଡ଼ ଅବକାରୀ ଅଧିକ୍ଷକ ଙ୍କୁ ସ୍ପଷ୍ଟୀକରଣ ମାଗିବା ସହ ରଣପୁର ଜେଲ ସୁପରିଟେଣ୍ଡେଟ ଙ୍କ ଅଭିଯୁକ୍ତ ଙ୍କୁ ଚିକିତ୍ସା କରାଇ ଡାକ୍ତର ଙ୍କ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଅପର ପକ୍ଷରେ ଅବକାରୀ ଥାନା ଉପ ନିରୀକ୍ଷକ ଅର୍ପିତାରାଣୀ ସାହୁ କୁହନ୍ତି କଟକ ଅବକାରୀ ସ୍କ୍ୱାର୍ଡ ସହ ମିଳିତ ଚଢାଉ ଥିଲା। ମୁଁ ହାଜତ ରେ ନିର୍ଯ୍ୟାତନା ଦେଇ ନାହିଁ। ରଣପୁର ଜେଲ ସୁପରିଟେଣ୍ଡେଟ୍ ବିନାୟକ ସାହୁ କୁହନ୍ତି ଆମ୍ଭେ ବିଚାରାଧିନ ଙ୍କୁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା କରାଇବା ସହ ଡାକ୍ତର ଦେଇଥିବା ରିପୋର୍ଟ ଅଦାଲତ ରେ ଦାଖଲ କରିଅଛୁ। ନୟାଗଡ଼ ଅବକାରୀ ଡେପୁଟି ସୁପରିଟେଣ୍ଡେଟ୍ ଜ୍ଞାନରଞ୍ଜନ ପଣ୍ଡା କୁହନ୍ତି ମାଜିଷ୍ଟ୍ରେଟ ସ୍ପଷ୍ଟୀକରଣ ମାଗିଛନ୍ତି। ଆମ୍ଭେ ଛୁଟିରେ ରହିଛୁ ଛୁଟିରୁ ଫେରିଲେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଦାଲତ ରେ ସ୍ପଷ୍ଟୀକରଣ ଦାଖଲ କରିବୁ। ଅଭିଯୁକ୍ତ ଙ୍କ ଓକିଲ ବର୍ଦ୍ଧନ ସାମନ୍ତ ଏନେଇ ମାନବାଧିକାର କମିଶନ ଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।ଏବଂ ଅଭିଯୁକ୍ତ ଙ୍କୁ ଅଦାଲତ ଜାମିନ ପ୍ରଦାନ କରିଥିବା ଜଣାପଡିଛି।

## ଶ୍ରୀ ମେଟାଲିକ୍ସ ଅଁରାଠାରେ ସ୍ୱାଧିନତା ଦିବସ ପାଳନ

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଅଁରାଠାରେ ସ୍ଥାପିତ ଶ୍ରୀ ମେଟାଲିକ୍ସ ଲିଃ କାରଖାନା ପରିସରରେ ୭୯ତମ ସ୍ୱାଧିନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନାର ମୁଖ୍ୟ ସରୋଜ କୁମାର ବିଶ୍ୱାଳ ପତାକା ଉତ୍ତୋଳନ କରିବା ସହିତ ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ବର୍ଣ୍ଣାଢ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଶ୍ରମିକ ଓ କର୍ମଚାରୀମାନଙ୍କୁ ଉଦ୍ ?ବୋଧନ ଦେଇ ଶ୍ରୀଯୁକ୍ତ ବିଶ୍ୱାଳ କାରଖାନାର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ସର୍ଗୀକୃତ ହୋଇ ଏକ ସମୃଦ୍ଧ ରାଜ୍ୟ ତଥା ରାଷ୍ଟ୍ରଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । କାରଖାନାର ବୈଷୟିକ ମୁଖ୍ୟ ବିଏନ୍ ପ୍ରସାଦ ଓ ମାନବସମ୍ବଳ ମୁଖ୍ୟ ଶିଶିର କୁମାର ରାଉତ ମଧ୍ୟ ଉଦ୍ ?ବୋଧନ ଦେଇ ସବୁ କର୍ମଚାରୀମାନଙ୍କର ସହଯୋଗର ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟ ମେକାନିକାଲ ଡିଜିଏମ୍ କ୍ରିଷ୍ଣା ରାଓ ପାଇଲା,ବେନିଫିକେସନ ଡିଜିଏମ୍ ଅବନୀ କୁମାର ବିଶ୍ୱାଳ,ପେଲେଟ ଅପରେସନ ବରିଷ୍ଠ ଏଜିଏମ୍ ଜ୍ଞାନରଞ୍ଜନ ସ୍ୱାଇଁ,ଆଲମୁରୁ ରମେଶ,ଏଜିଏମ୍ ଅମରେଶ ଲେଙ୍କା,ଷ୍ଟୋର ଓ ପରଚେଜ୍ ?ର ବରିଷ୍ଠ ଏଜିଏମ୍ ସୁଶୀଳ କୁମାର ଭୂୟାଁ,କ୍ୱାଲିଟି କଣ୍ଟ୍ରୋଲ ବରିଷ୍ଠ ଏଜିଏମ୍ ଶରତ କୁମାର ପ୍ରଧାନ,ପ୍ରୋଜେକ୍ଟ ଏଜିଏମ୍ ଦେବବ୍ରତ ମେହେର,ବିଦ୍ୟୁତ ବିଭାଗ ଏଜିଏମ୍ ଦେବଦତ୍ତ ବାରିକ,ବିଦ୍ୟୁତ ବିଭାଗ ମ୍ୟାନେଜର ବିଶ୍ୱଜିତ ପଟ୍ଟନାୟକ,ମେକାନିକାଲ ମ୍ୟାନେଜର ବିବେକ ଶ୍ରୀବାସ୍ତବ,ଲିଆଇସନ୍ ମ୍ୟାନେଜର ପ୍ରଭାତ କୁମାର ପ୍ରଧାନ,ମାନବ ସମ୍ବଳ ମ୍ୟାନେଜର ଅର୍ପିତ କୁମାର ପଟ୍ଟନାୟକ,ଉପ ପରିଚାଳକ ବିଜୟ କୁମାର ବାରିକ,କନିଷ୍ଠ ପରିଚାଳକ ଅଫତାବ ଆଲମ,ଏକାଉଣ୍ଟସ ବିଭାଗ ପରିଚାଳକ ଅପୂର୍ବ କୁମାର ହୁଇ,ରେଭେନ୍ୟୁ ଅଫିସର ଚକ୍ରଧର ପରିଡା,ସୁରକ୍ଷା ବରିଷ୍ଠ ପରିଚାଳକ ଶେଷଦେବ ବେହେରା ଓ ପରିଚାଳକ ଆସରଫ ଅଲ୍ଲୀ ହଜାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସର୍ବଶେଷରେ ମାନବ ସମ୍ବଳ ମୁଖ୍ୟ ଶିଶିର କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସମସ୍ତ ଉପସ୍ଥିତ କର୍ମଚାରୀ ଓ ଶ୍ରମିକମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା।

## ରଣପୁରରେ ବାଚସ୍ପତି ସୁରମାଙ୍କ ଦ୍ୱାରା ପତାକା ଉତ୍ତୋଳନ

ରଣପୁର, (ଭାସ୍କର ନ୍ୟୁଜ): ଭାରତ ସ୍ୱାଧୀନତା ଆନ୍ଦୋଳନ ସମୟରେ ନୟାଗଡ଼ ଜିଲ୍ଲା ରଣପୁର ଗଡଜାତ ର ଆତ୍ମବଳିଦାନ ଓଡିଶା ଇତିହାସ ରେ ଲିପିବଦ୍ଧ। ରଘୁଦିବାକର ଙ୍କ ଠାରୁ ଆରମ୍ଭ କରି ଅର୍ଜୁନ ରାଉତ ଙ୍କ ପର୍ଯ୍ୟନ୍ତ ଅନେକ ବୀରତ୍ୱ ର ପରାକାଷ୍ଠା ଦେଖାଇ ଦେଶ ମାତ ?କା ପାଇଁ ଆତ୍ମବଳି ଦେଇ ସହିଦ ହୋଇଛନ୍ତି। ଏବେବି ରଣପୁରିଆ ଙ୍କ ଧମନୀ ରେ ବୀର ରକ୍ତ ପ୍ରବାହିତ। ୭୯ ତମ ସ୍ୱାଧୀନତା ଦିବସ ଅବସରରେ ରଣପୁର ପଞ୍ଚୁଦୋଳ ପଡିଆରେ ବାଚସ୍ପତି ସୁରମା ପାଢୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିଥିଲେ। ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗିନ ମହାନ୍ତି ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ବର ମହାପାତ୍ର ସାମିଲ ହୋଇଥିଲେ। ବାଚସ୍ପତି ପାଢ଼ୀ ସହିଦ ରଘୁଦିବାକର ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ ପରେ ଜାତୀୟ ପତାକା ଉତ୍ତୋଳନ ପାଇଁ ଆମନ୍ତ୍ରଣ କରା ଯାଇଥିଲା। ପତାକା ଉତ୍ତୋଳନ ସହ ଅଭିବାଦନ ଗ୍ରହଣ ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବୀରତ୍ୱ ର ପ୍ରତୀକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ ?ତି ଅନୁଷ୍ଠାନ ଓ କ ?ତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ରଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରୁ ଆରମ୍ଭ କରି ରାଜ ସୁନାଖଳା ଉଚ୍ଚ ପର୍ଯ୍ୟନ୍ତ ବାଚସ୍ପତି ପାଢୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦେଶର ଭବିଷ୍ୟତ ପିଢୀ ଙ୍କୁ ଉଦବୋଧନ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ସେଉ ଓ ବୁନ୍ଦି ବଣ୍ଟନ କରାଯାଇଥିଲା। ରଣପୁର ଅଞ୍ଚଳର ସମସ୍ତ ବିଦ୍ୟାଳୟ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।



ବ୍ୟାସନଗର(ଭାସ୍କର ନ୍ୟୁଜ): ଅଗଷ୍ଟ ପନ୍ଦର ସ୍ୱାଧୀନତା ଦିବସ ଉପଲକ୍ଷେ ବ୍ୟାସନଗର କାଳୀ ମେଲଣ ପଡିଆରେ ବୀର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ସହିତ ଦେଶର ସୁରକ୍ଷା ବାହିନୀଙ୍କୁ ସମ୍ମାନ ନିମନ୍ତେ ଦୁର୍ଗା ମନ୍ଦିର କମିଟି ତରଫରୁ ଏକ ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କମିଟିର ଭୂତପୂର୍ବ କାର୍ଯ୍ୟକାରୀ ସଭାପତି ସ୍ୱର୍ଗତ ନାରାୟଣ ବଳଙ୍କ ସ୍ମୃତିରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଯାଜପୁର ରୋଡ଼ ଆଦର୍ଶ ଥାନାର ଭାରପ୍ରାପ୍ତ ଅଧିକାରୀ ଆଶିଷ କୁମାର ସାହୁ ଉଦ୍ଘାଟନ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କମିଟିର ଉପଦେଷ୍ଟା ବିବେକାନନ୍ଦ ମହାନ୍ତିଙ୍କ ସଞ୍ଚାଳନରେ ଅନୁଷ୍ଠିତ ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ସାମାଜିକ ପବିତ୍ର ରଞ୍ଜନ ମହାନ୍ତି, ବିନୋଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। କମିଟିର ସଭାପତି ଜିତେନ୍ଦ୍ର କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଦେଓ, ସମ୍ପାଦକ ନିରାକାର ସାହୁ, ଗଗନ କୁମାର ସିଂହ, ଜୟନ୍ତ କୁମାର ପାଲ, ପଞ୍ଚାନନ ଦାସ, ବିନାୟକ ବଳ, ଦୀପକ କୁମାର ଦାସ, ତାପସ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ। ଭୁବନେଶ୍ୱରର ସୋହମ୍ ମ୍ୟୁଜିକ୍ ଦ୍ୱାରା ପରିବେଷିତ ଦେଶାତ୍ମବୋଧକ ସଙ୍ଗୀତକୁ ଶତାଧିକ ଶ୍ରୋତା ଶୁଣି ଖୁସିବ୍ୟକ୍ତ କରିଥିଲେ।



# ବିଜେପିର ମଣ୍ଡଳସ୍ତରୀୟ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା



ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ବିଜେପି ମଣ୍ଡଳ ପକ୍ଷରୁ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ମଣ୍ଡଳ ସଭାପତି ସ୍ୱରାଜ ସାମଲଙ୍କ ନେତୃତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ରଘୁନାଥପୁର ବିଜେପି କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ମଦନମୋହନ ମଠ ନିକଟରେ ପହଞ୍ଚି ଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଯୋଗଦେଇ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତ, ବିକଶିତ ଭାରତ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ରାଜକିଶୋର ବେହେରା ଯୋଗଦେଇ ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରାର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା, ଯୁବନେତା ସରୋଜକାନ୍ତ ସ୍ୱାଇଁ, ଜଗତପୁର ମଣ୍ଡଳ ପ୍ରଭାରୀ ତରୁଣ କୁମାର ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରାଉତରାୟ, ଯୁବମୋର୍ଚ୍ଚା ସଭାପତି ମନୋଜ କୁମାର ସାହୁ, ଯୁବନେତା ପ୍ରକାଶ ଦଳାଇ, ଭଗବାନ ସ୍ୱାଇଁ, ସରୋଜ ଦାସ, ଶେଷଦେବ ସେଠୀ, ଶିବପ୍ରସାଦ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭାତ ସ୍ୱାଇଁ, ମଧୁସ୍ମିତା ଭୋଇ, ପ୍ରିୟଙ୍କା ମହାପାତ୍ର, ଶୁଭ୍ରଜିତ ସାହୁଙ୍କ ସମେତ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ବିଜେପି କର୍ମୀମାନେ ଯୋଗଦେଇଥିଲେ।

# ତ୍ରିରଙ୍ଗା ଯାତ୍ରାରେ ଯୋଗଦେଲେ ରାଜ୍ୟ ସଭାପତି

## ବିଜେପିରେ ଯୋଗଦେଲେ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ

କନ୍ଧମାଳ(ଭାସ୍କର ନ୍ୟୁଜ): ଦୁଇ ଦିନିଆ କନ୍ଧମାଳ ଗସ୍ତର ଦ୍ୱିତୀୟ ଦିନ ଗୁରୁବାରରେ ବାଲିଗୁଡ଼ା ଓ ଫୁଲବାଣୀରେ ବିଶାଳ ତ୍ରିରଙ୍ଗା ଯାତ୍ରାରେ ଯୋଗ ଦେଇ ସମସ୍ତଙ୍କୁ ଉତ୍ସାହିତ କରିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ହଜାର ହଜାର ଲୋକ ଏବଂ ବିଜେପି କର୍ମକର୍ତ୍ତାଙ୍କ ଗହଣରେ ପ୍ରାୟ ଶହେ ଫୁଟ୍ ଲମ୍ବ ଜାତୀୟ ପତାକା ଓ ଦେଶାତ୍ମବୋଧକ ସଙ୍ଗୀତର ତାଳେ ତାଳେ ଫୁଲବାଣୀ ଓ ବାଲିଗୁଡ଼ା ସହରରେ ପଦଯାତ୍ରାରେ ବାହାରି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ ବିଜେପି ରାଜ୍ୟ ସଭାପତି। ଫୁଲବାଣୀ ସର୍କିଟ ହାଉସ୍ ଠାରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ମାଦିକୁଣ୍ଡା ଛକ, ବଜାର ଛକ, ଗୋପବନ୍ଧୁ ଛକ, ଡିଆରଏଫ ଛକ ମଧ୍ୟ ଦେଇ ଗୌର କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ଆସିଥିଲେ। ଏଠାରେ ଅନୁଷ୍ଠିତ ବିଭାଜନ ବିଭୀଷିକା ସମାବେଶରେ ଯୋଗ ଦେଇ ଦେଶ ପାଇଁ ବଳିଦାନ ଦେଇଥିବା ମହାମନିଷୀଙ୍କୁ ମନେ ପକାଇଥିଲେ ରାଜ୍ୟ ବିଜେପି ସଭାପତି। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଜିଲ୍ଲାର ବିଭିନ୍ନ ବ୍ଲକର ଶତାଧିକ କଂଗ୍ରେସ, ବିଜେଡି କର୍ମୀ, ସରପଞ୍ଚ, ବ୍ଲକ ସଭାପତି ଓ ବିଜେଡିରେ ଗତଥର ନିର୍ବାଚନ ପୂର୍ବରୁ ମିଶିଥିବା ଆଇନଜୀବୀ ପ୍ରମୁଖ ବିଜେପି ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ବିଜେପି ଦଳରେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲ୍ଲା ସଭାପତି ପଣ୍ଡିତ ବିଷିମାଝି, ବରିଷ୍ଠ ନେତା ଜଗନ୍ନାଥ ସାହୁ, ପଦ୍ମ ଚରଣ ଦାଶ, ମାନ ଗୋବିନ୍ଦ ପ୍ରଧାନ, ଆଇନଜୀବୀ ଭଗବାନ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ଅଜିତ କୁମାର ପଟ୍ଟନାୟକ, ସଂଜିତ୍ ମଣ୍ଡଳ, ମୁକ୍ତିକାନ୍ତ ମହାନ୍ତି, ସଞ୍ଜିତ ପାତ୍ର, ଲିଙ୍ଗରାଜ ପ୍ରଧାନ, ଦଳବେହେରା, ଅମୀୟ ଦାଶ ପ୍ରମୁଖ ବହୁ ନେତା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲାର ପାରମ୍ପରିକ ଲୋକନୃତ୍ୟ ଓ ବାଦ୍ୟରେ ସ୍ୱାଗତ କରାଯିବ ସହିତ ଶୋଭାଯାତ୍ରାରେ ଚାଲିଥିଲେ ଏହି ନୃତ୍ୟ ଦଳ। ଫୁଲବାଣୀ ମେଡିକାଲ କଲେଜ ଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ବିଜେପି ରାଜ୍ୟ ସଭାପତି ଓ ଅନ୍ୟ ପ୍ରମୁଖ ନେତୃବର୍ଗଙ୍କୁ। ସନ୍ଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ରାଜ୍ୟ ସଭାପତି କହିଛନ୍ତି, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ କେବେ ବ୍ୟର୍ଥ ଯିବ ନାହିଁ। ଜନ୍ମାଷ୍ଟମୀ ପରି ପବିତ୍ର ଦିନରେ ଆତତାୟୀ ବିଧର୍ମୀମାନେ ସ୍ୱାମୀଜୀ ଓ ତାଙ୍କ ଅନ୍ୟ ୫ ଅନୁଚରଙ୍କୁ ଅତି ନିର୍ମମ ଓ ନୃଶଂସ ଭାବେ ହତ୍ୟା କରିଥିଲେ ୨୦୦୮ ମସିହାରେ। ବର୍ତ୍ତମାନର ରାଜ୍ୟ ସରକାର ଏହାର ତଦନ୍ତ କରିବା ସହ ଉଚିତ୍ ପଦକ୍ଷେପ ଗ୍ରହଣ କରିବେ। ଗତ ବିଜେଡି ସରକାର ୧୫ରୁ ଅଧିକ ତଦନ୍ତ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରିଥିଲେ। ସେ ଦିଗରେ ମଧ କାମ ଚାଲିଛି ବୋଲି କହିଛନ୍ତି ଶ୍ରୀ ସାମଲ। କନ୍ଧମାଳ ଜିଲ୍ଲା ଏକ କୃଷିଭିତ୍ତିକ ଆଦିବାସୀ ଜିଲ୍ଲା ହୋଇଥିବାରୁ, ଆସନ୍ତା ୨୦୩୬ ମଧ୍ୟରେ ଏକ ମଡେଲ ଜିଲ୍ଲାରେ ପରିଣତ ହୋଇଥିବ। ଶେଷରେ ଫୁଲବାଣୀରୁ ବାହାରି ଚକାପାଦ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସମାଧି ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସଂସ୍କୃତ ବିଦ୍ୟାଳୟ ବୁଲି ଦେଖିବା ପରେ ଭୁବନେଶ୍ୱର ଫେରିଥିଲେ ରାଜ୍ୟ ବିଜେପି ସଭାପତି ଓ ଅନ୍ୟ ନେତୃବର୍ଗ।

# ତ୍ରିରଙ୍ଗା ଶୋଭାଯାତ୍ରା




ମହାକାଳପଡ଼ା, (ଭାସ୍କର ନ୍ୟୁଜ): ଭାରତ ମାତାକୁ ବିଦେଶୀ ଶାସନ କବଳରୁ ମୁକ୍ତ କରି ସ୍ୱାଧୀନତା ପୂର୍ବକ ମୁକ୍ତି ପ୍ରଦାନରେ ସହାୟକ ସାଜିଥିବା ମହାନ ନାୟକମାନଙ୍କ ବଳିଦାନକୁ ମନେରଖିବା, ଆଜିକାଲିର ଯୁବପିଢ଼ିଙ୍କ ମଧ୍ୟରେ ଦେଶାତ୍ମବୋଧ ପ୍ରତି ଜାଗ୍ରତ କରିବା ଲକ୍ଷ୍ୟରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ କରାଯାଉଛି। ଏନେଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ବ୍ୟକ୍ତିବିଶେଷ ମାନେ ଭିନ୍ନ ଭିନ୍ନ ଜାଗାରେ ତ୍ରିରଙ୍ଗା ଯାତ୍ରାରେ ସାମିଲି ହେଉଛନ୍ତି। ୭୯ତମ ସ୍ୱାଧୀନତା ଦିବସ ଅବସରରେ ମହାକାଳପଡା ନିର୍ବାଚନ ମଣ୍ଡଳୀରେ ବଡ଼ବଳ ପଞ୍ଚାୟତରେ ତ୍ରିରଙ୍ଗା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ବଳ ପଞ୍ଚାୟତର ଅବସରପ୍ରାପ୍ତ ଯବାନ ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱ ଓ ଗୋବିନ୍ଦ ଦାସଙ୍କ ସଂଯୋଜନାରେ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଯାଇଛି। ପଦଯାତ୍ରାର ମୁଖ୍ୟ ଆକର୍ଷଣ ଭାବେ ସ୍ଥାନୀୟ ଯୁବ ବିଜେପି ସଂଗଠକ ଡ. ସୌଭାଗ୍ୟ ପରିଡ଼ା ଉପସ୍ଥିତି ଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ବାବୁ ସାହୁ, ପ୍ରଭାସ କୁମାର ରାଉତରାୟ, ପ୍ରଭାତ ରଞ୍ଜନ ସେନାପତି, ଭକ୍ତ ଦାସ, ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ସମାଜ ପରଲେଇ ପ୍ରମୁଖ ଉପସ୍ଥିତି ଥିଲେ। ଏହି ପଦଯାତ୍ରାରେ ଶତାଧିକ ମହିଳା ପୁରୁଷ, ଯୁବକ ଯୁବତୀ ଭାରତ ମାତା କି ଜୟ ଜୟ କାର କରି ପଦଯାତ୍ରାରେ ଆଗେଇ ଚାଲିଥିଲେ। ଏହି ପଦଯାତ୍ରା ଆଶ୍ରମ ବାଲିକୁଦାର ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ଠାରୁ ତିରଙ୍ଗା ପଦଯାତ୍ରା ଆରମ୍ଭ ହୋଇ ମା' ବଡ଼ଦୁର୍ଗା ମନ୍ଦିର ଠାରେ ଶେଷ ହୋଇଥିଲା।

# ଦୁର୍ଗାପୂଜା କମିଟିର ବାର୍ଷିକ ବୈଠକ



ବଲାଙ୍ଗୀର(ଭାସ୍କର ନ୍ୟୁଜ): ବଲାଙ୍ଗୀର ସହର ସ୍ଥିତ ତୁଳସୀ ନଗର ଦୂର୍ଗା ମଣ୍ଡପ ପରିସରରେ ତୁଳସୀ ନଗର ଦୁର୍ଗାପୂଜା କମିଟିର ବାର୍ଷିକ ବୈଠକ ସଭାପତି କିଶୋର ଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସର୍ବସମ୍ମତି କ୍ରମେ ଆଗାମୀ ଦୂର୍ଗା ପୂଜା ପାଇଁ ନିମ୍ନୋକ୍ତ ପ୍ରକାରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଯେଉଁଥିରେ କି ସଭାପତି ଭାବରେ କିଶୋର ଚନ୍ଦ୍ର ରଥ, ଉପସଭାପତି ଭାବରେ ସଞ୍ଜୟ ମିଶ୍ର ଓ ନିଳାଦ୍ରୀ ବିହାରୀ ସିଂ, ସମ୍ପାଦକ ଭାବରେ ହରେକୃଷ୍ଣ ଆଡଯୁଏଡ, ସହ ସଂପାଦକ ଭାବରେ ପଦ୍ମନାଭ ମିଶ୍ର ଓ ସଞ୍ଜୟ ଭୋଇ କୋଷାଧ୍ୟକ୍ଷ ଭାବରେ ନାରାୟଣ ମିଶ୍ର ଓ ଅଜୟ ମହାପାତ୍ର ସମେତ ଉପଦେଷ୍ଟା କମିଟିରେ ବାଞ୍ଛାନିଧି ମିଶ୍ର, ବିବେକ କୁମାର ରଥ, ରାଧେଶ୍ୟାମ ମିଶ୍ର, ଡ. ବିପିନ୍ ବିହାରୀ ମିଶ୍ର, ଇନ୍ଦ୍ରମଣି ରଥ, ଡ. ମହେଶ ପଟ୍ଟନାୟକ, ମନୋରଞ୍ଜନ ପଟ୍ଟନାୟକ, ଗୌରାଙ୍ଗ ମିଶ୍ର, ବିଶ୍ୱମ୍ଭର ମିଶ୍ର, ସୁରେନ୍ଦ୍ର ନେଗି, ଡ. ରାଧାକାନ୍ତ ସେଠ୍, ଶିବ ପ୍ରସାଦ ମେହେର, ବନମାଳି ବାଗ, ଆନନ୍ଦ ଖୁଆସ, ଗୋବିନ୍ଦ ବହିଦାର ଗଙ୍ଗାଧର ଚାନ୍ଦ, ସମରେନ୍ଦ୍ର ଜଟି ସତ୍ୟନାରାୟଣ ରଥ ତଥା କମିଟିର ଅନେକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଟଙ୍କା ନାହିଁ, ଗୋରୁ ଗୁହାଳ ପାଲଟିଛି ଏଟିଏମ୍ ଘର

ମୁନିଗୁଡା (ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ମୁନିଗୁଡା ସଦରମହକୁମା ଘରୋଇ କରଣ ବ୍ୟାଙ୍କ ଏଚ୍‌ଡିଏଫ୍, ଆଇସିଆଇସିଆଇ, ଆକ୍ସିସ୍ ଓ ପିଏନ୍‌ବି ଏଟିଏମ୍ ମାନଙ୍କରେ ଟଙ୍କା ମହଜୁଦ ଥିବାବେଳେ ଷ୍ଟେଟବ୍ୟାଙ୍କର ଏଟିଏମ୍‌ରେ ଦୀର୍ଘଦିନ ହେବ ଟଙ୍କା ନାହିଁ। ଏଥିପାଇଁ କର୍ତ୍ତୃପକ୍ଷଙ୍କର ନିଘା ନଥିବାରୁ ଅସୁବିଧା ଭୋଗୁଥିବା ଷ୍ଟେଟବ୍ୟାଙ୍କ ଗ୍ରାହକ ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଏପରି ସ୍ଥିତିରେ ବୁଲା ଗୋରୁମାନଙ୍କୁ ସୁବର୍ଣ୍ଣ ସୁଯୋଗ ଜୁଟିଲା, ଯାହାଫଳରେ କି ଏଟିଏମ୍‌ରେ ଟଙ୍କା ନଥିବାରୁ ଏଟିଏମ୍ କୋଠରୀକୁ ଗୁହାଳରେ ପରିଣତ କରି ଟଙ୍କା ବଦଳରେ ଗୋରୁ ଗୋବର ପାଇବାରେ ସକ୍ଷମ ହୋଇପାରିବେ। ବ୍ୟବସାୟିକ କେନ୍ଦ୍ରସ୍ଥଳୀ ହେଉଛି ମୁନିଗୁଡା ସଦରମହକୁମା। ଏଠାରେ କଟକ, ବ୍ରହ୍ମପୁର, ଭୁବନେଶ୍ୱର, କଳାହାଣ୍ଡି, ଫୁଲବାଣୀ ତଥା ରାୟଗଡା ଜୟପୁରୁ ଏବଂ ଜିଲ୍ଲାର ସ୍ଥାନୀୟ ଅଞ୍ଚଳକୁ ବସ୍ ତଥା ରେଳ ଯାତାୟତ କରୁଛି। ତେଣୁ ଜନଗହଳି ସ୍ୱାଭାବିକ ରହିବା ସହ ମୁନିଗୁଡା




ଷ୍ଟେଟବ୍ୟାଙ୍କ ଉପରେ ଜନସାଧାରଣ ଓ ବ୍ୟବସାୟୀ ମାନେ ନିର୍ଭର କରନ୍ତି। ବ୍ୟାଙ୍କରେ ଦୈନନ୍ଦିନ ଲୋକମାନଙ୍କର ଅର୍ଥ ନେଣଦେଣ ପାଇଁ ବ୍ୟାଙ୍କରେ ଭିଡ ହେଉଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ସେଥିପାଇଁ ଗ୍ରାହକମାନଙ୍କ ସୁବିଧାକୁ ଲକ୍ଷ୍ୟ କରି ବ୍ୟାଙ୍କ କର୍ତ୍ତୃପକ୍ଷ ଏଟିଏମ୍ ସ୍ଥାପନା କଲେ। କିଛି ବର୍ଷ ଠିକ୍‌ଠାକ୍ ଚାଲି ଆସୁଥିଲା ଏବଂ ବ୍ୟାଙ୍କରୁ ଗହଳି କମିବା ସହ ଲୋକ ମାନେ ଯେଉଁ ମୁହୂର୍ତ୍ତରେ ଯେତେବେଳେ ଚାହୁଁଥିଲେ ଟଙ୍କା ଉଠାଇବା ଓ ଜମା କରିବାର ସୁବିଧା ମିଳୁଥିଲା। ହେଲେ ଏଠାରେ ସର୍ବ ପ୍ରଥମେ ଷ୍ଟେଟବ୍ୟାଙ୍କ ଏଟିଏମ୍ ପୁରୁଣା ହୋଇଥିଲେ ମଧ୍ୟ ଅଧିକାଂଶ ସମୟ ଏଟିଏମ୍‌ରେ ଟଙ୍କା ନାହିଁ ତ କେତେବେଳେ ମେସିନ୍ ଖରାପ ଥିବା ଏପରି ସମସ୍ୟାରେ ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି। ଶେଷରେ ଏବେ ଏଟିଏମ୍ ଘରେ ଗୋରୁ ରହୁଥିବାରୁ ଟଙ୍କା ଉଠାଇବା ତ ଦୂରକଥା ଗୋବର ଉଠାଇବା ସହଜ ହୋଇଛି।

# ଦୁର୍ଗା ମୂର୍ତ୍ତି ପାଇଁ ମାଟିପୂଜା

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ): ଲକ୍ଷ୍ମୀପୁର ବ୍ଲକ ସଦରରେ ଚଳିତ ବର୍ଷ ଦୁର୍ଗା ପୂଜାକୁ ୨୫ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି କ୍ଷେତ୍ରରେ ଫ୍ରେଣ୍ଡ୍ସ ୟୁଥ ଆସୋସିଏସନ ଏହାର ରୌପ୍ୟ ଜୟନ୍ତୀ ପାଳିବାକୁ ନିଷ୍ପତି ନେଇଛି। ବର୍ତ୍ତମାନ ଠାରୁ ରୌପ୍ୟ ଜୟନ୍ତୀ ପାଇଁ ସଜବାଜ ଆରମ୍ଭ କରି ଥିବା ବେଳେ ଜନ୍ମାଷ୍ଟମୀ ଦିନ ମୂର୍ତ୍ତି ନିର୍ମାଣ ପାଇଁ ମାଟିପୂଜା କରାଯାଇଛି। ସ୍ଥାନୀୟ ଧାଙ୍ଗିଡ଼ି ଝଲା ଠାରୁ ହୋମଯଜ୍ଞ କରି ମାଟି ଅଣା ଯାଇଛି। ଏହି ଅବସରରେ ଆସୋସିଏସନର ସଂଗ୍ରାମ ବେହେରା, ଉମା ଶଙ୍କର କର୍କରା, ଭି.ଚାନ୍ଦୁ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଆଗାମୀ ଦିନରେ ଏକ ପ୍ରସ୍ତୁତି ବୈଠକ ଡକାଯାଇ ଚଳିତ ବର୍ଷ ଦୁର୍ଗା ପୂଜାକୁ ଅତି ଆକର୍ଷଣୀୟ କରିବା ପାଇଁ ଆଲୋଚନା କରାଯିବ ବୋଲି ସଭାପତି ଦେବେନ୍ଦ୍ର ନାଥ ସାହୁ ପ୍ରକାଶ କରିଛନ୍ତି।



# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ



ରେଢ଼ାଖୋଲ(ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ ଉପଖଣ୍ଡ ସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ ହୋଇଯାଇଅଛି। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ ରେଢ଼ାଖୋଲ ସ୍ଥିତ ସନ୍ଥକବି ଭୀମଭୋଇ, ଉତ୍କଳମଣି ଗୋପବନ୍ଧୁ ଦାସ, ଡ. ବି ଆର୍ ଆମ୍ବେଦକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ମହାତ୍ମାଗାନ୍ଧୀଙ୍କ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଏହାପରେ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ ପୂର୍ବକ ଉପସ୍ଥିତ ଜନସାଧାରଣଙ୍କୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଉଦ୍‌ବୋଧନ ଦେଇଥିଲେ। ପ୍ୟାରେଡରେ ସମୁଦାୟ ୩୧ଟି ଦଳ ଭାଗ ନେଇଥିଲେ। ଏହି ପ୍ୟାରେଡରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷାନୁଷ୍ଠାନ ଗ୍ରୁପଗୁଡିକ ମଧ୍ୟରୁ ଉତୀର୍ଣ୍ଣ ଦଳଗୁଡିକୁ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ପୁରସ୍କୃତ କରିଥିଲେ। ସ୍ୱାଧୀନତା ଦିବସ ସମାରୋହରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମେହେର, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ରେଢ଼ାଖୋଲ ବ୍ଲକ ଚେୟାରମ୍ୟାନ ପ୍ରଦୀପ ପ୍ରଧାନ, ଏନଏସି ଚେୟାରମ୍ୟାନ ଶିବରାମ ସାହୁ, ଭାଇସ୍ ଚେୟାରମ୍ୟାନ ଅନୁସୟା ପ୍ରଧାନ, ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ମାର୍ଥାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଏବଂ ଅନ୍ୟ ଅଧିକାରୀମାନେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନା ଏବଂ ଉପ କାରାଗାରରେ ଫଳ ଏବଂ ମିଷ୍ଟାନ ବଣ୍ଟନ କରିଥିଲେ। ଅପରାହ୍ନରେ ପ୍ରଶାସନ ଓ ସାଧାରଣ ଜନତା ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ୍ ମ୍ୟାଚ୍ ହୋଇଥିଲା।



କେନ୍ଦୁଝର(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ ଯୋଡା ପକ୍ଷରୁ ଭାରତର ୭୯ତମ ସ୍ୱାଧୀନତା ଦିବସକୁ ଶୁକ୍ରବାର ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି। ଯୋଡା ସେଣ୍ଟ୍ରାଲ ଅଫିସ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ, ଟାଟା ଷ୍ଟିଲ ଯୋଡା ଚିଫ୍ ରାଜେଶ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ଅନ୍ୟ ବିଭାଗର ଅଫିସର ଓ କର୍ମଚାରୀ ମାନଙ୍କ ସହ ୟୁନିଅନ୍‌ର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ତାଙ୍କ ଅଭିଭାଷଣରେ ରାଜେଶ କୁମାର ଦେଶପ୍ରତି ଉତ୍ସର୍ଗୀକୃତ ହୋଇ ଏହାର ବିଭିନ୍ନ ଗଠନମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନୁରୂପ ଭାବରେ, ଯୋଡା ଇଷ୍ଟ, ଖଣ୍ଡବନ୍ଧ ଏବଂ ନୀଳାଚଳ ଖଣି ତଥା କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ଅଫିସରେ ପତାକା ଉତ୍ତୋଳନ କରାଯାଇଥିଲା। ଉଲ୍ଲେଖନୀୟ ସେବା ପାଇଁ ୪୦ଜଣ ସୁରକ୍ଷା କର୍ମୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଟାଟା ମୁଖ୍ୟ ଚିକିତ୍ସାଳୟ ଯୋଡା ଠାରେ ପତାକା ଉତ୍ତୋଳନ ପରେ ଅନ୍ତଃ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଯୋଡା ସ୍ଥିତ କେନ୍ଦ୍ରୀୟ ଖେଳ ପଡିଆ ଠାରେ, ଟାଟାଷ୍ଟିଲ୍‌ର ଅଫିସର ଏବଂ କର୍ମଚାରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ଖେଳର ଆୟୋଜନ କରାଯାଇଥିଲା।

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ପୋଲିସ ପ୍ୟାରେଡ ପଡିଆ ଠାରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶାରୀରିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଯୋଜନା ଗୁଡ଼ିକ ପ୍ରଜ୍ଞାପନ ମେଢ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୋରାପୁଟ ବିଧାୟକ ରଘୁରାମ ମାଛ, ଏସ୍‌ପି ରୋହିତ ବର୍ମା, ଆଇଏଏସ ପ୍ରୋବେସେନରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ନନ୍ଦପୁର ଅଧାପକ ରବି ଶତପଥି ପରିଚାଳନା କରିଥିଲେ। ସେହିପରି କୋର୍ଟ ପରିସର, କୋରାପୁଟ ଜର୍ଣ୍ଣାଲିଷ୍ଟ ଆସୋସିଏସନ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦି ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟ ତଥା କାର୍ଯ୍ୟାଳୟ ଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରି ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଅପରାହ୍ନରେ ସ୍ୱାଧୀନତା ଦିବସ ସମାରୋହ ଉପଲକ୍ଷେ ପୌରପାଳିକା ଅଡ଼ିଟୋରିୟମ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ 'ଭାରତୀୟମ୍' ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଅନୁଷ୍ଠିତ ହୋଇଥିଲା ଏବଂ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।





କୋଇଡା (ଭାସ୍କର ନ୍ୟୁଜ): ଜେଏସ୍ ଡବ୍ଲୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ରାଜ୍ୟର ସମସ୍ତ ସ୍ଥାନରେ ଗର୍ବର ସହିତ ୭୯ତମ ସ୍ୱାଧୀନତା ଦିବସ ପାଳନ କରିଛି। ନୂଆଗାଁ ଖଣି, ଜଜାଙ୍ଗ ଖଣି, ଗଣୁଆ ଖଣି, ନାରାୟଣପୋଷି ଖଣି, କେନ୍ଦ୍ରୀୟ କାର୍ଯ୍ୟାଳୟ- ବାର୍ବିଲ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଏହି ଉତ୍ସବଗୁଡ଼ିକ ଉଜ୍ଜ୍ୱଳ ଉତ୍ସାହ ସହିତ ପାଳନ କରାଯାଇଥିଲା। ଏହି ଉତ୍ସବରେ ଜେଏସ୍‌ଡବ୍ଲୁ ଷ୍ଟିଲର ବରିଷ୍ଠ ନେତୃତ୍ୱର ଅତିଥିମାନେ ଯୋଗ ଦେଇଥିଲେ, ଯେଉଁଥିରେ ମୁଖ୍ୟ ପରିଚାଳନା ଅଧିକାରୀ (ଖଣି ବ୍ୟବସାୟ) ସୌଭିକ୍ ମଜୁମଦାର, ଓଡ଼ିଶା ଖଣି ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, କାର୍ଯ୍ୟ ଏବଂ ପ୍ରକଳ୍ପ ମୁଖ୍ୟ ରାମ ଶଙ୍କର ଶର୍ମା ଏବଂ ମାନବ ସମ୍ବଳ-ପ୍ରଶାସନ ମୁଖ୍ୟ ଚିତ୍ତରଞ୍ଜନ ବାହିନୀପତି ପ୍ରମୁଖ। କର୍ମଚାରୀ ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପ୍ରଦର୍ଶିତ ଦେଶାତ୍ମବୋଧକ ଗୀତ ଏବଂ ନାଟକୀୟ ଅଭିନୟ ଉତ୍ସବକୁ ଆହୁରି ଉଜ୍ଜ୍ୱଳ କରାଯାଇଥିଲା। ଏକ ଆକର୍ଷଣୀୟ ମୁହୂର୍ତ୍ତ ଥିଲା ମନ୍ତ୍ରମୁଗ୍ଧ ଓଡ଼ିଶାର ଗୋଟିପୁଅ ନୃତ୍ୟ ପ୍ରଦର୍ଶନ, ଯେଉଁଠାରେ ସ୍କୁଲ ଛାତ୍ରଛାତ୍ରୀମାନେ ସେମାନଙ୍କର ସୁନ୍ଦର ଗତିବିଧି ଏବଂ ସାହସିକ ଆକ୍ରୋବାଟିକ୍ସ ସହିତ ଦର୍ଶକଙ୍କୁ ମୋହିତ କରିଥିଲେ। ବିଭିନ୍ନ ସଫଳତାରେ ଅବଦାନ ପାଇଁ ସମସ୍ତ କ୍ୟାଡରର କର୍ମଚାରୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।



ବାରିପଦା(ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ-୨୦୨୫ ବାରିପଦା ସ୍ଥିତ ରିଜର୍ଭ ପୋଲିସ ପଡିଆରେ, ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଏବଂ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ପବିତ୍ର ଦିବସର କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମାନ୍ୟବର ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଉକ୍ତ ଜିଲ୍ଲାସ୍ତରୀୟ ପ୍ୟାରେଡରେ ପୋଲିସ ବ୍ୟାଣ୍ଡକୁ ମିଶାଇ ୪୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନଙ୍କୁ ଉତ୍ତରୀୟ ପରିଧାନ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ଏବଂ ପ୍ୟାରେଡ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥବା ଏନ୍‌ସିସିରେ ଏମ୍‌କେସି ହାଇସ୍କୁଲ(ବାଳିକା), ସ୍କାଉଟ- ଗାଇଡ଼ରେ ଏମ.ପି.କେ. ଗାର୍ଲସ ହାଇସ୍କୁଲ(ଗାଇଡ଼), ଜୁନିଅର ରେଡ଼କ୍ରସରେ ବଳାଙ୍ଗୀ ଗାର୍ଲସ ହାଇସ୍କୁଲ ଏବଂ ସିଭିଲିଆନରେ ସେଣ୍ଟ ମେରୀ କନଭେଣ୍ଟ ସ୍କୁଲ (ବାଳକ) ଦଳଙ୍କୁ ସିଲଡ଼ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହି ଜିଲ୍ଲାସ୍ତରୀୟ ରାଷ୍ଟ୍ରୀୟ ଉତ୍ସବର ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲାପାଳ ହେମକାନ୍ତ ସୟ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀୟ ମହାରାଜା ଶ୍ରୀ ପ୍ରବୀଣଚନ୍ଦ୍ର ଭଞ୍ଜଦେଓ, ସମ୍ମାନୀୟା ମହାରାଣୀ ରଶ୍ମି-ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ରାଜକୁମାରୀ ମୃଣାଳିକା ମଞ୍ଜରୀ ଭଞ୍ଜଦେଓ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର କାଶୀଷ ବକ୍ସି, ଆଇ.ଏ.ଏସ. (ପ୍ରବେସନର) ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମାନନ୍ଦ ବେହେରା ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।




ଏରସମା (ଭାସ୍କର ନ୍ୟୁଜ): ଏରସମା ଦେୱାନି ତଥା ବିଚାର ବିଭାଗୀୟ ଅଦାଲତରେ ବିଚାରପତି ରୋଷ୍ନୀବାଳା ସେନାପତି ପତାକା ଉତ୍ତୋଳନ କରିଥିଲେ। ଓକିଲ ସଙ୍ଘର ଭାରପ୍ରାପ୍ତ ସଭାପତି ପ୍ରଭାତ କୁମାର ବହିରା, ସମ୍ପାଦକ ମୂରଲୀଧର ମଲ୍ଲିକ, ପ୍ରତାପ ସ୍ୱାଇଁ, ନିକୁଞ୍ଜ ସ୍ୱାଇଁ ଓ ଅକ୍ଷୟ ସ୍ୱାଇଁ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ। ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଆଞ୍ଚଳିକ ଯୁବ ପରିଷଦ କାର୍ଯ୍ୟାଳୟ ଓ ମକର ଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରରେ ପତାକା ଉତ୍ତୋଳନ କରିଥିଲେ। ଆଞ୍ଚଳିକ ଯୁବ ପରିଷଦ ସଭାପତି ଜ୍ୟୋତି ରଞ୍ଜନ କୁଅଁର, ମକରଧ୍ୱଜ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ମହେଶ୍ୱର ସ୍ୱାଇଁ ଉପସ୍ଥିତ ଥିଲେ। ଏରସମା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟକ୍ରମରେ ବିଡ଼ିଓ ଦାସରଥି ଜେନା ପ୍ରମୁଖଙ୍କ ସମେତ ବ୍ଲକର କର୍ମଚାରୀ ମାନେ ଯୋଗ ଦେଇଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଥାନା କାର୍ଯ୍ୟାଳୟରେ ଆଇଆଇସି ପ୍ରେମଜିତ୍ ଦାସ, ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡା, ବିଜେଡି କାର୍ଯ୍ୟାଳୟରେ ବ୍ଲକ୍ ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଚ୍ଛାୟତ, ବିଜେପି କାର୍ଯ୍ୟାଳୟରେ ବାଲିକୁଦା ଏରସମା ବିଜେପି ନେତା ସତ୍ୟସାରଥୀ ମହାନ୍ତି, କଂଗ୍ରେସ କାର୍ଯ୍ୟାଳୟରେ ବ୍ଲକ୍ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ସାରଳା ଶିଳ୍ପ ତାଲିମ କେନ୍ଦ୍ରରେ ଅଧ୍ୟକ୍ଷ ନରେଶ କୁମାର ମଲ୍ଲିକ, ବାଲିତୁଠ ସମିତିରେ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, ଚଟୁଆ ସମିତିରେ ସମିତିର ସଭାପତି ସଞ୍ଜୟ କୁମାର ମହାନ୍ତି, ଚଟୁଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ଗୋଡା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବିଶ୍ୱ କଲ୍ୟାଣୀ ନାୟକ, ନାରଦିଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସିମାଇ ଭୋଳ, ବାଲିତୁଠ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ, ବଳେଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସୁଷମା ସ୍ୱାଇଁ, ଜପା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବିଦ୍ୟୁଲତା ରାଉତ, ଏରସମା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ନୂଆଡି ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବ୍ରଜ ପ୍ରଧାନ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ବ୍ୟାସନଗର (ଭାସ୍କର ନ୍ୟୁଜ୍): ଶୁକ୍ରବାର ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ବିଶାଳ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। କୋରେଇ ବିଧାୟକ ଆକାଶ ଦାସନାୟକ ଦିବା ୧୦.୦୦ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରେ ଏହି ରାଲିକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ମଲ୍ଲିକ, ଏନ୍‌ସିସି ଅଫିସର କ୍ୟାପଟେନ୍ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଖେଳ ଶିକ୍ଷକ ନିରଞ୍ଜନ ପୃଷ୍ଟି, ଅଧାପକ ବିବେକାନନ୍ଦ ଜେନା, ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ରମେଶ ଚନ୍ଦ୍ର ବେହେରା ଓ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ରାଲିର ନେତୃତ୍ୱ ନେଇଥିଲେ। ଏଥିରେ ୧୫୦ ଏନ୍‌ସିସି କ୍ୟାଡେଟ, ୫୦ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ୫୦ଜଣ ୟୁଥ୍ ରେଡ୍‌କ୍ରସ ସ୍ୱେଚ୍ଛାସେବି, ୨୫୦ ଜଣ ସାଧାରଣ ଛାତ୍ରଛାତ୍ରୀ, ଶତାଧିକ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଯୋଗଦାନ କରି ହାତରେ ଜାତୀୟ ପତାକା ଧରି ସହର ପରିକ୍ରମା କରିଥିଲେ। ଠିକ୍ ଦିବା ୧୦.୦୦ ଘଟିକା ସମୟରେ ମହାବିଦ୍ୟାଳୟ ପରିସରରୁ ରାଲି ବାହାରି କଲେଜ ଛକ, ଗୋରଦା, କହ୍ନେପୁର, ଭୁବିକଙ୍କ କାର୍ଯ୍ୟାଳୟ ଓ ଧବଳଗିରି ଛକ ଦେଇ ପୁଣି ମହାବିଦ୍ୟାଳୟରେ ଦିବା ୧୧.୩୦ ସମୟରେ ପହଞ୍ଚିଥିଲା। ଆଜି ଦେଶାତ୍ମବୋଧକ ସଙ୍ଗୀତ ଓ ନାରା ଦ୍ୱାରା ପୁରା ସହର ପ୍ରକମ୍ପିତ ହୋଇଥିଲା। ଛାତ୍ରଛାତ୍ରୀ ମାନେ ୫୦୦ ଫୁଟ୍ ଲମ୍ବର ଏକ ବିଶାଳ ତ୍ରିରଙ୍ଗା ପତାକାକୁ ବହନ କରି ଦେଶପ୍ରେମର ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଅଧାପକ ତନ୍ମୟ କୁମାର ପୃଷ୍ଟି, ରାଧିକା ରଞ୍ଜନ କାନୁନଗୋ, ଡ. ରଞ୍ଜନ କୁମାର ସାହୁ, ଅଜୟ କୁମାର ପଣ୍ଡା, ଡ. ଚିରସ୍ମିତା ମିଶ୍ର ଓ ଲିପ୍ସା ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ସାହାଯ୍ୟ କରିଥିଲେ।

## ଚଣ୍ଡିଖୋଲରେ କଳା ପଲସର ଆତଙ୍କ

# ବନ୍ଧୁକ ଦେଖାଇ ଟଙ୍କା ଲୁଟ୍

ବଡ଼ଚଣା,(ଭାସ୍କର ନ୍ୟୁଜ୍): ବଡ଼ଚଣା ଥାନା ଚଣ୍ଡିଖୋଲ ଫାଣ୍ଡି ଅଧିନସ୍ଥ ଚଣ୍ଡିଖୋଲ ଅଞ୍ଚଳରେ ପୁଣି କଳା ପଲସର ଆତଙ୍କ ଦେଖିବାକୁ ମିଳିଛି। ଗତକାଲି ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଔଷଧ ଦୋକାନୀଙ୍କୁ ବନ୍ଧୁକ ଦେଖାଇ ଲୁଟ୍ କରିଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲ ଛକ ନିକଟରେ ଥିବା ଲୁଲୁ ଔଷଧ ଦୋକାନ ମାଲିକ ସତ୍ୟନାରାୟଣ ମହାନ୍ତି ନିଜ ଦୋକାନ ବନ୍ଦ କରି ରାତି ପ୍ରାୟ ୧୧ଟା ସମୟରେ ଘରକୁ ଫେରୁଥିବା ବେଳେ ହଠାତ୍ ଗୋଟିଏ କଳା ପଲସର ବାଇକ୍‌ରେ ତିନିଜଣ ଯୁବକ ଚଣ୍ଡିଖୋଲ ଛକରୁ ତାଙ୍କୁ ଗୋଡ଼ାଇବାରୁ ସେ ଭୟଭୀତ ହୋଇ ନିଜ ବାଇକ ଦ୍ରୁତଗତିରେ ଚଳାଇଥିଲେ। ତେବେ କିଛି ବାଟ ଗଲାପରେ ଚଣ୍ଡିଖୋଲ ଛକ ଠାରୁ ପ୍ରାୟ ଶହେ ମିଟର ନୂଆ ସୁଙ୍ଗୁଡା ଗୋଲେଇ ଛକରେ ଥିବା ୫୩ନଂ ଜାତୀୟ ରାଜପଥରେ ଏକ ଗର୍ତ୍ତରେ ପଡ଼ିଯିବାରୁ ସମ୍ପୃକ୍ତ ଯୁବକମାନେ ପଲସର ବାଇକକୁ ତାଙ୍କ ବାଇକ ଆଗରେ ରଖିବାରୁ ସତ୍ୟନାରାୟଣ ଭୟଭୀତ ହୋଇଥିବାରୁ ତାଙ୍କୁ କାବୁ କରିନେଇଥିଲେ। ତେବେ ଦୁର୍ବୃତ୍ତମାନେ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କ ପକେଟରେ ଥିବା ସମସ୍ତ ଟଙ୍କା ଲୁଟ୍ କରିଥିଲେ। ସତ୍ୟନାରାୟଣ ଏହେ ପରିସ୍ଥିତିରେ ତାଙ୍କର ହାତ ଓ ଶରୀରରେ ଆଘାତ ଲାଗିଥିଲା। ସେ କିଛି ଲୋକଙ୍କୁ ଫୋନ କରିବା ପରେ ସେମାନେ ଆସି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରିଥିଲେ। ପରେ ସତ୍ୟନାରାୟଣ ବଡ଼ଚଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ଦିଗରେ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ସେହିପରି ବୁଧବାର ରାତିରେ ଚଣ୍ଡିଖୋଲ ଛକରେ କଟକ ଜିଲ୍ଲା କୋଳିଥଠା ଗ୍ରାମର ଜଣେ ବ୍ୟକ୍ତି ଦୋକାନ ବନ୍ଦ କରି ୧୬ ନମ୍ବର ଜାତୀୟ ରାଜପଥ ବଡ଼ଚଣା ଗଣ୍ଡି ଛକ ବାଟ ଦେଇ ରାଧାଦେଇପୁର ଆଡ଼କୁ ଯାଉଥିବା ବେଳେ ଗୋଟିଏ ପଲସର ବାଇକ୍‌ରେ ତିନିଜଣ ଦୁର୍ବୃତ୍ତ ଆସି ସେତୁ ନିକଟରେ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ସମସ୍ତ ଟଙ୍କା ଲୁଟି ନେଇଥିଲେ। ଚୋରିର ଶିକାର ହୋଇଥିବା ବ୍ୟକ୍ତି ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଏ ପର୍ଯ୍ୟନ୍ତ କଳା ପଲସର ଆତଙ୍କ ଖେଳାଉ ଥିବା ଦୁର୍ବୃତ୍ତଙ୍କ ଟେର୍ ପାଇବାରେ ବିଫଳ ହୋଇଛି। ଚଣ୍ଡିଖୋଲର ଭୌଗୋଳିକ କଳିକତାରୁ ମାଡ୍ରାଜ ୧୬ନଂ ଜାତୀୟ ରାଜପଥ ଓ ଦୁବୁରୀରୁ ପାରାଦୀପ ୫୩ ନଂ ଜାତୀୟ ରାଜପଥର ମିଳନ ସଙ୍ଗେ ଛକଟି ଜନବହୁଳ ଅଞ୍ଚଳ ଏବଂ ବ୍ୟବସାୟର ପେଣ୍ଠସ୍ଥଳୀ ହୋଇଥିବାରୁ ବାହାରୁ ଆସୁଥିବା ଲୁଟେରା ଓ ସ୍ଥାନୀୟ ଯୁବକମାନେ ସାମିଲ ଥିବା ଏବଂ ସହଜରେ ଘଟଣା ଘଟାଇ ଖସି ପଳାଉଥିବାରୁ ପୋଲିସ ବିଭାଗ ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ବ୍ୟବସାୟୀମାନେ ଏହି ଘଟଣା ପରେ ଭୟଭୀତ ହୋଇପଡିଥିବା ଜଣାପଡିଛି। ଏଥିପ୍ରତି ଜିଲ୍ଲା ପୋଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଗାଁ ଗାଁରେ ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରା

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧୀନ ପଦ୍ମପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ଗାଁ ଗାଁ ବୁଲି ଆସ ସ୍କୁଲଯିବା ଅଭିଯାନ ଆରମ୍ଭ ହୋଇଛି। ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ପରିଡ଼ାଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ନାରା ଦେଇ ଏହି ଶୋଭାଯାତ୍ରା ଗାଁ ପରିଭ୍ରମଣ କରିଥିଲେ। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି। ରାଜ୍ୟରେ ୫ ବର୍ଷରୁ ୧୮ ବର୍ଷ ପ୍ରତ୍ୟେକ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ। ରାଜ୍ୟରେ ପିଲାଙ୍କ ଡ୍ରପ ଆଉଟ, ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ରୋକିବା ପାଇଁ ଏହା ଏକ ନିଆରା ପଦକ୍ଷେପ। ଯାହାକୁ ନେଇ ଆସ ସ୍କୁଲ ଯିବା ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସାମିଲ ହୋଇ ଗୃହ ପରିଦର୍ଶନ ତଥ୍ୟ ପୁସ୍ତିକା ପ୍ରଦାନ କରିଥିଲେ।

# ଖାକିରେ ଲାଗିଲା ଦାଗ, ଗଞ୍ଜେଇ ମାଫିଆ ଲିଙ୍କ

➩ ତଦନ୍ତ ପରେ ଥାନାରୁ ଚମ୍ପଟ ମାରିଲେ ଇନ୍ସପେକ୍ଟର

➩ ରାଜେଶ ବଳିୟାର ସିଂଙ୍କୁ ନିଲମ୍ବନ କଲେ ମହାନିର୍ଦ୍ଦେଶକ



ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ଭଳି ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମାଫିଆଙ୍କ ସହିତ ଲିଙ୍କ ଥିବା ପଦାକୁ ଆସିଛି। ଯାହାକି ଖାକିରେ ଦାଗ ଲାଗିଛି। ଅଭିଯୋଗର ଫର୍ଦ୍ଦ କ୍ରମଶଃ ବୃଦ୍ଧି ପାଉଥିବା ବେଳେ ନିଜ ପଦପଦବୀର ଅପବ୍ୟବହାର ପାଇଁ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶୁକ୍ରବାର ରାଜେଶ ବଳିୟାର ସିଂଙ୍କୁ ନିଲମ୍ବନ କରିଛନ୍ତି। ସୂଚନା ମୁତାବକ, କୋରାପୁଟ ଜୟପୁର ପୋଲିସ ଏକ ଗଞ୍ଜେଇ ଚାଲାଣ ରାକେଟକୁ ଧରିବା ଲାଗି ତଦନ୍ତ ଆରମ୍ଭ କରିଥିଲେ। ସମ୍ପୃକ୍ତ ନିଶା ଚାଲାଣକାରୀ ମୋବାଇଲକୁ ପୋଲିସ 'ଏଲ ଆଇ' ପକାଇଥିଲେ। ଏହାଦ୍ୱାରା ଅଭିଯୁକ୍ତଙ୍କ ବାର୍ତ୍ତାଳାପ ତଦନ୍ତକାରୀ ଦଳ ଶୁଣି ପାରିଥିଲେ। ସେମାନଙ୍କ ସହ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ଇନ୍ସପେକ୍ଟର ସମ୍ପୃକ୍ତି କିଛି ସୁରାକ ଜାଣିବାକୁ ପାଇଥିଲେ। କିନ୍ତୁ କିଛିବର୍ଷ ପୂର୍ବରୁ ରାଜେଶ ବଳିୟାର ସିଂ କୋରାପୁଟ ଜୟପୁରରେ ସବଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ହତ୍ୟା ମାମଲା ତଦନ୍ତ ଚାଲୁଥିବା ବେଳେ ପରବର୍ତ୍ତୀ ସମୟରେ ପ୍ରମୋସନ ହୋଇଥିଲା। ପରେ ଟ୍ରାନ୍ସଫର ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଥାନାଅଧିକାରୀ ଭାବେ ଦୀର୍ଘବର୍ଷ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଘଟଣା ଜାଣିପାରିଥିବା ଭଳି ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ କିଛିଦିନ ହେବ ଛୁଟି ନେଇ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ଥାନା ଅଧୀନ ଏକ ସରକାରୀ କ୍ୱାଟରରେ ରହୁଥିଲେ। ଗଞ୍ଜେଇ ଚାଲାଣ ରାକେଟକୁ ଧରିବାକୁ ଯାଇ ଜୟପୁର ପୁଲିସ ଏତେ ବଡ଼ ସୁରାକ ପାଇବା ପରେ ବୁଧବାର ଜୟପୁର ପୋଲିସ ଦଳ ଭୁବନେଶ୍ୱରରେ ପହଞ୍ଚି ରାଜେଶଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। କିନ୍ତୁ ରାଜେଶ ବଳିୟାର ସିଂଙ୍କ ପତ୍ନୀ ଭିଜିଲାନ୍ସ ତଥା ପୋଲିସ ବିଭାଗରେ କାର୍ଯ୍ୟରତ ଥିବାରୁ ଭୁବନେଶ୍ୱର କ୍ୟାପିଟାଲ ଥାନା ଅଧୀନରେ ଥିବା ସରକାରୀ କ୍ୱାଟରରେ ଥିବାବେଳେ ରାଜେଶ ବଳିୟାର ସିଂକୁ ଉଠାଇଆଣି ନିକଟସ୍ଥ ଅଥବା କ୍ୟାପିଟାଲ ଥାନାରେ ରଖି ରାତି ତମାମ ଜେରା କରିଥିଲେ। ଆଇଆଇସିଙ୍କ ବୟାନକୁ ଆଧାର କରି ତଦନ୍ତକାରୀ ଦଳ ଗୁରୁବାର ଅନ୍ୟ ଅଭିଯୁକ୍ତଙ୍କୁ ଧରିବାରେ ଲାଗିଯାଇଥିଲେ। କିନ୍ତୁ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଏକ ବାହାନା ଦେଖାଇ ଆଇନ ରକ୍ଷକ ହୋଇ ଗଳା ବାଟଦେଇ ଥାନାରୁ ଚମ୍ପଟ ମାରିଥିଲେ। ପରେ ଜୟପୁର ଥାନା ପୋଲିସ ପତ୍ନୀଙ୍କ ସରକାରୀ କ୍ୱାଟରକୁ ଯାଇ ଖୋଜିଥିଲେ କିନ୍ତୁ ପାଇନଥିଲେ। ଫୋନ କରିବାରୁ ତାଙ୍କର ମୋବାଇଲ୍ ସୁଇଚ୍ ଅଫ୍ ରହିଥିଲା। ଯାହାଫଳରେ ରାଜେଶ ବଳିୟାର ସିଂଙ୍କୁ ବିଭିନ୍ନ ସ୍ଥାନରେ ପୋଲିସ ଖୋଜୁଥିବା ସହ ପୋଲିସ ହାତରେ କିଛି ରାଜେଶଙ୍କ ନାଁରେ ଅଭିଯୋଗ ଫର୍ଦ୍ଦ ବଢ଼ିବାରୁ ଶୁକ୍ରବାର ଦିନ ନିଜ ପଦପଦବୀର ଅପବ୍ୟବହାର ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ରାଜେଶ ବଳିୟାର ସିଂଙ୍କୁ ନିଲମ୍ବନ କରିଛନ୍ତି। ରାଜେଶ ବଳିୟାର ସିଂ ଫେରାର ରହିଛନ୍ତି। କିନ୍ତୁ ଦୀର୍ଘ ଦିନ ହେବ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ସମ୍ପୃକ୍ତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହା ସହ ରାଜେଶ ବଳିୟାର ସିଂ ଅସ୍ତରଙ୍ଗରେ ରହୁଥିବା ଏକ ଭଡାଘରକୁ ବିଭିନ୍ନ ସମୟରେ ନାଲି କାର ଅବା ବିଭିନ୍ନ କାର ଚଳପ୍ରଚଳ ହେଉଥିବା ବେଳେ ଭଡାଘର ସହ ଏ ଘଟଣାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସ୍ଥାନୀୟ ଅଞ୍ଚଳରେ ଆଉ କେଉଁ ମାନେ ଏ ଘଟଣା ସମ୍ପୃକ୍ତ ଅଛନ୍ତି କି ନାହିଁ ଉପଯୁକ୍ତ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି। କେବେ ରାଜେଶଙ୍କୁ ପୋଲିସ ଗିରଫ କରୁଛି ତାହା ହିଁ ଅପେକ୍ଷା।

# ଭାରତୀୟ ତଟ ରକ୍ଷକ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ

ପାରାଦୀପ (ଭାସ୍କର ନ୍ୟୁଜ୍) : ଦେଶର ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ, ଭାରତୀୟ ତଟ ରକ୍ଷକ ଜିଲ୍ଲାମୁଖ୍ୟାଳୟ (ଓଡ଼ିଶା) ସହିତ ପାରାଦୀପରେ ଅବସ୍ଥିତ ବିଭିନ୍ନ ତଟ ରକ୍ଷକ ଅନୁଷ୍ଠାନ ଦ୍ୱାରା ୨ ଅଗଷ୍ଟରୁ ୧୫ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ




ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି), ମତ୍ସ୍ୟଜୀବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କୁ ସମ୍ମିଳିତ କରାଯାଇଥିଲା। 'ହର ଘର ତ୍ରିରଙ୍ଗା ଅଭିଯାନ-୨୦୨୫'ର ଅଂଶ ଭାବେ, ସମୁଦ୍ରତଟ, ପ୍ରମୁଖ ସ୍ଥାନ, ନିବାସୀୟ ଭବନରେ ଜାତୀୟ ପତାକା ପ୍ରଦର୍ଶନ, କାର୍ଯ୍ୟାଳୟ ଓ ନିବାସୀୟ ଭବନର ଆଲୋକସଜ୍ଜା, ତ୍ରିରଙ୍ଗା ଯାତ୍ରା, ପଦଯାତ୍ରା, ସାଇକେଲ ରାଲି, ବାଇକ୍ ରାଲି ଏବଂ ସମୁଦ୍ରରେ ରହୁଥିବା ମତ୍ସ୍ୟଜୀବୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। ଏହି ପଦକ୍ଷେପର ଉଦ୍ଦେଶ୍ୟ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ଦେଶଭକ୍ତିର ଭାବନା ସ୍ଥାପିତ କରିବା। ପାରାଦୀପରେ ୨୫୦ ତଟ ରକ୍ଷକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଡାକ୍ତରଖାନାରେ ମରଣଯନ୍ତା ପାଲଟିଛି ଆକ୍ୱାଗାର୍ଡ

## ବିଦ୍ୟୁତ୍ ଝଟକା ରେ ସାମ୍ବାଦିକ ଆହତ

କଣାସ(ଭାସ୍କର ନ୍ୟୁଜ) : ମାଳ ମାଳ ସମସ୍ୟା ଭିତରେ ଗତି କରୁଛି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ବାରମ୍ବାର ଅଭିଯୋଗ ପରେ ମଧ ସ୍ଥିତି ସୁଧୁରିବା ନା ନେଉନି। ବିଗତ ଦିନଗୁଡ଼ିକରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଅବ୍ୟବସ୍ଥା ସାମ୍ନାକୁ ଆସିଛି ଏବଂ ଯାହାକୁ ଗଣମାଧମ ଦେଖେଇ ଥିବାରୁ ଅନେକ ସମୟରେ ଗଣମାଧମ ପ୍ରତିନିଧିଙ୍କୁ ଧମକ ସହିତ ମାଡ଼ ବି ଖାଇଥିବା ନଜରକୁ ଆସିଛି। କିନ୍ତୁ ଏବେ କିଛି ବଡ଼ ଅବ୍ୟବସ୍ଥା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି ଏବଂ ଯାହାର ପରିଣାମ ଜଣେ ସାମ୍ବାଦିକ ଭୋଗିଛନ୍ତି। ସୂଚନା ମୁତାବକ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଯାଇଥିବା ବେଳେ ଟାଣ ଖରା ଯୋଗୁଁ ପାଣି ପିଇବାକୁ ଆକ୍ୱାଗାର୍ଡ ନିକଟକୁ ଯାଇଥିଲେ। ସେଠାରେ




ଆକ୍ୱାଗାର୍ଡରୁ ପାଣି ପିଇବାକୁ ଆକ୍ୱାଗାର୍ଡ ସୁଇଚ୍‌ରେ ହାତ ଦେବା କ୍ଷଣି ପାଣି ବାହାରିବା ଦୂରେ ଥାଉ ଓଲଟା ବିଦ୍ୟୁତ୍ ଆଘାତ ଲାଗିଥିଲା। ପାଖରେ ଥିବା କିଛି ଡାକ୍ତରଖାନା କର୍ମଚାରୀ ମାନଙ୍କୁ ଏହି କଥା ଜଣାଇବା ପରେ ତୁରନ୍ତ ସେମାନେ ସେହି ଆକ୍ୱାଗାର୍ଡରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦେଇଥିଲେ। ଏଠି ପ୍ରଶ୍ନ ଉଠୁଛି ବିଶୁଦ୍ଧ ପାଣି ପିଇବାକୁ ଏହି ମେସିନ ନା ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲିବାକୁ ଏହି ମେସିନ ? ଅନେକ ଦିନରୁ ଅଭିଯୋଗ ହୋଇଆସୁଥିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶୁଦ୍ଧ ପାଣି ଟୋପେ ମିଳୁନଥିବାରୁ ରୋଗୀମାନଙ୍କ ଠାରୁ ଆରମ୍ଭ କରି ଡାକ୍ତରଖାନା କର୍ମଚାରୀଙ୍କ ପର୍ଯ୍ୟନ୍ତ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି କିନ୍ତୁ ଆଜିର ଏହି ଅଭାବନୀୟ ଘଟଣା ସ୍ୱଚ୍ଛ ଭାବେ ଜଣାଇଦେଲା ରୋଗୀମାନଙ୍କ ପାଇଁ କେତେ ସୁରକ୍ଷିତ ଡାକ୍ତରଖାନା ଓ କେତେ ତତ୍ପର ଡାକ୍ତରଖାନା ଅଧକ୍ଷ।

# କାର୍ତ୍ତିକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ




ବାଙ୍କୀ (ଭାସ୍କର ନ୍ୟୁଜ୍) : ତାପଙ୍ଗ ଷ୍ଟିଲିପୁର ଗ୍ରାମପଞ୍ଚାୟତର ଅଗ୍ରଣୀ ସେବା ଓ ସାଂସ୍କୃତିକ ଅନୁଷ୍ଠାନ କାର୍ତ୍ତିକ ମହୋତ୍ସବର ପ୍ରସ୍ତୁତି ବୈଠକ ଅଗଷ୍ଟ ପନ୍ଦର ତାରିଖରେ ଅନୁଷ୍ଠିତ ହୋଇଯାଇଛି। ବାବା ସିଦ୍ଧେଶ୍ୱରଙ୍କ ପ୍ରଚାର ପ୍ରସାର ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଇଛି। ଚଳିତ ବର୍ଷ କାର୍ତ୍ତିକ ମହୋତ୍ସବ ଚଉଦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ଏହି ଅନୁଷ୍ଠାନ ସଦାସର୍ବଦା ଜନସାଧାରଣଙ୍କୁ ସେବା ଯୋଗାଇ ଥାଏ। ବନ୍ୟା, ବାତ୍ୟା ଭଳି ସମୟରେ ଅନୁଷ୍ଠାନ ତରଫରୁ ଶୁଖିଲା ଖାଦ୍ୟ ଓ କମ୍ବଳ ଆଦି ବଣ୍ଟନ କରାଯାଏ। ପ୍ରତିବର୍ଷ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ କ୍ରୀଡା ପ୍ରତିଯୋଗିତା କାର୍ଯ୍ୟକ୍ରମ କରାଯାଏ। ରକ୍ତଦାନ ଶିବିର, ଫ୍ଲଡ ଲାଇଟ କ୍ରିକେଟ ମ୍ୟାଚ ଓ ବୋଲବମ ସେବାଶ୍ରମ ଶିବିର ଇତ୍ୟାଦି କାର୍ଯ୍ୟକ୍ରମ କରାଯାଏ। ଏହି ସମସ୍ତ କାର୍ଯ୍ୟ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଅଜୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ କରାଯାଏ। ଚଳିତ ବର୍ଷ ସଭାପତି ଭାବେ ସୁଶାନ୍ତ କୁମାର ନାୟକ, ସମ୍ପାଦକ ଗୟାଧର ନାୟକ, ଉପସଭାପତି ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ରାଜେଶ କୁମାର ସାମଲ, ସଂଯୋଜକ ରାଇଚରଣ ବେହେରା, ସହସଂଯୋଜକ ସତ୍ୟପ୍ରିୟ ନାୟକ, କୋଷାଧକ୍ଷ ସୁଜ୍ଞାନ ରଞ୍ଜନ ନାୟକ ସାଂସ୍କୃତିକ ସମ୍ପାଦକ ଅକ୍ଷୟ ନାୟକ, କ୍ରୀଡା ସମ୍ପାଦକ ମନୋଜ ବେହେରା ଓ ସୂର୍ଯ୍ୟକାନ୍ତ ନାୟକଙ୍କୁ ଚୟନ କରାଯାଇଛି।

# ମଦ ପାଇଁ ସ୍ତ୍ରୀକୁ ହତ୍ୟା ସ୍ୱାମୀ ଗିରଫ

କାଳିମେଳା (ଭାସ୍କର ନ୍ୟୁଜ୍) : ଏମଭି-୭୯ ଥାନା ଅନ୍ତର୍ଗତ ଗିନିପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ଅପରାହ୍ନରେ ଭୀମା କୁଞ୍ଜି ନାମକ ବ୍ୟକ୍ତି ନିଜ ସ୍ତ୍ରୀ ଭାରତୀ କୁଞ୍ଜି(୩୮)ଙ୍କୁ କୋଦାଳ ବେଣ୍ଟରେ ପିଟି ପିଟି ଜୀବନରେ ମାରିଦେବା ସୂଚନା ମିଳିଛି। ଏ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଶବ ଜବତ କରି ବ୍ୟବଚ୍ଛେଦ କରାଇଥିଲେ। ମୃତ ମହିଳାଙ୍କ ଦୁଇ ପୁଅ ଓ ଜଣେ ଝିଅ ରହିଛନ୍ତି। ଭୀମା କୁଞ୍ଜି ବିଭିନ୍ନ ସମୟରେ ମାତାଲ ହୋଇ ରହୁଥିବା ବେଳେ ଘର ସଂସାର କଥା ଠିକ୍‌ରେ ବୁଝୁନଥିଲେ । ଏପରିକି ନିଜ ଜମିରେ ଫସଲ ମଧ କରୁନଥିଲେ। ଏ ପରିସ୍ଥିତିରେ ମୃତ ମହିଳା ଜଣଙ୍କ ଟୋଳା, ମହୁଲ, କେନ୍ଦୁପତ୍ର ଆଦି ସଂଗ୍ରହ କରି ଘର ଚଳାଉଥିଲେ। ଏବଂ ନିଜେ ମହୁଲ ମଦ ପ୍ରସ୍ତୁତ କରି, ସେ ମଦ ବଦଳରେ ଧାନ ଚାଷ କରୁଥିଲେ। ଚଳିତ ଧାନ ଚାଷ ପାଇଁ ମଦ ପ୍ରସ୍ତୁତ କରି ଘରେ ଲୁଚାଇ ରଖିଥିଲେ। ମୃତ ମହିଳା ଗତ ଶୁକ୍ରବାରରେ ଜମିକୁ ଯାଉଥିଲେ। ସେହି ସମୟରେ ମଦ୍ୟପ ସ୍ୱାମୀ ମଦ ମାଗିଥିଲେ, ସେ ମନା କରିବାରୁ ତାଙ୍କୁ ଘରକୁ ଆଣି କୋଦାଳ ବେଣ୍ଟରେ ପିଟିବା ଆରମ୍ଭ କରିଥିଲେ। ଏଥିରେ ସନ୍ତୁଷ୍ଟ ନହୋଇ ସ୍ତ୍ରୀର ଗୁପ୍ତାଙ୍ଗରେ ଧାରୁଆ କାଠ ପୁରାଇ ଦେଇଥିଲେ। ମାରପିଟ୍ ସମୟରେ ଗାଁ ଲୋକେ ମନା କରିବାରୁ କାତି ଧରି ଗାଁ ଲୋକଙ୍କୁ ଡରାଇ ଥିଲେ। ସ୍ତ୍ରୀଙ୍କୁ ହତ୍ୟା କରିସାରି ଫେରାର ହେଉଥିବା ସମୟରେ ଗାଁ ଲୋକେ ଅଭିଯୁକ୍ତକୁ ଧରି ପୋଲିସକୁ ହସ୍ତାନ୍ତର କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଇଫ୍‌କୋ ପକ୍ଷରୁ ସ୍ୱାଧୀନତା ଦିବସ ଉତ୍ସାହ ଉଦ୍ଦୀପନା ସହ ପାଳିତ

ପାରାଦୀପ (ଭାସ୍କର ନ୍ୟୁଜ୍) : ଭାରତୀୟ କୃଷକ ସାର ସମବାୟ (ଇଫ୍‌କୋ) କମ୍ପାନୀ ପରିସରରେ ଆୟୋଜିତ ୭୯ତମ ସ୍ୱାଧୀନତା ଦିବସ ଉତ୍ସାହ ଓ ଉଦ୍ଦୀପନା ସହ ଅଗଷ୍ଟ ୧୫ ତାରିଖ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିଟ୍ ମୁଖ୍ୟ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ ସମସ୍ତ କର୍ମଚାରୀ ଓ ଶ୍ରମିକ ମାନଙ୍କ ସହଯୋଗ ଅତ୍ୟନ୍ତ ସ୍ମରଣୀୟ ବୋଲି ଉଲ୍ଲେଖ କରିଥିଲେ। ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ପରେ ଇଫକୋ ପାଇଁ ଅନେକ ଗୁଡ଼ିଏ ସଫଳତା ଆଣି ଦେଇଛନ୍ତି। ଏଥିସହ ଚଳିତବର୍ଷ ଆୟୋଜିତ ହୋଇଥିବା ଆଇୟୁସିଏଫ କାର୍ଯ୍ୟକ୍ରମରେ ପାରାଦୀପ ୟୁନିଟ୍ ଶ୍ରେଷ୍ଠ ପୁରସ୍କାର ହାସଲ କରିଥିଲା । ତା'ସହିତ ଇଫ୍‌କୋ ପାରାଦୀପ ୟୁନିଟ୍ ରାଜ୍ୟର କ୍ଷୁଦ୍ର ତଥା ଲଘୁ ଉଦ୍ୟୋଗ ମାନଙ୍କୁ ସହଯୋଗର ହାତ ବଢ଼ାଇଥିବାରୁ ସେଥିପାଇଁ ରାଜ୍ୟ ଶିଳ୍ପ ବିଭାଗ ପକ୍ଷରୁ ଇଫକୋ ପାରାଦୀପ ୟୁନିଟ୍‌କୁ ଶ୍ରେଷ୍ଠ ପ୍ଲାଣ୍ଟ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ବିଗତ ଦିନରେ ପାରାଦୀପ ୟୁନିଟର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିବା କେ.ଜେ.ପଟେଲ୍ ବର୍ତ୍ତମାନ ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ଗ୍ରହଣ କରିଥିବାରୁ ସେ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଆନ୍ତରିକତାର ସହ ସାଧୁବାଦ ଜଣାଇଥିଲେ। ଏଥିପାଇଁ ଶ୍ରୀ ମହାପାତ୍ର ଏହାର ଶ୍ରେୟ କମ୍ପାନୀ ର ଅଧିକାରୀ, କର୍ମଚାରୀ ଓ ଶ୍ରମିକ ମାନଙ୍କୁ ସଦା ସର୍ବଦା ପ୍ରଦାନ କରିଛନ୍ତି। ତେବେ ଏଥିରେ



ଆଗାମୀ ଦିନରେ ଇଫ୍‌କୋ ନାନୋ ତରଳ ସାର ଉତ୍ପାଦନ କରି ବିଶ୍ୱରେ ଏକ ବିରଳ ଇତିହାସ ରଚିବାକୁ ଯାଉଛି। ଏଥିପାଇଁ ଶ୍ରୀ ମହାପାତ୍ର ସମସ୍ତଙ୍କର ସାହାଯ୍ୟ ସହଯୋଗ କାମନା କରିଛନ୍ତି। ତେବେ ଇଫ୍‌କୋରେ ଏହି ୭୯ତମ ସ୍ୱାଧୀନତା ଦିବସ ପାଳନ କରାଯିବା ଅବସରରେ, ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ୟୁନିଅନ୍ ଏବଂ ଆସୋସିଏସନ୍‌ର ସଦସ୍ୟ ଏବଂ ଇଫ୍‌କୋ ଟାଉନସିପ୍‌ର ବାସିନ୍ଦାମାନେ ପିଲାମାନଙ୍କ ଗହଣରେ ପାଳନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ପି.କେ.ମହାପାତ୍ରଙ୍କୁ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀ ମାନେ ଭବ୍ୟ ସ୍ୱାଗତ ଜଣାଇ ଥିଲେ । ଏହାପରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସାମୂହିକ ଭାବେ ଜାତୀୟ ସଙ୍ଗୀତ ଜନ ଗଣ ମନ ଅଧିନାୟକ ଗାନ କରିଥିଲେ। ପରେ ଆୟୋଜିତ ଚିତ୍ତାକର୍ଷକ ପ୍ୟାରେଡ୍ ସୋକୁ ଦେଖିବା ପାଇଁ ଶତାଧିକ ଲୋକେ ଏକତ୍ରିତ ହୋଇ ଭରପୁର ଉପଭୋଗ କରିଥିଲେ। ଇଫ୍‌କୋ କମ୍ପାନୀର ସୁରକ୍ଷା କର୍ମଚାରୀ, ଏସ୍‌ଆଇଏସ୍ ସୁରକ୍ଷା କର୍ମୀ, ଇଫ୍‌କୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ପ୍ୟାରେଡ୍‌ରେ ଅଂଶଗ୍ରହଣ କରି ମୁଖ୍ୟ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ। ଏହାପରେ ଆୟୋଜିତ ଭବ୍ୟ ସମାବେଶକୁ ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ତାଙ୍କ ଭାଷଣରେ, ଶ୍ରୀ ପି.କେ.ମହାପାତ୍ର 'ସ୍ୱାଧୀନତା ଦିବସ ପାଳନର ଗୁରୁତ୍ୱ ଏବଂ ଏଥିରେ ଭାରତର ନାଗରିକଙ୍କ କର୍ତ୍ତବ୍ୟ' ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ସ୍ୱାଧୀନ ଭାରତର ମୂଲ୍ୟବୋଧକୁ ସୁରକ୍ଷା ଓ ନିରାପତ୍ତା ଦେବାରେ ଭାରତୀୟ ନାଗରିକ ମାନଙ୍କର କର୍ତ୍ତବ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଆହୁରି ବିସ୍ତାର ଭାବେ ବର୍ଣ୍ଣନା କରିଥିଲେ ଏବଂ ପ୍ରତ୍ୟେକ କର୍ମଚାରୀଙ୍କୁ ଦେଶ ପ୍ରତି ସମର୍ପିତ ଭାବରେ କାର୍ଯ୍ୟ କରିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀ ଏବଂ ଜ୍ୟୋତି ଲେଡିଜ୍ କ୍ଲବ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପ୍ରତିଶ୍ରୁତି ପ୍ରତିଷ୍ଠାନର ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ


ବାରିପଦା (ଭାସ୍କର ନ୍ୟୁଜ୍): ସ୍ୱାଧୀନତାର ୭୯ତମ ବର୍ଷ ପାଳନ ଅବସରରେ ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ପ୍ରତିଶ୍ରୁତି ପକ୍ଷରୁ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍‌ଭାବନା ସଭାଗୃହ) ଠାରେ ମୟୂରଭଞ୍ଜ ଏକ ସାରସ୍ୱତ ସମାରୋହ ଓ ବହୁଭାଷୀ କବି ସମ୍ମିଳନୀ ତଥା ଆଲୋଚନା ଚକ୍ର ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତା, ଡ. ଦୟାସିନ୍ଧୁ ପରିଡାଙ୍କ ରଚିତ ଜଗନ୍ନାଥ ତତ୍ତ୍ୱ ସମ୍ୱଳିତ ପ୍ରାରମ୍ଭିକ ସଂଗୀତ ଗାନ କରିବା ସହ ଭକ୍ତକବି ମଧୁସୂଦନଙ୍କ ରଚିତରେ ଆମ୍ଭ ନିଦ୍ରା ପରିହରି ଅତିସୁଲଳିତ କଣ୍ଠରେ ଗାନକରି ଶ୍ରୋତାମାନଙ୍କୁ ବିଭୋର କରିଦେଇଥିଲେ। ପରେ ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତା ହେଉଛି କବି ଜୀବନର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି। ସାହିତ୍ୟ ବିଷାଦ ପ୍ରାଣରେ ଆନନ୍ଦ ଭରିଦିଏ, ବିରହ ପ୍ରାଣରେ ଭରିଦିଏ ଆଶ୍ୱାସନା ଏବଂ ସମାଜର ବହୁ ବ୍ୟକ୍ତିଙ୍କୁ ଏକାଠି କରିବା ପାଇଁ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଉପ-ଜିଲ୍ଲାପାଳ




ଡ.ଦୟାସିନ୍ଧୁ ପରିଡା କବିତା ମାଧ୍ୟମରେ ତାଙ୍କର ଅଭିଭାଷଣ ପ୍ରଦାନ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଏହି ଅବସରରେ ସଂଗୀତ ନିର୍ଦ୍ଦେଶିକା ସୁଶ୍ରୀ ଭାରତୀ ବେବର୍ତ୍ତାଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛଦେଇ ଭଞ୍ଜଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ କବୟିତ୍ରୀ ସୁଧାମୟୀ ଦାସ ଓ ସୁଶ୍ରୀ ଭାରତୀ ବେବର୍ତ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସର୍ବଶ୍ରୀ ବନମାଳୀ ପାତ୍ର, ଅଧାପକ ଦୋଳଗୋବିନ୍ଦ ମହାନ୍ତ, ହିମାଂଶୁ ଶେଖର ଦାସ, ପ୍ରତିମା ବାରିକ, ଶରତ ଚନ୍ଦ୍ର ନାୟକ, ପଦ୍ମନାଭ ସାହୁ, ଦୀପକ କୁମାର ନାୟକ, ବାସୁଦେବ ନାପିତ୍, ଡ.ମନ୍ଦାକିନୀ ସାହୁ, ଯତୀନ୍ଦ୍ରନାଥ ସାହୁ, ପ୍ରିୟନାଥ ପାଣି, ଅଧାପକ ରାଜେନ୍ଦ୍ର ସାମଲ, ପ୍ରଦୀପ ମହାନ୍ତି, ବିଶ୍ୱମିତ୍ରା ଦାସ, କାବେରୀ ମିଶ୍ର, ଆଶିଷ ବସା, ଦେବଜାନୀ ବେହେରା, ମୀନତି ସିଂହ, ଭଗବତୀ ଦାଶ, ଲଳିତ କୁମାର ସିଂବାବୁ, ମିନତୀ ଦାଶ, ମୀନକେତନ ମହାନ୍ତି, ସତୀଶ ଚନ୍ଦ୍ର ବେହେରା, ମମତାମୟୀ ଭୋଇ, ବାସନ୍ତୀଲତା ମହାପାତ୍ର, ରାଜଲକ୍ଷ୍ମୀ ଦାସ, ବୀଣାପାଣି ପଣ୍ଡା, ପ୍ରଦୀପ କୁମାର ନାୟକ, ଗୋପାଳ ଚନ୍ଦ୍ର ସାଓ, ଅଜମ୍ବର ପୃଷ୍ଟି, ନରିସଂହ ବାରିକ ପ୍ରମୁଖ ୭୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ସଭାପତି ଡା. ଜେନା ପଠିତ ସମସ୍ତ କବିତା ଗୁଡିକ ସମିକ୍ଷା କରି ଆଧାତ୍ମିକ ଚେତନା ସମ୍ୱଳିତ ଲେଖା ବାସ୍ତବିକ୍ ମଣିଷକୁ ମୁକ୍ତିର ମାର୍ଗ ପ୍ରଦାନ କରିପାରିବ ବୋଲି କହିଥିଲେ । ପରିଶେଷରେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ


**ରବିବାର, ୧୭ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ। ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ। ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ।



**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ ଅଛି। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ।




**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।




**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।




**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ। ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ ହୋଇପାରେ। ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।



**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ ଅଛି।



**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ।




**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।




**ଧନୁ:** ଆଜି ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଚ୍ଛ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।



**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରି କରିଛନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଜ୍ୟୋତିଷ ମନ୍ତ୍ର

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



# ଆମ କଳାହାଣ୍ଡି



# ଦୁର୍ଦ୍ଦିନରେ ଜୀବନ ନିର୍ବାହ କରୁଛନ୍ତି କିଞ୍ଜିକନା ଗ୍ରାମବାସୀ

## ଜଙ୍ଗଲ ଭିତରେ ନିଜର ପରିଚୟ ଖୋଜୁଛନ୍ତି ନିରୀହ ଆଦିବାସୀ



ଜୁନାଗଡ଼(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକରେ ଆଜି ବି ଏପରି ଗାଁ ଅଛି ଯେଉଁଠି ବିକାଶର ସୂର୍ଯ୍ୟ ଉଦୟ ହୋଇପାରିନାହିଁ । ହେଲେ ଜୁନାଗଡ଼ ବ୍ଲକର ଦୁର୍ଗମ ମାଓ ଅଧୁଷିତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ଆଗରୁ ଯେମିତି ଥିଲେ ବର୍ତ୍ତମାନ ବି ସେମିତି ଅଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟୱାର୍କ ପାଇଁ ଏବେବି ସଂଘର୍ଷ କରୁଛନ୍ତି । ପୂର୍ବ ପୁରୁଷରୁ ଏହି ଆଦିବାସୀମାନେ ବଣଜଙ୍ଗଲକୁ ନିଜର କରି ରହିଥିବା ବେଳେ ଏମାନଙ୍କ ପାଇଁ ସରକାରୀ ଯୋଜନା ଅଭିଶାପ ପାଲଟିଛି । ସଚେତନତାର ଅଭାବ ଯୋଗୁଁ ଆଦିବାସୀଙ୍କୁ ଆଜି ପର୍ଯ୍ୟନ୍ତ ସ୍ପର୍ଶ କରି ନାହିଁ ଆଧୁନିକତା । ଜଙ୍ଗଲ ଭିତରେ ରହି ଏବେବି ନିଜର ପରିଚୟ ଖୋଜୁଛନ୍ତି । ସରକାରୀ ଭାବୁଙ୍କ ଟେବୁଲ ତଳେ ଯୋଜନା ସବୁ ଚାପି ହୋଇ ରହିଯାଉଛି । ଏପରି ଏକ ଚିତ୍ର ଦେଖିବାକୁ ମିଳିଛି ଜୁନାଗଡ଼ ବ୍ଲକ ଦାସିଗାଁ ପଞ୍ଚାୟତର ଚୋରଖସିଗୁଡା ଗ୍ରାମର ଏକ ସାହି ହେଇଛି କିଞ୍ଜିକନା । ଏଥିରେ ଗୋଟିଏ ଦଳିତ ପରିବାର ଓ ୫ ଟି ଆଦିବାସୀ ପରିବାର ବସବାସ କରନ୍ତି । ଏଠାରେ ବସବାସ କରୁଥିବା ଲୋକେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି। ଜଙ୍ଗଲୀଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି କିଞ୍ଜିକନା ସାହିକୁ ଯିବାକୁ ହେଲେ ଜଙ୍ଗଲ ଭିତରକୁ ୨ କିଲୋମିଟର ଚାଲିଯିବାକୁ ପଡେ । ଜଙ୍ଗଲ ଭିତରେ କେବଳ ପାଦଚଲା ରାସ୍ତାରେ ହିଁ ଯିବା ଆସିବା କରିଥାନ୍ତି। ଯେହେତୁ ଯିବା ଆସିବା ପାଇଁ ଅସୁବିଧା ତେଣୁ ପିଲାମାନେ ଅଙ୍ଗନୱାଡି କିମ୍ବା ସ୍କୁଲ ଯାଆନ୍ତି ନାହିଁ। ଗାଁ ରେ ଟ୍ରାନ୍ସଫର୍ମର ଲାଗିଛି,ଘରକୁ ଘର ବିଜୁଳି ମଧ ସଂଯୋଗ କରାଯାଇଛି । ହେଲେ ଲୋ ଭୋଲଟେଜ। ଯାହାକି ଡିବିରି ଆଲୁଅ ଠାରୁ ମଧ କମ ଅଟେ । କିନ୍ତୁ ବିଜୁଳି ବିଭାଗର ଟଙ୍କା ଅସୁଲି କରିବାରେ ଆଗଭର ହୁଅନ୍ତି । କିଞ୍ଜିକନାରେ ବସବାସ କରୁଥିବା ଜଣେ ଲୋକଙ୍କୁ ମଧ ଆବାସ ଯୋଜନାରେ ସାମିଲ କରାଯାଇ ନାହିଁ। ଫଳରେ ଛୋଟ ଛୋଟ ମାଟି କୁଡିଆରେ ଏବେବି ବସବାସ କରୁଛନ୍ତି । ଏହି ଗ୍ରାମରେ ଜଣେ ଦଳିତ ବୃଦ୍ଧ ବଳଦେବ ନାଏକ ଅଛନ୍ତି । ତାଙ୍କ ଛୁଆ ପିଲା କେହି ନଥିବା ବେଳେ ତାଙ୍କ ସ୍ତ୍ରୀଙ୍କ ମଧ ଆଗରୁ ଦେହାନ୍ତ ହୋଇଛି । ତାଙ୍କୁ ୭୦ ବର୍ଷ ହେଉଥିବା ବେଳେ ଆଜି ପର୍ଯ୍ୟନ୍ତ ମଧ ଭତ୍ତାଟିଏ ମିଳି ପାରି ନାହିଁ । ଆବାସ ଯୋଜନାରେ ଘର ଟିଏ ମଧ ନାହିଁ । ଭତ୍ତା, ଆବାସ ତ ଦୂରର କଥା ରାସନକାର୍ଡ ଟିଏ ମଧ ନାହିଁ । ସେହିଭଳି ଗାଁ ରେ ଥିବା ୫ଟି ଆଦିବାସୀ ପରିବାର ମଧ୍ୟରୁ ୩ ଟି ପରିବାର ପାଖରେ ରାସନ କାର୍ଡ ନାହିଁ । ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ ପ୍ରଶାସନ କିମ୍ବା ରାଜନେତାଙ୍କୁ ଦେଖି ନାହାନ୍ତି। କେବଳ ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ଜନ ପ୍ରତିନିଧିମାନେ ଗାଁ କୁ ଯାଆନ୍ତି ଏବଂ ଭୋଟ ହାତେଇଲା ପରେ ଆଉ ପାଦ ପଡେ ନାହିଁ । କେବେ କିଞ୍ଜିକନା ବାସୀଙ୍କୁ ସରକାରଙ୍କ ମୌଳିକ ଅଧିକାର ମିଳିବ ନା ଜଙ୍ଗଲ ଭିତରେ ରହି ନିଜର ପରିଚୟ ଖୋଜୁଥିବେ ଏହି ଗ୍ରାମବାସୀ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ



ଭବାନୀପାଟଣା:(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଲ୍ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇ ଯାଇଅଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେବାକୁ ଯାଇନିଜ ବକ୍ତବ୍ୟରେ ମନ୍ତ୍ରୀ ଶ୍ରୀ ଗଣ୍ଡ କଳାହାଣ୍ଡିର ମାଟିକୁ ମାଆ ମାଣିକେଶ୍ୱରୀଙ୍କ ମାଟି ବୋଲି ସମ୍ବୋଧିତ କରିବା ସହ ଆଜି ତାଙ୍କରି ଆଶୀର୍ବାଦରେ ତାଙ୍କୁ ଏଠାରେ ଜାତୀୟ ପତାକା ଉତ୍ତୋଳନ କରିବାର ସୁଯୋଗ ମିଳିଥିବାରୁ ନିଜେ ଧନ୍ୟ ହୋଇଛନ୍ତି ବୋଲି ପ୍ରକାଶ କରିଥିଲେ।ଦେଶକୁ ସ୍ୱାଧୀନ କରିବା ପାଇଁ ଦେଶର ବହୁ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନର କଥା କହିବା ସହ ମନ୍ତ୍ରୀ ଶ୍ରୀ ଗଣ୍ଡ କଳାହାଣ୍ଡିର ଶହୀଦ ରେଣ୍ଡୋ ମାଝୀଙ୍କ ନାମ ଉଲ୍ଲେଖ କରି ସେମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଯୁବପିଢ଼ିଙ୍କୁ ଦେଶପ୍ରେମୀ ହୋଇ ସେମାନଙ୍କ ପଥ ଅନୁସରଣ କରିବାପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ଗଣ୍ଡ ପ୍ୟାରେଡ଼, ଶିକ୍ଷା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଛାତ୍ରଛାତ୍ରୀ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ।ପତାକା ଉତ୍ତୋଳନ ମଞ୍ଚରେ ମନ୍ତ୍ରୀଙ୍କ ସହ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା ଦେବୀ, ଜିଲ୍ଲାପାଳ,ଏସ୍ ପି,କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡର ଡିଏଫ୍ଓ ଦ୍ୱୟ ଏବଂ ଅନିମେଷ ଉପସ୍ଥିତ ଥିଲେ। ପରେ ପରେ ମନ୍ତ୍ରୀ ସ୍ଥାନୀୟ କର୍ମଚାରୀ ଭବନରେ ଆୟୋଜିତ ରକ୍ତଦାନ ଶିବିରର ଉଦଘାଟନ କରିବା ସହ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ବିଭିନ୍ନ ୱାର୍ଡର ରୋଗୀମାନ, ଜିଲ୍ଲା କାରାଗାର ଅନ୍ତେଃବାସୀ, ରେଡକ୍ରସ୍ ଦିବ୍ୟାଙ୍ଗ ଅନୁଷ୍ଠାନ, ନେହେରୁ ସେବାସଂଘ ଓ ପର୍ଯ୍ୟବେକ୍ଷଣ ଗୃହ ଅନ୍ତେଃବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ କରିଥିଲେ। । ଏହି ଅବସରରେ ଅପରାହ୍ନରେ ସ୍ଥାନୀୟ ଲାଲ ବାହାଦୂର ଷ୍ଟାଡିୟମ ଠାରେ ଭଲିବଲ୍ ଖେଳ ଅନୁଷ୍ଠିତ ହୋଇଥିଲା ସଂଧ୍ୟାରେ ସ୍ଥାନୀୟ ଟାଉନହଲ୍ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଦେଶାତ୍ମବୋଧକ ନୃତ୍ୟ ସଂଗୀତର ଏକ ରଙ୍ଗାରଙ୍ଗ ତ୍ରିରଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ତଥା ବହୁ ସାଂସ୍କୃତିକ ଅନୁଷ୍ଠାନର ଶିଳ୍ପୀମାନେ ଏଥିରେ ଅଂଶଗ୍ରହଣ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ।ଏହି ପବିତ୍ର ଦିବସ ଉପଲକ୍ଷେ ୧୪ ତାରିଖ ମଧ୍ୟରାତ୍ରରେ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ ନେହେରୁ ଯୁବକେନ୍ଦ୍ର ଦ୍ୱାରା ସହରରେ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ୧୫ ତାରିଖ ପ୍ରାତଃ ଘ.୪.୩୦ ମିନିଟ ସମୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ୍ ପରିବେଷଣ କରାଯାଇଥିଲାବେଳେ ସ୍ଥାନୀୟ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ସ୍ୱାଧୀନତା ଦିବସ ପାଳିତ

ଭବାନୀପାଟଣା/କର୍ଲାମୁଣ୍ଡା (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକରେ ୭୯ତମ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ପରେଡ୍ ପଡ଼ିଆଠାରେ ଆୟୋଜିତ ବ୍ଲକସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଡିଓ ଦେବେନ୍ଦ୍ର ସାମଲ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ତହସିଲଦାର ଅରୁଣ ବର୍ଗେ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ସିଡିପିଓ କଳ୍ପଲତା ତ୍ରିପାଠୀ, ଜିପିଡିଓ ସ୍ୱାଗତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ବ୍ଲକ ସଦର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ପରେଡ୍ କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଖେଳଶିକ୍ଷକ ବେଣୁଧର ନାଗ ପରିଚାଳନା କରିଥିଲେ। ସଭା କାର୍ଯ୍ୟ ତଥା ପୁରସ୍କାର ବିତରଣ ସଭାରେ ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ପବିତ୍ର ମୋହନ ପାଶା, ଭାରପ୍ରାପ୍ତ ବିଏସ୍ଏସ ଓ ପ୍ରଦୀପ କୁମାର ମାଝୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ଚନ୍ଦ୍ରଶେଖର ଥନାପତି ପ୍ରମୁଖ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ତେବେ ତହସିଲ ଅଫିସରେ ତହସିଲଦାର ଅରୁଣ ବର୍ଗେ, ବ୍ଲକ ସଦରସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲରେ ଅବସରପ୍ରାପ୍ତ ଶିକ୍ଷକ ମାର୍କଣ୍ଡ ପାଢ଼ୀ, ନୋଡାଲ ପ୍ରାଥମିକ ବିଦ୍ୟାଳୟଠାରେ ସମାଜସେବୀ ଦୀନବନ୍ଧୁ ସାହୁ, କୃଷି କାର୍ଯ୍ୟାଳୟରେ ଭିଏଡବ୍ଲ୍ୟୁ ସନ୍ତୋସିନୀ ବରାହ ଥାରେ ସବ୍ଇନ୍ସପେକ୍ଟର ଥବୀର ବଡ଼ିହା, କର୍ଲାମୁଣ୍ଡା ସଚେତନ ନାଗରିକ କମିଟି ପକ୍ଷରୁ ଦଶରଥ ସାହୁ, ଆଇସିଡିଏସ୍ କାର୍ଯ୍ୟାଳୟରେ ସିଡିପିଓ କଳ୍ପଲତା ତ୍ରିପାଠୀ ପତାକା ଉତ୍ତୋଳନ କରିଥିଲେ।

# ଛୁରାମାଡ଼ରେ ଛାତ୍ର ଆହତ



ଭବାନୀପାଟଣା(ଭାସ୍କର ନ୍ୟୁଜ୍): ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଶୁକ୍ରବାର ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ୟାରେଡ଼ ସମୟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ୨ ଘରୋଇ ସ୍କୁଲର ଛାତ୍ରଙ୍କ ମଧରେ ପୂର୍ବରୁ ତିକ୍ତତା ରହିଥିବାରୁ ଜଣେଛାତ୍ର ଅନ୍ୟ ଜଣେ ଛାତ୍ରଙ୍କୁ ଛୁରା ମାଡ଼ କରିଥିବା ଜଣାପଡିଛି। ଛୁରାମାଡ ପରେ ଗୁରୁତର ଅବସ୍ଥାରେ ଛାତ୍ରଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ଛୁରମାଡ଼ କରିଥିବା ଛାତ୍ରଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡିଛି। ଛୁରା ମାଡ଼ରେ ଆହତ ହୋଇଥିବା ଛାତ୍ର ଜଣକ ସହରର ଅରକା ବାହାଲୀ ପଡାର ହୋଇଥିବାବେଳେ ଏହି ଘଟଣାକୁ ନେଇ ଟାଉନ ଥାନା ସମ୍ମୁଖରେ ଚାପା ଉତ୍ତେଜନା ଦେଖାଦେଇଛି। ଯାହାଫଳରେ ପୋଲିସ ପ୍ଲାଟୁନ ଫୋର୍ସ ଥାନା ସମୁଖରେ ଉପସ୍ଥିତ ରହିଛନ୍ତି।

# ଲାଞ୍ଜିଗଡ଼ ବ୍ଲକରେ ସଡ଼କ ଯୋଗାଯୋଗ ବିପର୍ଯ୍ୟସ୍ତ

## ରାଜରାସ୍ତାକୁ ଓହ୍ଲାଇବ ପ୍ରେସ୍ କ୍ଲବ୍



ଲାଞ୍ଜିଗଡ(ଭାସ୍କର ନ୍ୟୁଜ୍): ଆକାଂକ୍ଷୀ ଜିଲ୍ଲା ଭାବେ ଘୋଷିତ କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଅନୁସୂଚିତ ଅଞ୍ଚଳର ମାନ୍ୟତା ପାଇଥିବାବେଳେ ବିଭିନ୍ନ ମୌଳିକ ସେବା, ସୁବିଧା ଓ ସରକାରୀ ଯୋଜନା କ୍ଷେତ୍ରରେ ଅତ୍ୟନ୍ତ ସମ୍ବେଦନଶୀଳ ଅଟେ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଲା, ସ୍ୱାଧୀନତାର ଦୀର୍ଘ ୭୯ ବର୍ଷ ପରେ ମଧ ବ୍ଲକର ୨୬ ଗୋଟି ପଞ୍ଚାୟତ ଅଞ୍ଚଳରେ ସଡ଼କ ଯୋଗାଯୋଗ ଭଳି ଅଞ୍ଚଳରେ ବର୍ଷ ବର୍ଷ ଧରି ରାସ୍ତା ଓ ପୋଲ ଅଧପନ୍ତରିଆ ହୋଇ ପଡ଼ିରହିଛି। ଟେଣ୍ଡର ହାସଲ କରିଥିବା ଠିକାଦାର ନିଜେ ରାସ୍ତା ନିର୍ମାଣ ନକରି ପେଟି କଣ୍ଟ୍ରାକ୍ଟରଙ୍କ ହାତରେ କାମ ଟେକି ଦେଉଥିବାବେଳେ ମୁନସୀ, ସୁପରଭାଇଜର ଭରସାରେ ବ୍ଲକ ଅଞ୍ଚଳର ରାସ୍ତା ନିର୍ମାଣ ହେଉଛି। ଏପରିକି ରାସ୍ତା ନିର୍ମାଣର ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀମାନେ ନିଜ ପାଇଁ ନିର୍ମିତ ସରକାରୀ

### ବିଭାଗର ଚରମ ଅବହେଳା ଅଭିଯୋଗ


ମୌଳିକ ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ଆଜି ବି ବ୍ଲକର ଅନେକ ଗାଁକୁ ରାସ୍ତା ଖଣ୍ଡିଏ ନାହିଁ। ରୋଗୀ ଓ ଗର୍ଭବତୀ ଖଟିଆରେ ବୁହାହୋଇ ଡାକ୍ତରଖାନା ଯାଉଛନ୍ତି। ଅନେକ ରାସ୍ତା ନିର୍ମାଣ ହୋଇଥିଲେ ହେଁ ଅତ୍ୟନ୍ତ ନିମ୍ନମାନର କାମ, ଶୂନ୍ୟ ରକ୍ଷଣାବେକ୍ଷଣ ଓ ଶୂନ୍ୟ ପରିଚାଳନା, ବିଭାଗୀୟ ଯାଞ୍ଚ ଓ ତଦାରଖରେ ଅବହେଳା, ଭୁଲ ଡିଜାଇନିଂ ଯୋଗୁଁ ସଡ଼କ ଯୋଗାଯୋଗ ଏକପ୍ରକାର ଭୁଶୁଡ଼ି ପଡ଼ିଛି। ଠିକ ସେହିପରି ବ୍ଲକର ଅନେକ ଦୂର ଦୁରାନ୍ତର ଓ ଦୁର୍ଗମ କାର୍ଯ୍ୟାଳୟ(ସିକେରକୁପା ଓ ବିଶ୍ୱନାଥପୁର) ରେ ଦିନେ ବି ଉପସ୍ଥିତ ରହୁନଥିବାବେଳେ ରାସ୍ତା ଓ ପୋଲ ନିର୍ମାଣ ସମୟରେ କେମିତି ତଦାରଖ କରୁଥିବେ ବେଶ ଅନୁମାନ କରାଯାଇପାରେ। ସେଥିମଧ୍ୟରୁ ସିକେରକୁପା କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୂତକୋଠି ପାଲଟିସାରିଛି କିନ୍ତୁ ଆଶ୍ଚର୍ଯ୍ୟର କଥା, ପ୍ରତି ଦୁଇ ତିନିବର୍ଷରେ ଏହାର ନିୟମିତ ମରାମତି କରାଯାଏ। ନୂଆ ରାସ୍ତା ପାଇଁ ବାରମ୍ବାର ସର୍ଭେ କରାଯାଉଛି ସତ କିନ୍ତୁ ନୂଆ ରାସ୍ତା ନିର୍ମାଣ ହେଉନାହିଁ। ଠିକାଦାରମାନଙ୍କ ଦ୍ୱାରା ନିର୍ମାଣ ପରେ ରକ୍ଷଣାବେକ୍ଷଣ ଅବଧି ସରିଗଲେ ବି ବିଭାଗ ପକ୍ଷରୁ ସମ୍ପୃକ୍ତ ରାସ୍ତା ଓ ପୋଲର ମରାମତି ପାଇଁ ଧ୍ୟାନ ଦିଆଯାଉନାହିଁ। ବ୍ଲକର ବିଶ୍ୱନାଥପୁର-ମୂଷାନାଳ, ମୂଷାନାଳ-କାନକୁଟ୍ଟୁ, ଲାଞ୍ଜିଗଡ଼ ଭାୟା ତ୍ରିଲୋଚନପୁର-ବିଜେପୁର, ବିଜେପୁର-ପାହାଡ଼ପଦର, ଛତ୍ରପୁର-ବାତେଲିମା, ସରଲାଞ୍ଜି-ଗୁଣ୍ଡରୀ, କଦମ୍ବଗୁଡା-ଭୁର୍ତିଗଡ଼, ଗୋବର୍ଦ୍ଧନପୁର- କଦଳୀଘାଟି, ଲାଞ୍ଜିଗଡ଼- ବେନଗାଁ, ବନ୍ଧପାରି-ଲାଞ୍ଜିଗଡ଼, ଖଜୁରଗୁଡ଼ା ଛକ-ଡମ ସୁଲିମ, ଲୋକନାଥପୁର ଛକ-ମେଲଘୁଟୁ, ଖଜୁରଗୁଡା ଛକ-ମାଳିଯୁବାଙ୍ଗ-ସୁନାଖଡ଼ିକା, ଲାଞ୍ଜି-ବେନଗାଁ, ଜାମଚୁଆଁ-ଯୁବାଗାଁ-ଡାହାଣୀପଦର, ଧଡେଲ- କାର୍ଲିଜୁଡ଼ି, ଲାଖବାହଲି-ପଣସଗୁଡା, କାନକୁଟ୍ଟୁ-ଗାରେସ, ଭଟାଙ୍ଗପଦର-ଗୁଣ୍ଡରୀ, କିଡିଙ୍ଗ-ମାଡ଼ିବନ୍ଧା- ମାହେଶ୍ୱରୀପୁର ଆଦି ରାସ୍ତା ନିର୍ମାଣ ଓ ମରାମତି ଆବଶ୍ୟକ ହେଉଛି। ସେହିପରି ବ୍ଲକର ବିଭିନ୍ନ ଅଞ୍ଚଳରେ ନୂତନ ରାସ୍ତା ଓ ପୋଲ ନିର୍ମାଣର ଆବଶ୍ୟକତା ରହିଛି। ଏଥିପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଆଦୌ ଦୃଷ୍ଟିପାତ କରୁନାହାନ୍ତି। ଲୋକେ ଅଭିଯୋଗ କରିକରି ଥକିଗଲେଣି, ଖବର କାଗଜରେ ବାରମ୍ବାର ପ୍ରକାଶ କଲାପରେ ବି ଫଳ କିଛି ମିଳୁନି। ଶେଷରେ ଅନ୍ୟ ଉପାୟ ନପାଇ ନାଗରିକ ଦାୟିତ୍ୱ ତୁଲାଇବାକୁ ଆଗେଇ ଆସିଛି ରାଜ୍ୟର ଅଗ୍ରଣୀ ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବ। ଆଜି ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗଙ୍କ ନେତୃତ୍ୱରେ ଉପଦେଷ୍ଟା କୈଳାସ ସାହୁ, କୋଷାଧ୍ୟକ୍ଷ ପରେଶ କୁମାର ନାୟକଙ୍କ ସହିତ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏପରିକି ଲାଞ୍ଜିଗଡ଼ ବ୍ଲକର ଏହି ମୌଳିକ ସମସ୍ୟା ପ୍ରତି ପଦକ୍ଷେପ ନନେଲେ ଅଞ୍ଚଳବାସୀଙ୍କ ତରଫରୁ ପ୍ରେସ କ୍ଲବ ନୈତିକ ଦାୟିତ୍ୱ ନେବା ସହିତ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ସେହିପରି ସଡ଼କ ଯୋଗାଯୋଗରେ ଥିବା ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ କଳାହାଣ୍ଡି ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଆସନ୍ତା ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ନନେଲେ ଅଞ୍ଚଳବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଭବାନୀପାଟଣା ଡିଭିଜନ ଅଫିସ ଘେରାଉ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଫିସ ସାମ୍ନାରେ ଧାରଣାରେ ବସିବୁ ବୋଲି ଚେତାବନୀ ଦିଆଯାଇଛି। ବ୍ଲକର ଏହି ମୌଳିକ ସମସ୍ୟାକୁ ନେଇ ବ୍ଲକର ୩୦ରୁ ଊର୍ଦ୍ଧ୍ୱ ବିଭିନ୍ନ ସାମାଜିକ, ରାଜନୈତିକ ସଂଗଠନ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସହଯୋଗ କରିବେ ବୋଲି ଜଣାପଡିଛି। ଧାରଣା ଦିନ ପାଞ୍ଚଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସମାଗମ ହେବ। ସମସ୍ୟାର ସମାଧାନ ନହେବା ଓ ନିର୍ଭର ପ୍ରତିଶ୍ରୁତି ନମିଳିବା ଯାଏଁ ଧାରଣା ଜାରି ରହିବ ଏବଂ ଏହି ସମୟରେ କିଛି ଅଘଟଣ କିମ୍ବା ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିଲେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପ୍ରଶାସନ ଦାୟୀ ରହିବେ ବୋଲି ପ୍ରେସ କ୍ଲବ ତରଫରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଭବାନୀପାଟଣା ଟାଉନ ଥାନା ପୋଲିସକୁ ମଧ ଅବଗତ କରାଯାଇଛି।

# ରାଶିଫଳ

**ରବିବାର, ୧୭ ଅଗଷ୍ଟ ୨୦୨୫**



**ମେଷ:** ଆଜି ଆପଣ ଖାଦ୍ୟର ବିଶେଷ ଯତ୍ନ ନେବାକୁ ପଡିବ। ନଚେତ୍ ସ୍ୱାସ୍ଥ୍ୟ ଖରାପ ହୋଇପାରେ। କ୍ରୋଧର ପରିମାଣ ଅଧିକ ହେବ। ତେଣୁ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଏହା ସହିତ, ଆପଣ ମଧ ବକ୍ତବ୍ୟରେ ସଂଯମ ରଖନ୍ତୁ। ଅନୈତିକ କାର୍ଯ୍ୟରୁ ଦୂରରେ ରୁହନ୍ତୁ। ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ।




**ବୃଷ:** ଆଜି ଆପଣ କ୍ରୋଧ ଉପରେ ସଂଯମତା କରିବା ଆବଶ୍ୟକ, ନଚେତ୍ ଏକ ବୃଥା ବିବାଦରେ ଫସିଯିବେ। ପେଟ ସମ୍ବନ୍ଧୀୟ ରୋଗର ସମସ୍ୟା ହେବ। କାର୍ଯ୍ୟରେ ସଫଳତାର ଅଭାବ ହେତୁ ନିରାଶ ହେବାର ସମ୍ଭାବନା ମଧ ଅଛି। ସାହିତ୍ୟ କିମ୍ବା ଅନ୍ୟ କୌଣସି ସୃଜନଶୀଳ କଳା ପ୍ରତି ଆଗ୍ରହୀ ହେବେ।



**ମିଥୁନ:** ଆଜି ଆପଣଙ୍କ ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହୋଇଯିବ। ଆପଣଙ୍କୁ କ୍ରୋଧ ଏବଂ ବକ୍ତବ୍ୟରେ ସଂଯମ ହେବାକୁ ପଡିବ। ଯଦି ସମ୍ଭବ, କାହା ସହିତ ବିତର୍କ କିମ୍ବା ଝଗଡାକୁ ଏଡାଇ ଦିଅନ୍ତୁ। ଆପଣଙ୍କର ଖାଦ୍ୟ ଅଭ୍ୟାସକୁ ନିୟନ୍ତ୍ରଣ କରନ୍ତୁ।




**କର୍କଟ:** ବ୍ୟବସାୟ ପାଇଁ ଆଜି ଶୁଭ ଦିନ। ବ୍ୟବସାୟ ଏବଂ ଆୟରେ ବୃଦ୍ଧି ଘଟିବ। ସାଙ୍ଗମାନେ ଉପକୃତ ହେବେ। ଚାକିରିରେ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟରେ ପଦୋନ୍ନତି ମଧ ସମ୍ଭବ। ଜୀବନ ସାଥୀ ପାଇବା ସମ୍ଭବ ହେବ। ଆପଣ ପରିବାରରେ ପତ୍ନୀ ଏବଂ ପୁଅଙ୍କଠାରୁ ଭଲ ଖବର ପାଇବେ।



**ସିଂହ:** ଆଜି ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତିତ ହେବେ। ଚିନ୍ତା ମାନସିକ ଭାର ସୃଷ୍ଟି କରିପାରେ। ଯାହା ଆପଣଙ୍କୁ ମାନସିକ ସ୍ତରରେ ଅସୁସ୍ଥ କରିପାରେ। ପରିବାର ସଦସ୍ୟଙ୍କ ସହିତ ବିଚଳିତ ହେବାର ଏକ ଘଟଣା ମଧ ହୋଇପାରେ। ଯେଉଁଥିପାଇଁ ଘରର ପରିବେଶ ଖରାପ ହୋଇପାରେ।




**କନ୍ୟା:** ଆଜି ଆପଣଙ୍କ ପାଇଁ ଏକ ଭଲ ଦିନ ହେବ। ଚିନ୍ତା ଭାରକ୍ରାନ୍ତରୁ ଆପଣଙ୍କ ମନ ହାଲୁକା ହେବ ଏବଂ ଆପଣ ମାନସିକ ସ୍ତରରେ ଆନନ୍ଦିତ ଅନୁଭବ କରିବେ ଏହା ସହିତ ଶାରୀରିକ ସ୍ୱାସ୍ଥ୍ୟ ମଧ ଭଲ ରହିବ। ପାରିବାରିକ ପରିବେଶ ସୁଖମୟ ହେବ। ବିଶେଷକରି ଭାଇଭଉଣୀଙ୍କ ସହ ସମ୍ପର୍କ ଭଲ ରହିବ। ସ୍ୱଳ୍ପ ଖର୍ଚ୍ଚ ହେବାର ସମ୍ଭାବନା ମଧ ଅଛି।



**ତୁଳା:** ଆଜି ଅଳସୁଆ ଏବଂ ଥକାପଣର ଦିନ ହେବ। ଆପଣ ଆକ୍ରମଣାତ୍ମକ ପ୍ରକୃତିରେ ମାନସିକ ସ୍ତରରେ ଚିନ୍ତିତ ହେବେ। ପେଟ ସମ୍ବନ୍ଧୀୟ ଯନ୍ତ୍ରଣା ଅସ୍ୱାଭାବିକତା ସୃଷ୍ଟି କରିବ। ସଫଳତା ପାଇବା ପାଇଁ ଆପଣଙ୍କୁ ଅଧିକ କରିବାକୁ ପଡିବ।



**ବିଛା:** ଆଜି ଆପଣଙ୍କ ପାଇଁ ଶୁଭ ଅଟେ। ପରିବାର, ସ୍ନେହୀ ଏବଂ ବନ୍ଧୁମାନେ ସ୍ନେହ ସମାରୋହରେ ଉପସ୍ଥିତ ରହିପାରିବେ। କାର୍ଯ୍ୟ ଆରମ୍ଭ କରିବା ପାଇଁ ଉତ୍ସାହ ରହିବ, କିନ୍ତୁ ଧ୍ୟାନ ଦିଅନ୍ତୁ ଯେ ଅତ୍ୟଧିକ ଉତ୍ସାହ ହେତୁ କୌଣସି କ୍ଷତି ଯେମିତ ହେବ ନାହିଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମଧ ଯତ୍ନ ନିଅନ୍ତୁ। ଆଜି ଧନ ରାଶି ହାସଲ କରାଯାଉଛି।




**ଧନୁ:** ଆଜି ସାଂସାରିକ ଜୀବନର ଆନନ୍ଦକୁ ବିଶେଷ ଉପଭୋଗ କରିପାରିବେ। ପରିବାର ସଦସ୍ୟଙ୍କ ସହ ସାମାଜିକ ସମାବେଶ ପାଇଁ ବାହାରକୁ ଯାଇପାରିବେ। ସ୍ୱଳ୍ପ ରହଣି ସଂଗଠିତ ହେବ। ବ୍ୟବସାୟୀମାନେ ବାଣିଜ୍ୟ ବୃଦ୍ଧି କରିପାରିବେ। ଆପଣ ମଧ ସାମାଜିକ କ୍ଷେତ୍ରରେ ସଫଳତା ଏବଂ ଖ୍ୟାତି ପାଇବା ସମ୍ଭାବନା ଅଛି। କଣ୍ଟିଜେନ୍ସି ଟଙ୍କା ଲାଭର ସମ୍ଭାବନା ଅଛି।




**ମକର:** ଏହି ରାଶିର ବ୍ୟକ୍ତିଙ୍କ ପାଇଁ ଆଜି ଶୁଭ ଦିନ ହେବ। ବ୍ୟବସାୟୀଙ୍କ ଅତିରିକ୍ତ ଅଧିକାରୀମାନେ ଖୁସି ହେବେ। ପଦୋନ୍ନତିର ରାଶି ଚାକିରୀ ପାଇଁ ପରିଲକ୍ଷିତ। ପରିବାରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ରହିବ। ନୂତନ ଆସବାବପତ୍ର ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଆପଣ ମଧ ମା'ଙ୍କଠାରୁ ଲାଭ ପାଇବେ। ଶାରୀରିକ ଭାବେ ସୁସ୍ଥ ଏବଂ ମାନସିକ ଭାବେ ଖୁସି ହେବେ।



**କୁମ୍ଭ:** ଆଜି ସବୁ କ୍ଷେତ୍ରରେ ଖୁସିର ଦିନ ହେବ। ଖୁସିରେ ସମୟ ବିତାଇବ। ଆପଣ ଶାରୀରିକ ସ୍ୱସ୍ଥ ଏବଂ ମାନସିକ ଆନନ୍ଦ ଅନୁଭବ କରିବେ। ଯେଉଁମାନେ ଚାକିରି କରିଛନ୍ତି ସେମାନେ ସହକର୍ମୀମାନଙ୍କ ସମର୍ଥନ ପାଇବେ। ଆପଣ ଆପଣଙ୍କର ଝିଅ ଠାରୁ ଭଲ ଖବର ପାଇବେ। ଏକ ଲାଭ ହେବାର ସମ୍ଭାବନା। ଆଜି ଅସମାପ୍ତ କାର୍ଯ୍ୟ ସମାପ୍ତ ହେବ।



**ମୀନ:** ଆଜି ପ୍ରତିକୂଳ ପରିସ୍ଥିତିର ପରିପୂର୍ଣ୍ଣ ଦିନ ହେବ। ଆଜି ଆପଣଙ୍କର ଉତ୍ସାହର ଅଭାବ ରହିବ। ପରିବାର ସହିତ ଝଗଡା କିମ୍ବା ଫଳହୀନ ଆଲୋଚନାର ବିଷୟ ହେବ। ଏହା ଆପଣଙ୍କ ମନକୁ ବିବ୍ରତ କରିପାରେ। ଅଦୃଶ୍ୟତା, ଅନୁପଯୁକ୍ତ ହେବାର ସମ୍ଭାବନା ଅଛି। ସଂପୂର୍ଣ୍ଣ ନିଦ ନ ହେବା ଆପଣଙ୍କ ସ୍ୱାସ୍ଥ୍ୟକୁ ଖରାପ କରିବ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯